REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୧ ଶ } ତାଂ୧୫ରିଖ ଜୁଲାଇ ସନ୧୮୭୭ମସିହା । ମୁ । ଶ୍ରାବଣ ଦି୨ନ ସନ୧୨୮୪ସାଲ ଶନିବାର
ସଂଖ୍ୟା

{ ଅଗ୍ରିମ ବାର୍ଷିକମୂଲ୍ୟ ଟ୪୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୬୲
ମଫସଲପାଁଇ ଡାକମାସୁଲ ଟ୧।୵

ରୂପାର ମୂଲ୍ୟ ଊଣା ହେବାର କାରଣ ଓ ପ୍ରତୀକାର ସ୍ଥିର କରିବାନିମିତ୍ତ ହାଉସ ଅବ୍ କମନସ୍‌ରେ ଯେଉଁ ବିଶେଷ କମିଟୀ ବସିଥିଲା ତହିଁର ବିଜ୍ଞାପନା ବାହାରି ଥିବାର ତାରଡାକଯୋଗେ ଲଣ୍ଡନ ନଗରରୁ ସଂବାଦ ଆସିଅଛି । କମିଟୀ ଲେଖିଅଛନ୍ତି କି ଆମେରିକାର ଖଣିସବୁରୁ ଅନେକ ରୂପା ଉତ୍ପନ୍ନ ହେବା ଜର୍ମାନୀ ଦେଶରେ ରୂପା ପରିବର୍ତ୍ତରେ ସ୍ୱର୍ଣ୍ଣମୁଦ୍ରା ବା ମୋହର ପ୍ରଚଳିତ ହେବା ଏବଂ ଭାରତବର୍ଷର ବାଣିଜ୍ୟର ଅବସ୍ଥା ଅସ୍ଥିର ହେବାରୁ ରୂପାର ମୂଲ୍ୟ ଊଣା ପଡୁଅଛି । କିନ୍ତୁ ଏଥିର ପ୍ରତୀକାର କି କମିଟୀ ତାହା ସ୍ଥିର କରି ନାହାନ୍ତି । ଯେବେ ପାର୍ଲିମେଣ୍ଟ ସଭାର ସୁଯୋଗ୍ୟ ବ୍ୟକ୍ତିମାନେ କିଛି ପ୍ରତୀକାର କରି ନ ପାରିଲେ ତେବେ ଅବଶ୍ୟ ଅନୁମାନ କରିବାକୁ ହେବ ଯେ ରୂପାର ମୂଲ୍ୟ ଅନେକଦିନ ଏହିପରି ଊଣା ରହିବ ଓ ତହିଁରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟର ବିସ୍ତର କ୍ଷତି ହେଉ ଥିବାରୁ ଏମନ୍ତ ସ୍ପଷ୍ଟ ଅନୁମାନ ହେଉ ଅଛି ଯେ ତାହା ପୂରଣ କରିବା ନିମନ୍ତେ କୌଣସି ନୂତନ ଟାକ୍ସ ବସିପାରେ । ଏରୂପ ହେଲେ ବଡ ବିଷମ କଥା ପଡିବ । ଯାହା ହେଉ ଏ ଦାୟରୁ ମୁକ୍ତ ହେବାର କୌଣସି ଉପାୟ ଆପାତତଃ ଦିଶୁ ନାହିଁ ଓ ଗବର୍ଣ୍ଣମେଣ୍ଟ ମଧ୍ୟ ଅବଧି ନିଶ୍ଚିନ୍ତ ବସିବାର ଦେଖାଯାଏ ।

---

ଓଡିଶାରେ ଆଜପର୍ଯ୍ୟନ୍ତେ ଯେତେ ସମ୍ବାଦପତ୍ର ବାହାରିଅଛି ବା ବର୍ତ୍ତମାନ ପ୍ରଚଳିତ ଅଛି ସେସମସ୍ତ ନିସ୍ତେଜ ଓ କେବଳ ବିଦେଶୀ ପତ୍ରିକାକୁ ଗ୍ରନ୍ଥ ଆଉ କୌଣସି ପତ୍ରିକାରେ ତେଜସ୍ୱିତାର କିଞ୍ଚିତ ମାତ୍ର ସ୍ଫୂର୍ତ୍ତି ନ ଦେଖିବାରୁ ଉତ୍କଳଦର୍ପଣ ଅତ୍ୟନ୍ତ ଦୁଃଖିତ ହୋଇ କହିଅଛନ୍ତି କି ସମ୍ପାଦକର ଭାର ବହିବାକୁ ଯଥାର୍ଥରୂପେ ସମର୍ଥବ୍ୟକ୍ତି ଅଦ୍ୟପର୍ଯ୍ୟନ୍ତ ଓଡିଶାରେ କେହି ଜନ୍ମଗ୍ରହଣ କରି ନାହିଁ । ଓଡିଶାର ସଂବାଦପତ୍ରମାନ ନିସ୍ତେଜ ହେବାର ଏହିକାରଣ ସେ ଦର୍ଶାଇ ଅଛନ୍ତି କି ଓଡିଶାର ସମ୍ପାଦକମାନେ ପ୍ରାୟ ସମସ୍ତେ ସାକ୍ଷାତ୍ ସମ୍ବନ୍ଧରେ ସରକାରଙ୍କ ଅଧୀନ ଓ ଉପରଲିଖିତ କଳଙ୍କଟି ଏହି ଅଧୀନତାର ଅପରିହାର୍ଯ୍ୟ ଫଳ ଅଟଇ । ଆମ୍ଭେମାନେ ଜାଣିଥିଲୁଁ ଯେ ଅନ୍ତତଃ ଉତ୍କଳଦର୍ପଣ ସ୍ୱାଧୀନରୂପେ ତେଜ ପ୍ରକାଶ କରିବାକୁ ସମର୍ଥ ହେବେ । କିନ୍ତୁ ପତ୍ରିକା ଯେତେବେଳେ ତେଜସ୍ୱିତା ଦେଖାଇବାକୁ କୁଣ୍ଠିତ ତେତେବେଳେ ଆଉ କାହାଠାରୁ ତହିଁର ଆଶା ହୋଇପାରେ ? ଫଳତଃ ଆମ୍ଭମାନଙ୍କର ବିବେଚନା ଏହି ହେଉଅଛି ଯେ ଓଡିଶାରେ ଅନ୍ୟାନ୍ୟ ଅନେକ ଉତ୍ତମ ସାମଗ୍ରୀର ଯେପରି ଅଭାବ ଉତ୍ତମ ସମ୍ପାଦକର ମଧ୍ୟ ସେହିରୂପ ଅଭାବ ଅଛି । ସମ୍ପାଦକମାନେ ଦେଶର ସାଧାରଣ ଅବସ୍ଥାରୁ ବର୍ଜିତ ହେବାର କିଛି ହେତୁ ନାହିଁ ତେବେ ଯେଉଁମାନେ ଅଭାବ ବୁଝୁଅଛନ୍ତି ଏବଂ ମୋଚନ କରିବାର ଯାହାଙ୍କର କ୍ଷମତା ଅଛି ସେମାନେ ଯତ୍ନଶୀଳ ହେଲେ ବିଦେଶୀ ସମ୍ପାଦକ ପରିବର୍ତ୍ତେ ଦେଶରୁ ଉପଯୁକ୍ତ ଲୋକ ଆସି ପାରନ୍ତି ।

ଦର୍ପଣ ଆହୁରି କହିଅଛନ୍ତି କି ଅନୁପଯୁକ୍ତ ସମ୍ପାଦକ ହାତରେ ସାଧାରଣର ସ୍ୱାର୍ଥନ୍ୟସ୍ତ କରିବା ଅନୁଚିତ ଏଥିକୁ ଅମ୍ଭେମାନେ କହୁଁ ଯେ ଓଡିଶାରେ ସମ୍ପାଦକମାନଙ୍କୁ ସର୍ବସାଧାରଣ କିଛି ଭାର ଦେଇ ନାହାନ୍ତି । ସମ୍ପାଦକମାନେ ଆପେ ଗୁରୁତର ବିଷୟର ଭାର ନେଇ ଲୋକଙ୍କୁ ବିରକ୍ତ କରୁଅଛନ୍ତି ବୋଲି ଅଧିକାଂଶ ଲୋକ ପତ୍ରିକାର ମୂଲ୍ୟସୁଦ୍ଧା ଦେବାକୁ ମନ ବଳାଉ ନାହାନ୍ତି ଯେତେବେଳେ ସଂବାଦପତ୍ରର ପ୍ରୟୋଜନ ଲୋକେ ବୁଝିବେ ତେତେବେଳେ ଉତ୍ତମ ସମ୍ପାଦକ ମଧ୍ୟ ଆସି ଜୁଟିବେ ।

---

ଓଡିଶା ଯତ୍ନଅର ବିଷୟକ ବିଧିମାନ କି ଯାହା ଚଳିତ ସନ ମାର୍ଚ୍ଚମାସ ତା ୯ ରିଖର ଗଜେଟରେ ପ୍ରକାଶିତ ହୋଇଅଛି ତହିଁର ଆନୁସଙ୍ଗିକ ଉପଦେଶର ୪ ୮ ସ୍ଥ ପରବର୍ତ୍ତରେ ଉଲ୍ଲିଖିତ ବିଧି ଗବର୍ଣ୍ଣମେଣ୍ଟ ଗତ ସପ୍ତାହର ଗଜେଟରେ ପ୍ରକାଶ କରି ଅଛନ୍ତି ଯଥା;—

"ଏ ସମସ୍ତ ବିଧି ଓ ଉପଦେଶ ଗବର୍ଣ୍ଣମେଣ୍ଟଙ୍କ ଖେଶଖ ମହାଲପ୍ରତି ଖଟଇ କିନ୍ତୁ ଲଖରାଜଦାର ଓ ଗବର୍ଣ୍ଣମେଣ୍ଟଙ୍କର ଲଖରାଜ ମହାଲର ଭୂମ୍ୟଧିକାରିଙ୍କ ପ୍ରତି ଖଟଇ ନାହିଁ । ସେମାନେ ଏ ବିଧିରୁ ମୁକ୍ତ । ଅଧୀନ ମୋକ-

Split by PDF Splitter

Digitized by srujanika@gmail.com

Split by PDF Splitter



ଦମ ଓ ସରବଗ୍ରାକାର ଓ ଅନ୍ୟ ଯେ ସମସ୍ତ ପଟ୍ଟାଦାର ଉପରସ୍ଥ ଜମିଦାରଦ୍ୱାରା ରାଜସ୍ୱ ଆଦାୟ କରନ୍ତି ସେମାନଙ୍କୁ ଏ ବିଧିର ଅଧୀନରେ ଅଣାଯାଇ ନ ପାରେ । କିନ୍ତୁ ଯଦି ବନ୍ଦୋବସ୍ତର ନିୟମାନୁସାରେ ସିକିମିପଟ୍ଟାଦାରଙ୍କଦ୍ୱାରା ପଟ୍ଟାଥର କର୍ମ ନିର୍ବାହ ହେବାର ସ୍ପଷ୍ଟତଃ ବା ଭାବତଃ ବିଧାନ ହୋଇଥାଏ କିମ୍ବା ଯଦି ସେମାନେ ପଟ୍ଟାଥର ମୋହଡାନା ସୁଦ୍ଧା ମାଲିକାନା ପାଇ ଥାନ୍ତି ତେବେ ସେମାନେ ଏ ବିଧିର ଅଧୀନ ବୋଲି ଜ୍ଞାନ ହେବ ।

ବନ୍ଦୋବସ୍ତ ପତ୍ର ମଧ୍ୟରେ ପଟ୍ଟାଦାରଙ୍କଦ୍ୱାରା ପଟ୍ଟାଥର କର୍ମ ନିର୍ବାହ କରିବାର କୌଣସି ବିଶେଷ ନିୟମ ନ ଥିଲେ କିମ୍ବା ଭାବତଃ ଏମନ୍ତ ନିୟମ ଥିବାର ଜଣା ନ ଗଲେ ଗବର୍ଣ୍ଣମେଣ୍ଟ ଜମିଦାରକୁ ଦାୟୀ ଜ୍ଞାନ କରିବେ ଓ ତାହାପ୍ରତି ଏହିବିଧି ଖଟିବ" ।

ଏ ବିଧାନର ସ୍ପଷ୍ଟ ଅର୍ଥ ଆମ୍ଭେମାନେ ବୁଝି ପାରୁ ନାହୁଁ କେବଳ ବିଧିଟିକୁ ଅନୁବାଦ କରି ଦେଉଅଛୁଁ ଯେ ଏଥିର ଭାବ ବୁଝି କାର୍ଯ୍ୟ ଯୁରିବା ଯାହାଙ୍କର କର୍ତ୍ତବ୍ୟ ସେମାନେ ବେଲହୁଁ ସନ୍ଦେହଭଞ୍ଜନ କରି ନେବେ । ଯେଉଁ ମୋକଦ୍ଦମ ସରବଗ୍ରାକାରଙ୍କ ପ୍ରତି ଏ ବିଧି ଖଟିବ ନାହିଁ ସେମାନେ ଜମିଦାରକୁ ସୁଦ୍ଧା କାଗଜ ଦେବାକୁ ବାଧ୍ୟ ନୁହନ୍ତି ଓ ଯେବେ ଜମିଦାର ସେ କାଗଜ ସକାଶେ ଦାୟୀ ହେଲା ତେବେ ସେ କି ମୋକଦ୍ଦମି ଓ ସରବଗ୍ରାକାରର ପ୍ରଜାଙ୍କ ଭୂମିମାପ ଓ ପଟ୍ଟା ପାଞ୍ଚତି ଉଦାରକି କରି କାଗଜ ପ୍ରସ୍ତୁତ କରିବ? ଏଥିରେତ ଜମିଦାରର ସୁଧାର ହେଲା ନାହିଁ ବରଂ ଅଦ୍ଭୁତ କାର୍ଯ୍ୟ ବଢିଲା । ପଟ୍ଟାଥର କାଗଜ ଦେଇ ଜମିଦାରଙ୍କର କେତେ ଦୁର୍ଦ୍ଦଶା ହେବ ଅମ୍ଭେମାନେ କଳନା କରି ପାରୁ ନାହୁଁ

——

### ସେଟଲମେଣ୍ଟ ବନ୍ଦୋବସ୍ତ ।

ଅଗାମୀ ବର୍ଷ ପାଇଁ କେତେପଦରେ ସେଟଲମେଣ୍ଟ ନେବାକୁ ହେବ ତହିଁର କିମ୍ବର ଏକ ଆନୁମାନିକ ଆୟ ବ୍ୟୟର ହେସାବ ମଞ୍ଜୁର କରିବା ଉଚିତ ଏ ପ୍ରସ୍ତାବରେ ଗ୍ରେଡ଼ସେସ କମିଟୀର ଅଧିବେଶନ ହୋଇଥିଲା । ସଭ୍ୟମାନେ ସମସ୍ତେ ଏକମତ ହୋଇ ଅତିନ କିନ୍ଦିଷ୍ଟ ତିନି ଦର ଅର୍ଥାତ୍ ପ୍ରତି ଟଙ୍କାରେ ଦୁଇପଇସା ଲେଖାଏ କରି ନେବାକୁ ସ୍ଥିର କରିଅଛନ୍ତି । ଏଥିପୂର୍ବ ବର୍ଷମାନଙ୍କରେ ଟଙ୍କାପ୍ରତି ଏକପଇସା କରି ସ୍ଥାପିତ ହୋଇଥିଲା ଓ ତହିଁରେ ଟ ୨୭୦୦୦୲ ଙ୍କା ଆୟ ହେଉଥିଲା । ଏବର୍ଷ ତହିଁର ଦ୍ୱିଗୁଣ ହେଲା ଓ ଟ ୫୪୦୦୦୲ଙ୍କା ଆୟ ହେବାର ଅନୁମାନ ହୋଇଅଛି । ପୂର୍ବ ବର୍ଷମାନଙ୍କର ଆୟରେ କିକ ଅସୁବିଧା ଘଟିଥିଲା ଓ ଏଣିକି ଦୁଇଗୁଣ ଟଙ୍କା ନେଇ କି ବିଶେଷ ଉପକାର ହେବ ତାହା ଅମ୍ଭେମାନେ ଜାଣିବାକୁ ସମର୍ଥ ହୋଇ ନାହୁଁ ଓ ସର୍ବସାଧାରଣଙ୍କୁ ଜଣାଇବା ପାଇଁ ମଧ୍ୟ ବାବୁମାନେ ସୁଖ ପାନ୍ତି ନାହିଁ । କଲେକ୍ଟର ସାହେବ ପ୍ରସ୍ତାବ କଲେ କି ଆଗାମୀ ବର୍ଷ ପାଇଁ ଦୁଇପଇସା ଦର ସ୍ଥିର କରିବାକୁ ହେବ ଓ ସଭ୍ୟମାନେ ସମସ୍ତେ ତହିଁରେ 'ଖୋଦାବନ୍ଦ' କହି ସମ୍ମତି ଦେଲେ । କେହି ପଦେ ପ୍ରତିବାଦ କରି କହିଲେ ନାହିଁ କିମ୍ବା କି ସକାଶେ ଅଧିକା କରି ବଢିବ ତହିଁର କିଛି ମାତ୍ର ତର୍କବିତର୍କ ହେଲା ନାହିଁ । ସଭ୍ୟବୃନ୍ଦଙ୍କ ମଧ୍ୟରେ ଛଅଜଣ ଗବର୍ଣ୍ମେଣ୍ଟ କର୍ମଚାରୀ ଓ ସାତଜଣ ଜମିଦାର ପ୍ରଭୃତି ଅପର ବ୍ୟକ୍ତି ଥିଲେ । ସରକାରୀ କର୍ମଚାରୀମାନେ ଯେ କଲେକ୍ଟର ସାହେବଙ୍କ ମତରେ ମତ ଦେବେ ଏକଥା ଯେମନ୍ତ ସମସ୍ତଙ୍କର ବିଶ୍ୱାସ ଥିଲା ଜମିଦାରମାନେ ସମସ୍ତେ ଏଥିରେ ଐକ୍ୟ ହେବେ ନାହିଁ ଏକଥା ମଧ୍ୟ ସମସ୍ତଙ୍କ ବିଶ୍ୱାସ ହେଉଥିଲା । ମାତ୍ର ପ୍ରତ୍ୟକ୍ଷରେ ଦେଖାଗଲା ଯେ ସ୍ୱାଧୀନଭାବ କାହାଠାରେ ନାହିଁ ସମସ୍ତେ ଅତ୍ୟନ୍ତ ବାଧ୍ୟ ଭୃତ୍ୟ ଅଟନ୍ତି । ବାହାରେ କେହି୨ ସଭ୍ୟ ପ୍ରତିବାଦ କରିବେ ବୋଲି ପ୍ରତିଜ୍ଞା କରିଥିଲେ ଓ ସଭା ଭାଙ୍ଗିଲା ଉତାରୁ ପଶ୍ଚାତ୍ ତାପମଧ୍ୟ କରିବାର ଶୁଣା ଯାଇଅଛି ମାତ୍ର ସଭାରେ ସମସ୍ତେ ନାନାବର୍ଣ୍ଣର ବସ୍ତ୍ର ବିଭୂଷିତ କଲଚିତ୍ରଲା ପ୍ରାୟ ମୂର୍ତ୍ତି ଟଙ୍ଗାଇବା ଭିନ୍ନ ଜୀବନ ଶକ୍ତିର କିଛି ପରିଚୟ ଦେଇ ନାହାନ୍ତି ବୋଇଲେ ଅତ୍ୟୁକ୍ତି ବୋଧ ହେବ ନାହିଁ । ଅମ୍ଭମାନଙ୍କ ବିବେଚନାରେ ଏପରି ଲୋକଙ୍କୁ ନେଇ ସଭା କରିବାଠାରୁ କଲେକ୍ଟର ସାହେବଙ୍କର ଏକାକୀ କାର୍ଯ୍ୟ କରିବା ଭଲ କାରଣ ଏହାଦ୍ୱାରା କେବଳ ସଭାର ମହତ୍ୱ ନଷ୍ଟ ହୁଅଇ । ଏକ ସଭ୍ୟମାନଙ୍କୁ ଅମ୍ଭେମାନେ ପଚାରୁଁ କି ଯେବେ ସେମାନେ ନିରପେକ୍ଷରୂପେ ଅପଣା ସ୍ୱାଧୀନମତ ବ୍ୟକ୍ତ କରିବାକୁ ସମର୍ଥ ନୁହନ୍ତି ତେବେ ସେମାନେ ଅପଣା ମନକୁ କିରୂପ ପ୍ରବୋଧ ଦେଇ ସଭାର କାର୍ଯ୍ୟରେ ଯୋଗ ଦିଅନ୍ତି । ସେମାନେ ସାଧାରଣଙ୍କ ପ୍ରତିନିଧି ବୋଲି ନିଯୁକ୍ତ ହୋଇ ନାହାନ୍ତି ସଭ୍ୟ ଓ ସାଧାରଣ ଭାବରୁ ଅଜ୍ଞାତ ଥାଇ ପାରନ୍ତି ମାତ୍ର ଏତିକି ସେମାନେ ଅବଶ୍ୟ ଜାଣନ୍ତି ଯେ ଗବର୍ଣ୍ଣମେଣ୍ଟ ତାହାଙ୍କୁ ସଭ୍ୟ ନିଯୁକ୍ତ କରିବାରେ ଏହି ଆଶା କରିଅଛନ୍ତି ଯେ ସେମାନେ ଅପଣା୨ ସ୍ୱାଧୀନ ମତ ବ୍ୟକ୍ତ କରିବେ ନତୁବା କଲେକ୍ଟର ସାହେବଙ୍କର ପାଳିଆ ହୋଇ କେବଳ ତାଙ୍କର ଗୀତ ଗାଇବାକୁ ନିଯୁକ୍ତ ହୋଇନାହାନ୍ତି । ଫଳତଃ ଯେଉଁ ସମାଜର ଧନବନ୍ତ ଓ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କର ଅବସ୍ଥା ଏପ୍ରକାର ସେଠାରେ ଯେ କେତେକାଳରେ ସ୍ୱାଧୀନତାର ବୀଜ ଅଙ୍କୁରିତ ହେବ ଅମ୍ଭେମାନେ ଅନୁମାନ କରି ପାରୁ ନାହୁଁ । ଦୁଇପଇସାକର ଧାର୍ଯ୍ୟ ହେବାରେ ସର୍ବସାଧାରଣ ଅତ୍ୟନ୍ତ ଅସନ୍ତୁଷ୍ଟ ହୋଇଥିବାରୁ ଅମ୍ଭେମାନେ ଏତେ କଥା କହିଲୁଁ । ଏକପଇସା ଦର ଥିବାରେ ଗତବର୍ଷମାନଙ୍କରେ କି କାର୍ଯ୍ୟ ହୋଇ ନ ପାରିଲା ଓ ଦୁଇପଇସା ଦରରେ ଅଧିକ କି ଲାଭ ହେବ ଯେବେ ଏଥିର ବିବରଣ କେହି ସଭ୍ୟ ବୁଝାଇ ଦେଇ ପାରନ୍ତି ତେବେ ସର୍ବସାଧାରଣଙ୍କ ଅସନ୍ତୋଷ ଅନେକାଂଶରେ ନିବାରଣ ହେବାର ସମ୍ଭାବନା ନୋହିଲେ ସଭ୍ୟମାନେ ଅପଣା କର୍ତ୍ତବ୍ୟରେ ତ୍ରୁଟି କରିଥିବାର ବିଶ୍ୱାସଟି ଦୃଢମୂଳ ହେବ ।

——

### ନଗର ଉନ୍ନତିର ଉତ୍କୃଷ୍ଟ ଉପାୟ ।

ଓଡିଶା ଅତି ଦରିଦ୍ର ପ୍ରଦେଶ ଏହା ସମସ୍ତେ ଜାଣନ୍ତି ଓ ଏଥିର ପ୍ରଧାନନଗର କଟକ ମଧ୍ୟ ଦରିଦ୍ର ଏ କଥା ବୋଲିବା ବାହୁଲ୍ୟ । ମାତ୍ର ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ବର୍ତ୍ତମାନର ହାକିମମାନେ ଏନଗରକୁ ଧନଶାଳୀ ଏବଂ କେବଳ ଧନଲୋକଙ୍କ ରହିବା ଯୋଗ୍ୟ କରିବାକୁ ନାନା ପ୍ରକାର ଉପାୟ ଅବଲମ୍ବନ କରିବାରେ କିଛି ମାତ୍ର ତ୍ରୁଟି କରୁ ନାହାନ୍ତି । ଯେତେବେଳେ ଉକ୍ତ ଉପାୟମାନ ସୁସମ୍ପାଦିତ ହେବ ସେତେବେଳେ ଏ ନଗରର ଅବସ୍ଥା ଯେ କି ପର୍ଯ୍ୟନ୍ତ ଉନ୍ନତ ହେବ ଅମ୍ଭେମାନେ ସମ୍ପ୍ରତି କଳନା କରି ପାରୁ ନାହୁଁ । କେବଳ ଭଗବାନଙ୍କଠାରେ ଏତିକି ପ୍ରାର୍ଥନା କରୁଅଛୁଁ ଯେ ଅମ୍ଭମାନଙ୍କୁ ଓ ଅମ୍ଭମାନଙ୍କ ପାଠକମାନଙ୍କୁ ଦୀର୍ଘାୟୁ କଲେ ପ୍ରତ୍ୟକ୍ଷରେ ସବୁ ଦେଖି ବ୍ୟବସ୍ଥାକର୍ତ୍ତାଙ୍କର ଗୁଣ ଗାଇବାକୁ ସମର୍ଥ ହେବୁଁ ।

ନଗର ଉନ୍ନତିର ପ୍ରଥମ ଉପାୟ ଖାସମହାଲର ବନ୍ଦୋବସ୍ତ । ଏ ବନ୍ଦୋବସ୍ତ ଏମନ୍ତ

Digitized by srujanika@gmail.com

ଶୃଙ୍ଖଳାରେ ହେଉଅଛି କି ଯଦ୍ଦ୍ୱାରା ନଗର ମଧ୍ୟରେ ଏକା ଧନଲୋକମାନେ ରହିବାକୁ ସକ୍ଷମ ହେବେ ଓ ଦୁଃଖିମାନେ ହରବର ହୋଇ ପଳାଇବେ । ଅଥଚ ବନ୍ଦୋବସ୍ତକର୍ତ୍ତାମାନେ ପକ୍ଷପାତଶୂନ୍ୟ ହୋଇ ପ୍ରଜାଙ୍କ ପ୍ରତି ସମଦର୍ଶିତା ପ୍ରକାଶ କରୁଅଛନ୍ତି । ଧନୀଠାରୁ ଯେଉଁ ଦର ଦୁଃଖିଠାରୁ ସେହି ଦର ନେଉଅଛନ୍ତି । କୋଠା ତଳ ଜମିର ଯେଉଁ ଦର ଶାଗପଟାଳି ଜମିର ମଧ୍ୟ ସେହି ଦର। କାରଣ ନଗର ଜମି କୋଠାର ଉପଯୁକ୍ତ ଶାଗ କରିବାର ସ୍ଥାନ ନୁହଇ । ଦୁଃଖୀ ଯେବେ କୋଠାଠାରୁ ଶାଗକୁ ସୁଖ ପାଏ ତେବେ ମଫସଲକୁ ଚାଲି ଯାଉ । ଏଥିକୁ କେତେ ଲୋକ କହନ୍ତି କି ନଗର ମଧ୍ୟରେ ଏତେ ଧନୀ କାହାନ୍ତି ଯେ ଦୁଃଖିମାନେ ବାହାର ଗଲେ ତାହାଙ୍କ ଜମି ସବୁ ଅକୋରବେ ? ଆମ୍ଭେମାନେ ଏହାଙ୍କୁ ମୂର୍ଖ କହୁଁ କାରଣ ଭାତ ହାଣ୍ଡିରୁ ଗୋଟାଏ ଟିପିଲେ ସବୁ ଜଣା ପଡେ ଯେବେ ବଡ ସଡକ ଦୁଇପାଖରେ ବର୍ଷକୁବର୍ଷ କେବଳ କୋଠା ହେଉଅଛି ଓ କୋଠାର ଭଡା ବଢୁଅଛି ତେବେ ନଗର ମଧ୍ୟରେ ଅଧିକାଂଶ ଧନବନ୍ତ ଲୋକ ଅଛନ୍ତି ବୋଲିବାକୁ ହେବ ଓ ଯଦ୍ୟପି ଏକ ୨ ସ୍ଥାନରେ କୋଠା ପଶ୍ଚାଦ୍ବର୍ତ୍ତିରେ ବାଇଗବାବଣ ବା କୁଡିଆଖଣ୍ଡେ ଦେଖୁଥାଅ ତେବେ ଜାଣ ଯେ କେହି ଦୁଃଖିପ୍ରଜା ସେ ଜମି ଘେନି ବସିଅଛି ସହଜରେ ବଡ଼ଲୋକର ହସ୍ତଗତ ହେଉ ନାହିଁ ବର୍ତ୍ତମାନ ବନ୍ଦୋବସ୍ତଦ୍ୱାରା ଦୁଃଖିମାନେ ବାହାର ଗଲେ କେବଳ ବଡଲୋକମାନେ ଏ ନଗରର ନିବାସୀ ହୋଇ ବନ୍ଦୋବସ୍ତ କର୍ତ୍ତାଙ୍କର ଯଶଃ କୀର୍ତ୍ତନ କରୁଥିବେ ।

ଦ୍ୱିତୀୟ ଉପାୟ କଚ୍ଚା ପକ୍କା ସଡକସବୁର ରକ୍ଷଣାବେକ୍ଷଣ । ପୂର୍ବେ ଏ ନଗର ଦରିଦ୍ରଙ୍କର ବସତି ଥିଲା ସେମାନଙ୍କର ଘୋଡା ପାଲ୍କୀ ନ ଥିଲା ଓ ଇଚ୍ଛା ଗୋଡରେ ଚାଲି ବୁଲୁଥିଲେ ସୁତରାଂ ସେ ସମୟର ହାକିମମାନେ କି ସଡକ କି ପଥ ସବୁ ବାଟ ପରିଷ୍କାର ରଖୁଥିଲେ । ବର୍ତ୍ତମାନ ନଗର ମଧ୍ୟରେ କେବଳ ବଡଲୋକଙ୍କ ବାସ ହେବାରୁ ଅତି କାଦାଉଁ ବାଟ ଚାଲିବାକୁ ପଡୁ ନାହିଁ ଓ ବାଟ ନିର୍ମାଣ ବା ସଂସ୍କାରରେ ଯେତେ ବ୍ୟୟ ହୁଅନ୍ତା ତାହା ଦୂର ଏକଜଣ ଓଭରସିଅରର ଚାକର ରଖି ନଗରର ବଡ ଲୋକଙ୍କ ସଂଖ୍ୟା ବୃଦ୍ଧି କରିବା ଅଥବା ବଡଲୋକଙ୍କ ଭ୍ରମଣ ଉପଯୁକ୍ତ ବାନ୍ଧ ମାର୍ଗରେ ନିକ୍ଷେପ କରିବାଦ୍ୱାରା ବ୍ୟୟିତ ହେଉଅଛି । ତେବେ ପରନ୍ତୁ ଗୋଟିଏ ନିୟମ ଅଛି ଯେ ହାକିମମାନେ ବଗି ଭିନ୍ନ ଯିବା ଅସିବା କରନ୍ତି ନାହିଁ ସୁତରାଂ ସେମାନଙ୍କ ଗତାୟାତର ପ୍ରଧାନ ସଡକ ସବୁ କିୟତ୍ ପରିମାଣରେ ରକ୍ଷିତ ହୋଇଅଛି । ସବୁ ସଡକ ଓ ଗଳିବାଟ ଉତ୍ତମ ଅବସ୍ଥାରେ ରଖିଲେ କେ ଜାଣେ ଦରିଦ୍ରଲୋକମାନେ ଯିବା ଆସିବାକୁ ସୁଖ ପାଇ ନଗରରେ ଭରତି ହୋଇ ଯିବେ ଏ ହେତୁ ଯଥାସାଧ୍ୟ ସାବଧାନତା ଅବଲମ୍ବିତ ହୋଇଅଛି ।

ତୃତୀୟ ଉପାୟ ବର୍ଷା ଜଳକୁ ନଗର ମଧ୍ୟରେ ସଞ୍ଚିତ ରଖିବା । ନଗର ଜଳ ବାହାରି ଯିବା-ନାଳସବୁକୁ ଯଥାଯୋଗ୍ୟରୂପେ ପରିଷ୍କାର ରଖିଲେ ଜଳ ବାହାରି ଯିବ ସୁତରାଂ ଦୁଃଖିପ୍ରଜାଙ୍କ ମାଟିଘର ଭାଙ୍ଗି ପଡିବ ନାହିଁ କିମ୍ବା ଭିଜାଘରେ ରହି ସେମାନେ ପୀଡିତ ହେବେ ନାହିଁ ସୁତରାଂ ଏହାଙ୍କ ସଂଖ୍ୟା ନଗରରେ ବୃଦ୍ଧି ହେବ ଓ ଏମାନେ ଚିକିତ୍ସା ସକାଶେ କୌଡି ଦେଇ ପାରିବେ ନାହିଁ ଯେ ତଦ୍ଦ୍ୱାରା ଡାକ୍ତର ବା ବୈଦ୍ୟମାନେ ଧନବନ୍ତ ହେବେ । ନଗରର ଅବସ୍ଥା ଉନ୍ନତ କରିବାକୁ ହେଲେ ପାଣି ରଖିବାର ଉଚିତ କାରଣ ତାହାଠାରୁ ଚିକ୍କଣ ଓ ପରିଷ୍କାର ଆଉ କି ଅଛି? ଫଳତଃ ପାଣି ବିନା ନଗରଟି ନିତାନ୍ତ ନୀରସ ହୋଇ ଯିବ । ବୃଷ୍ଟିର ପରିମାଣ ଉପରେ ଏ ନିୟମର ହିତାହିତ ନିର୍ଭର କରଇ ।

ଚତୁର୍ଥ ଉପାୟ ନୂତନ ମିଉନିସିପଲ ଆଇନ ଏ ଆଇନ ଗବର୍ଣ୍ଣମେଣ୍ଟ ବଙ୍ଗାଲଙ୍କର ଆଜ୍ଞାକ୍ରମେ ଗତମାସରୁ ଏ ନଗରରେ ପ୍ରଚାର ହୋଇ ଅଛି । ବର୍ତ୍ତମାନ୍ ଟାଉନଟାକ୍ସ ନାମରେ ଯେଉଁ କର ଗୃହୀତ ହେଉଅଛି ତହିଁରୁ ଅଧିକା କେତେକ କର ଦେବାର ବିଧାନ ଅଛି କି ପରିମାଣରେ କେଉଁ ଅଧିକା କର ଗୃହୀତ ହେବ ତାହା ନିଶ୍ଚୟ କିଛି ଜଣାଯାଇ ନାହିଁ ମାତ୍ର ଆମ୍ଭେମାନେ ଜନରବ ଯାହା ଶୁଣୁଅଛୁଁ ତାହା ସତ୍ୟ ହେଲେ କେବଳ ଦୁଃଖିମାନେ ମରି ପଡିବେ । ବଡ଼ଲୋକଙ୍କର କୌଣସି ଅସୁବିଧା ହେବ ନାହିଁ । ଜନରବଟି ଏହି ଯେ ବଗି ଘୋଡା ଉପରେ ଟାକ୍ସ ନ ବସି କେବଳ ସଗଡ ଉପରେ ଟାକ୍ସ ବସିବାର ପ୍ରସ୍ତାବ ହୋଇଅଛି ବଗି ଓ ଘୋଡା ଉପରେ ଟାକ୍ସ ବସିଲେ ବଡଲୋକମାନଙ୍କୁ ତାହା ଦେବାକୁ ହେବ ସୁତରାଂ ଏକଥା ବଡ ଅନ୍ୟାୟ ହେବ କାରଣ ଯାହାଙ୍କ ରହିବା ସକାଶେ ନଗରଟି ପ୍ରସ୍ତୁତ ହେଉଅଛି ସେମାନେ କି ତହିଁପାଇଁ ଦଣ୍ଡ ଦେବେ ସଗଡ ଉପରେ କର ବସିଲେ ବଡଲୋକଙ୍କର କିଛି ଯିବ ନାହିଁ କେବଳ ଦୁଃଖିପ୍ରଜାମାନଙ୍କ ମଧ୍ୟରୁ ଯେଉଁମାନେ ସଗଡ ଭଡାରେ ପ୍ରତିପାଳନ ହେଉ ଅଛନ୍ତି ସେମାନେ କଷ୍ଟରେ ପଡିବେ ଓ ଯେବେ ସହର ଛାଡି ଚାଲିଯିବେ ତେବେ ମଧ୍ୟ ସୁଖର ବିଷୟ କାରଣ ଦରିଦ୍ର ଲୋକର ଏତେବଡ ସହରରେ ରହିବାର ଉଚିତ ନୁହଇ ତାହା ହେଲେ ଯେଉଁମାନେ ବଗି ପାଲ୍କିର ଭଡା ଦେଇ ପାରନ୍ତି ନାହିଁ ବୋଲି ସଗଡରେ ଚଢି ଯିବା ଅସିବା କରନ୍ତି ସେମାନେ ନଗରକୁ ଅସି ପାରିବେ ନାହିଁ ଓ ତୃଣ ବାଉଁଶ କାଠ ଇତ୍ୟାଦି ବଗିରେ ବୁହାଯିବ ଆହା ! ନଗରର ଏତାଦୃଶ ଉନ୍ନତି ଆମ୍ଭେମାନେ ଦେଖିବାକୁ ସମର୍ଥ ହେବୁଁ ଏଥିରୁ ଅଧିକ ଭାଗ୍ୟର ବିଷୟ ଆଉ କି ଅଛି ?

---

## ସାପ୍ତାହିକ ସଂବାଦ ।

ଏଠାର ଘାଟ ଇନସ୍ପେକ୍ଟର ପାଥିଗେଟ ସାହେବ ସରକାରୀ ଟଙ୍କା ଆତ୍ମସାତ୍ କରିବା ଦୋଷରେ କର୍ମଚ୍ୟୁତ ହୋଇଅଛନ୍ତି । ସେ ନୌକା ମରାମତି ଖର୍ଚ୍ଚା ଓ ମାଝିଙ୍କ ବେତନ ଇତ୍ୟାଦିର କେତେକ ଟଙ୍କା ସନ ୧୮୭୪ ଓ ସନ ୧୮୭୫ ମସିହାରେ ଖାଇ ଯାଇଥିଲେ ବର୍ତ୍ତମାନ ଲୋକାଲଫଣ୍ଡ କମିଟି ତହିଁର ସନ୍ଧାନ ପାଇ ମେଜଷ୍ଟରସାହେବଙ୍କୁ ଜଣାଇବାରୁ ତହିଁର ତଦନ୍ତ ହୋଇ ଆତ୍ମସାତ୍ ସାବ୍ୟସ୍ତ ହେଲା ମାତ୍ର ସେ ଅନେକଦିନରୁ ଟଙ୍କା ଖାଇଥିବାରୁ ତାହା ସମ୍ପୂର୍ଣ୍ଣରୂପେ ପାକ ପାଇଥିବା ଓ ଏଯୋଗୁଁ ଆଇନଅନୁଯାୟୀ କୋର୍ଟରେ ଅପରାଧ ପ୍ରମାଣ ହୋଇ ନ ପାରିବା ଦୃଷ୍ଟିରେ ମେଜଷ୍ଟର ସାହେବ ତାଙ୍କୁ ଫଉଜଦାରୀ ଅର୍ପିତ ନ କଲେ । ଖାସ ବନ୍ଦୋବସ୍ତର ଏହିଫଳ । ପୁଣି ଜଣେ ଉମେଦୱାର ସାହେବ ଏ କର୍ମରେ ନିଯୁକ୍ତ ହୋଇଅଛି । ଦେଶୀୟଲୋକଙ୍କ ମଧ୍ୟରେ କି ଏ କର୍ମର କେହି ଉପଯୁକ୍ତ ନାହାନ୍ତି ?

ଶ୍ରୀଯୁକ୍ତ ବମସ୍ ସାହେବ ଓଡିଶାର ଏକ୍ଟିଂ କମିଶନର ନ ହୋଇ ଶ୍ରୀଯୁକ୍ତ ହର୍ଶେଲ୍ସାହେବ ନିଯୁକ୍ତ ହେବାରୁ ଉତ୍କଳଦର୍ପଣ ଅତ୍ୟନ୍ତ ବିଳାପ କରି ପ୍ରଶ୍ନ କରୁଅଛନ୍ତି କି ବମସ୍ ସାହେବ କେଉଁ ବିଷୟରେ ହର୍ଶେଲ ସାହେବଙ୍କଠାରୁ ନ୍ୟୂନ ? ଏଥିରୁ ଆମ୍ଭେମାନେ ଦେଖୁଁ ଯେ ଚଳିତ କର୍ମ-

Digitized by srujanika@gmail.com

Split by PDF Splitter

123



ଗ୍ରହଙ୍କ ତାଲିକାରେ ହର୍ସ୍ଚେଲ ସାହେବଙ୍କ ନାମ ନ ୩୨ ମ୍ବରରେ ଓ ହ୍ୟୁମସ୍ ସାହେବଙ୍କ ନାମ ନ ୭୯ ନମ୍ବରରେ ଲେଖାଅଛି ହର୍ସ୍ଚେଲଙ୍କ ଗ୍ରହର ବ ୧୯ ର୍ଷ ଓ ହ୍ୟୁମସଙ୍କ ଗ୍ରହର ବ ୧୬ ର୍ଷ ହୋଇଅଛି । ଏହା ଛଡା ହର୍ସ୍ଚେଲ ସାହେବ ଅନେକଦିନ କମିଶନରୀ କର୍ମ କରିଅଛନ୍ତି ଅତଏବ ସର୍ବପ୍ରକାରରେ ଏହାଙ୍କ ଦାବି ଅଗ୍ରଗଣ୍ୟ କେବଳ ବାଲେଶ୍ୱରବାସିଙ୍କଠାରେ ଅଧିକ ପରିଚିତ ନୁହନ୍ତି ଦୋଷ ମଧ୍ୟରେ ଏତଦ୍ଦ ଦେଖାଯାଏ ନାହିଁ ଏଥିପାଇଁ କୁସଂସ୍କାର ଓ ଅସମଦର୍ଶିତାର ବୃଦ୍ଧି କି ପରିମାଣରେ ବିସ୍ତାର ହେବ ଅମ୍ଭେମାନେ କିଛି ବୁଝି ପାରୁ ନାହୁଁ ।

ଅବଧି ଏଅଞ୍ଚଳରେ ଭରି ବର୍ଷା ହୋଇ ନାହିଁ ମାତ୍ର ଗତ ଶୁକ୍ରବାର କାଠଯୋଡି ଓ ମହାନଦୀ ଯେରୂପ ବଢିବାର ଦେଖା ଗଲା ତହିଁରୁ ଜଣାଯାଏ ଉପରେ ଭାରି ବର୍ଷା ହୋଇଅଛି । ବର୍ତ୍ତମାନ ପାଗ କୃଷକମାନଙ୍କ ଅତି ସୁନ୍ଦର ହୋଇଅଛି ।

ଓଲାଉଠାରୋଗ ଅବଧି ନିବର୍ତ୍ତି ପାଇ ନାହିଁ ନଗର ମଧ୍ୟରେ ଗୋଟିଏ୨ ଲୋକ ମରି ପଡୁଅଛନ୍ତି ଓ ଏଥି ପାଇଁ ରାମଦେବଜୀଙ୍କର ପୂଜା ବିଶେଷ ହେଉଅଛି ।

ଓ୍ୱାର୍ଡ ଯୋନସ୍ ସାହେବ ଅବଧି କଟକର ଡେପୁଟୀ କଲେକ୍ଟର ଅଛନ୍ତି ସେ କେବଳ ଦୁଇମାସର ଛୁଟୀ ନେଇଅଛନ୍ତି ।

ପୁରୀର ଡେପୁଟୀ କଲେକ୍ଟର ବାବୁ ଅମ୍ବିକାଚରଣ ଚୌଧୁରୀ ୬ ମାସ ଛୁଟୀ ନେଇଅଛନ୍ତି ଓ ବାବୁ ନବୀନକୃଷ୍ଣ ସରକାର ଆଉ ଦୁଇମାସ ଛୁଟୀ ନେଇଅଛନ୍ତି ।

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ପୁରୀ ନିବାସୀ ଜଗଦ୍ଧାତ ଶରଣ ସାନ୍ତ୍ରା ଗତସପ୍ତାହରେ ମାନବଲୀଳା ଶେଷ କଲେ । ଓଲାଉଠାରୋଗ ଏ ଦୁର୍ଘଟଣାର ହେତୁ ଅଟଇ । ଦକ୍ଷିଣି ଓ ହିନ୍ଦୁସ୍ଥାନୀ ତାଲମାନଙ୍କରେ ମୃଦଙ୍ଗ ବଜାଇବାରେ ଏ ମହାଶୟ ଓଡିଶାରେ ଅଦ୍ୱିତୀୟ ଥିଲେ ।

ଗତ ସୋମବାର ସନ୍ଧ୍ୟାସମୟରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ରଥରୁ ମନ୍ଦିରକୁ ପହଣ୍ଡି କଲେ ହେଲା ଓ ଠାକୁରମାନେ ରତ୍ନ ସିଂହାସନରେ ବସିଲେ । ମହନ୍ତ ମୋହନ ଦାସ ଆପଣା ବ୍ୟୟରେ ମନ୍ଦିର ଭିତରର ଘରସବୁ ଫିଟାଇ ଠାକୁରମାନଙ୍କୁ ସିଂହାସନରେ ବସାଇବାରେ ଅନେକ ଶ୍ରମ ଓ ଯତ୍ନ କରିଅଛନ୍ତି ଓ ତାହାଙ୍କର ଅକୃତ୍ରିମ ମହତ୍ ପଣରୁ ଏକାର୍ଯ୍ୟ ସାଧିତ ହେବାରୁ ସେ ପ୍ରଶଂସନୀୟ ଓ ଧନ୍ୟବାଦର ପାତ୍ର ହୋଇଅଛନ୍ତି ।

ପୁରୀ କଟେଣି ନିକଟ ବାଲିରେ ଗୋଟିଏ କୂଅ ଖୋଳା ହୋଇଥିଲା । ଚଉଜଣ କୁମ୍ଭାର ଭିତରେ ପଶି ନଳ ବସାଉଥିଲେ ଓ ଦୁଇଜଣ ଉପରେ ଥାଇଁ ନଳସବୁ ଓହ୍ଲାଇ ଦେଉଥିଲେ ଏମନ୍ତ ସମୟରେ ଅଭଗ୍ ଖାଇ ସବୁ ବାଲି ଏକାବେଳକେ ଅଯାଉପଡ କୂଅକୁ ପୋତିପକାଇଲା ଓ ଭିତରେ ଥିବା ଜ ୨ ଣ ଚପା ପଡି ମରିଗଲେ କୂଅଟି ୨୦ ହାତ ଗଭୀର ହୋଇଥିଲା ଓ ଅଭଗ୍ ନ ପଡିବା ଉଦ୍ଦେଶରେ କୌଣସି କାଠ ଅଥବା ଅନ୍ୟପ୍ରକାର ସାବଧାନତା ପ୍ରୟୋଗ ହୋଇ ନ ଥିଲା । ପଛେ ବାଲି ଖୋଳା ହୋଇ ମୃତ ଶରୀର ଦୁଇଟି ବାହାର ହେଲା ।

ଯାଜପୁର ଅମଲାଙ୍କ ବିରୁଦ୍ଧରେ ବେନାମୀ ଦରଖାସ୍ତର ମାମଲା ଏପର୍ଯ୍ୟନ୍ତ ଶେଷ ହୋଇ ନାହିଁ । ଜଣେ ମୋହରର କର୍ମଚ୍ୟୁତ ହୋଇଥିବାର ପୂର୍ବେ ଲେଖିଥିଲୁଁ ବର୍ତ୍ତମାନ ସେଠାର ପେସ୍କାର କେଦାରଗ୍ରପତାଙ୍କୁ ବଦଳ ହେବାର ଆଜ୍ଞା ହୋଇଅଛି ଆଉ କାହାପ୍ରତି କି ଆଜ୍ଞା ହେବ ନିଶ୍ଚୟ ନାହିଁ ।

ଉତ୍କଳଦର୍ପଣରୁ ଅବଗତ ହେଲୁଁ ଯେ କଲିକତାର ଭାରତବର୍ଷୀୟ ସଭା ମଧ୍ୟ ଓଡିଶାର ଜମିଦାର ପଟ୍ଟା ଅଉ କାଗଜ ଦାୟରୁ ମୁକ୍ତ ହେବା ପ୍ରାର୍ଥନାରେ ଗବର୍ଣ୍ଣମେଣ୍ଟରେ ଆବେଦନ କରିଥିଲେ କିନ୍ତୁ ଲେଫ୍ଟନେଣ୍ଟଗବର୍ଣ୍ଣର ସାହେବ ଜମିଦାରଙ୍କ ଆବେଦନ ସହିତ ତାହାସବୁ ଅଗ୍ରାହ୍ୟ କଲେ । ଏଥକୁ ଦର୍ପଣ ଗବର୍ଣ୍ଣରଜେନରଲ ସାହେବଙ୍କ ଛାମୁରେ ଅପିଲ କରିବାକୁ ପରାମର୍ଶ ଦେଇଅଛନ୍ତି ଅମ୍ଭମାନଙ୍କର ମଧ୍ୟ ସେହି ମତ । ଜମିଦାରମାନେ ଥରେ ଏଥିର ଚେଷ୍ଟା କରନ୍ତୁ ।

ପାୟୋନିଅରରୁ ଜଣାଯାଏ ଯେ ମଧ୍ୟ ଭାରତବର୍ଷରେ ଗତ କେତେକ ସପ୍ତାହ ହେଲା ଅତ୍ୟନ୍ତ ଗ୍ରୀଷ୍ମ ହେବାରୁ ଗୋଟିଏ ଗୋରାପଲଟନର ଜ ୧୪ ଣ ଲୋକ ଗ୍ରୀଷ୍ମଜନିତ ମୂର୍ଚ୍ଛାରୋଗରେ ପୀଡିତ ହୋଇଥିଲେ ତହିଁ ମଧ୍ୟରୁ ଜ ୪ ଣ ତତ୍କ୍ଷଣାତ୍ ମରିଗଲେ । ଗ୍ରୀଷ୍ମଦ୍ୱାରା ଏପ୍ରକାର ଉତ୍କଟରୋଗ ହେଉଥିବା ସ୍ଥଳେ ମହାମାନ୍ୟ ଗବର୍ଣ୍ଣରଜେନରଲଙ୍କ ସିମଲାବାସକୁ କିଏ ନିନ୍ଦା କରିବ ?

ସିମଲାନଗର ସ୍ୱାସ୍ଥ୍ୟରକ୍ଷା ଉଦ୍ଦେଶରେ ସଂସ୍କାରକାର୍ଯ୍ୟ ସକାଶେ ବିଲାତର ସେକ୍ରେଟରୀ ଏକଲକ୍ଷ ଟଙ୍କା ବ୍ୟୟ କରିବାକୁ ଅନୁମତି ଦେଇଅଛନ୍ତି । ଷ୍ଟେଟଲଟ ସାହେବଙ୍କ ଦାର୍ଜିଲିଂ ସକାଶେ ମଧ୍ୟ ତିରିଶହଜାର ଟଙ୍କା ବ୍ୟୟ ହେବାର ଉଦ୍ୟମ ଲାଗିଅଛି । ତାହାର ହିତ ସକାଶେ ଭାରତବର୍ଷର ରାଜସ୍ୱରୁ ଏତେ ଟଙ୍କା ବ୍ୟୟ ହେଉଅଛି ।

ମହାମାନ୍ୟ ଯୁବରାଜଙ୍କର ଭାରତଦର୍ଶନ ଏବଂ ଗତ ଦୁର୍ଭିକ୍ଷ ସ୍ମରଣାର୍ଥେ ପାଟଣାରେ ଯେଉଁ ଶିଳ୍ପବିଦ୍ୟାଳୟ ସ୍ଥାପନ ହେବାର ପ୍ରସ୍ତାବ ହୋଇଅଛି ତହିଁପାଇଁ ବଙ୍ଗଳା ଗବର୍ଣ୍ଣମେଣ୍ଟ ପାଟଣା କଲେଜର ନିକଟରେ ଏକଖଣ୍ଡ ଭୂମି ଦେବାକୁ ସମ୍ମତ ହୋଇଅଛନ୍ତି ଯେ ତହିଁ ଉପରେ ଉକ୍ତ ବିଦ୍ୟାଳୟ ନିର୍ମାଣ ହେବ ଏବଂ ବିଦ୍ୟାଳୟର ବ୍ୟୟ ନିମିତ୍ତ ବାର୍ଷିକ ଟ ୬୦୦୦୲ ଙ୍କା ଦେବାକୁ ମଧ୍ୟ ସ୍ୱୀକାର କରିଅଛନ୍ତି ।

ଶୁଣାଯାଏ ଯେ ମାନ୍ଦ୍ରାଜର ଗବର୍ଣ୍ଣର ଆଗାମୀ ଡିସମ୍ବର ମାସରେ ଗୋଦାବରୀ ଜିଲାକୁ ପୁନର୍ବାର ବୁଲିବାକୁ ଆସିବେ ଏବଂ ଇସାକପଟ୍ଟନକୁ ସୁଦ୍ଧା ଦେଖି ଯିବାକୁ ମାନସ କଲାଇ ପାରନ୍ତି କାରଣ ଉକ୍ତ ନଗର କୋକନଦରୁ ଏକପ୍ରହର ବାଟ ଅଟଇ । ଜାହାଜ ଗତାୟାତର ସୁବିଧା ନିମିତ୍ତ ଉକ୍ତ ନଗରର ବନ୍ଦରକୁ ସନ୍ଦର୍ଶନ କରିବାର ଆବଶ୍ୟକ ହୋଇଅଛି ।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି ଯେ ନବଦ୍ୱୀପରେ ନବରସ ମେଳା ନାମରେ ଗୋଟିଏ ବୃହତ୍ ମେଳା ହୋଇଥିଲା । ଅନେକ ଦିଗରୁ ବୈଷ୍ଣବମାନେ ଆସି ଠୁଳ ହୋଇ ଗୌରାଙ୍ଗଙ୍କର ନାମସଙ୍କୀର୍ତ୍ତନ କରିଥିଲେ ଓ ଯାଷା ବସିଥିଲା । ଏରୂପ ମେଳା ଏଅଞ୍ଚଳର ବୈଷ୍ଣବମାନେ କେବେ କରିବାର ଦେଖାଯାଇ ନାହିଁ ।

ମୂଲ୍ୟ ପ୍ରାପ୍ତି ।

ବାବୁ ଚମଜାଦି ଯାଚକ କଟକ ବକାୟା ଟ ୨୲
„ ଲକ୍ଷ୍ମୀନାରାୟଣ ସିଂହ
ଚୌଧୁରୀ „ „ ଟ ୬୲
„ ବଞ୍ଛାନିଧି ମହାନ୍ତି „ „ ଟ ୩୲
ମୁନସି ଅହଜ ଖାଁନ „ „ ଟ ୨୲
ବାବୁ ଦାମୋଦର ଦାସ „ „ ଟ ୨୲
„ ଶ୍ୟାମସୁନ୍ଦର ସାହୁ „ „ ଟ ୩୲

ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା ।

Digitized by srujanika@gmail.com

Split by PDF Splitter



ଉତ୍କଳଦୀପିକା ତା ୧୫ ରିଖ ମାହେ ଜୁଲାଇ ସନ ୧୮୭୬ ମସିହା ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ
ମହାଶୟ ସମୀପେଷୁ ।

ଏଠାରେ ଓଲାଉଠା ରୋଗରେ ଅପାର ଲୋକ ବିନଷ୍ଟ ହେଉଅଛନ୍ତି, ଏହି ରୋଗ ନିବାରଣାର୍ଥେ ସରକାର ବାହାଦୂର ଅପଣା ସାଧ୍ୟାଶୟ ପ୍ରଯତ୍ନ ଓ ଉପକାର କରୁଅଛନ୍ତି । ବର୍ତ୍ତମାନ ବୃଷ୍ଟି ହେଉଥିବାରୁ ଓ ଦେଶ ଥଣ୍ଡା ଥିବାରୁ ଉକ୍ତ ରୋଗର ଗଦର କିଛି ଊଣା ହୋଇ ଯାଇଅଛି । କିନ୍ତୁ ଦୁଃଖର ବିଷୟ ଏହି ଯେ ଗୋଟିଏ ଦୁଃଖ ଶେଷ ନୋହୁଣୁ ଆଉ ଗୋଟିଏ ଦୁଃଖ ଆସି ଏହି ନଗରରେ ପ୍ରବେଶ ହୋଇଅଛି । ଏହି ଦ୍ୱିତୀୟ ଦୁଃଖ ଅର୍ଥାତ୍ ରୋଗଟିର ନାମ "Suruku mari Disease" ଏହି ରୋଗ ମାନ୍ଦ୍ରାଜରେ ଆରମ୍ଭ ହୋଇ କ୍ରମେ୨ ପ୍ରତ୍ୟେକ ବଡ଼୨ ନଗର ପରିଭ୍ରମଣ କରି ଏହି ନଗର ସରିକି ଆସିଲାଣି, ବୋଧହୁଅଇ କେଜାଣି ଉତ୍ତର ଦେଶକୁ ମଧ୍ୟ ଥରେ ବୁଲି ଆସି ପାରନ୍ତି । ଏଠାକୁ ଉକ୍ତ ରୋଗ ଆସିବାର ଅତିକୁ ଦଶ ଦିନ ହେଲା । ଏହି ଦଶ ଦିନ ମଧ୍ୟରେ ୪୦–୫୦ ଜଣ ସଙ୍ଗେ ପ୍ରୀତି କରି ସାରିଲାଣି । ରୋଗଟି ବଜ୍ରାଘାତ ପରି ଆସି ପଡ଼ୁଅଛି । ପ୍ରଥମେ ପାଦରେ ଡାଂଶଣ ବିଛଳ ନ୍ୟାୟ ଏମନ୍ତ ଏକ କ୍ଳେଶଦାୟକ ବ୍ୟଥା ହୁଅଇ ଯେ ମନୁଷ୍ୟ ଏକାଥରକେ ମୂର୍ଚ୍ଛିତ ହୋଇ ଭୂମିରେ ପଡ଼ିଯାଏ, ଏବଂ ଏବ୍ୟଥା କ୍ରମଶଃ ମନୁଷ୍ୟର ଛାତି ପର୍ଯ୍ୟନ୍ତ ପ୍ରସରି ଯାଏ । ମନୁଷ୍ୟ ଶରୀରରେ ବ୍ୟଥାଟି ଯାହୁଁ୨ ଊର୍ଦ୍ଧ୍ୱଗାମୀ ହୁଏ ତହୁଁ୨ ବ୍ୟଥା ସଙ୍ଗେ୨ ମନୁଷ୍ୟର ଶରୀର କୃଷ୍ଣବର୍ଣ୍ଣ ହୋଇଯାଏ ଏ ରୋଗ ଅତି ଭୀଷଣ ଲକ୍ଷଣବନ୍ତ । ଯେରୂପେ ଏକ ଦୁରନ୍ତ ଶତ୍ରୁର ଆଗମନ ଶୁଣି ଲୋକେ ତାହା ବାଧା ନିମନ୍ତେ ସକଳ ବିଷୟର ଆୟୋଜନ କରନ୍ତି ସେରୂପେ ଏହି ରୋଗ ରାଜମହେନ୍ଦ୍ରରେ ଥାଉଁ ଏଠା କେତେକ ଭଦ୍ରଲୋକେ ତାହା ନିମନ୍ତେ ଔଷଧ ପ୍ରସ୍ତୁତ କରିଥିଲେ ଏହି ହେତୁରୁ ଏରୋଗ ଏପର୍ଯ୍ୟନ୍ତେ ଜଣକୁହିଁ କ୍ଷତି କରି ପାରି ନାହିଁ । ଅତଏବ ସୁଖର ବିଷୟ ଏହି ଯେ ଗବର୍ଣ୍ଣମେଣ୍ଟ ସେହି ଔଷଧ ଏଠାରେ ଅଧିକାଂଶରୂପେ ଯୋଗାଇ ହାଟ ବାଟରେ କନଷ୍ଟେବଲମାନଙ୍କ ହାତରେ ବୁଲାଉ ଅଛନ୍ତି ସୁତରାଂ ଯାହାକୁ ଯେଉଁଠାରେ ସେ ରୋଗ ଧରଇ ସେହି ସ୍ଥାନରେହିଁ ମନୁଷ୍ୟ ଔଷଧ ସେବନ କରି ରୋଗରୁ ମୁକ୍ତ ହୋଇଯାଏ । ପୁଣି ଯେମନ୍ତ ଏରୋଗ ଓ ଓଲାଉଠା ରୋଗ ଏହି ନଗରରୁ ବହିର୍ଗମନ କରିବ ଏଣୁ ଅଦ୍ୟକାଲ ମିଉନିସିପାଲ ନଗରର ସ୍ଥାନେ୨ ତାରୁ ପୋଡୁ ଅଛନ୍ତି ।

ଲେଖିବାର ଅଭିପ୍ରାୟ ଏହି କି ଯେମନ୍ତ ରୋଗ ନ ପହୁଞ୍ଚୁଣୁ ତହିଁର ନିବାରଣକାରୀ ନିରୂପିତ ଔଷଧ ସମସ୍ତେ ଅପଣା ନିକଟରେ ରଖିଲେ ଭଲ ହେବ ।

11th July, 1876. }
Berhampore. } N. V.

ମହାଶୟ !

ଆମ୍ଭେ କୌଣସି ବନ୍ଧୁଙ୍କ ପତ୍ରରୁ ଅବଗତ ହେଲୁଁ ଯେ, ମାନ୍ଦ୍ରାଜ, ରାଜମହେନ୍ଦ୍ରୀ, ବିଶାଖପଟ୍ଟନ, ବିଜୟନଗର, ଚିକାକୋଲ ଓ ବ୍ରହ୍ମପୁରରେ ଏକପ୍ରକାର ଭୟାନକ ରୋଗ ଉପସ୍ଥିତ ହୋଇ କ୍ରମାଗତ ଦେଶ ପର୍ଯ୍ୟଟନପୂର୍ବକ ଆସୁଅଛି । ଏ ରୋଗ ଆରମ୍ଭ ହେବା ସମୟରେ ପାଦ ବୃଦ୍ଧାଙ୍ଗୁଳିରେ ବିଛା କାମୁଡ଼ିଲା ପ୍ରାୟ ଜଣାଯାଏ । ପୁଣି ଝିମି୨ ହୋଇ ସାପବିଷ ଊର୍ଦ୍ଧ୍ୱଗାମୀ ହେଲା ପରି କ୍ରମଶଃ ଅଣ୍ଟା ପର୍ଯ୍ୟନ୍ତ ଉଠିଲେ ମନୁଷ୍ୟ ଅଚେତନ ଓ ବାକ୍ଶକ୍ତିରହିତ ହୋଇ ପଡ଼େ ଆଉ ମସ୍ତିଷ୍କ (ବ୍ରେନ) ଉପରକୁ ଗଲେ ମୃତ୍ୟୁ ହୁଏ ।

ଉପର୍ଯ୍ୟୁକ୍ତ ପ୍ରଦେଶମାନଙ୍କରେ ଏହି ରୋଗରେ ଅନେକ ଲୋକ ମରୁଅଛନ୍ତି କିନ୍ତୁ ଚିକାକୋଲ ଓ ବ୍ରହ୍ମପୁରରେ ଏଥିର ଔଷଧ ଅବଗତ ହେବାରୁ କେତେକ ଲୋକ ମୁକ୍ତି ଲାଭ କରୁ ଅଛନ୍ତି ।

### ରୋଗ ପ୍ରତୀକାରର ଔଷଧ ।

ଗୋଟିଏ କୃଷ୍ଣବର୍ଣ୍ଣ ( ଅନ୍ୟ କୌଣସି ରଙ୍ଗ ଦେହରେ ନ ଥିବ) ଛେଳିକୁ ଅଣି ନାନାପ୍ରକାର ପତ୍ର ଲଟା ଇତ୍ୟାଦି ଖୁଆଇବ ସେ ଜଳପାନ ନ ପାଗୁଳ କରି ନ ଥିବ ଏମନ୍ତ ସମୟରେ ତାକୁ ମାରି ତା ପେଟଠାରୁ ଅନ୍ତ ଭିତରୁ ଖାଦ୍ୟପଦାର୍ଥକୁ କେବଳ ହାତରେ ଟାଣି ବାହାର କରିବ । ବାହାର କରିବା, ଶୁଖାଇବା ଓ ଗୁଣ୍ଡିବାବେଳେ ଯେପରି ମାଛି ଇତ୍ୟାଦି ନ ବସିବେ । ତାକୁ କେବଳ ପଥରଖଲରେ ଚୂରି ସୁକ୍ଷ୍ମ ଓଜନରେ ପୁଡ଼ା ବାନ୍ଧି ରଖିବ । ଏ ରୋଗ ଆରମ୍ଭ ହେବା ମାତ୍ରକେ ତତ୍କ୍ଷଣାତ୍ ଏକପୁଡ଼ିକୁ ୩ ଭରି ଜଳରେ ଗୋଳି ଖୁଆଇଲେ ଏ ରୋଗରୁ ମୁକ୍ତ ହେବ ।

ନବସାଗର ଦ୍ରାବକକୁ ୩ ଭରି ଓଜନ ଜଳରେ ୧୦ ବୁନ୍ଦା ପକାଇ ପିଇଲେ ମଧ୍ୟ ରୋଗୀ ରୋଗରୁ ମୁକ୍ତ ହୋଇ ପାରିବ ।

ପ୍ରକାଶ ଥାଉ କି ଏ ରୋଗ ଅଣ୍ଟା ପର୍ଯ୍ୟନ୍ତ ଆସିଲେ ଏ ଔଷଧରେ କିଛି ଫଳ ଦର୍ଶିବ ନାହିଁ । ୩ ଘଣ୍ଟା ପରେ ମୃତ୍ୟୁ ହେବ ।

୧୩।୭।୭୬ ଏନ୍ ସୀତାରମେୟା


## ବିଜ୍ଞାପନ ।

ଚାନ୍ଦବାଲି ଏବଂ କଲିକତା.

ଜାହାଜ ।

ଓଡ଼ିଶା ଏବଂ କାରଜଉ

ଚାନ୍ଦବାଲି ଓ କଲିକତା ମଧ୍ୟରେ ନିୟମିତ ରୂପେ ଗତାୟାତ କରୁଅଛି ।

ଏ ଜାହାଜମାନଙ୍କରେ ଅନେକ ମନୁଷ୍ୟ ଯିବା ଆସିବା କରିପାରନ୍ତି ଓ ଉତ୍ତମ ଜାଗା ମିଳେ ଓ ଏମାନ ନୂତନ ଓ ବଳବାନ୍ ଧୂଆଁକଳ ଜାହାଜ ଥିବାରୁ ଏ ଯେ ଚଉଦଘଣ୍ଟା ଭିତରେ କଲିକତା ଓ ଚାନ୍ଦବାଲି ମଧ୍ୟରେ ଯିବା ଆସିବା କରିପାରେ ଜାହାଜକୁ ଯିବା ଆସିବା କରିବା ସକାଶେ ଚାନ୍ଦବାଲିଠାରେ ଦୁଇଗୋଟା ଜେଟି (ଘାଟଘର) ତିଆରି ହୋଇଅଛି ଓ ସେହି ଦୁଇ ଜେଟି ପାଖରେ ଜାହାଜ ନଙ୍ଗର କରେ ସୁତରାଂ ଜାହାଜକୁ ଯିବା ଆସିବା ଲାଗି ଗୋଡ଼ରେ ପାଣି ଲାଗଇ ନାହିଁ ଏଠାରେ ଯାତ୍ରିଙ୍କ ରହିବା ଏବଂ ରନ୍ଧା ଖାଇବା ସକାଶେ କମ୍ପାନୀ ଉତ୍ତମ ବସାଘରମାନ ତିଆରି କରିଅଛନ୍ତି ଜାହାଜର ଭଡ଼ା ଅତ୍ୟନ୍ତ ଅଳ୍ପ ଅଟଇ ।

ଜାହାଜର ଯିବା ଆସିବା ସମ୍ପର୍କରେ ଆଉ ଯାହା ସମ୍ବାଦ ଦରକାର ହେବ ଏଜେଣ୍ଟ ସାହେବଙ୍କ ଠାରେ ପଚାରିଲେ ମିଳିପାରିବ ।

ଚାନ୍ଦବାଲି } ମେକନ୍ନୀଳ କମ୍ପାନୀ
ତା ୧୪ରିଖ ଜୁନ } ଉଇଲିୟମ ଲେମ୍ବାର୍ଟ
ସନ ୧୮୭୬ } ସାହେବ ଏଜେଣ୍ଟ


☞ ମୂଲପତ୍ର ଦେଖ

Digitized by srujanika@gmail.com

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ ୧୧ଶ
ସଂଖ୍ୟା ୩୦

ତା ୨୨ରିଖ ଜୁଲାଇ ସନ ୧୮୭୭ ମସିହା । ମୁ । ଶ୍ରାବଣ ୭ଦିନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨।୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୨୵
ମଫସଲପାଇଁ ଡାକମାସୁଲ ଟ୧୵୦

ହାଡାବାନ୍ଧ ରୋଗର ଯେ ଗନ୍ଧକ ଧୂଆଁ ପ୍ରତୀକାର ଏ ପତ୍ରିକାରେ ପୂର୍ବେ ଲେଖା ହୋଇ ଥିଲା ତାହା ମୋଫସଲରେ ସମସ୍ତଙ୍କୁ ଜଣାଇ ଦେବାପାଇଁ ଆମ୍ଭମାନଙ୍କର କଲେକ୍ଟର ସାହେବ ତହସିଲଦାରମାନଙ୍କୁ ଆଜ୍ଞା ଦେଇଅଛନ୍ତି । ସାହେବଙ୍କ ଏକାର୍ଯ୍ୟଟି ଅତି ଉତ୍ତମ ଅଟେ କାରଣ ସମ୍ବାଦପତ୍ର ପଢିବା ବ୍ୟକ୍ତି ଅତି ଅଳ୍ପ ଉକ୍ତ ଉପାୟରେ ଅନେକ ଲୋକ ସେ ପ୍ରତୀକାରରୁ ଜ୍ଞାତ ହେବେ ଅନ୍ୟ ଜିଲାର କଲେକ୍ଟରମାନଙ୍କୁ ଏ ଉପାୟ ଅବଲମ୍ବନ କରିବାର ଉଚିତ । ଆମ୍ଭେମାନେ ଶୁଣିଲୁଁ ଯେ ଉକ୍ତ ପ୍ରତୀକାରରେ ଏନଗରରେ ଦୁଇଜଣ ଓଲାଉଠାରୋଗୀ ଆରୋଗ୍ୟ ଲଭିଅଛନ୍ତି ଓ କେତେକ ଲୋକ ଆପଣା୨ ଘରେ ଉକ୍ତ ରୋଗ ପ୍ରବେଶ ହୋଇ ନ ପାରିବା ଉଦ୍ଦେଶ୍ୟରେ ଗନ୍ଧକ ଜାଳୁଅଛନ୍ତି । ଏ ଉପାୟଟି ମନ୍ଦ ନୁହେ ।

---

ଗତ ବୁଧବାର ଏନଗର ଗୋପାଳଜିଉ ମଠର ମହନ୍ତଙ୍କ ନାମରେ ସଦାବର୍ତ୍ତ ଧନ ଅପବ୍ୟୟ କରିବା ବିଷୟରେ ଜଜ ସାହେବଙ୍କ କୋର୍ଟରେ ଦରଖାସ୍ତ ଦାଖଲ ହୋଇଅଛି । ଉକ୍ତ ଦରଖାସ୍ତରେ ଯେସମସ୍ତ କଥା ଲେଖା ଅଛି ଯେବେ ସେସବୁ ପ୍ରମାଣ ହୁଅଇ ତେବେ ମହନ୍ତ ବଡ ହରବରରେ ପଡିବେ ଓ ଦରଖାସ୍ତକାରୀ ଏନଗରବାସି ଅନେକ ସମ୍ଭ୍ରାନ୍ତବ୍ୟକ୍ତିଙ୍କୁ ଗୁହା ମାନିଅଛି । ଏମାନଙ୍କଦ୍ୱାରା ଦରଖାସ୍ତ ଲିଖିତ ବିଷୟମାନ ପ୍ରମାଣ ହେଲେ ବଡ କଠିନ କଥା ହେବ । ଜଜସାହେବ ମହନ୍ତପ୍ରତି ଏହି ଆଦେଶ ଦେଇଅଛନ୍ତି କି ତାହାଙ୍କ ନାମରେ ମୋକଦ୍ଦମା ଚଳାଇବାକୁ କାହିଁକି ଅନୁମତି ଦିଆ ନ ଯିବ ଏଥିର କାରଣ ସେ ଏକସପ୍ତାହ ମିଆଦରେ ଅଦାଲତରେ ଦର୍ଶାଇବେ । ସୁତରାଂ ଆଗାମୀ ସପ୍ତାହରେ ଏଥିର ଫଳାଫଳ ଜଣା ପଡିବ ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଆଜିକାଲି ଏ ନଗରରେ ଓଲାଉଠାରୋଗ ଅତିଶୟ ପ୍ରବଳ ହୋଇଅଛି ଓ ଅନେକଗୁଡିଏ ଲୋକ ଏଥିରେ ନାଶ ଗଲେଣି । ଜେଲଖାନା ମଧ୍ୟରେ ସୁଦ୍ଧା ଏ ରୋଗ ପ୍ରବିଷ୍ଟ ହୋଇ ଅଛି ମାତ୍ର ତେତେ ଭୟଙ୍କରରୂପେ ନୁହଇ । ନଗରବାସିମାନେ ଭୀତ ହୋଇ ସନ୍ଧ୍ୟା ଉତ୍ତାରୁ ବସ୍ତିରଲୋକ ଦାଣ୍ଡକୁ ବାହାରୁ ନାହାନ୍ତି ଓ ଠାକୁରାଣୀମାନଙ୍କ ଅର୍ଚ୍ଚନା ଏବଂ ନଗରକୀର୍ତ୍ତନାଦର ଗହଳ ପଡିଯାଇ ଅଛି ଶେଷଲୋକଙ୍କପ୍ରତି ଅଧିକାଂଶରେ ଏ ରୋଗର ପ୍ରଭା ଦେଖାଯାଏ ଓ କର୍ତ୍ତୃପକ୍ଷମାନେ ଏ ରୋଗ ଦମନ କରିବା ବିଷୟରେ କୌଣସି ଉପାୟ ଅବଧି କରି ନାହାନ୍ତି । ଯାହାକୁ ଯେମନ୍ତ ଦିଶୁଅଛି ସେ ସେପରି ଉପାୟ କରୁଅଛି । ଶ୍ରୀଯୁକ୍ତ କମିଶନରସାହେବ ଡାକ୍ତର ପର୍କରସାହେବଙ୍କ ଗନ୍ଧକଧୂଆଁ ଚିକିତ୍ସା ବିଷୟକ ଉପଦେଶ ଏକ ହଜାର ଛପା କରାଉ ଅଛନ୍ତି ଏ ସବୁ ଲୋକଙ୍କୁ ବାଣ୍ଟିଦେଲେ ଅନେକ ଉପକାର ହେବାର ସମ୍ଭାବନା । ଗନ୍ଧକଧୂଆଁ ଚିକିତ୍ସା ଅତି ଚମତ୍କାର ଅଟଇ ଓ ଏଥିରେ ଯେବେ ଆଶାନୁରୂପ ଫଳ ହୁଅଇ ତେବେ ଏଠା ଦୁଃଖିଙ୍କ ପକ୍ଷରେ ଏମନ୍ତ ସହଜ ଆରୋଗ୍ୟଲାଭ କରିବାର ଅନ୍ୟ ଉପାୟ ମିଳିବ ନାହିଁ ।

---

ଇଣ୍ଡିୟାନ ଡେଲିନ୍ୟୁସରୁ ଆମ୍ଭେମାନେ ଅବଗତ ହେଲୁଁ ଯେ ଭାରତବର୍ଷରେ ଯେଉଁମାନେ ଉତ୍ତମ କାଗଜ ପ୍ରସ୍ତୁତ କରନ୍ତି ତାହାଙ୍କଠାରୁ ଆଦର୍ଶ ଅଣାଇ ଦେଖିବା ନିମିତ୍ତ ଗବର୍ଣ୍ଣମେଣ୍ଟ ଷ୍ଟେସନରି ଅଫିସ ସେସମସ୍ତ ଲୋକଙ୍କୁ ପତ୍ର ଲେଖିଅଛନ୍ତି ଓ ସର୍ବସାଧାରଣଙ୍କୁ ମଧ୍ୟ ଜଣାଇ ଦିଆଯାଇଅଛି କି ଯେଉଁମାନେ ଉତ୍ତମ କାଗଜ ପ୍ରସ୍ତୁତ କରି ପାରିବେ ଗବର୍ଣ୍ଣମେଣ୍ଟ ଭାରତବର୍ଷର ବ୍ୟୟ ନିମିତ୍ତ ତାହାଙ୍କଠାରୁ କାଗଜ କିଣିବେ ଆଉ ବିଲାତରୁ କାଗଜ ଅଣାଇବେ ନାହିଁ । ଏହିପରି ଅପର ମହଲୁମା ସବୁରୁ ଜଣା ଲଗା ନିମିତ୍ତ ପତ୍ରାଦି ପ୍ରେରିତ ହୋଇଅଛି । ସମ୍ପ୍ରତି ରୂପାର ଦର ବିଲାତରେ ଅସ୍ଥିର ଓ ଊଣା ହେବାରୁ ସେଠାକୁ ଟଙ୍କା ପଠାଇ ଦ୍ରବ୍ୟ ଆଣିବାରେ ବହୁତ ବ୍ୟୟ ପଡୁଅଛି ବୋଲି ଗବର୍ଣ୍ଣମେଣ୍ଟ ମାନସ କରିଅଛନ୍ତି କି ସରକାରୀ ଖର୍ଚ୍ଚ ନିମନ୍ତେ ବିଲାତରୁ ଦ୍ରବ୍ୟ ଅଣାଇବା ଯେତେ ଊଣା ହୋଇପାରେ ତାହା କରିବାକୁ

Digitized by srujanika@gmail.com

ହେବ ଓ ତଦ୍ଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର ବହୁତାସ୍ୱରୂପ ଯେତେ ଅଧିକା ବ୍ୟୟ ପଡୁଅଛି ତାହା ଊଣା ହେବ । ଏହବ ଦତ୍ତ ଭାରତବର୍ଷ ପକ୍ଷରେ ଅତ୍ୟନ୍ତ ଶୁଭକର ଅଟଇ ଓ ଯେବେ ଏହି ସୁଯୋଗରେ ଭାରତବର୍ଷର ଶିଳ୍ପକାର୍ଯ୍ୟ ଉନ୍ନତିଲାଭ କରଇ ତେବେ ବଡ ସୁଖର ବିଷୟ ହେବ । ବିଲାତିଲୁଗା ଭାରତବର୍ଷରେ ବସ୍ତ୍ରର ଖର୍ଚ୍ଚ ହୁଅଇ ଓ ରୂପାର ବଜାର ଦୃଷ୍ଟିରେ ଉକ୍ତ ଦ୍ରବ୍ୟର ମୂଲ୍ୟ ବଢିବାର ଜଣାଯାଏ ଯେବେ ଏମନ୍ତ ସମୟରେ ବମ୍ବେଇ ଓ ଭାରତବର୍ଷର ଅନ୍ୟାନ୍ୟ ସ୍ଥାନରେ ସ୍ଥାପିତ କଳସବୁରେ ପ୍ରସ୍ତୁତ ହେବା ଲୁଗା ଅଧିକ ପରିମାଣରେ ପ୍ରଚଳିତ ହେବ ତେବେ ଭବିଷ୍ୟତକୁ ସେକ୍ରେଟେରି ଅବ୍ ଷ୍ଟେଟ ବିଲାତି ଲୁଗାର ମାସୁଲ ଉଠାଇ ଦେଲେ ସୁଦ୍ଧା ବିଲାତି ମହାଜନମାନେ ବର୍ତ୍ତମାନ ପରି ଲୁଗା ବିକ୍ରୟ କରି ପାରିବେ ନାହିଁ ।

---

ସତ୍ୟବାଦୀମଠର ସୁପରିଣ୍ଟେଣ୍ଡେଣ୍ଟ ପରିଜଦାରି ସୁପର୍ଦ୍ଦ ହେବାର ସମ୍ବାଦ ଏଥିପୂର୍ବେ ଅମ୍ଭେମାନେ ଲେଖିଥିଲୁଁ । ଗତ ସପ୍ତାହରେ ମୋକଦ୍ଦମାର ବିଚାର ଶେଷ ହୋଇଅଛି ଓ ମାଜିଷ୍ଟ୍ରେଟ ସାହେବ ତାହାଙ୍କ ଉପରେ ଟ୫୦୦୧ ଅର୍ଥଦଣ୍ଡ ବିଧାନ କରିଅଛନ୍ତି । ଆସାମୀ କେବଳ ଅନେକକାଳ ଅତ୍ୟନ୍ତ ପୀଡିତ ଓ ଚେତନ ରହିତ ଅବସ୍ଥାରେ ଥିଲା ବୋଲି ଜଜ ସାହେବଙ୍କ ଭଲବ ମତେ ହେସାବପତ୍ର ଦେଇ ନ ଥିବା ଓ ଆପଣା କାରପରଦାଜଠାରୁ ଏଥିର ସମ୍ବାଦ କିଛି ପାଇ ନ ଥିବାର ଆପତ୍ତି କରିଥିଲା ମାତ୍ର ସେସବୁ ପ୍ରମାଣ ହେଲା ନାହିଁ । ଯିଏ ସାହେବ ଏତେବଡ କାର୍ଯ୍ୟର ଭାର ରଖି ଅନେକମାସ ଅନ୍ତଃପୁରରେ ରହୁଥିଲେ ଓ ଏଥି ମଧ୍ୟରେ କିରୂପେ କାର୍ଯ୍ୟ ହେଲା କିଛି ବୁଝିଲେ ନାହିଁ । ଏପରି ବ୍ୟକ୍ତିଙ୍କୁ ସାଧାରଣ ସମ୍ପତ୍ତିର ଭାର ଦେବାଠାରୁ ଆଉ ମନ୍ଦକଥା କି ଅଛି ? ମହନ୍ତମାନେ ଏଣିକି ସାବଧାନ ହେଉନ୍ତୁ ଆଉ ଅନ୍ତଃପୁରରେ ରହିଲେ ଚଳିବ ନାହିଁ । ଆଇନାନୁସାରେ କାର୍ଯ୍ୟ କରିବାକୁ ଲୋକେ ପ୍ରସ୍ତୁତ ହେଉଅଛନ୍ତି ।

ପରନ୍ତୁ ସୁପରିଣ୍ଟେଣ୍ଡେଣ୍ଟ ଉପରେ ଜରିମାନା ହେଲା ବୋଲି କମିଟି ନିଶ୍ଚିନ୍ତ ନ ହୋଇ ତାହାଙ୍କଠାରୁ କାଗଜପତ୍ର ପାଇବା ସକାଶେ ନାଲିଶ କରନ୍ତୁ ଓ ସେ ସଦାବର୍ତ୍ତଧନ ଅପବ୍ୟୟ କରିଥିଲେ ତାହାଙ୍କୁ କର୍ମରୁ ବାହାର କରିଦେବାର ଉଚିତ ଉପାୟ କରନ୍ତୁ ତାହା ନ ହେଲେ କିଛି ଉପକାର ହେବ ନାହିଁ । ଯେଉଁ ଟଙ୍କା ଅର୍ଥଦଣ୍ଡ ସ୍ୱରୂପ ନିଆଗଲା ତାହା ସିଏ ସାହେବ ଘରୁ ଦେଲେ କି ସଦାବର୍ତ୍ତ ଧନରୁ ଦେଲେ । ଜଣାଯାଇ ନାହିଁ । ଯେବେ ସଦାବର୍ତ୍ତ ଧନରୁ ଦେଇଥାନ୍ତି ତେବେ ତାହାଙ୍କର କି ଗଲା ଟଙ୍କା ଥିଲେ ଆପେ ଅପବ୍ୟୟ କରୁଥାନ୍ତେ ନ ହେଲା ତାହା ସରକାରକୁ ଦେଲେ କୌଣସିମତେ ସଦାବର୍ତ୍ତ ଧନ ଅପବ୍ୟୟ ହେବାରିତ ବନ୍ଦ ହେଲା ନାହିଁ । ସୁତରାଂ ଅପବ୍ୟୟ ନିବାରଣ କରିବା ପକ୍ଷରେ କମିଟି ଯଥାର୍ଥ ପ୍ରତୀକାର କରନ୍ତୁ ।

---

ଗତ ସପ୍ତାହରେ ଆମ୍ଭେମାନେ ଲେଖିଥିଲୁଁ ଯେ ଘୋଡ଼ସେସର ଭାଉ ବୃଦ୍ଧି ହେବାରେ ଲୋକେ ବଡ଼ ଅସନ୍ତୁଷ୍ଟ ଅଛନ୍ତି ଓ କମିଟୀରେ ଥିବା ଜମିଦାର ପ୍ରଭୃତି ସଭ୍ୟମାନେ ଉକ୍ତ କର ବୃଦ୍ଧିକୁ ମନୋନୀତ କରିବାରେ ଅତ୍ୟନ୍ତ ଅସନ୍ତୋଷ ବଢିଅଛି । ତହିଁର ପ୍ରଧାନ କାରଣ ଏହି ଯେ ଅଧିକା କର ନେବାକୁ ସଭ୍ୟମାନେ ଯେମନ୍ତ ତତ୍ପର ସଂଗୃହୀତ କର ନ୍ୟାଯ୍ୟରୂପେ ବ୍ୟୟ ହେଉଅଛି କି ନାହିଁ ତାହା ଦେଖିବାକୁ ତେମନ୍ତ ତତ୍ପର ନୁହନ୍ତି । ଲୋକମାନଙ୍କଠାରୁ ଏହି ଅଭିପ୍ରାୟରେ ଟଙ୍କା ନିଆଗଲା କି ବାଟ ଇତ୍ୟାଦି ନିର୍ମାଣ କରି ମନୁଷ୍ୟ ଓ ଦ୍ରବ୍ୟାଦି ନାନାସ୍ଥାନକୁ ଯାତାୟାତ କରିବାର ଯଥାବିହିତ ସୁସାର କରି ଦିଆଯିବ ମାତ୍ର ଟଙ୍କା ହାତରେ ପଡିଲାକ୍ଷଣି କମିଟୀ ଦାତାକର୍ତ୍ତା ହୋଇ କାହାକୁ କଣ ଦେଲେ ତହିଁର ସୀମା ରହିଲା ନାହିଁ । ଆମ୍ଭେମାନେ ଶୁଣିଲୁଁ ଏ ବର୍ଷ ଯେମନ୍ତ କର ଅଧିକା ନେବାର ପ୍ରସ୍ତାବ ହୋଇଅଛି ତହିଁସଙ୍ଗେ କର୍ମଚାରୀଙ୍କ ବେତନ ବୃଦ୍ଧି ହେବାର ସୁନ୍ଦର ବିଧାନ ହୋଇଅଛି । ପୁଣି ଆଶ୍ଚର୍ଯ୍ୟର ବିଷୟ ଯେ ଗ୍ଲାସନ ସାହେବ ଇଞ୍ଜିନିୟର ମନ୍ଦ ଆଚରଣ ହେତୁରୁ କର୍ମରୁ ରହିତ ହେଲେ ମାତ୍ର ଏକମାସ ପୂର୍ବରୁ ତାହାଙ୍କୁ ସମ୍ବାଦ ଦିଆଯାଇ ନ ଥିବାରୁ କଲେକ୍ଟର ସାହେବ ତାହାଙ୍କୁ ଏକମାସର ବେତନ ଦେବାକୁ ପ୍ରସ୍ତାବ କଲେ ଓ ସଭ୍ୟମାନେ ସମସ୍ତେ ଅତ୍ୟନ୍ତ ଦାତାପଣ ଦେଖାଇ ତତ୍କ୍ଷଣାତ ତହିଁରେ ସମ୍ମତ ହେଲେ । ଅଯୋଗ୍ୟ ବ୍ୟକ୍ତିକୁ ପାରିତୋଷିକ ଦେବାର ବିଧାନ ଏହିଠାରେ ଦେଖାଗଲା । ଅମ୍ଭେମାନେ ପଚାରୁଁ ଯେ କଲେକ୍ଟରସାହେବ ଯେଉଁ ଅମଲାଙ୍କୁ ସମ୍ପ୍ରତି ମାକୁଲ କରି ଅଛନ୍ତି ତାହାଙ୍କୁ କି ଏକମାସର ଅଧିକା ବେତନ ଦେଇ ଅଛନ୍ତି ଓ ସଭ୍ୟମାନେ ଆପଣା୨ ଚାକରଙ୍କୁ ଏପରି ଅବସ୍ଥାରେ ବାହାର କରିଦେଲେ ତାହାଙ୍କୁ ଏକମାସର ବେତନ ଦିଅନ୍ତି କି ? ପରର ଟଙ୍କା ବୋଲି କିନା ଏପରି ହେଲା ! ଫଳତଃ ସାଧାରଣ ଧନ ପ୍ରତି ଯାହାଙ୍କର ଆସ୍ଥା ନାହିଁ ତାହାଙ୍କୁ ତହିଁର ରକ୍ଷଣାବେକ୍ଷଣର ଭାର ଦେବା କେତେଦୂର ଅନିଷ୍ଟକର ତାହା ବୁଝିବାକୁ କି କେହି ନାହାନ୍ତି !

---

କଟକ କଲେକ୍ଟରୀ ମହାଫିଜଖାନାର ମକଦ୍ଦମା ଗତ ସୋମବାର ନିଷ୍ପତ୍ତି ହେଲା । ପୁଲିସ କି ରିପୋର୍ଟ ଦେଇ କାହାକୁ କି ପରିମାଣରେ ଦୋଷୀ କଲେ ତାହା କିଛି ଅମ୍ଭେମାନେ ଜାଣି ନାହୁଁ ମାତ୍ର ଶୁଣିଲୁଁ ଯେ ରିପୋର୍ଟ ପ୍ରାପ୍ତିମାତ୍ରକେ କଲେକ୍ଟର ସାହେବ ମହାଫିଜଖାନାର ମୋହରର ଦ୍ୱାରକାନାଥକୁ କର୍ମରୁ ମାକୁଲ କଲେ, ବଚ୍ଛାନନ୍ଦ ଦାସ ଠିକାମୋହରର ଯେତେକାଳ ସସପେଣ୍ଡ ରହିଲା ତେତକ ଦଣ୍ଡ ତାହାପ୍ରତି ଯଥେଷ୍ଟ ଜ୍ଞାନ କରି ତାହାକୁ ତାହା କର୍ମରେ ବାହାଲ କଲେ ଏବଂ ମହାଫିଜ ଉପରେ ଟ ୧୦୧ ଙ୍କା ଅର୍ଥଦଣ୍ଡ ବିଧାନ କଲେ । ଯେଉଁ ରେକର୍ଡ ନକଲ ଦେବା ସେନ ମାମଲା ଉପସ୍ଥିତ ହୋଇଥିଲା ତାହା ତା ୧୩ ରଖରେ ଧରାପଡିବା ପ୍ରତ୍ୟକ୍ଷେ ମହାଫିଜ ତା. ୧୯ରଖରେ ରିପୋର୍ଟ ଦେବାରୁ ସେ ଆପଣା କର୍ତ୍ତବ୍ୟ କର୍ମରେ ତ୍ରୁଟି କରିବାର ହାକିମ ସିଦ୍ଧାନ୍ତ କରି ତାହାଙ୍କ ଉପରେ ଅର୍ଥଦଣ୍ଡ କଲେ । ବଚ୍ଛାନନ୍ଦ ଦ୍ୱାରକାନାଥଠାରୁ କାଗଜ ପାଇ ତାହାର କହିବାମତେ ନକଲ କରିଥିବାରୁ ତାହାର ମୂର୍ଖତା ପ୍ରକାଶ ପାଇଲା ଓ ତହିଁପାଇଁ ଯେତେକ ଦିନ ସେ ସସପେଣ୍ଡ ରହିଅଛି ତେତକ ଦଣ୍ଡ ଯଥେଷ୍ଟ ବୋଧ ହେଲା ସୁତରାଂ ମୂଳଅପରାଧୀ ଦ୍ୱାରକାନାଥ ଉପରେ ସାବ୍ୟସ୍ତ ହେବାର ବୋଲିବାକୁ ହେବ ଓ ତହିଁପାଇଁ ସେ କର୍ମରୁ ବାହାର ଗଲା । ମାତ୍ର ଜନରବ ଶୁଣାଯାଏ ଯେ ଦ୍ୱାରକାନାଥ ଉପରେ ଅପରାଧଟି ଯଥାର୍ଥରୂପେ ପ୍ରମାଣ ହୋଇ ନାହିଁ କେବଳ ଏବ୍ୟକ୍ତି ପୁରୁଣା ମହାଫିଜର ଆତ୍ମୀୟଲୋକ ଥିବାରୁ ନୂତନ ମହାଫିଜକୁ ବଦନାମ କରାଇବ ବୋଲି ଏ ମକଦ୍ଦମାର ମୂଳ ସୂତ୍ର ଘଟାଇ ଥିଲା ଦନ୍ତୁ ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇ ନ ପାରିବାରୁ ତହିଁରେ କୃତକାର୍ଯ୍ୟ

Digitized by srujanika@gmail.com

Split by PDF Splitter



ହୋଇ ନ ପାରନ୍ତି ହାକମ ତାହାଙ୍କୁ ଏହି କଥା କହି କର୍ମଚ୍ୟୁତ କଲେ । ନୂତନ ମହାଫିଜ ବଦନାମ ହେଲେ ପୁରୁଣା ମହାଫିଜଙ୍କର କ ଉପକାର ହୁଅନ୍ତା ତାହା ବ୍ୟକ୍ତ ହୋଇ ନାହିଁ । ବାସ୍ତବରେ ଯେବ୍ୟକ୍ତି ବଦନାମ କରାଇବାକୁ ସଙ୍କଳ୍ପ କରଇ ସେ ଅଲଗା ହୋଇ ନ ରହି ଅବଶ୍ୟ କଛି ପ୍ରମାଣ ଦଆଇବାର ଚେଷ୍ଟା କରଇ ଓ ମହାଫିଜ ଯେବେ ଉକ୍ତ କଥା ବିଶ୍ୱାସ କରିଥିଲେ ତେବେ ସେ ତାହା ନାମରେ ତତ୍କ୍ଷଣାତ ରପୋର୍ଟ ନ ଦେଇ ସପ୍ତାହକାଳ ଅପେକ୍ଷା କରିବାର କ ହେତୁ ଥିଲା ? ଏଥିପାଇଁ ଆମ୍ଭେମାନେ ଅନୁମାନ କରୁଁ ଯେ ଦ୍ୱାରିକାନାଥ ଉକ୍ତ ଅପରାଧ ଯେବେ କରିଥାଏ ତେବେ ସେ ଅନ୍ୟାନ୍ୟ ଅମଲା ପରି କୌଶଳେରେ ତାହା କରିଥିବ ଓ ଆପଣାକୁ ଦଣ୍ଡରୁ ମୁକ୍ତ କରିବା ସକାଶେ କଛି ନ ଜାଣିବାର କହିଥିବ । ମାତ୍ର କଲେକ୍ଟର ସାହେବ ଯେ ବିଶ୍ୱାସ କରନ୍ତି କ ପୁରୁଣା ଅମଲାମାନେ ତାହାଙ୍କ ନିଯୋଜିତ ସିରସ୍ତାଦାର ଓ ମହାଫିଜଙ୍କୁ ଦେଖି ପାରନ୍ତି ନାହିଁ ବଡ ଦୁଃଖର ବିଷୟ ଅଟଇ କାରଣ ଏଥିରେ ଦୁଃଖୀ ଅମଲାଙ୍କର ବଡ ଅନିଷ୍ଟ ହେଉଅଛି ।

---

### ନର୍ମାଲ୍‌ସ୍କୁଲ୍ ପାରିତୋଷିକ ବିତରଣ

ଗତ ବୁଧବାର ସକାଳେ ଏଠା ନର୍ମ୍ୟାଲ ସ୍କୁଲରେ ବାର୍ଷିକ ପାରିତୋଷିକ ବିତରଣ କାର୍ଯ୍ୟ ନିଷ୍ପନ୍ନ ପାଇଅଛି । ଶ୍ରୀଯୁକ୍ତ କମିଶନର ସାହେବ ଓ ସମ୍ବଲପୁରର ଡେପୁଟୀ କମିଶନର ଶ୍ରୀଯୁକ୍ତ ବାଉଇସାହେବ ଓ ଅନ୍ୟାନ୍ୟ ଦେଶୀୟ ଓ ବିଦେଶୀୟ ଭଦ୍ରଲୋକମାନେ ଉପସ୍ଥିତ ଥିଲେ ମାତ୍ର ପୂର୍ବ୨ ବର୍ଷରୁ ଦର୍ଶକ ମଣ୍ଡଳୀର ସମାବେଶ କଛି ଊଣା ଥିଲା ।

ପ୍ରଥମେ ନର୍ମ୍ୟାଲସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ବାର୍ଷିକ ବିଜ୍ଞାପନୀ ପାଠ କଲେ ଓ ତହିଁ ଉତ୍ତାରୁ ପାରିତୋଷିକ ବିତରଣକାର୍ଯ୍ୟ ଆରମ୍ଭ ହେଲା ତଦୁପରେ ପିଲାମାନେ ରଚନା ପାଠ ଓ ଆବୃତ୍ତି କଲେ । ଆର୍ଯ୍ୟଜାତିଙ୍କର ପୂର୍ବ ଉନ୍ନତ ଅବସ୍ଥା ଓ ଗତ ଦଶବର୍ଷ ମଧ୍ୟରେ ଓଡିଶାର ଉନ୍ନତି ବିଷୟରେ ଦୁଇଟି ରଚନା ପାଠ ହୋଇଥିଲା ତହିଁରେ ସିକନ୍ଦରସାହଙ୍କ ଆସିବା ସମୟରେ [illegible] କଥାବର୍ତ୍ତା ବିଷୟକ ଆବୃତ୍ତି ଓ ବିଚିତ୍ର ରାମାୟଣ ଓ ବେଦେହୀଶ ବିଳାସରୁ ଦୁଇଟି ଗୀତ ହୋଇ ଗୋଟିଏ ବାଳକ ଆଶିର୍ବାଦ ବାକ୍ୟ କହି ଆବୃତ୍ତିକ୍ରିୟା ଶେଷ କଲେ ପରଶେଷରେ ଶ୍ରୀଯୁକ୍ତ କମିଶ୍ନର ସାହେବ ଗାତ୍ରୋତ୍ଥାନ ପୂର୍ବକ ଇଂରାଜୀଭାଷାରେ ଯତ୍କିଞ୍ଚିତ ବକ୍ତୃତା କଲେ । ସେଥିର ମର୍ମ୍ମ ଏହି ଯେ ବର୍ତ୍ତମାନ ନର୍ମ୍ୟାଲସ୍କୁଲର ସପ୍ତମ ପାରିତୋଷିକ ବିତରଣ; ଉତ୍ତର୨ ଉକ୍ତ ବିଦ୍ୟାଳୟର ଉନ୍ନତି ଦେଖି ସେ ଅତ୍ୟନ୍ତ ଆନନ୍ଦିତ ଅଛନ୍ତି । ନର୍ମ୍ୟାଲସ୍କୁଲକୁ ସେ ଆନ୍ତରିକ ସ୍ନେହ କରନ୍ତି, ସେଠାରେ ବ୍ୟବହାରିକ ବିଷୟମାନ ଶିକ୍ଷା ଦଆ ହୁଏ କିନ୍ତୁ କାଲେଜରେ କଳ୍ପନା ସମ୍ବନ୍ଧୀୟ ବିଷୟମାନ ପିଲାମାନେ ଶିଖନ୍ତି । ଯେଉଁ ଦୁଇଟି ରଚନା ପାଠ ହେଲା ସେଥିରୁ ପିଲାମାନଙ୍କର ମନ ଉଚ୍ଚ ବିଷୟମାନଙ୍କରେ ଧାବମାନ ହେବାର ଦେଖି ସେ ବଡ଼ ସନ୍ତୁଷ୍ଟ ହେଲେ । ମାତ୍ର ରଚନା ଲେଖିତ ସବୁ ବିଷୟ ତାଙ୍କ ମତ ସଙ୍ଗେ ଐକ୍ୟ ନୁହେ । ଗୋଟିଏ ରଚନା କାରୀ ଓଡିଶାର ସବୁ ଉନ୍ନତି ତାଙ୍କଦ୍ୱାରା ସମ୍ପାଦିତ ହୋଇ ଥିବାର ଉଲ୍ଲେଖ କରି ଅଛନ୍ତି । ମାତ୍ର ବାସ୍ତବରେ ତାହା ନୁହେ । ସେ କେବଳ ଜଣେ ସ୍କୁଲ ମାଷ୍ଟର ପରି, ସେ ଆଦେଶ ଦଅନ୍ତି ଓ ଅନ୍ୟ ମାନେ କରନ୍ତି । ଦେଶୀୟ ଲୋକଙ୍କର ଆପଣା୨ ଉନ୍ନତି ବିଷୟରେ ଆପେ୨ ଚେଷ୍ଟା କରିବାର ଉଚିତ । ଅଳ୍ପ୨ କଲେ ସୁଦ୍ଧା ତାହା ଏକସମୟରେ ଅନେକ ହେବ, ଯେପରି ଉଇମାନେ ଅଳ୍ପ୨ ମାଟି ନେଇ ଗଡ଼ି୨ କାଳରେ ବଡ଼୨ ହୁଙ୍କା ପ୍ରସ୍ତୁତ କରନ୍ତି । ସୁପରିଣ୍ଟେଣ୍ଡେଣ୍ଟଙ୍କ ବିଜ୍ଞାପନୀରୁ ଶିକ୍ଷକମାନେ ଗତବର୍ଷ ମଧ୍ୟରେ ଉତ୍ତମ ବ୍ୟବହାର କରିଥିବାର ଶୁଣି ସେ ଆନନ୍ଦିତ ହେଲେ । କଥା କ ପିଲାମାନେ ଯେପରି ଆଦର୍ଶ ଦେଖିବେ ସେହିପରି ଶିକ୍ଷା କରିବେ । ବକ୍ତୃତା ଉତ୍ତାରୁ ବାଳକମାନଙ୍କୁ ଏକଦିନର ଅବକାଶ ଦେଇ ଶ୍ରୀଯୁକ୍ତ କମିଶ୍ନର ସାହେବ ପାରିତୋଷିକ ବିତରଣକାର୍ଯ୍ୟ ଶେଷ କଲେ ।

---

## ସାପ୍ତାହିକ ସଂବାଦ ।

କଥିତ ହୁଅଇ ଶ୍ରୀଯୁକ୍ତ ରେଭେନସାସାହେବ ଆଗାମୀ ମାସ ତା ୭।୮ ରିଖରେ କଲିକତାକୁ ଯାତ୍ରା କରିବେ ଓ ସେହିଠାରେ ଚାର୍ଯ୍ୟ ଦେବେ

ଗତ ସପ୍ତାହରେ ପ୍ରାୟ ବର୍ଷା ହେଉଥିଲା ମାତ୍ର ରୁଅ [illegible] ହିଡ଼ା ହେବା ଭଳି ପ୍ରଚୁର ବର୍ଷି ନାହିଁ ।

ଗତ ଦୁଇଦିନଠାରୁ ମହାନଦୀ ଓ କାଠଯୋଡ଼ି ନଦୀମାନଙ୍କରେ ପୂର୍ଣ୍ଣବୃଦ୍ଧି ହୋଇଅଛି ଏ ବନ୍ଧିପାଣିରେ ଅନେକ ସ୍ଥଳରେ ଚାଷର ସୁଯୋଗ ହେବ ଅନୁମାନ ହେଉଅଛି ।

ଓଳଉଠା ରୋଗ ଅବଧି ଉଣାପଡ଼ି ନାହିଁ ଓ ଲୋକମାନେ ପୂର୍ବ ପ୍ରାୟ ସଶଙ୍କିତ ରହି ସଙ୍କୀର୍ତ୍ତନ ଓ ଦେବାର୍ଚ୍ଚନା କର୍ମରେ ଲାଗିଅଛନ୍ତି ।

ହିନ୍ଦୁପେଟ୍ରିଅଟ ଖଣ୍ଡିଏ ଇଉରୋପୀୟ ସମ୍ବାଦପତ୍ରରେ ଦେଖିଅଛନ୍ତି କ ତୁରସ୍କଦେଶର ବିଗତ ସୁଲତାନଙ୍କର ନିଜକର୍ମରେ ୫୦୦୦ କ ୬୦୦୦ ଲୋକ ନିଯୁକ୍ତ ଥିଲେ । ତାହାଙ୍କର ତବିବାର ଘୋଡା ଗୋ ୬୨୫ ଟା ଥିଲା ଏବଂ ତହିଁସକାଶେ ସଇସ ଇତ୍ୟାଦି ୧୩୫ ଥିଲେ । ତାହାଙ୍କର ଅନ୍ତଃପୁରରେ ଜ୧୫୦୦ ସ୍ତ୍ରୀ ଥିଲେ ଓ ଏମାନଙ୍କର ମିଷ୍ଟାନ୍ନ ଖର୍ଚ୍ଚ କେବଳ ବର୍ଷକେ ଦେଢଲକ୍ଷ ଟଙ୍କା ଥିଲା । ରୁଟି ଓ ମାଂସ ବିକ୍ରେତାମାନେ ବର୍ଷକେ ଅଢେଇଲକ୍ଷ ଟଙ୍କା ନେଉଥିଲେ ଏବଂ ଏହାଙ୍କୁ ସଙ୍ଗୀତ ଶୁଣାଇବା ପାଇଁ ଜ ୩୦୧ ଣ ଲୋକ ନିଯୁକ୍ତ ଥିଲେ । ଏପରି ନ ହେଲେ କ ରାଜ୍ୟ ଉଚ୍ଛନ୍ନ ଯିବାକୁ ବସେ ! ଓଡ଼ିଆ ରାଜାମାନେ କେବଳ ଅନ୍ତଃପୁର ବିଷୟରେ ହାରାହାରିରେ ସମାନ ଆସିପାରନ୍ତି ।

ତୁରସ୍କର ସୈନ୍ୟ ସଂଖ୍ୟା ସର୍ବସୁଦ୍ଧା ୨୦୪୦୦୦ ଲୋକ ଅଟଇ । ଏଥିର ପ୍ରାୟ ୩୫୦୦୦ ଲୋକ ପ୍ରୟୋଜନ ସମୟରେ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ ଅଛନ୍ତି ।

ମନ୍ଦ୍ରାଜର ଏକଜଣ ବିଲାତକୁ ଯାଇ ତିନବର୍ଷରେ ବାରିଷ୍ଟର ହୋଇ ଫେରି ଆସିଅଛନ୍ତି । ଏ ବ୍ୟକ୍ତି ଆପଣା ଜାତି ପୁନଃ ପ୍ରାପ୍ତ କରିବା ବିଷୟରେ ହିନ୍ଦୁଶାସ୍ତ୍ରରେ କୌଣସି ବିଧାନ ଅଛି କ ନାହିଁ ଏହା ନିଶ୍ଚୟ କରିବା ସକାଶେ ମାନ୍ଦ୍ରାଜର ପୁରୁଣାକାଳୀୟା ହିନ୍ଦୁମାନେ ସଭା କରି ଅଛନ୍ତି । ପଣ୍ଡିତମାନେ ଜାତି ହେବାର ବିଧାନ ଦେଇଅଛନ୍ତି ମାତ୍ର ଶାସ୍ତ୍ରରୁ ପ୍ରମାଣ ଦେଖାଇବା ସକାଶେ ତାହାଙ୍କୁ ଦ ୧୫ ନ ସମୟ ଦଆ ଯାଇଅଛି କ ଶାସ୍ତ୍ର ବାହାରିବ ଶୁଣିବାରେ ଆସିବ ।

ସମ୍ପ୍ରତି ପାର୍ଲିମେଣ୍ଟ ସଭାରୁ ଖଣ୍ଡିଏ ତାଲିକା ପ୍ରଚାରିତ ହୋଇଅଛି । ତହିଁରୁ ଦେଖାଯାଏ ଯେ ଇଂଲଣ୍ଡର ଅଧିକାରରେ ୨୪୧ ଖଣ୍ଡ ଯୁଦ୍ଧ ଜାହାଜ ଅଛି ଏଥିରେ ୧୬୮୯ ତୋପ ଏବଂ ୩୩୧୩୦ ଲୋକ ନିଯୁକ୍ତ ଅଛନ୍ତି । ଏହାଛଡା ଆହୁରି ୨୪୨ ଖଣ୍ଡ ଯୁଦ୍ଧ ଜାହାଜ ପ୍ରୟୋଜନ ସମୟରେ ମିଳ ପାରିବ ।

ଗତମାସ ତା ୧୧ ରିଖରେ ଲାହୋରରେ ଘଣ୍ଟା ମଧ୍ୟରେ ୭ଇଞ୍ଚ ଜଳ ବୃଷ୍ଟି ହୋଇଥିଲା ।

Digitized by srujanika@gmail.com

ଏଥିରେ ନଦୀମାନ ବୃଦ୍ଧି ହୋଇ ରେଲସଡ଼କ ଦୁଇ ତିନ ସ୍ଥାନରେ ଭାଙ୍ଗି ପକାଇଅଛୁ ଓ ଗାଡ଼ି ଯାତାୟାତ ସ୍ଥଗିତ ହୋଇଅଛୁ । ଲାହୋର ସହ-ର ମଧ୍ୟରେ ଅନେକ ଗୁଡ଼ାଏ ଘର ଭାଙ୍ଗିଯାଇଅଛୁ ଓ ଘର ତଳେ ଚାପା ପଡ଼ି ତିନଜଣ ମନୁଷ୍ୟ ମରି ଯାଅଛନ୍ତି ଓ ଅନେକ ଗୁଡ଼ାଏ ଲୋକ ଆଘାତ ପାଇଅଛନ୍ତି ।

ଏବର୍ଷ ଉତ୍ତର ପଶ୍ଚିମ ପ୍ରଦେଶରେ ଅତିଶୟ ଗ୍ରୀଷ୍ମ ହୋଇଥିଲା । ଗତ ମଇ ଓ ଜୁନମାସରେ ଏକ୨ ଦିନ ତାପମାନଯନ୍ତ୍ର ୧୧୫ ଅଂଶ ପର୍ଯ୍ୟନ୍ତ ଉଠିଥିଲା ।

ଢାକାରେ ଏକଜଣ ପୁଲିସ ସବ୍‌ଇନେସ୍ପେ-କ୍ଟର ଘୁଷନେବା ଅପରାଧରେ ଯଥାପତି ଛମାସ କାରାବାସ ଓ ଟ ୧୦୦୦୮ ଙ୍କା ଅର୍ଥଦଣ୍ଡ ଭୋଗ-କରିବାର ଆଜ୍ଞା ପାଇଅଛୁ । ଘୁସନେବା ଅପରାଧ କେତେବେଳେ ହେଲେ ପ୍ରମାଣ ହୁଅଇ ।

ରୂପାର ମୂଲ୍ୟ ଉଣା ହେବାରୁ ଏଠାରେ ସୁନାର ଦର ଅତ୍ୟନ୍ତ ବୃଦ୍ଧି ହୋଇଅଛୁ ଗିନି ସୁନାର ଭରି ଟ ୧୬୮ ଙ୍କା ଓ ବଲ ସୁନାର ଭରି ଟ ୧୯୮ ଙ୍କା ହୋଇଅଛୁ ।

---

## ପ୍ରେରିତପତ୍ର ।

"ଅପ୍ରିୟ ସତ୍ୟର ବକ୍ତା ଓ ଶ୍ରୋତା ଦୁହେଁ ସୁଦୁର୍ଲ୍ଲଭ"

ସୁହୃଦ୍ବର ଶ୍ରୀଯୁତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ବନ୍ଧୋ ! ଜୁଲାଇମାସ ତା ୯ ରିଖ ଦର୍ପ-ଣାଖ୍ୟ ବାଲେଶ୍ୱର ପତ୍ରିକାରେ ପ୍ରକାଶିତ କତିପୟ ବିଷୟ ଭ୍ରମାତ୍ମକ ବୋଧ ହେବାରୁ ତାହାର ସଂଶୋଧନ ଅତ୍ୟନ୍ତାବଶ୍ୟକ ଏପୋଜି ଲେଖୁଅଛୁଁ ଯେ ଆପଣଙ୍କୁ ସଙ୍ଗତ ବୋଧ ହେଲେ ନିମ୍ନ ମତଟି ସ୍ୱ ପତ୍ରିକାରେ ପ୍ରକାଶ କରିବା ହେବ ।

୧ । ଈଶ୍ୱର ସମସ୍ତଙ୍କୁ ସବୁ ଗୁଣରେ ଭୂଷିତ କରିଥିବାର କୁତ୍ରାପି ଦୃଶ୍ୟ ହୁଅଇ ନାହିଁ । ଜଗଦ୍ବିଖ୍ୟାତ ପଣ୍ଡିତ ମୋକ୍ଷ ମୂଲର୍ ସାହେବ ଶାସ୍ତ୍ରାଲୋଚନାରେ ଲକ୍ଷ୨ ପଣ୍ଡିତଙ୍କୁ ପଶ୍ଚାଦ୍ବର୍ତ୍ତୀ କଲେହେଁ ଭୟାନକ ଝଟିକାକାଳୀନ୍ ନଦୀଅରେ ଯେତେବେଳେ କି ସମୁଦାୟ ପ୍ରକୃତି ଭୀଷଣ-ମୂର୍ତ୍ତି ଧାରଣ କରିଥାଏ ତାତ୍କାଳିକ ଗୋଟିଏ ସାମାନ୍ୟ କର୍ଣ୍ଣଧାର ନାବିକର ଦକ୍ଷତାର ସହସ୍ରାଂ-ଶରୁ ଏକ ଅଂଶ ତାହାଙ୍କଦ୍ୱାରା ସାଧିତ ହେବ କି ନା ସନ୍ଦେହ । ମୋକ୍ଷ ମୂଲର୍ ଯେ ସେତ୍ରି-କାର ସାହସିକତା ଅଭ୍ୟାସ ଓ ଶିକ୍ଷାଦ୍ୱାରା ଲାଭ କରି ନ ପାରିବେ ଏହା ଆମ୍ଭେ କହୁ ନାହୁଁ କିନ୍ତୁ ଯେଉଁକାଳ ପର୍ଯ୍ୟନ୍ତ ତାଙ୍କର ସେ କାର୍ଯ୍ୟର ଦକ୍ଷତା ହୋଇ ନାହିଁ ତାବତ୍ ସେ କାର୍ଯ୍ୟରେ ସେ ଏକ ପଇସାର ମଧ୍ୟ ଯୋଗ୍ୟ ନୁହନ୍ତି ବୋଲିବାକୁ ହେବ । ସଦରଓ୍ୱାଲା ହାକିମ-ମାନେ କେତେକ ସ୍ଥଳରେ ଅନ୍ୟାୟ କଲେହେଁ ଅନେକ ସ୍ଥଳରେ ସୁ ବିଚାର କରିଥାନ୍ତି । ହିମସ୍ ସାହେବ ଯେପରି ବିଦ୍ୟାବନ୍ତ, ଭାଷାବିତ୍, ବହୁ-ଶାସ୍ତ୍ରଜ୍ଞ, ବିଚକ୍ଷଣ, କାର୍ଯ୍ୟଦକ୍ଷ, ସହସ୍ରେ ମାଜି-ଷ୍ଟ୍ରେଟଙ୍କର ମୁକୁଟମଣି, ତଦ୍ରୂପ ସେ ଯେ ଯୁଡିସେଲ ସମ୍ପର୍କରେ ହେବେ ଏହା କିଏ କହିପାରେ ? କଟକକୁ ଏକ ଶୋର୍‌ସାହେବ ମାଜିଷ୍ଟ୍ରେଟ ଆସିଥିଲେ ଏବେ ହିମସ୍‌ସାହେବ ଆସିଅଛନ୍ତି । ଏହାଙ୍କ ବ୍ୟତିରେକେ ଆଉ କେଉଁସାହେବ ଏତେ କାର୍ଯ୍ୟଦକ୍ଷ ? ଯେ ଦେଖିଥିବେ ସେ କହିବେ । ହିମସ୍‌ସାହେବ କଟକ ସ୍ଥିର ହୋଇଗଲେ ତାଙ୍କର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ପଦ ପାଇବାର ସମ୍ଭାବନା, କମିଶନରେ କି ଛାର । ଯେଉଁ ସ୍ଥଳେ ରେବନ୍‌ଶାସାହେବ କମିଶ୍ନର ହୋଇ ଏତେ ସୁଖ୍ୟାତି ଲାଭ କଲେ ମହାତ୍ମା ହିମସ୍‌ଙ୍କୁ ଏ ତାହା ଆଶ୍ଚର୍ଯ୍ୟ ? ପରନ୍ତୁ ନୈସର୍ଗିକ ପ୍ରବୃତ୍ତି ବଶରୁ ସମସ୍ତଙ୍କର ସବୁ ବିଷୟରେ ଆକାଂକ୍ଷା ହୁଏ ନାହିଁ । ଦରମାହା ଅଧିକ ହେବ କମିଶ୍ନର ନାମ ବଡ଼ ଏଥିଲାଗି କମିଶ୍ନର ହେବେ ବୋଲି ହିମସ୍‌ସାହେବଙ୍କର କୌଣସି କାଳରେ ମନେ ହେଉଥିଲେ ହେଁ ମାଜିଷ୍ଟ୍ରେଟ କର୍ମ ତାଙ୍କୁ ଯେତେ ସୁଖକର ବୋଧ ହୁଏ ଓ ତାଙ୍କର ନିସର୍ଗର ସହିତ ଯେପରି ସମତାନତା ଲଭି ଅଛି ତଦ୍ରୂପ ଯୁଡିସେଲରେ ନାହିଁ ଏପରି ସାଧାରଣ ସମସ୍ତେ ପଲ୍ଲରେ ତାଙ୍କର ବିଚାର କରନ୍ତି । ଆମ୍ଭେ ଉଦାସୀନ୍, ଆମ୍ଭର କିଛି ମତ ନାହିଁ । ହିମ୍ସ କଟକରେ ସ୍ଥିର ହେଉନ୍ତୁ ଯେବେ ବଞ୍ଚିଥିବା ଦେଖିବା ସେ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ହେବେ ।

୨ୟ — ଣ ଉ ବିଧାନର ଯେଉଁ ଆର୍ଟିକଲ ଦର୍ପଣ କର୍ତ୍ତା ଲେଖିଅଛନ୍ତି ତହିଁରେ ଅତି ପାଣ୍ଡିତ୍ୟ ବ୍ୟକ୍ତ ହୋଇଅଛି । ଯେତେ ବୁଦ୍ଧି ତହିଁରେ ବ୍ୟୟ ହୋଇଅଛି ଇଂଲଣ୍ଡ ମନ୍ତ୍ରୀ ସଭା ବିଶ୍ରାନ୍ତ କର୍ତ୍ତୃପକ୍ଷମାନେ ... ମତ ଅନ୍ନୋଦିତ କରନ୍ତି କି ନା ସନ୍ଦେହ । ଓଡ଼ିଆ ଗ୍ରନ୍ଥକର୍ତ୍ତାଙ୍କ ଚଳ ଭାଷାସଙ୍କୀର୍ଣ୍ଣ ହୋଇ ଣ ସ୍ଥଳେ ସଂସ୍କୃତ ଭାଷାନୁଯାୟୀ ଅନେକ ସ୍ଥଳେ ନ ବ୍ୟବହାର କରନ୍ତି । ଓଡ଼ିଆରେ ନ ଓ ଣର ପୃଥକ୍ ୨ ଉଚ୍ଚାରଣ ହୁଏ, ସେ ଦୁଇଟାରୁ ଗୋଟିଏ କଲେ ପ୍ରତ୍ୟବାୟ ନାହିଁ କିନ୍ତୁ ଯେଉଁ-ମାନଙ୍କର ମୂର୍ଦ୍ଧଣ୍ୟ ଣର ଉଚ୍ଚାରଣ ନାହିଁ ସେମାନେ ଯେ ତାଙ୍କ ସ୍ୱଭାଷାରେ ତାହାର ବ୍ୟବହାର କରନ୍ତି ତାଙ୍କୁ ଫାଶୀ ଦେବାର ବିଧେୟ । ସମୁଦାୟ ବଙ୍ଗଦେଶୀୟ ଗ୍ରନ୍ଥକର୍ତ୍ତା ସେ ଦୋଷରେ ଦୋଷୀ ହେଲେ । ଶ ଷ ସ ଏମାନଙ୍କର ଉଚ୍ଚାରଣ ପ୍ରଭେଦ ଅଭାବ ସ୍ଥଳେ ମହାତ୍ମା ବଙ୍ଗ ରଚୟିତାମାନେ ଯେ ସଂସ୍କୃତକୁ ସବୁ ଭାରତଭାଷାର ସର୍ବୋତ୍ତମ ଓଷ୍ଠାଗ୍ରଜ ଜ୍ଞାନ କରି ତଦନୁସାରେ ଚଳଅଛନ୍ତି ତାଙ୍କୁ ସେରଅନ-ଠାକୁ ପଠାଇବା କର୍ତ୍ତବ୍ୟ । ଯାହାଙ୍କ ସାଧାରଣର ଅନଭିମତ, ସଦ୍ୟୁକ୍ତିର ଦୂରବର୍ତ୍ତୀ, ଥିଅରଠାରୁ ଭାବାଭାବ ଅନ୍ତର ଏପରି ପ୍ରସ୍ତାବ କରି ଯେଉଁ-ମାନେ ଖ୍ୟାତି ପାଇବା ଚେଷ୍ଟା କରନ୍ତି ସେହି ପେନ୍‌ସିଆ ଲାଇନରମାନେ ଧନ୍ୟ ଓ ପ୍ରଶଂସ୍ୟ ।

୩ୟ । ବଙ୍ଗଭାଷା ପ୍ରଚାର ବିଷୟରେ ଯାହା ଲେଖିଅଛନ୍ତି ତାହା ମଧ୍ୟ ସର୍ବତୋଭାବେ ସଙ୍ଗତ ବୋଧ ହେଉ ନାହିଁ । ବଙ୍ଗଳା ପୁସ୍ତକର ଯେତେ ପ୍ରାଚୁର୍ଯ୍ୟ ଓ ଓଡ଼ିଆ ପୁସ୍ତକର ଯେପରି ଅପ୍ରାପ୍ୟାବସ୍ଥା ଏଥିରେ ପ୍ରାୟ ଯେତେ ... ବର୍ଣ୍ଣାକ୍ୟୁଲର କ ଛାତ୍ରବୃତ୍ତି ପରୀକ୍ଷା ... ନ୍ୟୁନପକ୍ଷରେ ସେମାନେ ଛପା ବଙ୍ଗଳା ... ସମସ୍ତେ ପଢିପାରନ୍ତି । ତାଙ୍କ ପାଇଁ ବହୁତ ପୁସ୍ତକ ଓଡ଼ିଆରେ ଅଛି । କିନ୍ତୁ ନର୍ମାଲ ସ୍କୁଲ ଛାତ୍ର-ମାନଙ୍କୁ ବଙ୍ଗଭାଷାରେ ଉତ୍ତମ ଶିକ୍ଷିତ କରିବା ବିଧେୟ, କର୍ପାଁ କ ଇଙ୍ଗରାଜୀ ଉତ୍ତମ ନ ଜାଣି କି ବଙ୍ଗଳା ଉତ୍ତମରୂପେ ନ ଜାଣି ଯେଉଁ ଓଡ଼ିଆ ସମ୍ଭ୍ରାନ୍ତଲୋକ ଶିକ୍ଷକ ସେ ବର୍ତ୍ତମାନ ମାତ୍ର । ହୁଏ ଇଙ୍ଗରାଜୀ, ନୁହେ ସଂସ୍କୃତ ନୁହେ ବଙ୍ଗଳା ଜାଣିବା ଉତ୍କଳ ସ୍କୁଲଶିକ୍ଷକମାନଙ୍କର ଅତ୍ୟାବଶ୍ୟକ ।

ଆପଣଙ୍କର ବାଧ୍ୟ

୧୬।୭।୭୭ ସତ୍ୟରିଦାସ କୌଣସିଉଦାସୀନ୍

☞ ଆମ୍ଭେମାନେ ଏ ପତ୍ରଟିକୁ ପ୍ରକାଶ କଲୁଁ ବୋଲି କେହି ଏମନ୍ତ ମନରେ କରିବେ ନାହିଁ ଯେ ଆମ୍ଭେମାନେ ଏଥି ଲିଖିତ ସମସ୍ତ ମତରେ ଐକ୍ୟ ଅଛୁଁ । ଉଭ୨ ମତ ସର୍ବସାଧାରଣଙ୍କୁ ଜଣାଇବା ପାଇଁ ଏ ପତ୍ରଖଣ୍ଡିକ ପ୍ରକାଶିତ ହେଲା

ଉ. ଦୀ, ସଂ

---

☞ ଏ ଉତ୍କଳଦୀପିକା ... ସାହେବକାର୍ କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୧ଶ
ସଂ୩୧ଖ୍ୟା
ତା୨୯ରିଖ ଜୁଲାଇ ସନ୧୮୭୬ମସିହା । ମୁ । ଶ୍ରାବଣ ଦ୧୬ନ ସନ୧୨୮୩ସାଲ ଶନବାର
ଅଗ୍ରିମ ବାର୍ଷିକମୂଲ୍ୟ ଟ୨୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୨୲
ମଫସଲପାଁଇ ଡାକମାସୁଲ ଟ୧୵୶

କଲିକତା ହାଇକୋର୍ଟର ଜଜ ଫିଅର ସାହେବ କର୍ମ ତ୍ୟାଗକରି ବିଲାତକୁ ଯିବାର ସ୍ଥିର କରି ଅଛନ୍ତି । ଅଗାମୀମାସ ତା ୧ ରିଖଠାରୁ ସେ ଆଉ କର୍ମ କରିବେ ନାହିଁ । କଲିକତାର ଉକିଲ ଓ ବାରିଷ୍ଟରମାନେ ତାହାଙ୍କୁ ସମ୍ମାନ ପୂର୍ବକ ବିଦାୟ ଦେବାପାଁଇ ଅୟୋଜନ କରୁ ଅଛନ୍ତି ।

---

ତୁରସ୍କ ଦେଶରେ ନୂତନ ସୁଲତାନ ହେଲେ ମାତ୍ର ତହିଁରେ ବିଦ୍ରୋହ ନିବୃତ୍ତି ପାଇ ନାହିଁ । ସରବିୟା ସହିତ ତୁରସ୍କର ଯୁଦ୍ଧ ଘଟିଅଛି ଓ ସରବିୟାର ଲୋକମାନେ ଖ୍ରୀଷ୍ଟିୟାନ ଥିବାରୁ ଏମନ୍ତ ମଧ୍ୟ ଅନୁମାନ ହୁଅଇ ଯେ ଇଉରୋପର ଅନ୍ୟାନ୍ୟ ରାଜାମାନେ ସରବିୟାର ରକ୍ଷା ନିମନ୍ତେ ତୁରସ୍କର ବିରୁଦ୍ଧରେ ସାହାଯ୍ୟ କରିବେ ମାତ୍ର ଅଦ୍ୟାପି ସେରୂପ କିଛି ହୋଇ ନାହିଁ । ଇଉରୋପର ଅପର ରାଜାମାନେ ନିରପେକ୍ଷ ଭାବରେ ରହି ସବୁ ଦେଖୁ ଅଛନ୍ତି ଓ ଅପଣା ଅପଣାକୁ ସାବଧାନ ହେଉ ଅଛନ୍ତି । ତାରଡାକ ଯୋଗରେ ଯେ ସମସ୍ତ ସମ୍ବାଦ ଆସୁଅଛି ତହିଁରୁ ଯୁଦ୍ଧର ଅବସ୍ଥା କିଛି ପରିଷ୍କାରରୂପେ ଜଣାପଡୁ ନାହିଁ । ଅଦ୍ୟାପି କେଉଁ ପକ୍ଷର ପରାକ୍ରମ ଅଧିକ ପ୍ରକାଶ ହୋଇଅଛି ନିଶ୍ଚୟକରି କହିବାର କଠିନ । କେତେବେଳେ ସରବିୟା ଓ କେତେବେଳେ ତୁରସ୍କ ଜୟଲାଭ କରିବାର ଶୁଣାଯାଏ ଏ ଯୁଦ୍ଧ କେଉଁସରିକି ଯିବ ବିମରେ ଦେଖିବାରେ ଅସିବ ।

---

ଏ ସପ୍ତାହରେ ଯେମନ୍ତ ଖରି ନଦୀବଢି ତେମନ୍ତ ଉତ୍ତମ ବୃଷ୍ଟି ହୋଇଅଛି । ଏହି ବର୍ଷାରେ ପୋଖରୀ ଗଡିଆରେ କିଞ୍ଚିତମାତ୍ର ଜଳ ଜମାହେବାର ଦେଖାଗଲା ନଭୁବା ଖାଲଯାକ ଅଦ୍ୟାପି ଶୁଖିଲା ପଡିଥିଲା । ରୁଆ ବେହୁଡା ନିମନ୍ତେ ସବୁଠାରେ ନ ହେଉ କେତେକ ସ୍ଥାନରେ ପାଣି ହୋଇଗଲାଣି ଓ ବର୍ଷାରେ ଯାହା ଊଣା ହୋଇଅଛି ନଦୀବଢିରେ ବନ୍ୟମାନ ଛାଡି ଯାଇ ନଦୀଜଳରେ ସେ ଉପକାର ଦର୍ଶଣରୂପେ ସାଧିତ ହୋଇଅଛି । କିନ୍ତୁ ସବୁ ସ୍ଥାନର ପ୍ରୟୋଜନରୂପେ ବୃଷ୍ଟି ହୋଇ ନାହିଁ ଓ ଅନେକ କୃଷି ପାଣିକି ଚାହିଁ ବସିଅଛନ୍ତି ଚାରି ପାଞ୍ଚ ଅଗା ବଡ ବର୍ଷା ହେଲେ ଦେଶ ଶୀତଳ ହେବ ସମ୍ପୂର୍ଣ୍ଣ ଶୀତଳ ହୋଇ ନାହିଁ ବୋଲି ବୋଧ ହୁଅଇ ଓଲାଉଠାର ଦାଉ ଅଦ୍ୟାପି ଛାଡି ନାହିଁ ଜେଲଖାନା ଓ ନଗରର ଏକା ଅତେ ଲାଗି ରହିଅଛି ତେବେ ଗତସପ୍ତାହଠାରୁ କିଞ୍ଚିତରେ ଊଣା ଦେଖାଯାଏ ।

---

ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦରସହିତ ଅବଗତ ହେଲୁଁ ଯେ ଗଣ୍ଡି ଉଠାଇଦେବା କାରଣ ଅମ୍ଭମାନଙ୍କର କଲେକ୍ଟର ସାହେବ ଯେଉଁ ରିପୋର୍ଟ କରିଥିଲେ ଗବର୍ଣ୍ଣମେଣ୍ଟ ଇଣ୍ଡିୟାରୁ ତାହା ଅଗ୍ରାହ୍ୟ ହୋଇଅଛି । ଏହି ଗଣ୍ଡିବିଷୟରେ ପ୍ରଥମରେ କଲେକ୍ଟରଙ୍କ ଆଜ୍ଞା ଯେରୂପ କମିଶନରସାହେବ ରହିତ କରିଥିଲେ ତହିଁର ବିବରଣ ଅମ୍ଭେମାନେ ସେ ସମୟରେ ପାଠକଙ୍କୁ ଜଣାଇ ଥିଲୁଁ । କଲେକ୍ଟର ସାହେବ ତହିଁରେ ନିଷ୍ଫଳ ହୋଇ ସମସ୍ତ ଗଣ୍ଡି ଏକାବେଳକେ ଉଠାଇ ଦେବାପାଁଇ ରିପୋର୍ଟ କଲେ ଓ କମିଶନର ତାହା ଅନୁମୋଦନ କରି ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କୁ ପଠାଇଲେ ବଙ୍ଗଳା ଗବର୍ଣ୍ଣମେଣ୍ଟ ସ୍ୱାସ୍ଥ୍ୟ ହାକିମଙ୍କ କଥାରେ ପଡି ତାହାଙ୍କ ମତର ପୋଷକତାରେ ଏକ ଦୀର୍ଘପତ୍ର ଗବର୍ଣ୍ଣମେଣ୍ଟ ଇଣ୍ଡିୟାକୁ ପଠାଇଲେ ଓ ଏମନ୍ତ ଯୁକ୍ତି ଦେଖାଇଥିଲେ ଯେ ଗଣ୍ଡି ଉଠିଯିବାରେ କିଛି ଆଶ୍ଚର୍ଯ୍ୟ ନ ଥିଲା ମାତ୍ର ଭାଗ୍ୟକ୍ରମେ ତାହା ଲର୍ଡ ଲିଟନ ସାହେବଙ୍କ ହସ୍ତରେ ପ୍ରବେଶ ହେଲା ଓ ଏହାଙ୍କର ସୁବିଚାର ପାଖରେ ବଙ୍ଗାଲଗବର୍ଣ୍ଣମେଣ୍ଟଙ୍କର ଯୁକ୍ତିମାନ ଥୟ ହୋଇ ପାରଲା ନାହିଁ । ମହାମାନ୍ୟ ଗବର୍ଣ୍ଣରଜେନରଲ କହିଅଛନ୍ତି ଯେ ସଦାବର୍ତ୍ତ ଇତ୍ୟାଦି ଧର୍ମାର୍ଥ ଦାନ ସମ୍ପର୍କରେ ନୂତନ ବ୍ୟବସ୍ଥା କରିବାପାଁଇ ଗବର୍ଣ୍ଣମେଣ୍ଟ ବିଚାର କରୁଅଛନ୍ତି ଓ ତାହା ନ ହେବା ପର୍ଯ୍ୟନ୍ତ ଦାନ୍ତକର ଗଣ୍ଡି ବିଷୟରେ ହସ୍ତକ୍ଷେପଣ କରିବାର କୌଣସି ବିଶେଷ ହେତୁ ଦେଖାଯାଉ ନାହିଁ ଯାହା ହେଉ ଲର୍ଡ ଲିଟନଙ୍କ ଯୋଗୁଁ ଓଡିଶାର ଅନେକ ଦୁଃଖିଲୋକ କିଛିକାଳ ନିମନ୍ତେ ମୁଠିଏ ଦାନା ପାଇବାକୁ ସକ୍ଷମ ହେଲେ ସାମାନ୍ୟ ସୁଖର ବିଷୟ ନୁହଇ ଓ ଏହାଙ୍କର ଆସିବାଦରୁ ଅବଶ୍ୟ ଲାଟସାହେବଙ୍କର ଅସୀମ ମଙ୍ଗଳ ହେବ ସନ୍ଦେହ ନାହିଁ ।

---

Digitized by srujanika@gmail.com

Split by PDF Splitter



ମଧ୍ୟପ୍ରଦେଶରେ ସେଣ୍ଟ୍ରାଲପ୍ରଭିନସେସ ଗାଜ୍‌ଟ ନାମରେ ଗୋଟିଏ ସଂବାଦ ପତ୍ର ପ୍ରଚଳିତ ଥିବାର ବୋଧ ହୁଅଇ ଏ ଅଞ୍ଚଳରେ ଲୋକେ ଜାଣନ୍ତି ନାହିଁ । ଏ ସଂବାଦ ପତ୍ରିକା ଅଦ୍ଭିନ୍ନ ବିଷୟ ଅମ୍ଭେମାନେ ଶୁଣିପାରି ପତ୍ର ଲେଖିଥିବାର ମଧ୍ୟପ୍ରଦେଶର ଶିକ୍ଷାବିଭାଗର ଇନ୍‌ସ୍ପେକ୍ଟର ଜେନରଲଙ୍କ ଅନୁଗ୍ରହରୁ ଦୁଇଖଣ୍ଡି ପତ୍ରିକା ପାଇଅଛୁଁ । ତାହା ଗତମାସ ଓ ଚଳିତ ମାସର ପତ୍ରିକା ଅଟଇ । ଏ ପତ୍ରିକାଖଣ୍ଡିକ ମାସରେ ଥରେ ବାହାରେ ଓ ଏହାର ଆକାର ଅମ୍ଭମାନଙ୍କ ପତ୍ରିକା ପ୍ରାୟ ମାତ୍ର ଉତ୍କଳଦୀପିକା କେବଳ ୮ର ପୃଷ୍ଠା କିନ୍ତୁ ଏହା ପୃ ୧୬ ଷ୍ଠା ଅଟଇ ଅଥଚ ମୂଲ୍ୟ ଡାକମାସୁଲ ସହିତ ବର୍ଷକୁ ଅଗ୍ରିମ ଟ ୧॥୵ ଓ ପଛେ ଦେଲେ ଟ ୨। ଶିକ୍ଷାବିଭାଗର ଅନୁକୂଲରେ ପ୍ରକାଶ ହୁଅଇ ସୁତରାଂ ବଙ୍ଗଳାର ପୂର୍ବକାଳର ଏଡୁକେଶନ ଗେଜେଟ ପ୍ରାୟ ବୋଲାଯାଇପାରେ । ମୁଦ୍ରାଙ୍କନ କାର୍ଯ୍ୟ ପଥରଛପା କଲପ୍ରାସ ସମାଧା ହେଉଥିବାରୁ ପଢ଼ିବାକୁ କିଛି କ୍ଲେଶ ବୋଧ ହେଉଅଛି ନୋହିଲେ ରଚନା ଦୋଷ ଭେଦେ ଗୁରୁତର ନୁହଇ । ନାଗପୁରଠାରେ ଏହା ଛପା ହୁଅଇ ଓ ଏଥିରେ ମଧ୍ୟପ୍ରଦେଶାନ୍ତର୍ଗତ ଏକ୨ ସ୍ଥାନର ଇତିହାସ ଓ ଶିକ୍ଷାବିଭାଗର କର୍ମଚାରୀ ନିଯୋଗ ଓ ଶିକ୍ଷା ଦାନ ବିଷୟକ ଉପଦେଶମାନ ଅଧିକାଂଶରେ ପ୍ରକାଶିତ ହୁଅଇ। ଅନ୍ୟାନ୍ୟ ବିଷୟ ଓ ଅତ୍ୟଳ୍ପ ସଂବାଦ ମଧ୍ୟ କେବେ୨ ଥାଏ । ଯାହା ହେଉ ନାଗପୁରଠାରେ ଓଡ଼ିଆ ଭାଷାରେ ସଂବାଦପତ୍ର ଖଣ୍ଡେ ପ୍ରକାଶିତ ହେଉଅଛି ସୁଖର ବିଷୟ ଅଟଇ ଏବଂ ଶିକ୍ଷା ବିଷୟରେ ତାହା ଉପଯୋଗୀ ହୋଇଥିବା ଅତ୍ୟନ୍ତ ସୁଖର ବିଷୟ ଅଟେ କାରଣ ଆଗେ ଲୋକେ ସୁଶିକ୍ଷିତ ହେଉନ୍ତୁ ତହିଁ ଉତ୍ତାରୁ ଉଚ ବିଷୟସବୁର ପ୍ରୟୋଜନ ବୁଝି ପାରିବେ । ଅମ୍ଭେମାନେ ଏ ପତ୍ରିକାର ଅଧିକାରିଙ୍କୁ ଏତିକି ପ୍ରାର୍ଥନା କରୁଁ ଯେ ପଥରଛପା ପରିବର୍ତ୍ତରେ ଅକ୍ଷରଛପା ବ୍ୟବହାର କରନ୍ତୁ । ଓଡ଼ିଆ ଅକ୍ଷର କଲିକତାରେ ଅପର୍ଯ୍ୟାପ୍ତରୂପେ ଅଳ୍ପ ବ୍ୟୟରେ ପାଯାଉଅଛି ଓ ଅନ୍ୟ ଉପକରଣମାନ ନାଗପୁରର ଗବର୍ଣ୍ଣମେଣ୍ଟ ପ୍ରେସରେ ରହିଅଛି । ଅକ୍ଷରଛପା ହେଲେ ପତ୍ରିକା ଶୀଘ୍ର ପଢ଼ିବାର ବିଶେଷ ସୁବିଧା ହେବ ଓ ତଦ୍ଦ୍ୱାରା ଏହାର ଗ୍ରାହକ ମଣ୍ଡଳୀ ବଢ଼ି ପାରନ୍ତି । ବର୍ତ୍ତମାନ ଅବସ୍ଥାରେ ଏହା ପଢ଼ିବାକୁ ବଡ଼ କଷ୍ଟ ହେଉଅଛି ।

---

ଶଙ୍କଜାହାନ ମାଜିଷ୍ଟ୍ରେଟଙ୍କର କୁକୁରମାନଙ୍କୁ ଜଣେ ହାଡି ଅପରାହ୍ନ କାଳରେ ନଗର ମଧ୍ୟରେ ବୁଲାଉଥିଲା । ଚାରିଟା କୁକୁର ମୁକୁଳା ଓ ଗୋଟାଏ ସାନକୁକୁରର ଜଞ୍ଜିରରେ ବନ୍ଧା ହୋଇ ଥିଲା । ସଡକ ପାଖରେ ଗୋଟାଏ ଛେଳିକୁ ଦେଖି ଚାରି କୁକୁରଯାକ ତାହାକୁ ଆକ୍ରମଣ କଲେ । ହାଡି ବନ୍ଧା କୁକୁରକୁ ଛାଡିଦେଇ ମୁକୁଳା କୁକୁରଙ୍କୁ ସମ୍ଭାଳିବାକୁ ଚେଷ୍ଟା କରୁଅଛି ଏମନ୍ତ ସମୟରେ ସାନ କୁକୁରଟି ଛେଳି ଗଳାକୁ କାମୁଡିଲା ଝୁଲି ରହିଲା । ହାଇସ୍କୁଲର ଜଣେ ଛାତ୍ର ସେ ସମୟରେ ଯାଉଥିଲା ଛେଳିର ଦୁର୍ଦ୍ଦଶା ଓ ତାହାର ରକ୍ଷକର ଆର୍ତ୍ତନାଦ ଶୁଣି କାତରୁ ଖଣ୍ଡେ କାଠ କାଢ଼ି ଏକ ପ୍ରହାର ଦେବାମାତ୍ରକେ କୁକୁରଟି ପ୍ରାଣ ହରାଇଲା । ସାହେବଙ୍କ ଆଦେଶକ୍ରମେ ଉକ୍ତ ହାଡ ପଉଜଦାରିରେ ଛାତ୍ର ନାମରେ ନାଲିଶ କଲା ଓ ମୋକଦ୍ଦମା ଜଏଣ୍ଟ ମାଜିଷ୍ଟ୍ରେଟଙ୍କ ଅର୍ପିତ ହୁଅନ୍ତେ ସେ ଛାତ୍ର ଉପରେ ଛ ହପ୍ତା ଦାଗ୍‌ବାସର ଦଣ୍ଡବିଧାନ କଲେ । ଏଥିପୂର୍ବେ ଛାତ୍ରଟି ମାଜିଷ୍ଟ୍ରେଟଙ୍କ କୋଠିକି ଯାଇ କ୍ଷମା ପ୍ରାର୍ଥନା କରିଥିଲା । ଅପିଲରେ ଜଜସାହେବ ରାଏ ବାହାଲ ରଖିଲେ ଓ ହାଇକୋର୍ଟରେ ଅପିଲ ହେବା ପର୍ଯ୍ୟନ୍ତ ଜାମିନ ନେବା ପ୍ରାର୍ଥନା ମଧ୍ୟ ଗ୍ରାହ୍ୟ କଲେ ନାହିଁ । ପରିଶେଷରେ ହାଇକୋର୍ଟ ଅପିଲରେ ଛାତ୍ରକୁ ନିର୍ଦ୍ଦୋଷୀ ବୋଲି ମୁକ୍ତ ଦେଲେ କିନ୍ତୁ ଦଣ୍ଡ ଭୋଗ ହୋଇଗଲା । ହାଇକୋର୍ଟ ଯେଉଁ ରାଏ ଲେଖିଅଛନ୍ତି ତହିଁରେ ଜଜସାହେବଙ୍କ ଜାମିନ ନ ନେବା ହେତୁ ଓ ଜଏଣ୍ଟ ମାଜିଷ୍ଟ୍ରେଟଙ୍କ ଅନ୍ୟାୟ ବିଚାର କରିବା ହେତୁ ଯଥାଯୋଗ୍ୟ ତିରସ୍କାର କରିଅଛନ୍ତି । ହାଇକୋର୍ଟ ବୋଲନ୍ତି କି ସାଧୁ ସ୍ୱଭାବର ଲୋକ ଏମନ୍ତ ଅବସ୍ଥା ଯାହା କରିଥାନ୍ତି ଛାତ୍ରଟି ସେହି କାର୍ଯ୍ୟ କରିଅଛି । ତହିଁରେ ଅପରାଧର ଲେଶମାତ୍ର ସୂଚନା ନାହିଁ ଓ ଯେଉଁ କାର୍ଯ୍ୟ ଅପରାଧ ନୁହଇ ତହିଁ ପାଇଁ ମାଜିଷ୍ଟ୍ରେଟ ଦଣ୍ଡବିଧି ଅନୁସାରେ ଦଣ୍ଡ ବିଧାନ କଲେ ବଡ ଆଶ୍ଚର୍ଯ୍ୟ କଥା ଅଟେ । ଏଥର ଦେଖାଯିବ ବଙ୍ଗଳା ଗବର୍ଣ୍ଣମେଣ୍ଟ ଏଥିରେ କିଛି କଠିନ ବିଧାନ କରିବେକି ନାହିଁ । ଅମ୍ଭମାନଙ୍କର ଏକାନ୍ତ ବିଶ୍ୱାସ ହୁଅଇ ଯେ ସ୍ୱରୁ ଉର୍ଗଡ଼ ଟେମ୍ପଲସାହେବ ଆପଣା ଅଧୀନସ୍ଥ କର୍ମଚାରୀଙ୍କ ଶାସନ କରିବାକୁ ଅକ୍ଷମ ନୋହିଲେ ତାହାଙ୍କ ଅମଳରେ ଏତେ ସ୍ୱେଚ୍ଛାଚାରିମାନଙ୍କର ଦୃଷ୍ଟାନ୍ତ କାହିଁକି ବାହାରଅଛି । ଲର୍ଡ ଲିଟନଙ୍କର ଏଥିରେ ଦୃଷ୍ଟି ପଡ଼ିବକି ?

---

## ମହାମାନ୍ୟ ଲର୍ଡ ଲିଟନଙ୍କର ସୁବିଚାର ।

ଅମ୍ଭମାନଙ୍କ ବର୍ତ୍ତମାନର ଗବର୍ଣ୍ଣର ଜେନରଲ ମହାମାନ୍ୟ ଲର୍ଡ ଲିଟନ ସାହେବ ଅଳ୍ପକାଳ ହେଲା ବିଲାତରୁ ଆସିଲେହେଁ ଏଥି ମଧ୍ୟରେ ଆପଣାର ନିରପେକ୍ଷ ବିଚାର ଏବଂ ପ୍ରଜାପାଳନର ଅତ୍ୟୁତ୍ତମ ପରିଚୟ ଦେଇଅଛନ୍ତି । ଦେଶୀୟଲୋକ ଓ ଇଂରେଜ ମଧ୍ୟରେ କୌଣସି ମାମଲା ଘଟିଲେ ପ୍ରାୟ ଦୁର୍ବଳ ପକ୍ଷ ହାରିବାର ଦେଖାଯାଏ ମାତ୍ର ଲର୍ଡ ଲିଟନଙ୍କ କାର୍ଯ୍ୟରୁ ଜଣା ଯାଉଅଛି ଯେ ସେ ବର୍ଣ୍ଣର ପ୍ରଭେଦ ଯେନିବେ ନାହିଁ ବରଂ ଦୁର୍ବଳ ପକ୍ଷର ସହାୟ ହୋଇ ଯଥାର୍ଥ ଶାସନକର୍ତ୍ତାର କାର୍ଯ୍ୟ କରିବେ । ଆଗ୍ରାନଗର ଫୁଲର ସାହେବଙ୍କ ମକଦମାରେ ସେ ଯେଉଁ ମହତ୍ତ୍ୱ ନିରପେକ୍ଷ ଓ ସୁବିଚାର ପୂର୍ଣ୍ଣ କାଗଜମାନ ପ୍ରକାଶ କରିଅଛନ୍ତି ତାହା ପାଠକଲେ କିଏ ତାହାଙ୍କର ମହତ୍ୱଗୁଣର ପ୍ରଶଂସା ନ କରିବ ଓ ତାହାଙ୍କୁ ଧନ୍ୟବାଦ ନ ଦେଇ ନୀରବ ରହିବ ?

ମକଦ୍ଦମାଟି ଏହି ଯେ ଆଗ୍ରା ଅଦାଲତର ଜଣେ ଉକୀଲ ଫୁଲର ସାହେବ ସ୍ୱପରିବାରେ ଗିର୍ଜ୍ଜାକୁ ଯିବା ପାଇଁ ଗାଡି ତଲବ କଲେ । ଗାଡି ଆସି ଦ୍ୱାରେ ପ୍ରବେଶ ହେଲା ମାତ୍ର ସଇସ ନାହିଁ । ଡାକରା ହେବାରେ ଯାଇଁ ସେ ଆସିଲା ଏଥିରେ ସାହେବ କ୍ରୋଧାନ୍ୱିତ ହୋଇ ତାହା ମୁହଁ ଓ ମୁଣ୍ଡରେ ଚାପଡା ମାରି ବାଳଧରି ଘୋଷାଡି ପକାଇଲେ । ସାହେବ ଗିର୍ଜ୍ଜାକୁ ଗଲେ ଓ ସଇସ ସେଠାରୁ ଉଠି ହତାମଧ୍ୟରେ ଏକ ସ୍ଥାନରେ ପଡିରହିଲା ଓ ପ୍ରାୟ ତତ୍‌କ୍ଷଣାତ୍ ତାହାର ମୃତ୍ୟୁ ହେଲା । ମକଦ୍ଦମା ହେବାରେ ଶବ ଦେଖି ଡାକ୍ତର କହିଲେ କି ଏହାର ପିଲେହି ଅତ୍ୟନ୍ତ ବଢ଼ି ହୋଇଥିଲା ଏମନ୍ତ କି କୌଣସି ପ୍ରକାରେ ଟିକିଏ ଆଘାତ ପାଇଲେ ପ୍ରାଣ ବାହାରି ଯାନ୍ତା ଓ ସେହି ହେତୁରୁ ତାହାର ଅକସ୍ମାତ ମୃତ୍ୟୁ ହେଲା । ବିଚାରକର୍ତ୍ତା ଜଏଣ୍ଟମାଜିଷ୍ଟ୍ରେଟ ଲଡସ ସାହେବ ଡାକ୍ତରଙ୍କ ପ୍ରମାଣ ଉପରେ ନିର୍ଭର କରି ଫୁଲର ସାହେବଙ୍କ ଉପରେ ଟ ୩୦୲ଙ୍କା ଅର୍ଥଦଣ୍ଡ କଲେ ଓ ସେ ଟଙ୍କା ସଇସର ସ୍ତ୍ରୀକୁ ଦିଆଇ ଦେଲେ ।

Digitized by srujanika@gmail.com

ମକଦ୍ଦମା ଏହିରୂପେ ଶେଷ ହେଲା ଓ ସ୍ଥାନୀୟ ଗବର୍ଣ୍ଣମେଣ୍ଟ କିମ୍ବା ଅନ୍ୟ କେହି ହାକିମ ଏଥିର ଆଉ କିଛି ପ୍ରସଙ୍ଗ ନ କଲେ । ସଂବାଦପତ୍ରରୁ ଲର୍ଡ ଲଟନ ସାହେବ ଏ ବିଷୟ ଅବଗତ ହୋଇ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କୁ କୈଫିୟତ ତଲବ କଲାରୁ ଉକ୍ତ ଗବର୍ଣ୍ଣମେଣ୍ଟ ମକଦ୍ଦମାର ନଥି ହାଇକୋର୍ଟକୁ ପଠାଇଲେ ଓ ହାଇକୋର୍ଟ ଏହି ମତ ବ୍ୟକ୍ତ କଲେ ଯେ ଅବସ୍ଥା ଦୃଷ୍ଟିରେ ହାଇକୋର୍ଟ ଯେତେ ଦଣ୍ଡ ଦିଅନ୍ତେ ତହିଁରୁ ଊଣା ଦଣ୍ଡ ହୋଇଥିଲେହେଁ ମାଜିଷ୍ଟ୍ରେଟଙ୍କ ଆଜ୍ଞା ବିରୁଦ୍ଧରେ କୌଣସି ବିଶେଷ ଆପତ୍ତି ଦେଖା ନ ଯାଏ ।

ଗବର୍ଣ୍ଣର ଜେନରଲ ଏଥିକୁ ଲେଖିଅଛନ୍ତି ଯେ ହାଇକୋର୍ଟ କେବଳ ମତ ଦେଇ କ୍ଷାନ୍ତ ହୋଇ ରହିଲେ ଏବଂ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଗବର୍ଣ୍ଣମେଣ୍ଟରୁ କୈଫିୟତ ତଲବ ହେବା ପର୍ଯ୍ୟନ୍ତ କିଛି କଲେ ନାହିଁ ଏହା ଅତି ଦୁଃଖର ବିଷୟ ଅଟଇ ଓ ଏ କଥା ବ୍ରିଟିସ ବିଚାରର ଗୌରବ ଓ ବ୍ରିଟିସ ଶାସନର ମହତ୍ୱ ପ୍ରତି ଅତ୍ୟନ୍ତ ଅନିଷ୍ଟକର ହୋଇଅଛି ।

ସେ ଆହୁରି କହିଅଛନ୍ତି କି ଫୁଲର ସାହେବଙ୍କ ପ୍ରହାରରେ ଯେ ସଇସର ମୃତ୍ୟୁ ହେଲା ଏଥିରେ ସନ୍ଦେହ ନାହିଁ ମାତ୍ର ଯେ ପ୍ରହାରରେ ମନୁଷ୍ୟର ପ୍ରାଣ ନାଶ ହୁଅଇ ତାହାକୁ ମାଜିଷ୍ଟ୍ରେଟ ସାମାନ୍ୟ ପ୍ରହାର ତୁଲ୍ୟ ବିଚାର କଲେ ଆଶ୍ଚର୍ଯ୍ୟର ବିଷୟ ଅଟଇ । "ଏମନ୍ତ ଅନୁମାନ ହୁଅଇ ଯେ ଯେଉଁ ଶ୍ରେଣୀର ଦୁଷ୍ଟଇଚ୍ଛାରୁ ଏ ଅପରାଧ ଉତ୍ପନ୍ନ ହୋଇଅଛି ତାହା ଏଦେଶରେ ଊଣା ପଡ଼ୁଅଛି ତଥାଚ ଇଉରୋପୀୟ ମୁନିବମାନେ ଆପଣା ତାଙ୍କୀୟ ଚାକରପ୍ରତି ଯେମନ୍ତ ବ୍ୟବହାର କରନ୍ତି ଦେଶୀୟ ଚାକରଙ୍କ ପ୍ରତି ସେରୂପ ବ୍ୟବହାର ନ କରିବାର ଉଦାହରଣ କେବେ୨ ଶୁଣାଯିବାରୁ ଏହି ସୁଯୋଗରେ ଗବର୍ଣ୍ଣର ଜେନରଲ ଏପ୍ରକାର ଦୁଷ୍ଟଇଚ୍ଛାପ୍ରତି ଅତ୍ୟନ୍ତ ଘୃଣା ପ୍ରକାଶ କରୁଅଛନ୍ତି । ଯେମାନେ ଅପମାନ ବା ଆଘାତର ପ୍ରତିଫଳ ଦେବାକୁ ଅତ୍ୟଳ୍ପ ସକ୍ଷମ ସେମାନେ ଆପଣା ମୁନିବଙ୍କର କ୍ଷମା ଓ ସହିଷ୍ଣୁତା ଉପରେ ଅଧିକ ନିର୍ଭର କରନ୍ତି ବୋଲି ଉକ୍ତ ଅତ୍ୟାଚାରରେ ଅଧିକ କାପୁରୁଷତ୍ୱ ପ୍ରକାଶ ପାଉଅଛି । ମାତ୍ର ସମସ୍ତ ପ୍ରକାରରେ ଏହା ମନ୍ଦ ହେଲେହେଁ ଏହା ଆହୁରି ମନ୍ଦ ହେବାର କାରଣ ଏହି ଯେ ଭାରତବର୍ଷରେ ବାସ କରୁଥିବା ବ୍ୟକ୍ତିମାନେ ଜାଣନ୍ତି ଯେ ଅଧିବାସିଙ୍କର ଅଧିକାଂଶ ଏମନ୍ତ ଅନ୍ତରିକ ରୋଗ ଥାଏ ଯେ କୌଣସି ସାମାନ୍ୟ ବାହ୍ୟିକ ଆଘାତ ଲାଗିଲେ ପ୍ରାଣ ସଂଘାତିକ ହୋଇପଡେ ଅତଏବ ଗବର୍ଣ୍ଣର ଜେନରଲ ବିବେଚନା କରନ୍ତି କି ରୋଗ ଜନ୍ମିବାର ପ୍ରତ୍ୟେକ ସାମାନ୍ୟ କାରଣରେ ପ୍ରହାର କରିବାର ଅଭ୍ୟାସକୁ ଉପଯୁକ୍ତ ଆଇନସଙ୍ଗତ ଦଣ୍ଡଦ୍ୱାରା ନିବାରଣ କରିବାର ଉଚିତ ଓ ଯାହାଙ୍କର ଏପରି ଅଭ୍ୟାସ ଅଛି ସେମାନଙ୍କୁ ସ୍ମରଣ ରଖିବାର ଉଚିତ ଯେ ଏହାଦ୍ୱାରା ଗୁରୁତର ଅପରାଧର ସଂକଟରେ ପଡ଼ିପାରନ୍ତି ।"

ମକଦ୍ଦମାର ବିଚାର ସମ୍ପର୍କରେ ଗବର୍ଣ୍ଣର ଜେନରଲ ସାହେବ କହିଅଛନ୍ତି କି ମାଜିଷ୍ଟ୍ରେଟ ଏ ଅପରାଧର ଯଥାର୍ଥ ମର୍ମଗ୍ରହଣ କରି ନାହାନ୍ତି । ଏଥିରେ ରୋଗ ଜନ୍ମିବାର କାରଣ ଅତି ସାମାନ୍ୟ ମାତ୍ର ପୀଡାଟି ମୃତ୍ୟୁ ହୋଇଅଛି । ପୀଡା ଦେବା ଅପରାଧର ଦଣ୍ଡ ଟ ୧୦୦୦ଙ୍କା ଥିବା ପ୍ରତ୍ୟକ୍ଷେ ମାଜିଷ୍ଟ୍ରେଟ କେବଳ ଟ ୩୦ଙ୍କା ଦଣ୍ଡ ଦେଇ ଅଛନ୍ତି । ଏହା ଫୁଲର ସାହେବଙ୍କ ଅବସ୍ଥା ତୁଲନାରେ ନାମ ମାତ୍ର ଦଣ୍ଡ ଅଟଇ ଏବଂ ମୃତବ୍ୟକ୍ତିର ପରିବାରର କ୍ଷତିପୂରଣ ନିମିତ୍ତ କୌଣସି ରୂପେ ଉପଯୁକ୍ତ ନୁହଇ । କାର୍ଯ୍ୟତଃ ଏରୂପ ଦଣ୍ଡ ଦେବାରେ ଅପରାଧକୁ ଶ୍ରୟ ଦିଆ ଯାଇଅଛି ବୋଲିବାକୁ ହେବ ଓ ଏମନ୍ତ ଉଦାହରଣଦ୍ୱାରା ଉକ୍ତ ଦୁଷ୍କର୍ମ ନିବାରଣ ନ ହୋଇ ବରଂ ବୃଦ୍ଧି ହେବ । ଏହିସମସ୍ତ କାରଣରୁ ଗବର୍ଣ୍ଣର ଜେନରଲ ଶ୍ରୀ ଲିଡସ୍ ସାହେବ ଜଏଣ୍ଟ ମାଜିଷ୍ଟ୍ରେଟଙ୍କୁ ଅତ୍ୟନ୍ତ ତିରସ୍କାର କରି ଏରୂପ ମତ ପ୍ରକାଶ କରିଅଛନ୍ତି ଯେ ନିତାନ୍ତ ପକ୍ଷରେ ଏକବର୍ଷ ମଧ୍ୟରେ ମାଜିଷ୍ଟ୍ରେଟର କର୍ମ କରିବାର ଯୋଗ୍ୟତା ଓ ଉତ୍ତମ ବିଚାର କରିବାର କ୍ଷମତା ନ ଦେଖାଇଲେ ତାହାଙ୍କୁ ଅଳ୍ପକାଳ ସକାଶେ ସୁଦ୍ଧା ଜିଲାର ସ୍ୱାଧୀନଭାର ଦିଆଯିବ ନାହିଁ ।

ନୂତନ ଗବର୍ଣ୍ଣର ଜେନରଲଙ୍କର ମାନସିକ ଭାବ ସମସ୍ତର ସମ୍ୟକ୍ ପରିଚୟ ଦେବା କାରଣ ଆମ୍ଭେମାନେ ଉପରଲିଖିତ ବିଷୟମାନ ବାହୁଲ୍ୟ ରୂପେ ଲେଖିଲୁଁ । ଆମ୍ଭମାନଙ୍କର କିଛି ବୋଲିବାର ପ୍ରୟୋଜନ ନାହିଁ କାରଣ ପାଠକମାନେ ଏହାକୁ ପଢିଲା ମାତ୍ରକେ ସେସବୁର ପ୍ରକୃତ ପରିଚୟ ପାଇବେ । ଆମ୍ଭେମାନେ ଏତିକି ଭରସା କରୁଁ କି ବର୍ତ୍ତମାନ ସ୍ଥଳରେ ଗବର୍ଣ୍ଣରଜେନରଲ ଯେମନ୍ତ ବିନା କାହାର ପ୍ରାର୍ଥନାରେ ବିଚାରର ତ୍ରୁଟି ଜାଣିପାରି ଶାସନ ଓ ବିଚାରସମ୍ପର୍କୀୟ କର୍ମଚାରିଙ୍କୁ ଆପଣା୨ କର୍ତ୍ତବ୍ୟତାର ଜ୍ଞାନ ଦେଲେ ସେହିରୂପ ଦିନାକେତେ ଅନ୍ୟାନ୍ୟ ଅବିଚାର କାର୍ଯ୍ୟ ପ୍ରତି କଠିନ ଦୃଷ୍ଟି ରଖିଲେ ଅଳ୍ପ କାଳ ଜିଲାହାକିମମାନେ ଯେତେ୨ ଅକାର୍ଯ୍ୟ କରୁଅଛନ୍ତି ତାହା ଏକାବେଳକେ ରହିତ ହୋଇ ଯିବ ଓ ତଦ୍ୱାରା ବ୍ରିଟିସ ଶାସନ ଓ ବ୍ରିଟିସ ବିଚାରର ଯଥାର୍ଥ ଗୌରବ ରକ୍ଷା ଓ ପରିବର୍ଦ୍ଧିତ ହେବ । ଆଶାର ଲିଡସ୍ ସାହେବଙ୍କଠାରୁ ବଙ୍ଗପ୍ରଦେଶର ଏକ୨ ମାଜିଷ୍ଟ୍ରେଟ ଅତ୍ୟନ୍ତ ଗୁରୁତର ଅବିଚାର କରିଥିବାର ଗତ ଦୁଇମାସ ମଧ୍ୟରେ ପ୍ରକାଶ ପାଇଅଛି ଓ ଏକା କଲୁଡସାହେବଙ୍କ ଦୌରାତ୍ମ୍ୟରେ କେତେଲୋକ କେତେ ପ୍ରକାର ଅପମାନ ଓ ପୀଡ଼ା ସହ୍ୟ କରି ଅଛନ୍ତି । ଏମାନଙ୍କ ଉପରେ ଥରେ ଆମ୍ଭମାନଙ୍କର ଲାଟସାହେବଙ୍କର ଦୃଷ୍ଟି ପଡିଲେ କିଛିଦିନ ହେଲେ ପ୍ରଜାମାନେ କୁଶଳରେ ରହିବେ ।

---

# ସାପ୍ତାହିକ ସଂବାଦ ।

ଗତ ସପ୍ତାହର କଲିକତାଗେଜେଟରେ ହର୍ଣ୍ଣଲ ସାହେବ ଏ ପ୍ରଦେଶର ଏକ୍ଟିଂ କମିଶ୍ନର ନିଯୁକ୍ତ ହେବାର ସଂବାଦ ବାହାରିଅଛି । ମାତ୍ର ଏଠାରେ ଜନରବ ଉଠି ଅଛି ଯେ ସେ ଏ ପ୍ରଦେଶକୁ ଆସିବାପାଇଁ ଅନିଚ୍ଛୁକ ଅଛନ୍ତି । ଆମ୍ଭେମାନେ ବୋଧକରୁଁ ଏ ଜନରବର କିଛି ମୂଳ ନାହିଁ ।

ଅତୁଲଚନ୍ଦ୍ର ବାବୁ ଡେପୁଟୀ କଲେକ୍ଟର ଯାଜପୁରକୁ ପ୍ରେରିତ ହୋଇଅଛନ୍ତି ଓ ମୌଲବୀ ଅବଦୁଲକାଦିର କଟକକୁ ଫେରି ଆସିଲେ ।

ପୁରୀର ସିବିଲସର୍ଜନ ହିଲ ସାହେବ ମୁଙ୍ଗେରକୁ ବଦଳି ହେଲେ ଓ ଡାକ୍ତର ବେଲ ସାହେବ ତାହାଙ୍କ କର୍ମରେ ପୁରୀକୁ ଆସୁଅଛନ୍ତି ।

ବର୍ତ୍ତମାନ ଏ ନଗରରେ ଥିବା ପଲଟନର ଜଣେ ତମ୍ବୁରିଚ କି ତାହାଙ୍କ ନାମ ଡବଲିଉ ମାନ ଫିଲଡ୍ ଅଟଇ ସୁନା ରୁପାର ଗିଲଟିକାମ କରିବା ସକାଶେ ପଲଟନବଜାରରେ ଗୋଟିଏ ଦୋକାନ ଫିଟାଇଅଛନ୍ତି । କଂସା ପିତ୍ତଳ ତମ୍ବା ଲୁହା ପ୍ରଭୃତି ବାସନ ଓ ଅଲଙ୍କାରମାନ ସୁଲଭ ମୂଲ୍ୟରେ ରୁପାଗିଲଟି କରି ଦେଉଅଛନ୍ତି ଓ କାର୍ଯ୍ୟ ଏମନ୍ତ ସୁନ୍ଦର ହେଉଅଛି ଯେ ରୁପାଠାରୁ ଭିନ୍ନ ବୋଲିବାର ହେଉ ନାହିଁ । ଥରେ ଗିଲଟି କଲେ ଏକବର୍ଷ ଉତ୍ତମରୂପେ ରହଇ

Split by PDF Splitter
Digitized by srujanika@gmail.com

ତହିଁ ଉତ୍ତାରୁ କ୍ଷୟ ହେବାର ଆରମ୍ଭ ହୋଇ ଦ୍ୱିଶିପୂର୍ବର୍ଷ ମଧ୍ୟରେ ସବୁ ମିଳିଟି ଉଠଯାଏ ।

ଅସିଷ୍ଟାଣ୍ଟକଲେକ୍ଟର ଫେଗ୍ର ସାହେବ ନିମ୍ନଶ୍ରେଣୀ ଓ ଅଶିଷ୍ଟାଣ୍ଟ କଲେକ୍ଟର ଫିଲପ ସାହେବ ଉଚ୍ଚଶ୍ରେଣୀର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ଗତ ସପ୍ତାହର କଲିକତା ଗେଜେଟରୁ ଜଣାଗଲା ଯେ ଶ୍ରୀଯୁକ୍ତ ଜର୍ଲ୍ଡ ସାହେବ ଶେରବଗ ପ୍ରଗନ୍ନାର ଜଏଣ୍ଟ ମାଜିଷ୍ଟ୍ରେଟ ହୋଇଅଛନ୍ତି । ତତ୍ସ୍ଥାନରେ ଏ ମହାଶୟ ମାଜିଷ୍ଟ୍ରେଟ ଥାଇଁ ଯେଉଁ ଅଇନ ବିରୁଦ୍ଧ କାର୍ଯ୍ୟ କଲେ ତହିଁର ଦଣ୍ଡ କି ଏତିକିରେ ଶେଷ ହେଲା ?

ଏ ବର୍ଷ ବର୍ଷାକାଳ ବିଳମ୍ବରେ ଆରମ୍ଭ ହେବାରୁ ଭାରତବର୍ଷର ନାନା ସ୍ଥାନରେ ଓଲାଉଠା ପ୍ରଭୃତି ରୋଗର ପ୍ରାଦୁର୍ଭାବ ହୋଇଅଛି, ଏକା ଏ ନଗରରେ ନୁହଇ ।

ମାନ୍ଦ୍ରାଜର ଏକ ସମ୍ବାଦପତ୍ରରେ ଲେଖାଅଛି ଯେ ବ୍ରହ୍ମପୁରଠାରେ ଏକଶତ ଲୋକ ସ୍ୱରୁଲୁ ମାରିରୋଗରେ ପୀଡିତ ହୋଇଥିଲେ । କେବଳ ପେଟର ଅର୍ଦ୍ଧ ଜଣ୍ଡି ଭକ୍ଷଦ୍ରବ୍ୟ ଏ ରୋଗର ଯଥାର୍ଥ ପ୍ରତୀକାର ବୋଲି ସମସ୍ତେ ସେଠାରେ ବିଶ୍ୱାସ କରନ୍ତି ଓ ଏହି ଚିକିତ୍ସା କରୁଅଛନ୍ତି ।

ମାଣ୍ଡରଭ ନାମକ ଧୂଆଁକଳ ଜାହାଜରେ ଯାଣି ପଡ଼ିବା ହଣ୍ଡା ଫାଟି ଯିବାରୁ ୫୪ ଲୋକ ମରି ପଡିଅଛନ୍ତି । ଅକସ୍ମାତ୍ ଫାଟିଯିବାର କାରଣ ଜଣା ପଡ଼ ନାହିଁ । ଘଟନାଟି ବିଲାତରେ ହୋଇଅଛି ।

ଡେଲିନ୍ୟୁଜ ଲେଖନ୍ତି ଯେ ମହାମାନ୍ୟ ଲର୍ଡ ଲିଟନଙ୍କ ଶରୀର ଭଲ ନ ରହିବାରୁ ସିମଲାପ୍ରତି ତାହାଙ୍କର ଅଶ୍ରଦ୍ଧା ଜନ୍ମିଅଛି ଏବଂ ଏମନ୍ତ ଜନରବ ଶୁଣାଯାଏ ଯେ ରାଣିକ୍ଷେତ ନାମକ ଅନ୍ୟ ଏକସ୍ଥାନ ସିମଲା ପରିବର୍ତ୍ତରେ ଗବର୍ଣ୍ଣର ଜେନରଲଙ୍କର ସ୍ୱାସ୍ଥ୍ୟରକ୍ଷାର ସ୍ଥାନ ବୋଲି ନିର୍ଦ୍ଦିଷ୍ଟ ହେବ । ତେବେ ନୂତନ ସିମଲାକୁ ସ୍ୱାସ୍ଥ୍ୟକର କରିବାପାଇଁ ଏତେ ଟଙ୍କା ବ୍ୟୟ ହେଉଅଛି କାହିଁକି ?

ବମ୍ବେଇରେ ବୃଷ୍ଟି ନ ହେବାରୁ ସେଠା ବ୍ରାହ୍ମଣମାନେ ଲକ୍ଷ୍ମୀ ସମାରୋହରେ ଯଜ୍ଞ କରିଥିଲେ । ଯଜ୍ଞ ଶେଷ ହେଲାରୁ ବର୍ଷା ହେଲା । ଏଥିରେ ବ୍ରାହ୍ମଣମାନଙ୍କର ବଡ ପ୍ରଶଂସା ହୋଇଅଛି । ବର୍ଷାକାଳରେ ଯଜ୍ଞ କରି ବର୍ଷା କରାଇବା ସହଜ କଥା ନୁହଇ ।

## ପ୍ରେରିତପତ୍ର

ଶ୍ରୀଯୁକ୍ତ ଗୁଣଗଣାଗ୍ରଗଣ୍ୟ ମାନ୍ୟବର ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ ଗୁଣାକରେଷୁ ।

ହେ ମହାଶୟ ! ଆମ୍ଭର ଏକାନ୍ତ ପ୍ରାର୍ଥନା ଏହି ଯେ ନିମ୍ନଲିଖିତ ପ୍ରସ୍ତାବଟିକୁ ଭବଦୀୟ ସ୍ୱୟଂ ଭୂମଣ୍ଡଳ ପତ୍ରିକାର ଏକଦେଶରେ ସ୍ଥାନଦାନ କରିବା ହେବେ ।

ଗଡ଼ଜାତାନ୍ତର୍ଗତ ତାଲଚେର କିଲ୍ଲାର ଶ୍ରୀଯୁକ୍ତ ମାନ୍ୟବର ଶ୍ରୀ ରାଜା ରାମଚନ୍ଦ୍ର ବୀରବର ହରିଚନ୍ଦନ ମହାପାତ୍ର ମହୋଦୟ ପ୍ରାୟ ୨ବର୍ଷ ହେଲା ବୟଃପ୍ରାପ୍ତ ହୋଇ ସ୍ୱରାଜ୍ୟ ଭାର ଗ୍ରହଣ କରିଛନ୍ତି ମହାମାନ୍ୟବର ଅମ୍ଭ କମିଶନର ଶ୍ରୀଯୁକ୍ତ ରେଭେନସା ସାହେବଙ୍କ ଉପଦେଶାବଲମ୍ବନରେ ସ୍ୱଶ୍ରେୟାନ୍ୱିତ ମାର୍ଗ ଅନୁଶୀଳନପୂର୍ବକ ପ୍ରଜାତିଙ୍କ ପରମଶୁଭଲାଭେ ଦୃଢ଼କଳ୍ପିତ ହୋଇ ଅପଣା ରାଜ୍ୟକାର ସ୍ୱୟଂ ଅପଣା ପରେ ରଖି ଅନଭିଜ୍ଞ ଓ ଅନୁକ୍ଷଣ ପଡାଦଙ୍କୁ ସାକ୍ଷାତ ଦେଇ ସେମାନେ ଉଦ୍ୟୋଗ ଧନ ଶିଷ୍ଟାଚାର ପ୍ରତିରେ ଅନୁରକ୍ତ ହେବାର ହୃଦୟଙ୍ଗମ ପୂର୍ବକ ସୁଶିକ୍ଷା ଏବଂ ଦେୱାନୀ ଅଦାଲତ ଓ କଲେକ୍ଟରୀ ଓ ଫୌଜଦାରୀ ସମ୍ପର୍କୀୟ ଅନେକାନେକ ମକଦ୍ଦମାମାନ ଅନତି ବିଳମ୍ବ ଅପକ୍ଷପାତ ପୂର୍ବକ ନିଷ୍ପତ୍ତି ଓ ପ୍ରଜାତିଙ୍କୁ ପ୍ରତୁଗ୍ରାରଣ୍ୟ ବୃତ୍ତି ନିଷ୍ପତ୍ତିମତେ ପ୍ରଦାନ ପୂର୍ବକ ରାଜସ୍ୱ ଯଥା ନିୟମାନୁସାରେ ନେଇ ପ୍ରଜାଦଙ୍କପ୍ରତି କୌଣସି ପୀଡ଼ା ଓ ଅପଚଧ୍ୟ ନ ହେବାର ପ୍ରତୀକାର ପଞ୍ଚାୟତି ପୂର୍ବକ ସୁକୌଶଳ ସ୍ଥାପନ କରିଛନ୍ତି କିଲ୍ଲାମଧ୍ୟରେ ଏକନୂତନମାର୍ଗ ଓ ଜଳାଶୟ ନିର୍ମାଣ ଓ ପରିଷ୍କାର କରି ଏକ ଔଷଧାଳୟ ସଂସ୍ଥାପିତ ପୂର୍ବକ ଦେଶୀୟ ଚିକିତ୍ସକ ଦ୍ୱାରା ଅନେକାନେକ ରୋଗୀ ଓ ଅକ୍ଷମ ରୋଗୀଙ୍କୁ ଗ୍ରାସାଚ୍ଛାଦନ ସହିତ ଔଷଧ ବିତରଣ ପୂର୍ବକ ନାନାବିଧ ରୋଗରୁ ମୁକ୍ତ କରୁଥିବା ଓ ଏ ଅଞ୍ଚଳରୁ ସଂସ୍କୃତ ବିଦ୍ୟା ଏକ ପ୍ରକାର ଲୁପ୍ତ ହେଉଥିବାରୁ ଏକ ସଂସ୍କୃତ ବିଦ୍ୟାଳୟ ସଂସ୍ଥାପନା କରି ଜଣେ ପଣ୍ଡିତଦ୍ୱାରା ସ୍ୱରାଜ୍ୟ ଓ ଅନନ୍ୟ ରାଜ୍ୟାଦିର କତି ଛାତ୍ର ଓ ଅକିଞ୍ଚନଲୋକଙ୍କ ସନ୍ତାନାଦିଙ୍କୁ ଗ୍ରାସାଚ୍ଛାଦନ ସହିତ ସୁଶିକ୍ଷା ଏବଂ ଶାସ୍ତ୍ରଙ୍କ ଅଧ୍ୟୟନ ବିଷୟେ ସ୍ୱୟଂ ଉତ୍ସାହ ଦେଉଥିବାରେ ଅଳ୍ପକାଳ ମଧ୍ୟରେ ଅଧିକାଂଶ ଛାତ୍ର କାବ୍ୟ ନାଟକ ଅଲଙ୍କାରାଦି ଅଧ୍ୟୟନ କରୁଅଛନ୍ତି ଇଦାନୀଂ ରାଜା ମହୋଦୟ ପରଦୁଃଖରେ କାତର ହୋଇ ଏକ ଡିସ୍ପେନ୍ସରୀ ନିର୍ମାଣ କରିଅଛନ୍ତି ଯେ ସେଥିରେ ଜଣେ ଇଂରାଜୀ ଚିକିତ୍ସକ ନିଯୁକ୍ତ ହୋଇ ରୋଗୀମାନଙ୍କୁ ରୋଗରୁ ମୁକ୍ତ କରିବାର ସୁତରାଂ କିଲ୍ଲାରେ ଏକ ପୋଷ୍ଟଅଫିସ ସଂସ୍ଥାପନା କରି ରାଜ୍ୟ ଜନମଣ୍ଡଳୀର ଚିଠି ଅନୁକୂଳ ପୋଷ୍ଟଅଫିସଦ୍ୱାରା ଚଳାଚଳ କରିବାର ପ୍ରସ୍ତାବ କରିଅଛନ୍ତି ଅତଏବ ପ୍ରଶଂସିତ ରାଜାଙ୍କ ସଦ୍ବ୍ୟବହାର ଓ ବଦାନ୍ୟତାରୁ ସେ ରାଜ୍ୟ ଜନସମାଜର ପ୍ରମୋଦ ପ୍ରଫୁଲ୍ଲତାର ଏବଂ ପରମ ସୌଭାଗ୍ୟ ବର୍ଦ୍ଧନ ହେଉଅଛି କିନ୍ତୁ ରାଜା ମହୋଦୟଙ୍କର ପ୍ରାୟ ବ ୨୦ ବର୍ଷ ବୟଃଗତ ଏପ୍ରକାର ଅଳ୍ପ ସମୟରେ ଏ ଅଞ୍ଚଳର କୌଣସି ରାଜା ଏମନ୍ତ ସଦ୍ବ୍ୟବହାର ଏବଂ ପ୍ରଶଂସାପାତ୍ର ହୋଇ ନ ଥିଲେ କେବଳ ମହିମାଶାଳୀ ପ୍ରଶଂସିତ କମିଶନର ସାହେବଙ୍କ ଅନୁକୂଳରୁ ଏମନ୍ତ ପ୍ରଶଂସା ଯୋଗ୍ୟ ହୋଇଅଛନ୍ତି ଯେ ଯଥା ଏ ଉପଦେଶକୁ ଅପଣା ଅନ୍ତଃକରଣରୁ ଲବମାତ୍ର ବିସ୍ମରଣ ନ କରି ଯଦ୍ୟପି ଅନୁସରଣ କରନ୍ତି ତେବେ ରାଜା ମହୋଦୟ ଅତୁଳ କୀର୍ତ୍ତିକୁ ଏବଂ ଶ୍ରୀମତୀ ଶ୍ରୀ ଇଂଲଣ୍ଡେଶ୍ୱରୀଙ୍କ ପର୍ଯ୍ୟନ୍ତ ପ୍ରଶଂସା ହୋଇ ପାରିବ । ଇତି ।

ନିଃ ବକ୍ସୀ ଗୋପୀନାଥ ପଟ୍ଟନାୟକ
୨୪।୭।୭୭ ଅନୁଗୁଳ ।

## ବିଜ୍ଞାପନ ।

। ପ୍ର । ବାଲୁବସି । ମୌ । ରଘୁନାଥପୁର ଗ୍ରାମରେ ସ୍ଥାପନ ହୋଇଥିବା ମଧ୍ୟମଶ୍ରେଣୀର ଇଂରେଜୀ ସ୍କୁଲର ପ୍ରଥମଶିକ୍ଷକ ପୁରୀଜିଲା ଇଲାକାରେ ଅନ୍ୟ କର୍ମରେ ନିଯୁକ୍ତ ହେବାରୁ ଉକ୍ତ କର୍ମରେ ଅନ୍ୟ ଏକଶିକ୍ଷକ ମୁକରର ହେବାର ଆବଶ୍ୟକ ଅତଏବ ଏତଦ୍ୱାରା ପ୍ରକାଶ କରୁଅଛୁଁ ଯେ କର୍ମାକାଂକ୍ଷୀ ବ୍ୟକ୍ତିମାନେ ଆଗତ ଅଗଷ୍ଟ ମାସ ତା ୧୫ ରଖ ମଧ୍ୟରେ ଆମ୍ଭଠାକୁ କିମ୍ବା ଡେପୁଟୀଇନେସ୍ପେକ୍ଟର ବାବୁ ପ୍ୟାରୀ ମୋହନ ସେନଙ୍କ ନିକଟକୁ ଦରଖାସ୍ତ ପଠାଇବ । ଉକ୍ତ କର୍ମର ବେତନ ମାସିକ ଟ ୨୦ ଙ୍କା ଅଟେ । ପ୍ରକାଶ ଥାଉକି ଉକ୍ତ କର୍ମର ଯୋଗ୍ୟତା ନିମନ୍ତେ ପ୍ରବେଶିକା ପରୀକ୍ଷାର ସାର୍ଟିଫିକେଟ ଆବଶ୍ୟକ ରଖେ ।

୨୮।୭।୭୭ ଶ୍ରୀ ଗୋପାଳପ୍ରସାଦ ମିତ୍ର
ସେକ୍ରେଟରୀ ।

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା୧୧ଗ } ତା୧୮ରିଖ ଅଗଷ୍ଟ ସନ୧୮୭୭ମସିହା । ମୁ । ଶ୍ରାବଣ ଦି୨୩ନ ସନ୧୨୮୪ସାଲ ଶନିବାର { ଅଗ୍ରିମ ବାର୍ଷିକମୂଲ୍ୟ ଟ୪
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୬
ମଫସଲପାଇଁ ଡାକମାସୁଲ ଟ୧୷
ସଂ୩୨ଖ୍ୟା

ଏ ନଗରର ପାଏଖାନାମାନ ମିଉନିସିପାଲଟି ଅଧୀନରେ ଆସିବାର ସ୍ଥିର ହୋଇ ଉକ୍ତ ମହକମାରୁ ତହିଁର ତାଲିକା ପ୍ରସ୍ତୁତ ହେଉଅଛି । ପ୍ରତ୍ୟେକ ଲୋକର ଅଗଣା ମଧ୍ୟରେ ଯେତେଟା ପାଏଖାନା ଅଛି ଓ ତାହା ପରିଷ୍କାର କରିବା ପାଇଁ ମାସିକ ଯେତେ ବେତନ ମେହେତରଙ୍କୁ ଦିଆଯାଏ ଏଥିର ତାଲିକା ପ୍ରସ୍ତୁତ ହେଉଅଛି । ଅନୁସନ୍ଧାନ ଶେଷ ହେଲାଠାରୁ ଯେତେ ଜଣ ମେହେତର ନିଯୁକ୍ତ କରିବାକୁ ହେବ ଟାଉନକମିଟୀ ତହିଁର ବନ୍ଦୋବସ୍ତ କରି ଦେବେ ଓ ଉକ୍ତ ମେହେତରମାନେ ପ୍ରତିଦିନ ନିୟମିତରୂପେ ଏ କାର୍ଯ୍ୟ ନିର୍ବାହ କରିବେ । ମେହେତରଙ୍କ ଦୌରାତ୍ମ୍ୟ ଏ ନଗରରେ ପ୍ରସିଦ୍ଧ ଓ ଏଥି ପାଇଁ କେତେଥର କେତେ ମକଦ୍ଦମା ମାମଲା ସୁଦ୍ଧା ହୋଇ ଯାଇଅଛି ତଥାପି ମେହେତରମାନଙ୍କୁ ଆୟତ୍ତ କରିବା ସହଜ ହୋଇ ନାହିଁ । ଏ ବନ୍ଦୋବସ୍ତରେ ଲୋକଙ୍କର ବିଶେଷ ସୁବିଧା ହେବ ସନ୍ଦେହ ନାହିଁ । ତେବେ ଟାଉନ କମିଶନରଙ୍କୁ ଏତିକି ପ୍ରାର୍ଥନା କି ଲୋକମାନେ ମେହେତରର ବେତନ ଯେରୂପ ଦିଅନ୍ତି ତହିଁରୁ ଅତ୍ୟନ୍ତ ଅଧିକ ଖର୍ଚ୍ଚା ଯେମନ୍ତ ତାହାଙ୍କଠାରୁ ନିଆ ନ ଯାଏ କାରଣ ତାହା ହେଲେ ଏ ନିୟମର ଉପକାରିତା ପ୍ରକାଶ ହେବ ନାହିଁ ବରଂ ବିସ୍ତର ଦେଣ ପଡିଲାରୁ ଲୋକମାନେ ଅସନ୍ତୁଷ୍ଟ ହେବେ ।

---

କୌଣସି ବିଷୟରେ ଦୃଢ଼ପ୍ରତିଜ୍ଞ ହେବାପୂର୍ବ୍ବ ସେ ବିଷୟର ଜ୍ଞାନଟି ନିଶ୍ଚିତରୂପେ ମନରେ ସ୍ଥାନ ପାଇବାର ଉଚିତ ଓ ଅଭ୍ୟାସ ଅର୍ଥାତ ସର୍ବ୍ବଦା ଚିନ୍ତା ବିନା ସେରୂପ ସ୍ଥିରତର ହେବାର ସମ୍ଭବ ନୁହଇ । ଏହି କାରଣରୁ ଦେଖାଯାଉଅଛି କି ଯଦ୍ୟପି ଏଣିକି ଓଡିଶାରେ କେତେଗୁଡାଏ ଶିକ୍ଷିତ ଲୋକ ବାହାରି ଅଛନ୍ତି ଓ ବର୍ଷକୁବର୍ଷ ଏହାଙ୍କ ସଂଖ୍ୟା ବଢୁଅଛି ମାତ୍ର ଏହାଙ୍କଦ୍ୱାରା କୌଣସି କାର୍ଯ୍ୟ ସାଧନ ହୋଇ ପାରୁ ନାହିଁ । ଇଂରାଜୀ ଶିକ୍ଷାଦ୍ୱାରା ଏମାନେ ଅନେକ ଗୁଡାଏ ନୂତନ ବିଷୟର ଜ୍ଞାନ ପାଇ ଅଛନ୍ତି ମାତ୍ର ଅଭ୍ୟାସ ନ ହେବାରୁ ତାହା ଏମାନଙ୍କ ମନରେ ନିଶ୍ଚିତରୂପେ ସ୍ଥାନ ପାଇ ନାହିଁ । ଶୁଆ ପଢିଲାପ୍ରାୟ ଏମାନେ ଯେଉଁ ଜ୍ଞାନଲାଭ କରି ଅଛନ୍ତି ସମୟ୨ରେ ତାହା ବ୍ୟକ୍ତ କରନ୍ତି ଓ ପରର କାର୍ଯ୍ୟ ଦେଖି ଆପେ ସେପରି କାର୍ଯ୍ୟ କରିବାକୁ ମନ ବଳାନ୍ତି ମାତ୍ର ସେରୂପ ଅଭ୍ୟାସ ନାହିଁ ବୋଲି ଦୃଢ଼ପ୍ରତିଜ୍ଞ ହୋଇ କାର୍ଯ୍ୟ କରନ୍ତି ନାହିଁ । ଯେତେବେଳେ ଶିକ୍ଷିତ ଲୋକଙ୍କର ମନରେ ସର୍ବ୍ବସାଧାରଣଙ୍କ ହିତବାଞ୍ଛା ସର୍ବ୍ବଦା ଜାଗ୍ରତ ରହିବ ଓ ସେପକ୍ଷରେ କିଛି କାର୍ଯ୍ୟ ନ କଲେ ଆପଣା ନିଶ୍ଚିନ୍ତ ଜ୍ଞାନ କରିବେ ନାହିଁ ସେତେବେଳେ ସେମାନେ ଏକତ୍ରେ ମିଶି ଦୃଢ଼ପ୍ରତିଜ୍ଞ ହୋଇ ଅବଶ୍ୟ କାର୍ଯ୍ୟ କରିବେ ଦେଶର ଅଭାବ ଓ କୁରୀତିମାନ ଦୃଢ଼ରୂପେ ମନରେ ସ୍ଥାନ ନ ପାଇଲେ ପ୍ରତୀକାରର ଦୃଢ଼ଚେଷ୍ଟା କଦାଚ ହେବ ନାହିଁ । ବର୍ତ୍ତମାନ ଶିକ୍ଷାଦ୍ୱାରା ଆମ୍ଭମାନଙ୍କ ମନ କେବଳ ଗିଲ୍ଟି ହୋଇ ରହିଅଛି । ଉପରେ ଟିକିଏ ସୁବର୍ଣ୍ଣ ପ୍ରାୟ ଚକ୨ ଦିଶୁଅଛି ମାତ୍ର ଭିତରଟି ଗୋଟାସୁଦ୍ଧା ପଥର । ଯେଉଁତେବେଳେ ଶିକ୍ଷା ପରଶପଥର ପରି ମନକୁ ସ୍ପର୍ଶ କରିବ ସେତେବେଳେ ଭିତର ବାହାର ସବୁ ସୁନା ହୋଇଯିବ ଓ ତହିଁରୁ ଆପେ ତେଜ ବାହାରିବ । ଆମ୍ଭେମାନେ ସୁଶିକ୍ଷିତ ବ୍ୟକ୍ତିଙ୍କୁ ଏତିକି ଅନୁରୋଧ କରୁଅଛୁଁ ଯେ ଗିଲଟିରେ ତୃପ୍ତ ନ ହୋଇ ଯହିଁରେ ସମ୍ପୂର୍ଣ୍ଣରୂପେ ସ୍ୱଭାବକୁ ପ୍ରାପ୍ତ ହେବେ ତହିଁପାଇଁ ଯତ୍ନ କରନ୍ତୁ ଅନ୍ୟଥା କୌଣସି କାର୍ଯ୍ୟ ସାଧନ ହେବ ନାହିଁ କେବଳ ବୃଥା ଅନୁଷ୍ଠାନଦ୍ୱାରା ହାସ୍ୟାସ୍ପଦ ହେବାର ନିଷ୍ପ୍ରୟୋଜନ

---

ଅଦ୍ୟ ଗହ୍ମାପୂର୍ଣ୍ଣିମା ଓଡିଶାର ଗୋଟିଏ ପ୍ରଧାନ ପର୍ବ୍ବ ଅଟଇ । ଆଜି ସମସ୍ତଙ୍କଘରେ ପିଷ୍ଟକାଦି ସୁଖାଦ୍ୟମାନ ପ୍ରସ୍ତୁତ ହୁଅଇ ଓ ଉତ୍ତମ ଭୋଜନ କରି ଲୋକେ ଆନନ୍ଦରେ ସଙ୍ଗୀତ ଶ୍ରବଣଦ୍ୱାରା ଆନନ୍ଦ ଉପଭୋଗ କରନ୍ତି । ବ୍ରାହ୍ମଣମାନେ ଆଶୀର୍ବ୍ବାଦ ଓ ଋଷିବନ୍ଦନପୂର୍ବ୍ବକ କିଛି୨ ଅର୍ଥଲାଭ କରିବାକୁ ମଧ୍ୟ ବ୍ୟସ୍ତ ହୁଅନ୍ତି । ଫଳତଃ ଏପର୍ବ୍ବଟିରେ ବ୍ରାହ୍ମଣ ଓ ସଙ୍ଗୀତବ୍ୟବସାୟୀଙ୍କର ଲାଭ ହୁଅଇ । ମାତ୍ର ଦୁଃଖର ବିଷୟ ଯେ କ୍ରମଶଃ ଯେମନ୍ତ ବ୍ରାହ୍ମଣମାନଙ୍କର ତେମନ୍ତ ସଙ୍ଗୀତବ୍ୟବସାୟୀଙ୍କର ଲାଭ ବର୍ଷକୁବର୍ଷ ଊଣା ପଡିଆସୁଅଛି ।

Digitized by srujanika@gmail.com

Split by PDF Splitter



ଏବେ ପୂର୍ବପର ବାଇ ଓ ଶୋଭା ନାହାନ୍ତି ସୁତରାଂ ପୂର୍ବପର ସୁଶିକ୍ଷିତ ତେଜସ୍ୱୀ ବ୍ରାହ୍ମଣ ବା ତତ୍ତ୍ୱଦର୍ଶୀ ସଙ୍ଗୀତବ୍ୟବସାୟୀ ପ୍ରତ୍ୟକ୍ଷହୁଅନ୍ତି ନାହିଁ । ଗ୍ରାହକ ନ ହେଲେ କୌଣସି ବ୍ୟବସାୟର ଉନ୍ନତି ହେବା ଅସମ୍ଭବ ପୁଣି ନିତ୍ୟ ପ୍ରୟୋଜନରେ ଲାଗିବା ଦ୍ରବ୍ୟର ବ୍ୟବସାୟ ପରି ଗୁଣର ବ୍ୟବସାୟର ଗ୍ରାହକ ସର୍ବସାଧାରଣ ହୋଇ ନ ପାରନ୍ତି କେବଳ ଗୁଣୀମାନେ ଗୁଣର ମର୍ଯ୍ୟାଦା ବୁଝିବାର ସମ୍ଭବ । ଅତଏବ ଆମ୍ଭେମାନେ ଗହ୍ମାପୂର୍ଣ୍ଣିମାର ଅବସ୍ଥା ଦେଖି ମନେକରୁଅଛୁଁ ଯେ ଏଣିକି ଧର୍ମ ଓ ଆମୋଦର ପ୍ରବୃତ୍ତି ବସ୍ତୁର ଉଣା ପଡ଼ିଲାଣି ଓ ଅନ୍ୟାନ୍ୟଶ୍ରେଣୀର ଲୋକ ଅପେକ୍ଷା ଯେଉଁମାନେ ଧନୀ ଓ ଭଦ୍ରବୋଲି ପରିଚିତ ତାହାଙ୍କ ମଧ୍ୟରେ ଏ ସବୁର ଚର୍ଚ୍ଚା ଏକାବେଳକେ ଉଠିଗଲାଣି । ଏବେ ଲୋକେ ନାଚ କୁନ୍ଦେଇ ପାହୁଲା ବା ଅଧଲାଟିଏ ଦାନ କରୁ ଅଛନ୍ତି ଓ ତାହା ନେବାପାଇଁ କେତେଗୁଡ଼ିଏ ଗଣ୍ଡମୂର୍ଖ ବ୍ରାହ୍ମଣ ଜମାହୋଇ ଅଛନ୍ତି । ସଙ୍ଗୀତ ବିଷୟରେ ମଧ୍ୟ ଏହିରୂପ । ନିତାନ୍ତ ବାଧ୍ୟ ହୋଇ ଭଲଲୋକମାନେ କାଲପର ତାହା ଶ୍ରବଣ କରୁଅଛନ୍ତି ଓ ଭଲ ମନ ବିଚାରିବାର ଶକ୍ତି ନ ଥିବାରୁ କେବଳ ତଣ୍ଡଦେଲାପ୍ରାୟ କେତେ୨ ପାରିତୋଷିକ ଦେଉ ଅଛନ୍ତି । ଅତି ଅଶିକ୍ଷିତ ଚଲ୍ଲାରକାରମାନେ ତାହା ପ୍ରାପ୍ତ ହୋଇ ଆପଣାକୁ କୃତାର୍ଥ ମଣୁଅଛନ୍ତି । ଏସମସ୍ତ ଅବସ୍ଥା ଅତି ଶୋଚନୀୟ ଅଟଇ ଓ ଏଥିରୁ ଜଣାଯାଏ ଯେ ଏ ସ୍ଥାନର ଲୋକମାନେ ସର୍ବପ୍ରକାରରେ ସଭ୍ୟ ହେବାର ଅନେକ ବିଳମ୍ବ ଅଛି ।

ଏ ନଗରର ଅବସ୍ଥା ଦେଖି ଉପର୍ଯ୍ୟୁକ୍ତ ଭାବମାନ ଆମ୍ଭମାନଙ୍କ ମନରେ ଉଦୟ ହେଲା । ନଗରର ମଠ ବାଡ଼ି ମାନଙ୍କରେ ଅଳକୁ ଦ ୫।୭ ନ ହେଲା ଯାତ୍ରା ଲାଗିଅଛି ମାତ୍ର ଏକ ବା ଦୁଇ ତିନ ଦଳ ଗୋଟିପୋ ନାଚ ଭିନ୍ନ ଆଉକିଛି ସଙ୍ଗୀତର ଚର୍ଚ୍ଚା କୌଣସିଠାରେ ଦେଖା ଯାଉ ନାହିଁ । ଯାତ୍ରା ଦେଖିବାକୁ ବହୁତ ଲୋକ ଅଗ୍ରହପୂର୍ବକ ଆସୁଅଛନ୍ତି କିନ୍ତୁ ଧନାଢ୍ୟ ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଅଧିକାଂଶରେ ଏଥିର ସଂସର୍ଗୀ ନୁହନ୍ତି । ସେମାନେ ନା ଆପଣାମଧ୍ୟରେ କୌଣସି ଆମୋଦ କରୁଅଛନ୍ତି ନା କୌଣସି ସ୍ଥାନର ଯାତ୍ରା ଆମୋଦରେ ଯୋଗ ଦେଉଅଛନ୍ତି । ଯେଉଁ ବିଷୟରେ ଏମାନଙ୍କର ଉତ୍ସାହ ଓ ସାହାଯ୍ୟ ନାହିଁ ତାହା କୌଣସିକାଳରେ ଭଲ ହେବାର ଅସମ୍ଭବ ।

---

କେତେଦିନ ପୂର୍ବେ ବାଲେଶ୍ୱରରେ ଯେଉଁ ସଭା ସଂସ୍ଥାପିତ ହୋଇଥିଲା ଓ ଯଦ୍ଦ୍ୱାରା ସେଠାରେ ଗୋଟିଏ ଟାଉନହଲ ନିର୍ମାଣ ହୋଇ ତହିଁରେ ସର୍ବସାଧାରଣ ପୁସ୍ତକ ଓ ସମ୍ବାଦପତ୍ରାଦି ପାଠକରିବା ପକ୍ଷରେ ଉପାୟ କରିବାର କଳ୍ପନା ହୋଇଥିଲା ସେ ସଭାର (ଉତ୍କଳର ଅନ୍ୟାନ୍ୟ ଅନେକ ସଭାପରି) ନାମଗନ୍ଧ କିଛି ବର୍ତ୍ତମାନ ଶୁଣା ନାହିଁ ବୋଲି ଉତ୍କଳଦର୍ପଣରୁ ଅବଗତହୋଇ ଆମ୍ଭେମାନେ ବଡ଼ ଦୁଃଖିତ ହେଲୁ । ଓଡ଼ିଶାରେ ସଭା ସ୍ଥିର ନ ରହିବାର ଏହି କାରଣମାନ ଦର୍ପଣ ନିର୍ଦ୍ଦେଶ କରିଅଛନ୍ତି କି ଯେଉଁମାନେ ସଭା ସ୍ଥାପନକରନ୍ତି ସେମାନଙ୍କଠାରେ ଧନ ନାହିଁ ଅଥବା ଥିଲେ ବ୍ୟୟ କରିବାକୁ ଏହାଙ୍କର ମତ ବଳଇ ନାହିଁ, ଐକ୍ୟତା ନାହିଁ ଏବଂ ଦୃଢ଼ ପ୍ରତିଜ୍ଞା ନାହିଁ । ସୁତରାଂ ଏମାନେ ଯେତେବେଳେ ଯେଉଁ କାର୍ଯ୍ୟ କରିବାକୁ ସଙ୍କଳ୍ପ କରନ୍ତି ତାହା ଆଲୋଚନା କରିବା ପୂର୍ବରୁ ଆପଣା୨ ଘର ଧରନ୍ତି ପ୍ରଥମ ଦିନାକେତେ ଏହାଙ୍କୁ କିଛି ବ୍ୟସ୍ତ ଦେଖାଯାଏ କିନ୍ତୁ ଶେଷରେ ଭୁନି ହୋଇ ବସନ୍ତି ।

ଦର୍ପଣଙ୍କର ପ୍ରଦର୍ଶିତ ତିନୋଟି କାରଣ ମଧ୍ୟରୁ ଆମ୍ଭେମାନେ ଶେଷଲିଖିତ କାରଣଟିକୁ ସଙ୍ଗତ ଜ୍ଞାନ କରୁଅଛୁଁ । ଓଡ଼ିଶାର ଧନ ବଳ ଉଣା ଏକଥା ସତ୍ୟ ଅଟଇ କିନ୍ତୁ ଏହାବୋଲି ଯେ ଓଡ଼ିଶାବାସିଏ ଆପଣା ସାଧ୍ୟାନୁସାରେ ଧନ ବ୍ୟୟ କରନ୍ତି ନାହିଁ ଏମନ୍ତ ବୋଲିଯାଇ ନ ପାରେ । ବାସ୍ତବରେ ଦେଖାଯାଏ ଯେ ଦେବମନ୍ଦିର ଓ ପୁଷ୍କରିଣୀ ପ୍ରଭୃତି ନିର୍ମାଣ କରିବା ଓ ସଦାବର୍ତ୍ତ ଦେବା ଏବଂ ବ୍ରାହ୍ମଣର ଯଜ୍ଞପବିତ୍ର ଓ ସ୍ୱଜାତୀୟ ବା ପରଜାତୀୟ ଲୋକଙ୍କୁ ମାତୃ ପିତୃ ଇତ୍ୟାଦି କ୍ରିୟାର ଦାୟରୁ ମୁକ୍ତ କରିବା ଇତ୍ୟାଦି କର୍ମରେ ଧନ ବ୍ୟୟ କରୁ ଅଛନ୍ତି । ଏହାଙ୍କ ମଧ୍ୟରେ ଐକ୍ୟତା ନ ଥିବାର ମଧ୍ୟ ବୋଲିଯାଇ ନ ପାରେ । କାରଣ ଦେଶ ପ୍ରଚଳିତ ଜାତି ନୀତି ବିଷୟରେ ଅନେକଲୋକଙ୍କୁ ଐକ୍ୟ ହୋଇ କାର୍ଯ୍ୟ କରିବାର ଦେଖାଯାଏ ଫଳତଃ ଯେ ସମସ୍ତ ବିଷୟରେ ସାଧାରଣ ବିଶ୍ୱାସ ବା କୁ ସଂସ୍କାର ଦୃଢ଼ ହୋଇଅଛି ତଦନୁସାରେ କାର୍ଯ୍ୟ କରିବାପାଇଁ ଅନେକଲୋକ ଏକତ୍ରିତ ହେଉ ଅଛନ୍ତି ତାହି ସଭା ପ୍ରଭୃତି ଏରୂପ ଐକ୍ୟତାର ପରିଚୟ ଦେଉଅଛି ଯେବେ ଏମାନେ ଯେ ଦୃଢ଼ପ୍ରତିଜ୍ଞ ନୁହନ୍ତି ଏକଥାଟି ସତ୍ୟ ଓ ଏଥିର ଅପରନାମ ଆଲସ୍ୟ ଅଟଇ । ଓଡ଼ିଆମାନେ (ଏଥିରେ ଓଡ଼ିଶାର ସମସ୍ତ ଅଧିବାସିଙ୍କୁ ବୁଝିବାକୁ ହେବ) ଅତ୍ୟନ୍ତ ଅଳସୁଆ ଓ ମୂର୍ଖତା ଏଥିର ପ୍ରବର୍ତ୍ତକ ଅଟଇ । ପୁରୁଷାନୁକ୍ରମେ କ୍ରମଶଃ ମୂର୍ଖ ଏବଂ ସ୍ୱେଚ୍ଛାଗ୍ରହଶାସନକର୍ତ୍ତାଙ୍କଦ୍ୱାରା ପ୍ରପୀଡ଼ିତ ହୋଇ ଆସିବାରୁ ଏମାନଙ୍କର ମାନସିକବୃତ୍ତିମାନ ଏକାବେଳକେ ନିସ୍ତେଜ ଓ ଅସାଡ଼ ହୋଇ ଯାଇଅଛି । ସୁତରାଂ କେବଳ ଭାତ ଲୁଗା ଖୋଜିବା ଭିନ୍ନ ଆଉ କୌଣସି କଥାର ଚିନ୍ତା କରନ୍ତି ନାହିଁ ଓ ଯେବେ ପରମେଶ୍ୱରଙ୍କ ଅନୁଗ୍ରହରୁ ତେତିକ ହୋଇଗଲା ତେବେ ନିଶ୍ଚିନ୍ତ ହୋଇ ବସନ୍ତି । ଏହି ସାଧାରଣ ନିୟମ ଅଟଇ ଓ ଏହି ନିୟମର ବଶବର୍ତ୍ତୀ ହୋଇ ସମସ୍ତଙ୍କୁ ଚଳିବାର ଦେଖାଯାଏ । ଆପଣାର ସାମାନ୍ୟ ସୁଖ ସ୍ୱଚ୍ଛନ୍ଦତା ଭିନ୍ନ ଅନ୍ୟ କୌଣସି କଥାର ଚିନ୍ତା ଯେତେବେଳେ ଏହାଙ୍କ ମନରେ ସ୍ଥାନ ପାଏ ନାହିଁ ତେତେବେଳେ ଏମାନେ କାହାର ବଳରେ ଦୃଢ଼ପ୍ରତିଜ୍ଞ ହେବେ । ଦୃଢ଼ପ୍ରତିଜ୍ଞ ହେବା ମାନସିକ ତେଜର କାର୍ଯ୍ୟ ଅଟଇ । ଯେଉଁମାନେ କେତେପୁରୁଷରୁ ନିସ୍ତେଜ ହୋଇ ରହି ଅଛନ୍ତି ତାହାଙ୍କଠାରେ ତେଜ କାହୁଁ ଆସିବ ଓ ଯେସ୍ଥଳେ ଅପରକାର୍ଯ୍ୟ କିଛି ମନରେ ଲାଗଇ ନାହିଁ ସେସ୍ଥଳେ ଦୃଢ଼ପ୍ରତିଜ୍ଞ କାହାପଛରେ ହେବ ।

---

ଓଡ଼ିଆ ଗବର୍ଣ୍ଣମେଣ୍ଟ ଗଜେଟର ଦୁର୍ଦ୍ଦଶା ଏତେଦିନେ ଫେଡ଼ିବାର ଲକ୍ଷଣ ଦେଖା ଯାଉଅଛି । ଆମ୍ଭେମାନେ ଅନେକ ଥର ଏ ବିଷୟରେ କେତେ ପ୍ରକାର ପ୍ରସ୍ତାବ କରିଥିଲୁଁ ଓ କମିଶନର ସାହେବ ବହୁତ ଦିନୁ ଗଜେଟର ଉନ୍ନତି କଳ୍ପନା କରିଥିଲେ । ମାତ୍ର ଏତେଦିନେ ତାଙ୍କର ଆଶା ପୂର୍ଣ୍ଣ ହେଲା କାରଣ ସେ ଏ ବିଷୟରେ ଯେସମସ୍ତ ପ୍ରସ୍ତାବ ଗବର୍ଣ୍ଣମେଣ୍ଟରେ କରିଥିଲେ ସେସମସ୍ତ ମଞ୍ଜୁର ହୋଇଅଛି ଓ ତଦନୁସାରେ କାର୍ଯ୍ୟାରମ୍ଭ କରିବା ପାଇଁ କମିଶ୍ନର ସାହେବ ସମ୍ପାଦକଙ୍କୁ ଆଜ୍ଞା ଦେଇଅଛନ୍ତି । ଓଡ଼ିଆ ଅନୁବାଦକ ଲେସି ସାହେବ ଗଜେଟର ସମ୍ପାଦକ ହେଲେ ଓ ତାହାଙ୍କ ବେତନ ପୂର୍ବଠାରୁ ବୃଦ୍ଧି ହୋଇଅଛି ଅର୍ଥାତ୍ ଟ୨୦୦୲ଙ୍କାଠାରୁ ଟ ୨୫୦୲ ଙ୍କା ପର୍ଯ୍ୟନ୍ତ କ୍ରମଶଃ ବୃଦ୍ଧିହାର ପାଇବେ । ଏହାଙ୍କ ସାହାଯ୍ୟ ସକାଶେ ଅଧିକା

Digitized by srujanika@gmail.com

Split by PDF Splitter



ଜଣେ ପଣ୍ଡିତ ଓ ଜଣେ ମୋହରର ଦିଆଯାଇ ଅଛି । କମିଶନର ସାହେବଙ୍କର ଆଦେଶ ଏହି ହୋଇଅଛି ଯେ ଏଣିକି ଗଜେଟରେ ଆଇନ ଓ ବୋର୍ଡର ସରକ୍ୟୁଲଅର ଉପରେ ଜଲସେଚନ, ଇଷ୍ଟାମ, ସାମୁଦ୍ରିକ, ଶିକ୍ଷା, ପୁଲିସ, ପୋଷ୍ଟଅଫିସ୍ ମିଉନିସିପାଲିଟି ପ୍ରଭୃତି ମହକୁମାମାନଙ୍କରୁ ପ୍ରସ୍ତୁତ ହେବା ସର୍ବସାଧାରଣଙ୍କ ଜାଣିବା ଯୋଗ୍ୟ ଆଜ୍ଞାମାନ ପ୍ରକାଶିତ ହେବ ଏବଂ କେଉଁ ମହକୁମାର କାର୍ଯ୍ୟ ସମ୍ପର୍କରେ ଗବର୍ଣ୍ଣମେଣ୍ଟ କେତେବେଳେ କି କୌଶଳ ଅବଲମ୍ବନ କରୁଅଛନ୍ତି ତାହା ଲୋକମାନେ ଜାଣି ପାରିବେ । ଏହି ସମସ୍ତ ବ୍ୟାପାରକୁ ଲକ୍ଷକରି ସମ୍ପାଦକୀୟ କାର୍ଯ୍ୟ ଚଳାଇବାକୁ ହେବ ବୋଲି କମିଶନର ସାହେବ ଆଜ୍ଞା ଦେଇଅଛନ୍ତି ଓ ଜିଲ୍ଲାର କଲେକ୍ଟରମାନଙ୍କ ପ୍ରତି ଉକ୍ତ ପ୍ରକାର ସମ୍ବାଦମାନ ସମ୍ପାଦକଙ୍କ ନିକଟକୁ ପଠାଇବା ସକାଶେ ଆଦେଶ ପଠାଇଅଛନ୍ତି । ଯେମନ୍ତ ପ୍ରଶସ୍ତଭାବରେ କମିଶନର ସାହେବ ଉପର ଲିଖିତ ଆଜ୍ଞାମାନ ଦେଇଅଛନ୍ତି ଯେବେ ସ୍ଥାନୀୟ କର୍ତ୍ତୃପକ୍ଷମାନେ ତଦନୁସାରେ ସନ୍ଧାନ ଦିଅନ୍ତି ଓ ସମ୍ପାଦକ ଉପଯୁକ୍ତ ଶ୍ରମ ଓ ଯତ୍ନ ସହକାରେ ତାହା ନିର୍ବାହ କରନ୍ତି ତେବେ ଗଜେଟଦ୍ୱାରା ଅନେକ ଉପକାର ହେବ ସୁତରାଂ ଗଜେଟ ନେବାକୁ ଲୋକଙ୍କର ଆଗ୍ରହ ବଢିବ । ଅତଏବ ଗଜେଟ ସମ୍ପର୍କୀୟ ଏ ବନ୍ଦୋବସ୍ତ ହେବାର ଶୁଣି ଆମ୍ଭେମାନେ ଆନନ୍ଦିତ ହେଉଅଛୁଁ । ମାତ୍ର ଆମ୍ଭମାନଙ୍କ ଜାଣିବାରେ ଗୋଟିଏ ଗୁରୁତର ଅଭାବ ପ୍ରତି କମିଶନର ସାହେବଙ୍କର ଦୃଷ୍ଟି ପଡି ନାହିଁ ଓ ସେ ଅଭାବଟି ମୋଚନ ନ ହେଲେ ଗଜେଟ ଉଦ୍ଦେଶ୍ୟ ସଫଳ ହେବ ନାହିଁ । ଉକ୍ତ ଅଭାବଟି ଏହି ଯେ ଭିନ୍ନ ଭିନ୍ନ ମହକୁମାର କାର୍ଯ୍ୟର ଫଳାଫଳ ସୁତରାଂ ଉତ୍ତରୋତ୍ତର ଏ ପ୍ରଦେଶର ଅବସ୍ଥା କି ପରିମାଣରେ ଓ କେଉଁ ମାର୍ଗରେ ଉନ୍ନତ ହେଉଅଛି ଓ ଗବର୍ଣ୍ଣମେଣ୍ଟ ସ୍ଥାପିତ କେଉଁ ମହକୁମାଦ୍ୱାରା କି ପରିମାଣରେ ସାଧାରଣ ଉପକାର ସାଧିତ ହେଉଅଛି ତାହା ଜାଣିବାର କୌଣସି ଉପାୟ ହୋଇ ନାହିଁ ଏସମସ୍ତ ସର୍ବସାଧାରଣଙ୍କୁ ଜଣାଇବାର ଏକମାତ୍ର ଉପାୟ ଭିନ୍ନ ଭିନ୍ନ ମହକୁମାର ସାମୟିକ ତାଲିକାମାନ ଅଟଇ । ଏହି ତାଲିକାସବୁ ନିୟମିତରୂପେ ଗଜେଟରେ ପ୍ରକାଶ ହେଲେ ପ୍ରଦେଶର ସମସ୍ତ ବିଷୟର ପରିଚୟ ପାଇଯିବ ଏରୂପ ତାଲିକାମାନ ଅଳ୍ପ ପରିମାଣରେ ଗଞ୍ଜାମ ଗଜେଟରେ ପ୍ରକାଶ ହେବାର ଦେଖିଅଛୁଁ ଓ ତଦ୍ଦ୍ୱାରା ଅନେକ ଲୋକଙ୍କର ଅନେକ ବିଷୟର ଭ୍ରମ ଘୁଚିଯାଇଥିବ । ଓଡିଶାର ନାନା ବନ୍ଦରରେ ପ୍ରତିମାସ ଆମଦାନୀ ରପ୍ତାନି କାର୍ଯ୍ୟ କି ପରିମାଣରେ ହୁଅଇ କେଉଁ କେଉଁ ଦ୍ରବ୍ୟ ଅଧିକ ଯାଏ ଓ ଅଧିକ ଆସେ ଏଥିର ମାସିକ ବା ତ୍ରୈମାସିକ ତାଲିକା, ଭିନ୍ନ ନଗର ବା ଉପନଗରର ମାସିକ ଜନ୍ମମୃତ୍ୟୁ ତାଲିକା, ଜଳ ସେଚନ ସକାଶେ ପ୍ରତି ମାସରେ ଯେଉଁ ଫସଲ ସକାଶେ ଯେତେ ଜମିର କବୁଲିୟତ ହୁଅଇ ଓ କାଲ ନିର୍ମାଣଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର ଯେତେ ଆୟ ଓ ବ୍ୟୟ ହେଉଅଛି ତହିଁର ତାଲିକା, ସାଧାରଣ ଚିକିତ୍ସାଳୟମାନଙ୍କରେ ଯେ ଯେ ରୋଗ ସକାଶେ ଯେତେ ବ୍ୟକ୍ତିର ଚିକିତ୍ସା ହୁଅଇ ତହିଁର ତାଲିକା ପୋଷ୍ଟଅଫିସର ଆୟ ବ୍ୟୟ ଓ କାର୍ଯ୍ୟର ତାଲିକା ଓ ଏହିପରି ଅନ୍ୟାନ୍ୟ ମହକୁମାର ତାଲିକାମାନ ସମୟ ସମୟରେ ଯେତେ ପ୍ରକାଶ ହେବ ତେତେ ଏ ସମସ୍ତ ବିଷୟରେ ଲୋକଙ୍କର ଦର୍ଶନ ବଢିବ । ବର୍ତ୍ତମାନ ଏସବୁ କିଛି ନ ଥିବାରୁ ଗବର୍ଣ୍ଣମେଣ୍ଟର କୌଣସି କାର୍ଯ୍ୟର ଫଳାଫଳ ଲୋକେ ଜାଣନ୍ତି ନାହିଁ ଓ ଜାଣିବାକୁ ସ୍ପୃହା ଆସ୍ଥା କରନ୍ତି ନାହିଁ । ଏ ତାଲିକାମାନ ପୁନଃ ପୁନଃ ତାହାଙ୍କ ଦୃଷ୍ଟିଗୋଚରରେ ଆସିଲେ ସେମାନେ ବର୍ତ୍ତମାନ ପରି ବୈରାଗ୍ୟଭାବରେ ନ ରହି କେତେବେଳେ ନା କେତେବେଳେ ଅବଶ୍ୟ ସାଧାରଣ ହିତାହିତ ବିଚାର କରିବାକୁ ପ୍ରବୃତ୍ତ ହେବେ ଓ ଏକ ଏକ ମହକୁମାର କାର୍ଯ୍ୟକଳାପ ସୁନ୍ଦରରୂପେ ଜାଣି ପାରିବେ । ଅତଏବ ଆମ୍ଭେମାନେ ପ୍ରାର୍ଥନା କରୁଅଛୁଁ ଯେ କମିଶ୍ନରସାହେବ ଏପରି ତାଲିକାମାନ ପ୍ରକାଶ ହେବାର ମଧ୍ୟ ବନ୍ଦୋବସ୍ତ କରିଦେଉନ୍ତୁ । ଅନେକ ତାଲିକା ତାହାଙ୍କ ଦପ୍ତରରେ ମିଳିବ ଓ ଗଜେଟର ସମ୍ପାଦକଙ୍କୁ ଆଜ୍ଞା ହେଲେ ସେ କେବଳ ଆପଣା ପ୍ରୟୋଜନାନୁସାରେ ସଂକଳନ କରିନେବେ । ଯାହା ତାହାଙ୍କ ଦପ୍ତରରେ ଆସୁ ନ ଥିବ ତାହା ଅନ୍ୟାନ୍ୟ କର୍ମଚାରୀଙ୍କଠାରୁ ଆସିବ ।

## ସାପ୍ତାହିକ ସଂବାଦ ।

ଏସପ୍ତାହରେ ପ୍ରାୟ ବୃଷ୍ଟି ହୋଇ ନାହିଁ ଓ ଗ୍ରୀଷ୍ମ ଅତ୍ୟନ୍ତ ହୋଇଅଛି ଶ୍ରାବଣ ମାସ ପ୍ରାୟ ଶେଷ ହେଲା ଆଜିଯାଏ ଗଛିଆ ପୋଖରୀ ଭରତି ହୋଇ ନାହିଁ ବଡ ଶଙ୍କାର ବିଷୟ ଅଟଇ ।

ଆଗାମୀ ସୋମବାର ଶ୍ରୀଯୁକ୍ତ ରିଭେନ୍ସା ସାହେବ କଲିକତାକୁ ଯାତ୍ରା କରିବେ ଓ ସେଠାରେ ପ୍ରବେଶ ହୋଇ ତା ୧୯ ତାରିଖରେ କାର୍ଯ୍ୟ ଦେବେ । ଶ୍ରୀଯୁକ୍ତ ହର୍ଷ୍ଟିଲ ସାହେବ କାର୍ଯ୍ୟ ନେବା ସଙ୍ଗେ ସଙ୍ଗେ ଏ ନଗରକୁ ଆସିବେ ।

ମାହାଙ୍ଗାର ରେସି ମୋକଦ୍ଦମା ପ୍ରିୟନାଥ ବାବୁ ସବ୍ଇନ୍ସପେକ୍ଟରଙ୍କଦ୍ୱାରା ମଧ୍ୟ ସାଧନ ହେଲା । ବାକୀ ବାବୁ ହରେକୃଷ୍ଣ ଦାସ ଓ ଶ୍ୟାମସୁନ୍ଦର ଦତ୍ତ ଅଛନ୍ତି ଏ ଦୁହିଙ୍କ ମଧ୍ୟରୁ ଏକ ବ୍ୟକ୍ତିକୁ ପଠାଇବାର ଉଚିତ ।

ହିନ୍ଦୁପେଟ୍ରିଅଟ ଲେଖନ୍ତି କି ସର୍ ଦନକରଗାଁଓ ଖାମେଶ୍ୱର ପର୍ଯ୍ୟନ୍ତ ତୀର୍ଥ କରିବାକୁ ଯାଇ ଦକ୍ଷିଣ ଭାରତବର୍ଷ ରେଲବାଟକୁ ଖମନାଥର ନିକଟ ମୁଣ୍ଡାପୁରନାମକ ସ୍ଥାନପର୍ଯ୍ୟନ୍ତ ବିସ୍ତାର କରିବା ପାଇଁ ଗବର୍ଣ୍ଣମେଣ୍ଟରେ ପ୍ରସ୍ତାବ କରିଅଛନ୍ତି । ଏ ବାଟଟି ନିର୍ମାଣ ହେଲେ ହରଦ୍ୱାରଠାରୁ ଖାମେଶ୍ୱରଷ୍ଟେସନ ପର୍ଯ୍ୟନ୍ତ ରେଲବାଟରେ ଯିବାର ଉପାୟ ହେବ ।

ଯୁବରାଜଙ୍କ ସହିତ ଭାରତବର୍ଷକୁ ଯାଇଥିବା ମହମ୍ମଦ ଅଫଜଲଖାନ ଓ ଅନୁପସିଂହଙ୍କ ପ୍ରତିମୂର୍ତ୍ତି ତୈଲ ସଂଯୁକ୍ତ ରଙ୍ଗରେ ଚିତ୍ର କରାଇବା ପାଇଁ ଶ୍ରୀ ଶ୍ରୀମତୀମହାରାଣୀ ଆଜ୍ଞା ଦେଇଅଛନ୍ତି । ଏହା ସମ୍ମାନର ବିଷୟ ଅଟଇ । ପତ୍ରାନ୍ତରରୁ ଜଣାଯାଏ ଯେ ବିଲାତରେ ଏମାନଙ୍କର ଚରିତ ଦେଖି ସମସ୍ତେ ସନ୍ତୁଷ୍ଟ ହୋଇଅଛନ୍ତି । ଅନୁପସିଂହ ଜଣେ ପଞ୍ଜାବୀ ଅଟନ୍ତି ସେ ଅଳ୍ପ ଇଂରାଜୀ ଜାଣୁଥିଲେ ଓ ସେଠାରେ ପ୍ରତିଦିନ ଇଂରାଜୀ ଶିକ୍ଷା କରୁଅଛନ୍ତି ।

ହିନ୍ଦୁପେଟ୍ରିଅଟ ଜନରବ ଶୁଣିଅଛନ୍ତି କି ଜଣେ ଇଂରାଜ ବାଳକ ସିମଲାରେ ଯୋଗି ହୋଇଅଛନ୍ତି । ଏ ବ୍ୟକ୍ତି ଏକଜଣ ହିନ୍ଦୁମହନ୍ତର ଚେଲା ହୋଇଅଛି । ଇଂରାଜବାଳକକୁ ଯୋଗିବେଶ ଭଲ ସାଜିଥିବ ।

ଏକ ସମ୍ବାଦପତ୍ରରେ ଲେଖାଅଛି କି ଅଷ୍ଟ୍ରେଲିୟା ଦ୍ୱୀପରେ ଜଣେ ସ୍ତ୍ରୀଲୋକ ଘ ୨୪ ଘଣ୍ଟାରେ ଏକଶତମାଇଲ ବାଟ ଚାଲିଅଛି । ଶୁକ୍ରବାର ଅପରାହ୍ଣ ଘ ୮ ଘଣ୍ଟା ସମୟରେ ଏକସ୍ଥାନରୁ ଯାତ୍ରା କରି ତହିଁ ଆରଦିନ ଅର୍ଥାତ୍ ଶନିବାର ଅପରାହ୍ଣ ଘ ୮ । ଘଣ୍ଟାଠାରେ ଏକଶତମାଇଲ ବାଟ ପୂର୍ଣ୍ଣହେଲା । ଏକଦମରେ ଏତେବାଟ ଚାଲିବା ବଡ ଆଶ୍ଚର୍ଯ୍ୟ ବିଷୟ ଅଟଇ କାରଣ ଡାକସୁଦ୍ଧା ଏତେ ଚାଲି ଯାଇପାରୁ ନାହିଁ ।

Digitized by srujanika@gmail.com

* ହିନ୍ଦୁପେଟ୍ରିଅଟରୁ ଜଣାଗଲା ଯେ ଗତ ଶନିବାର ଅପରାହ୍ଣ ୩ ୪½ ଘଣ୍ଟା ସମୟରେ ଡାକ୍ତର ସରକାରଙ୍କର ବିଜ୍ଞାନସଭା ବଥମତେ ଫିଟିବାର ସ୍ଥିର ହୋଇଥିଲା ଓ ଡାକ୍ତର ସରକାର ମହାଶୟ ପ୍ରଥମ ଉପଦେଶ ଦେବାର ନିଶ୍ଚୟ ହୋଇଥିଲା ।

ଲେଫ୍‌ଟନାଣ୍ଟ ଗବର୍ଣ୍ଣରଙ୍କର ଚଟ୍ଟଗ୍ରାମକୁ ଯିବାର ହେଲା ନାହିଁ ସେ କୃଷ୍ଣନଗର ଓ ବ୍ରହ୍ମପୁର ପ୍ରଭୃତି ସ୍ଥାନମାନ ଦେଖିବାକୁ ଯିବେ । ଏଥିରୁ ବୋଧ ହୁଅଇ ଚଟ୍ଟଗ୍ରାମର ଦରଖାସ୍ତସବୁ ମାନ୍ୟବର ସାହେବ କଲିକତାରେ ବସି ନିଷ୍ପତ୍ତି କରିବେ ।

୧ । ଏଡୁକେଶନ ଗେଜେଟରୁ ଅବଗତ ହେଲୁଁ ଯେ ରୁଶୀୟ ଗବର୍ଣ୍ଣମେଣ୍ଟ କୋକନ ସମରକନ୍ଦ ଏବଂ ସେମାନଙ୍କର ଅନ୍ୟାନ୍ୟ ନବାର୍ଜ୍ଜିତ ସ୍ଥାନର ସୌଦାଗରମାନଙ୍କ ପ୍ରତି ଏହି ଆଦେଶ କରିଅଛନ୍ତି ଯେ ସେମାନେ ଯେପରି ଛମାସ ମଧ୍ୟରେ ସେମାନଙ୍କର ସମୁଦାୟ ଇଂଲଣ୍ଡୀୟ ବସ୍ତ୍ର ବିକ୍ରୟ କରିବେ ଏବଂ ଭବିଷ୍ୟତକୁ ଆଉ କଦାପି ଇଂଲଣ୍ଡୀୟ ବସ୍ତ୍ର ରୁଶୀୟରାଜ୍ୟରେ ଆମଦାନୀ କରିବେ ନାହିଁ ।

୨ । ଯେପରି ଜଳରେ ନ ବୁଡିବାର ପୋଷାକ ପ୍ରସ୍ତୁତ ହୋଇଅଛି ସେହିପରି ଅଗ୍ନିରୁ ରକ୍ଷା ପାଇବାର ଏକରୂପ ପରିଚ୍ଛଦ ଫ୍ରାନ୍ସଦେଶର ଅନ୍ୟତର ସେନାନାୟକ କାପ୍ଟେନ ଆଲ୍‌ଷ୍ଟ୍ରମ ସାହେବ ଉଦ୍ଭାବନ କରିଅଛନ୍ତି ସେହି ପରିଚ୍ଛଦର ପରୀକ୍ଷା ହୋଇ ଉପକାରିତା ପ୍ରତିପନ୍ନ ହୋଇଅଛି । ସିଲିସିଆରେ ଏହାର ପରୀକ୍ଷା ହୋଇଥିଲା । କାଠର ଗୋଟିଏ ଗଦା ସଜାଇ ନିଆଁ ଦିଆଗଲା । ନିଆଁ ଧୂଧୂ କରି ଜଳିବାକୁ ଲାଗିଲା । ଦର୍ଶକମାନେ ଅଗ୍ନିଉତ୍ତାପରେ ତହିଁ ନିକଟକୁ ଯାଇ ପାରିଲେ ନାହିଁ । କିନ୍ତୁ କାପ୍ଟେନ ଆଲ୍‌ଷ୍ଟ୍ରମ ସ୍ୱୀୟ ଉଦ୍ଭାବିତ ପରିଚ୍ଛଦରେ ସର୍ବାଙ୍ଗ ଆଚ୍ଛାଦିତ କରି ସେହି ସମସ୍ତ ନିଆଁଗଦା ଉପରଦେଇ ଅକ୍ଳେଶରେ ଯିବା ଆସିବା କଲେ ପ୍ରତ୍ୟେକ ନିଆଁଗଦା ୩୦ ଫୁଟବର୍ଗ ପରିମିତ ସ୍ଥାନରେ ସଜା ହୋଇଥିଲା ଏବଂ କାପ୍ଟେନ ଆଲ୍‌ଷ୍ଟ୍ରମ ଧୀରେ ଧୀରେ ପଦନିକ୍ଷେପ କରି ତାହା ଉପରେ ଯାତାୟାତ କରୁଥିଲେ । ଯିବା ଆସିବା କାଳରେ ତାହାଙ୍କର ସର୍ବାଙ୍ଗ ଅଗ୍ନିଶିଖାରେ ପରିବୃତ ହୋଇଥିଲା, ଏବଂ ସେ ଗୋଟିଏ ନିଆଁଗଦାର ପ୍ରଚଣ୍ଡ ଜଳିବା ମଧ୍ୟରେ କିଛିକାଳ ଉପବେଶନ ମଧ୍ୟ କରୁଥିଲେ ତହିଁରେ ତାହାଙ୍କର ତିଳମାତ୍ର କଷ୍ଟ ବୋଧ ହୋଇ ନାହିଁ । ଖଣି ମଧ୍ୟରେ ଯେ ଦହନକାରୀ ଗ୍ୟାସ ଉତ୍ପନ୍ନ ହୁଏ ତହିଁ ମଧ୍ୟରେ ମଧ୍ୟ ଉକ୍ତ ପରିଚ୍ଛଦ ପରିଧାନ କରି ପଶିଲେ କୌଣସି ଅସୁଖ ବୋଧ ହୁଏ ନାହିଁ । ହୋହେଞ୍ଜୋଲ୍ ରଣର ଖଣିରେ ଅଳ୍ପ ପରିମିତ ସ୍ଥାନର ଗ୍ୟାସ ବନ୍ଦକରି ତନ୍ମଧ୍ୟରେ ପ୍ରବେଶପୂର୍ବକ ତାହା ପରୀକ୍ଷା କରା ହୋଇଥିଲା ଆଲ୍‌ଷ୍ଟ୍ରମ ସାହେବ ଆପଣାର ଉଦ୍ଭାବିତ ଦ୍ରବ୍ୟ ପଚିଶହଜାର ମାର୍କ (ମୁଦ୍ରାବିଶେଷ) ମୂଲ୍ୟରେ ପ୍ରୁସିୟା ଗବର୍ଣ୍ଣମେଣ୍ଟଙ୍କୁ ବିକ୍ରୟ କରିଅଛନ୍ତି ।

୩ । ଯେଉଁମାନେ ସର୍ବଦା ଲେଖାପଢ଼ା କାର୍ଯ୍ୟ କରନ୍ତି ସେମାନଙ୍କୁ ପ୍ରାୟ ଚକ୍ଷୁଜ୍ୱାଳା, ଦୃଷ୍ଟିର କ୍ଷୀଣତା ବଶତଃ ମଧ୍ୟେ ମଧ୍ୟେ କଷ୍ଟ ଭୋଗ କରିବାକୁ ହୁଏ । କିଛିଦିନ ଏହି ଭାବରେ ଗତ ହେଲେ ଚସମା ବ୍ୟବହାର ନ କଲେ ନ ଚଳେ । ଅସ୍ମମାନଙ୍କର କୃତବିଦ୍ୟ ସମ୍ପ୍ରଦାୟ ପ୍ରଥମାବସ୍ଥାରେ ନ ହେଉ ଶେଷରେ ଚସମା ଦରକାରୀ ହୋଇ ଉଠନ୍ତି । ଖଣ୍ଡିଏ ବିଲାତି ସାମୟିକ ପତ୍ରିକାରେ ଏହି ରୋଗ ନିବାରଣର କେତେଗୁଡ଼ିଏ ସହଜ ଉପାୟ ଲେଖାଅଛି ଯେତେବେଳେ ଏହିରୂପ ଚକ୍ଷୁଜ୍ୱାଳା ଅବା ଦୃଷ୍ଟିର କ୍ଷୀଣତା ଅନୁଭୂତ ହେବ ସେତେବେଳେ ଶୀତଳ ଜଳରେ ମୁଖ ଓ କପାଳ ଧୌତ କରି ଚକ୍ଷୁରେ ଶୀତଳ ଜଳର ଛିଟା ମାରିବ ପ୍ରତିଦିନ ଶୀତଳଜଳରେ ବୁଡ଼ ଗାଧୋଇବ ସ୍ନାନ ପୂର୍ବରେ ଚକ୍ଷୁରେ ଜଳଛିଟା ଦେବାକୁ ହେବ । ଗାଧୋଇବାର ଯେରୂପ ସୁବିଧା ନ ଥିଲେ ଅନ୍ୟବିଧି । ଅଳ୍ପ ଆଲୁଅରେ ଓ ଠିକ ସନ୍ଧ୍ୟା ଏବଂ ପ୍ରାତଃକାଳରେ ଲେଖାପଢ଼ା କାର୍ଯ୍ୟ ସମ୍ପୂର୍ଣ୍ଣ ନିଷିଦ୍ଧ ଶାରୀରିକ ସ୍ୱାସ୍ଥ୍ୟ ଓ କୋଷ୍ଠ ପରିଷ୍କାର ଆଡ଼କୁ ବିଶେଷ ଦୃଷ୍ଟି ରହିବାର ଉଚିତ । ଯେଉଁ ସକଳ ଦ୍ରବ୍ୟ ସହଜରେ ପରିପକ୍ୱ ନ ହୁଏ ତାହା ଭୋଜନ କରିବାର ନିଷେଧ । ମଧ୍ୟରେ ମଧ୍ୟରେ ବଳକର ଔଷଧ ସେବନ କରିବାର ଉଚିତ ତଦ୍ୱାରା ଉପକାର ହୋଇ ପାରେ । ଚକ୍ଷୁର ପୀଡ଼ା ଅନୁଭବ ହେବାମାତ୍ର ଲେଖାପଢ଼ା ତ୍ୟାଗ କରି ବିଶ୍ରାମ କରିବାର ବିଧେୟ ଅଟଇ ।

## ବିଜ୍ଞାପନ ।

କବି ଜଗଦାନନ୍ଦ ଦାସଙ୍କ ରଚିତ ଅର୍ଦ୍ଧଧ୍ୱଂସନ ନାମକ ଜଣାଣ ୧୦ ଖଣ୍ଡ ଛପାହୋଇ କଟକପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୦/ ମୋଫସଲପାଇଁ ଡାକମାସୁଲ ଟ ୦/

## ବିଜ୍ଞାପନ ।

ବୈଦେହୀଶବିଳାସ ୨ୟଖଣ୍ଡ ମୁଦ୍ରିତ ହେଉଅଛି ଅଳ୍ପକାଳରେ ପ୍ରକାଶିତ ହେବ ଯେଉଁମାନେ ଆଗଷ୍ଟ ମାସକ ମଧ୍ୟରେ ଅଗ୍ରିମମୂଲ୍ୟ ପଠାଇବେ ସେମାନେ ଟ୦।୧୦ ରେ ପାଇ ପାରିବେ । ପ୍ରଥମେ ଟ ୧୵ ମୂଲ୍ୟରେ ବିକ୍ରୟ ହେବ ଅତଏବ ସାଧାରଣଙ୍କ ଗୋଚରାର୍ଥେ ପ୍ରକାଶିତ ହେଲା । ମୋଫସଲ୍ ଗ୍ରାହକମାନଙ୍କୁ ପ୍ରତିଖଣ୍ଡରେ ଟ ୦୵ ଡାକମାସୁଲ ପଡ଼ିବ ।

୬।୮।୭୭ ଶ୍ରୀଗୌରୀଶଙ୍କର ରାୟ

ଶ୍ରୀମଦ୍ଭାଗବତ ଦଶମସ୍କନ୍ଧ ଗୋପଲୀଳା ମୁଦ୍ରିତ ହୋଇ କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଟ ୧। ମୂଲ୍ୟରେ ବିକ୍ରୟ ହେଉଅଛି ଗ୍ରାହକଗଣ ଇଚ୍ଛାକଲେ ଅନାୟାସେ ପ୍ରାପ୍ତହୋଇ ପାରିବେ । ମୋଫସଲ ଗ୍ରାହକଙ୍କୁ ପ୍ରତିଖଣ୍ଡରେ ଟ ୦୵ ଡାକମାସୁଲ ପଡ଼ିବ ।

। ପ୍ର । ବାଲୁବିସି । ମୌ । ରଘୁନାଥପୁର ଗ୍ରାମରେ ସ୍ଥାପନ ହୋଇଥିବା ମଧ୍ୟମଶ୍ରେଣୀର ଇଂରେଜୀ ସ୍କୁଲର ପ୍ରଥମଶିକ୍ଷକ ସୁଶିକ୍ଷକ ଭିନ୍ନ କରେ ଅନ୍ୟ କର୍ମରେ ନିଯୁକ୍ତ ହେବାରୁ ଉକ୍ତ କର୍ମରେ ଅନ୍ୟ ଏକଶିକ୍ଷକ ମୁକରର ହେବାର ଆବଶ୍ୟକ ଅତଏବ ଏତଦ୍ଦ୍ୱାରା ପ୍ରକାଶ କରୁଅଛୁଁ ତ କର୍ମାକାଂକ୍ଷୀ ବ୍ୟକ୍ତିମାନେ ଆଗାମି ମାସ ତା ୧୫ ରଖ ମଧ୍ୟରେ ଅସ୍ମଠାରୁ ଅମ୍ଭ ଡେପୁଟୀଇନ୍‌ସ୍ପେକ୍ଟର ବାବୁ ପ୍ୟାରୀ ମୋହନ ସେନଙ୍କ ନିକଟକୁ ଦରଖାସ୍ତ ପଠାଇବ । ଉକ୍ତ କର୍ମର ବେତନ ମାହିକ ଟ ୨୦ ଙ୍କା ଅଟେ । ପ୍ରକାଶ ଥାଉକି ଉକ୍ତ କର୍ମର ଯୋଗ୍ୟତା ନିମନ୍ତେ ପ୍ରବେଶିକା ପରୀକ୍ଷାର ସାର୍ଟିଫିକଟ ଆବଶ୍ୟକ ରଖେ ।

୨୮।୭।୭୭ ଶ୍ରୀ ଗୋପାଳପ୍ରସାଦ ମିତ୍ର
ସେକ୍ରେଟରି ।

## ମୂଲ୍ୟ ପ୍ରାପ୍ତି ।

ଶ୍ରୀ ଛେଡ଼ିବଲ ଭଗବାନ ସ୍ୱାଏଟ ସିଂହ
କୋଠଦେଶ ଅଗ୍ରିମ ଟ ୨।୵
ବାବୁ କୃଷ୍ଣକୃଷ୍ଣ ଦାସ କଟକ ବକାୟା ଟ ୩୯
„ ଶିବପ୍ରସାଦସିଂହ ଯାଜପୁର „ ଟ ୪୵
ମୁନ୍‌ସୀ ଅବଦୁଲ୍ ରେଜାକ କଟକ „ ଟ ୧୵

ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 32 138

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୧ ସଂଖ୍ୟା ୩୩ } ତା୧୮ରିଖ ଅଗଷ୍ଟ ସନ୧୮୭୭ମସିହା । ମୁ । ଶ୍ରାବଣ ୨୩ ନ ସନ୧୨୮୪ସାଲ ଶନିବାର { ଅଗ୍ରିମ ବାର୍ଷିକମୂଲ୍ୟ ଟ୩୲ ବର୍ଷାନ୍ତେମୂଲ୍ୟଦେଲେବର୍ଷକୁଟ୪୲ ମଫସଲପାଇଁ ଡାକମାସୁଲ ଟ୧୷

ଗୋପାଳଜୀ ମଠର ମହନ୍ତଙ୍କ ନାମରେ ଯେଉଁ ଦରଖାସ୍ତ ପଡ଼ିବାର କଥା ଏଥିପୂର୍ବେ ଆମ୍ଭେମାନେ ଲେଖିଥିଲୁଁ ଏସପ୍ତାହରେ ତହିଁର ବିଚାର ହୋଇ ଶ୍ରୀଯୁକ୍ତ ଜଜସାହେବ ଦରଖାସ୍ତକାରଙ୍କୁ ମହନ୍ତଙ୍କ ନାମରେ ନାଳିଶ ମକଦ୍ଦମା କରିବାପାଇଁ ଆଦେଶ ଦେଇଅଛନ୍ତି ଓ ଗତ ତୃତିବର୍ଷର ହେସାବ ୧୫ ଦିନ ମଧ୍ୟରେ ଦାଖଲ କରିବାପାଇଁ ମହନ୍ତଙ୍କୁ ଆଜ୍ଞା ଦେଇଅଛନ୍ତି । ସୁତରାଂ ଦରଖାସ୍ତ ଖଣ୍ଡିକ ସଫଳ ହୋଇଅଛି ବୋଲିବାକୁ ହେବ ଓ ନାଲିଶ ମକଦ୍ଦମା ଦାଏର ହେଲେ ତତ୍‌ଫଳ କି ହେବ ଦେଖିବାରେ ଆସିବ । ସତ୍ୟବାଦୀର ମଠର ଅଧ୍ୟକ୍ଷ ମଧ୍ୟ ହେସାବ ଦାଖଲ କରିଅଛନ୍ତି ଓ ତାହାଙ୍କ ନାମରେ ନାଲିଶ ମକଦ୍ଦମା ହେବାର ସମ୍ଭବ ହୁଅଇ । ଏ ମକଦ୍ଦମାମାନ ସଫଳ ହେଲେ ସଦାବର୍ତ୍ତ ମଠମାନଙ୍କର ବର୍ତ୍ତମାନ ଦୁରବସ୍ଥା ଅଧିକାଂଶରେ ମୋଚନ ହେବ ସନ୍ଦେହ ନାହିଁ ଓ ସେରୂପ ହେବା ସର୍ବସାଧାରଣଙ୍କର ବାଞ୍ଛନୀୟ ଅଟେ ।

---

ଆଜକୁ ପ୍ରାୟ ଦୁଇସପ୍ତାହ ହେଲା ବର୍ଷା ନାହିଁ । ଖରା ଭାଦ୍ରମାସପରି ଟାଣ ହେଉଅଛି ଓ ଗ୍ରୀଷ୍ମ ଏମନ୍ତ ହୋଇଅଛି ଯେ ରାତ୍ରରେ ଘରେ ଶୋଇବା କଠିନ । ଗଡ଼ଖାଇ ପୋଖରୀରେ ଯେଉଁପାଣି ଜମିଥିଲା ତାହା ଶୁଖିଗଲାଣି । କ୍ଷେତ୍ରମାନଙ୍କର ଅବସ୍ଥାସବୁ ଲକ୍ଷିତ ହେଉଅଛି । ବିଲସବୁ ଶୁଖି କୌଣସିଠାରେ ଫାଟିଗଲାଣି । ବିଆଲୀଧାନ ବାହାରିବାବେଳେ ଏମନ୍ତ ଦୁର୍ଦ୍ଦଶା ଏଥିରେ ସେ ଧାନର ଆଶା ନାହିଁ । କେତେକବେଳେ କୌଣସିଠାରେ ମନାଏପାଣି ବର୍ଷୁଅଛି ମାତ୍ର ତହିଁରେ କି ଉପକାର ହେବ । ଯାହାଶ୍ରାବଣରେ କି ବୈଶାଖ ଜ୍ୟେଷ୍ଠପରି ବର୍ଷା ହେଲେ କର୍ମ ଚଳିପାରେ ? ବଢ଼ିପାଣି ଓ ନାଳପାଣି ଯୋଗେ କେତେକ ଅଞ୍ଚଳରେ ଅବଶ୍ୟ ଧାନଗଛସବୁ ମରିପଡ଼ି ନାହିଁ । ମାତ୍ର ସାଧାରଣରୂପେ ଜିଲ୍ଲାର ଅବସ୍ଥା ବଡ଼ମନ୍ଦ ଦେଖାଯାଏ । ଏ ସମୟରେ ଲଗାଣ ହେବାର ଆବଶ୍ୟକ ଥିଲା । ତାହା ନ ହେବାରୁ ଫସଲ ପ୍ରତି ବଡ଼ ଆଶଙ୍କା ହୋଇଅଛି । ଏତେବେଳେ ସୁଦ୍ଧା ଉତ୍ତମବର୍ଷା ହେଲେ ଅନେକ ରକ୍ଷା ପାଇଯିବ ମାତ୍ର ଏହାତ କାହାରି ହାତର କଥା ନୁହଇ । ପରମେଶ୍ୱରଙ୍କର ଯେପରି ଇଚ୍ଛା ଥିବ ସେପରି ଘଟିବ ।

---

### ଓଡ଼ିଶା ଗଡ଼ଜାତ ।

ଚଳିତମାସ ତା୨ରିଖର କଲିକତାଗେଜେଟରେ ଗତସନ ଅର୍ଥାତ୍ ସନ ୧୮୭୫।୭୬ ମସିହା ବାବତ୍ ଓଡ଼ିଶା ଗଡ଼ଜାତ ମହାଲର ବାର୍ଷିକ ବିଜ୍ଞାପନୀ ଉପରେ ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କର ମନ୍ତବ୍ୟ ବାହାରିଅଛି । ଆମ୍ଭେମାନେ ତହିଁରୁ ଅବଗତ ହେଲୁଁ ଯେ ଏହି ବର୍ଷ ଫସଲର ଅବସ୍ଥା ସର୍ବତ୍ରରେ ଉତ୍ତମ ଥିଲା ଓ ରାଜାମାନେ ଆପଣା ୨ ରାଜ୍ୟର ଉନ୍ନତି ସକାଶେ ସାଧାରଣରୂପେ ଯତ୍ନ କରିଅଛନ୍ତି ଓ ଲୋକମାନେ ଆନନ୍ଦରେ ରହିଅଛନ୍ତି ।

ପୂର୍ବ ବର୍ଷାପେକ୍ଷା ବିଜ୍ଞାପନୀ ବର୍ଷରେ ଦେୱାନୀ ଓ ଖଜଣା ସମ୍ପର୍କୀୟ ମୋକଦ୍ଦମା ଅଳ୍ପ ହୋଇଅଛି । ସନ ୧୮୭୪।୭୫ ମସିହାରେ ୨୨୯୦ ମାତ୍ର ସନ ୧୮୭୫।୭୬ ରେ ୧୯୩୭ ମୋକଦ୍ଦମା ହୋଇଥିଲା । ବାଙ୍କି କିଲ୍ଲାରେ ଅଧିକ ଊଣାପଡ଼ିଅଛି ଅଥଚ ଗତବର୍ଷ ଏ କିଲ୍ଲାରେ ବହୁତ ମୋକଦ୍ଦମା ହୋଇଥିଲା ମାତ୍ର ଏଥିର କାରଣ କିଛି ପ୍ରକାଶ ପାଇ ନାହିଁ । ମୋଟମୋକଦ୍ଦମା ମଧ୍ୟରୁ ୧୧ଅପିଲ ହୋଇଥିଲା ଓ କେବଳ ୧୬ ମୋକଦ୍ଦମାରେ ଅଧସ୍ଥ ଅଦାଲତଙ୍କ ଆଜ୍ଞା ରଦ୍ଦ ବା ତରମିମ ହୋଇଅଛି । ଏପରି ଫଳ ମୋଗଲବନ୍ଦିର କୌଣସି ମହକୁମାରେ ଦେଖାଯିବାର ସନ୍ଦେହ ଓ ଏଥିରୁ ବେଆଇନକାରର ବାସନା ଆସୁଅଛି ।

ଫଉଜଦାରୀ ମୋକଦ୍ଦମାର ଅଳ୍ପ ବୃଦ୍ଧି ଦେଖାଯାଏ ଓ ବାଙ୍କି କିଲ୍ଲାରେ ଅଧିକ ଅପରାଧ ହୋଇଅଛି । ଏହି ଏକ କିଲ୍ଲାରେ ଦେୱାନୀ ମୋକଦ୍ଦମା ଊଣା ଓ ଅପରାଧ ଅଧିକ ହେବାର କିଛି କାରଣ ପ୍ରକାଶ ହୋଇଥିଲେ ଭଲ ହୋଇଥାନ୍ତା । ହତ୍ୟା ଅପରାଧର ମଧ୍ୟ ଅଧିକ ଊଣା ଦେଖାଯାଏ ଏହା ବଡ଼ ସନ୍ତୋଷଜନକ ଅଟଇ ।

ସଡ଼କଇତ୍ୟାଦି ନିର୍ମାଣ ବିଷୟରେ ରାଜାମାନେ ଯେଉଁରୂପ ଯତ୍ନ କରୁଅଛନ୍ତି ତହିଁର ବିବରଣ

Digitized by srujanika@gmail.com

ପାଠକମାନେ ଜାଣନ୍ତି । ଏହା ଛଡା ମୟୂରଭଞ୍ଜର ରାଜା ଟ ୭୦୦୦୍ ଙ୍କା ବ୍ୟୟ କରି ଗୋଟିଏ ସଡକ ବାଲେଶ୍ୱର ଜିଲ୍ଲାକୁ ଆପଣା ଏଲାକାରୁ ଚଲାଇଦେଇଅଛନ୍ତି ।

ଶିକ୍ଷା ବିଷୟରେ ଢେଙ୍କାନାଳ ଓ କେଉଁଝରର ରାଜାଙ୍କର ବିଶେଷ ସୁଖ୍ୟାତି ହୋଇଅଛି । କେଉଁଝରରେ ସ୍କୁଲର ବେତନସମ୍ବନ୍ଧୀ ପିଲାମାନେ ଦିଅନ୍ତି ନାହିଁ ଓ ପୁସ୍ତକ ଶ୍ଳେଟ ପ୍ରଭୃତି ସବୁ ଖର୍ଚ୍ଚ ରାଜାଙ୍କ ହିସାବରେ ଖର୍ଚ୍ଚ ପଡଇ ।

ରାଜା ଓ ପ୍ରଜାମାନଙ୍କ ମଧ୍ୟରେ ବିଶେଷ ସଦ୍ଭାବ ଥିବାର ଜଣାଯାଏ ଓ ପୂର୍ବପର ରାଜାଙ୍କ ମଧ୍ୟରେ ମଧ୍ୟ ସରହଦ ସୀମାନାର ଝଗଡା ମଧ୍ୟ ଉଣା ପଡିଅଛି । କେଉଁଝରରେ ରାଜା ପ୍ରଜାଙ୍କର ସଦ୍ଭାବସବୁଠାରୁ ଅଧିକ ଓ ପ୍ରଜାମାନେ ଆପଣା ଇଚ୍ଛାରେ ହେବା ଜରି ରାଜାଙ୍କର ସରକାରଙ୍କୁ ଦେଇ ଥିବା ଟଙ୍କା ସୁଝିବା ତହିଁର ପ୍ରଧାନ ପ୍ରମାଣ ଅଟଇ । କମିଶନରସାହେବ ଏହାଙ୍କର ବିଶେଷ ପ୍ରଶଂସା କରିଅଛନ୍ତି ଏବଂ ଲେଖିଅଛନ୍ତି ଯେ ଏମନ୍ତ ସୁଶାସନ ଅନ୍ୟ କୌଣସି ରାଜା ଦେଖାଇ ନାହିଁ ବା ପ୍ରଜାମାନେ କୌଣସିଠାରେ ଏପ୍ରକାର ସୁଖୀ ଓ ପ୍ରଭୁଭକ୍ତ ନାହାନ୍ତି । ମାନ୍ୟବର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଏହା ଶୁଣି ବଡ ଆନନ୍ଦିତ ହୋଇଅଛନ୍ତି ଓ ରାଜାଙ୍କୁ ତାହା ଜଣାଇ ଦେବା ପାଇଁ ଆଜ୍ଞା ଦେଇଅଛନ୍ତି । ଏହା ଛଡା ଶ୍ରୀଯୁକ୍ତ କମିଶନରସାହେବ ଢେଙ୍କାନାଳର ମହାରାଜା ଯାଲନହତାର ରାଜାବାହାଦୁର ଏବଂ ହିନ୍ଦୋଳ ଆଠମଲ୍ଲିକ ନରସିଂହପୁର ଖଣ୍ଡପଡା ତିଗିରିଆ ଓ ନୟାଗଡରାଜାଙ୍କର ସୁଶାସନର ସୁଖ୍ୟାତି କରିଅଛନ୍ତି କେବଳ ତାଳଚେର ଓ ଦଶପଲ୍ଲା ରାଜାଙ୍କର ଅଖ୍ୟାତି ହୋଇଅଛି । ତାଳଚେର ରାଜାଙ୍କ ବୟସ ଊଣା ହେବରୁ ଓ ସେ ମନ୍ଦଲୋକଙ୍କ କଥା ଶୁଣିବାରୁ ସେ ରାଜାଙ୍କର ଅବସ୍ଥା ମନ୍ଦ ହୋଇଅଛି କିନ୍ତୁ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଯେସମସ୍ତ ବନ୍ଦୋବସ୍ତ ଏଣିକି କରିଅଛନ୍ତି ତହିଁରେ ରାଜାଙ୍କର ଦୋଷମାନ ଲୁଚିଯିବାର ସମ୍ଭାବନା ଅଛି । ଦଶପଲ୍ଲା ବିଷୟ ଅତି ମନ୍ଦ ତାହାଙ୍କୁ ପୁନଃ୨ ତାଗିଦ କଲେ ମଧ୍ୟ କିଛି ଭଲ ହୋଇ ନାହିଁ ଓ ଯେବେ ରାଜା ପୁନର୍ବାର ଅତ୍ୟାଚାର କଲେ ବା ଅନ୍ୟାୟ କରି ନେଲେ ତାହାଙ୍କ ବିଷୟରେ ଭିନ୍ନ ରପୋର୍ଟ ଗବର୍ଣ୍ଣମେଣ୍ଟକୁ ପଠା ଯିବାର ଆଦେଶ ହୋଇଅଛି । ନୀଳଗିରି ଓ ରଣପୁରର ଅବସ୍ଥା ମଧ୍ୟ ଭଲ ନୁହଇ । ଏ ରାଜାମାନଙ୍କର ସ୍ୱଭାବ ଦୁର୍ବଳ ଏବଂ ମନ୍ଦଲୋକଙ୍କ ପରାମର୍ଶରେ ଅଧିକ ପଡିବାର ଦେଖାଯାଏ ।

ଆମ୍ଭେମାନେ ଭରସା କରୁଁ କି ଗତଯାତର ଯେଉଁ ରାଜାମାନେ ଏ ବିଜ୍ଞାପନରେ ନିନ୍ଦାର ଭାଜନ ହୋଇଅଛନ୍ତି ସେମାନେ ସତର୍କ ହୋଇ ଆପଣା୨ କାର୍ଯ୍ୟ କରନ୍ତୁ ଯେମନ୍ତ କି ଭବିଷ୍ୟତରେ ତାହାଙ୍କର ଏପରି ଅଖ୍ୟାତି ରହିବ ନାହିଁ ।

---

## ସୁରୁଲୁମାଷୀରୋଗ ।

ଗତ ସପ୍ତାହ ନଗରବାସିମାନେ ଯେମନ୍ତ ଗନ୍ଧାପୂର୍ଣ୍ଣିମା ଉପଲକ୍ଷରେ ଆନନ୍ଦରେ କଟାଇ ଥିଲେ ଏ ସପ୍ତାହରେ ସେହିରୂପ ଲୋକେ କାତର ହୋଇ ଦିନ କାଟୁ ଅଛନ୍ତି । ଏରୂପ କାତର ହେବାର ପ୍ରଧାନ କାରଣ ସୁରୁଲୁମାଷୀ-ରୋଗ ଅଟଇ । ଏ ରୋଗ ଦକ୍ଷିଣରୁ ଆସୁଥିବା ସମ୍ବାଦ ଆମ୍ଭେମାନେ ଏଥି ପୂର୍ବେ ପାଠକଙ୍କୁ ଦେଇଥିଲୁଁ ଗତ ସପ୍ତାହରେ ପୁରୀ ଓ ଖୋରଧା ଜିଲ୍ଲାରେ ଏ ରୋଗ ପ୍ରବେଶ ହେବାର ସମ୍ବାଦ ପାଇଲୁଁ ଓ ବର୍ତ୍ତମାନ ଏ ନଗର ଓ ଏଥିର ନିକଟବର୍ତ୍ତୀ ସ୍ଥାନସବୁରେ ଏ ରୋଗ ବ୍ୟାପିବାର ଘୋଷଣା ହୋଇଅଛି ଯେଉଁଠାକୁ ଯାଅ ଓ ଯାହା ସଙ୍ଗେ ଭେଟ ହେଉ ଏହି ରୋଗର କଥା ଶୁଣିବ ସବୁଠାରେ ଏହି ରୋଗର ଚର୍ଚ୍ଚା ଲାଗିଅଛି ଓ ଲୋକେ ଅତ୍ୟନ୍ତ ତ୍ରାସଯୁକ୍ତ ହୋଇ ଔଷଧ ସଂଗ୍ରହ କରିବାରେ ବ୍ୟସ୍ତ ଅଛନ୍ତି । ଛେଳିର ପାକସ୍ଥଳୀରେ ଥିବା ଅର୍ଦ୍ଧଜୀର୍ଣ୍ଣ ପଦାର୍ଥ ପ୍ରଧାନ ଔଷଧ ହୋଇଅଛି ଓ ତାହା ଏତେ ପରିମାଣରେ ପ୍ରସ୍ତୁତ ହୋଇଅଛି ଯେ ଛେଳିର ମୂଲ୍ୟ ଚତୁର୍ଗୁଣ ବଢିଅଛି ଓ ବହୁତ ଛେଳି ମରି ପଡିବାରୁ ଅନାୟାସରେ ବୋଲି ଯାଇ ପାରେ ଯେ ଏ ରୋଗଟି ଛେଳି-ମଡକ ଅଟଇ । ଯାହା ହେଉ ଔଷଧ ସଂଗ୍ରହ ଛଳରେ ଅନେକ ଲୋକ ମାଂସ ଖାଇବାର ଆଶାକୁ ତୃପ୍ତ କଲେଣି ଓ ଯାହାଙ୍କ ଅଦୃଷ୍ଟରେ ମାଂସ ଭୋଜନ ଘଟି ନାହିଁ ସେମାନଙ୍କୁ ଏ ରୋଗ ମାଂସର ମଳ ପର୍ଯ୍ୟନ୍ତ ଖୁଆଇବାକୁ ପ୍ରସ୍ତୁତ କଲାଣି । ଫଳତଃ କି ଶାକ୍ତ କି ବୈଷ୍ଣବ କି ଅପର ସମ୍ପ୍ରଦାୟର ଲୋକ ସମସ୍ତେ ଏ ଔଷଧକୁ ଅତି ଯତ୍ନରେ ସାଇତି ରଖିଅଛନ୍ତି ଓ ପୀଡ଼ା ଉପସ୍ଥିତ ହେବାମାତ୍ରେ ସେବା କରିବାକୁ କିଞ୍ଚିତରେ କଷ୍ଟ ମଣୁ ନାହାନ୍ତି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଅଇ ଯେ ପ୍ରାଣ ଉପରେ ପଡିଲେ ଧର୍ମ କର୍ମ ଅନାୟାସରେ ଛାଡିଯାଏ । ଏ ରୋଗର ଅପର ଏବଂ ପ୍ରକୃତ ଔଷଧ ନୈସାଦର ଅର୍କ ମଧ୍ୟ ବହୁତ ଲୋକ ସଂଗ୍ରହ କରିଅଛନ୍ତି କିନ୍ତୁ ଏଥିରେ ସାଧାରଣ ବିଶ୍ୱାସ ପ୍ରଥମ ଲିଖିତ ଔଷଧ ପ୍ରାୟ ଦୃଢ଼ ନୁହଇ ।

ଆମ୍ଭେମାନେ ପ୍ରଥମରେ ଏ ରୋଗକୁ ସ୍ୱୀକାର କରୁ ନ ଥିଲୁଁ କିନ୍ତୁ ଅତି ବିଶ୍ୱସ୍ତସୂତ୍ରେ ଅବଗତ ହୋଇଅଛୁଁ ଯେ ଏ ରୋଗ ନିତାନ୍ତ ଅଳୀକ ନୁହଇ । କଟକସ୍ଥ ଅମଲାଙ୍କ ମଧ୍ୟରୁ କେତେ ଜଣ ଏ ରୋଗ ଭୋଗ କରିଅଛନ୍ତି ଓ ଗୃହଆଡେ ଅପର ଅନେକ ବ୍ୟକ୍ତିଙ୍କୁ ରୋଗ ଧରିବାର ଶୁଣା ଯାଉଅଛି ତେବେ ଯଥାର୍ଥ ରୋଗ ଭୋଗ କରିବାଠାରୁ ଭୟରେ ଏ ରୋଗ ଅନୁଭବ କରିବା ବ୍ୟକ୍ତିଙ୍କ ସଂଖ୍ୟା ଅନେକ ଅଧିକ ଜଣାଯାଏ ଓ ଅଦ୍ୟାପି କେବଳ ଏକଜଣ ଏ ରୋଗରେ ମରିବାର ସମ୍ବାଦ ପାଇଅଛୁଁ ।

ଆମ୍ଭେମାନେ ଏ ରୋଗ ସମ୍ପର୍କରେ ଅନେକ ପତ୍ର ପାଇଅଛୁଁ ସେସବୁ ପ୍ରକାଶ କରିବାକୁ ସ୍ଥାନ ନାହିଁ ଓ ସମସ୍ତର ଭାବ ପ୍ରାୟ ଏକପ୍ରକାର ଅଟଇ । ଗୋଡର ବୁଢାଅଙ୍ଗୁଳିରୁ ଲାଗିବା ପରି ପୀଡା ଜନ୍ମ ହୋଇ ଉପରକୁ ଉଠୁଅଛି ଓ ଔଷଧ ଖୁଆଇଲେ ଅଳ୍ପକାଳ ମଧ୍ୟରେ ନିବୃତ୍ତ ହେଉଅଛି । ଏକ ବା ଦୁଇ ପାଳରୁ ଅଧିକ ଔଷଧ ଖାଇବାକୁ ହେଉ ନାହିଁ ।

ସୁରୁଲୁମାଷୀ ଭୟରୁ ଯଦ୍ୟପି ବି ଲୋକେ ଓଲଉଠା ରୋଗର ଚିନ୍ତା କରୁ ନାହାନ୍ତି ତଥାପି ଏ ରୋଗ ନଗର ମଧ୍ୟରୁ ଅନ୍ତର୍ଦ୍ଧାନ ହୋଇ ନାହିଁ ସହରର ଏକ୨ ପାଖରେ ଏ ରୋଗର ପ୍ରାଦୁର୍ଭାବ ଦେଖାଯାଏ ତେବେ ପୂର୍ବଠାରୁ ଊଣା ଅଛି ।

ଏ ଦୁଇ ପ୍ରତ୍ୟକ୍ଷରୋଗ ଛଡା ଆଉ ଗୋଟିଏ ମାନସିକ ପୀଡ଼ା ଅନେକଲୋକଙ୍କୁ ଆକ୍ରମଣ କରିବାର ଦେଖାଯାଏ । ତାହା ଏହି ଯେ ସବନରୂପରେ ଏକ ହନୁମାନ ନଗରମଧ୍ୟରେ ପ୍ରବେଶ କରି ଅଛନ୍ତି । ଯାହାଙ୍କାରେ ଯାଇ ସେ ଦର୍ଶନ ଦିଅନ୍ତି ନିଶ୍ଚୟ ସେ ସବଂଶରେ ନାଶ ଯାଏ । ଈଶ୍ୱରଙ୍କ ଇଚ୍ଛାରୁ ଏତାଦୃଶ ଶୋକାବହ ଦୁର୍ଘଟନା କାହାର ଘଟି ନାହିଁ ମାତ୍ର ଏହାକୋଳି ଲୋକଙ୍କର ଅବିଶ୍ୱାସ ଜନ୍ମୁ ନାହିଁ । ଏ ମହା ଦୁଃଖର କୌଣସି ବୈଦିକ ଔଷଧ ପ୍ରାପ୍ତ ହୋଇ ନାହିଁ ତେବେ ଏ ନଗରର ଗ୍ରାମଦେବତାମାନେ ଏଥିରୁ ଲୋକଙ୍କୁ ଉଦ୍ଧାର କରିବାର ଉପାୟ କହିଦେଇ ଅଛନ୍ତି । ସ୍ୱରପାଟଦିନ ଘରେ ଶାଙ୍ଖଗ୍ରାମଙ୍କନାଙ୍କ କାଳଶୀ ଆଜ୍ଞା ଦେଲେ କି

ଯାହାଦ୍ୱାରେ ଚିତା କି ମୂର୍ତ୍ତି ଅଙ୍କିତ ହେବ ହନୁମାନ ସେଠାକୁ ଯାଇପାରିବେ ନାହିଁ। ଏହି ଆଜ୍ଞା ହେଲାମାତ୍ରକେ ନଗରବାସିମାନେ ଆପଣା ଆପଣା ଦ୍ୱାରରେ ସ୍ୱଚ୍ଛ ଦନ କରି ଚିତା ଦେଲେ ମାତ୍ର ତହିଁର ଦୁଇଦିନ ଉତ୍ତାରୁ ଲଟକଚଣ୍ଡିଙ୍କ କାଳଶୀ ଆଜ୍ଞାଦେଲେ କି ଯାହା ଦ୍ୱାରରେ ଚିତା ଦିଆଯାଇଅଛି ତାହା ଘରେ ହନୁମାନ ପଶିବ ଅତଏବ ଚିତାସବୁ ନିବାଇ ଦେବାର ଆବଶ୍ୟକ। ଏ ଆଜ୍ଞା ପ୍ରଚାର ହେଲାରୁ ଲୋକେ ଗୋବରରେ ଚିତାସବୁ ଲିପି ଦେଲେଣି। ଯେଉଁମାନେ ଶେଷ ଆଜ୍ଞା ଶୁଣି ନାହାନ୍ତି ତାହାଙ୍କ ଦ୍ୱାରରେ ଅବଧି ଚିତା ଦେଖା ଯାଉଅଛି ଅନ୍ୟତ୍ରରେ ତାହା ଲିପାପୋଛ ହୋଇ ଗଲାଣି।

ସ୍ୱଲୁକ୍ମାଖିରୋଗରେ ଏ ପର୍ଯ୍ୟନ୍ତ ଏଠାରେ ଥିବା ଇଂରାଜଙ୍କର ବିଶ୍ୱାସ ହୋଇ ନ ଥିବାର ଜଣାଯାଏ ଓ ତହିଁପାଇଁ କୌଣସି ପ୍ରକାର ବନ୍ଦୋବସ୍ତ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ହୋଇ ନାହିଁ କେବଳ ଏଠା ପଲଟନର ଡାକ୍ତର ସ୍ୱଭାବତଃ ଅତ୍ୟନ୍ତ ଦୟାଳୁ ଥିବାରୁ ଓ ବୋଧ ହୁଏ ମାନ୍ଦ୍ରାଜ ଅଞ୍ଚଳରୁ ଏ ରୋଗର ବୃତ୍ତାନ୍ତ ଜାଣି ଥିବାରୁ ଅନେକଲୋକଙ୍କୁ ନୈଷାଦର ଅର୍କ ବିତରଣ କରି ଅଛନ୍ତି। ଫଳତଃ ଏ ରୋଗରେ କେହି ବିଶ୍ୱାସ କରନ୍ତୁ ବା ନ କରନ୍ତୁ ଏଥିର ଅତି ସୁଲଭ ଏବଂ ଅବ୍ୟର୍ଥ ଔଷଧ ନୈଷାଦର ଅର୍କ ପ୍ରସ୍ତୁତ ରଖିବାରେ କିଛି ଦୋଷ ନାହିଁ ରୋଗ ମହାଳଙ୍ଗ ପାଇ ହୋଇ ଚୌହୁଆରକୁ ଗଲାଣି ସୁତରାଂ ଜଗନ୍ନାଥପଡ଼ାକବାଟେ କଲିଙ୍ଗା ବା ଅହୁରି ଦୂରକୁ ଯାଇପାରେ ଅତଏବ ସମସ୍ତଙ୍କ ଜାଣିବା ସକାଶେ ଏ ରୋଗର ସହଜ ଉପାୟ ଲେଖି ଦେଉଅଛୁଁ ତାହା ଏହି ଯେ ଡାକ୍ତରଖାନାରୁ ଲାଇକର ଆମୋନିଆ ଆଣି ରଖିଲେ ରୋଗ ଧରିବା ମାତ୍ରକେ ରୋଗୀକୁ ଶୁଙ୍ଘାଇ ଦେବ। ନୈଷାଦର ନାଶ କି ଯାହାକୁ ଇଂରାଜୀରେ ସ୍ମେଲିଂସଲ୍ଟ କୁହନ୍ତି ତାହା ଶୁଙ୍ଘାଇଲେ ମଧ୍ୟ ଉପକାର ହୁଏ। ଏଥିରେ ଉପଶମ ନ ହେଲେ ଲାଇକରଆମୋନିଆ ୮।୧୦ ଟୋପା କିଞ୍ଚିତ ପାଣିରେ ମିଶାଇ ଖୁଆଇ ଦେବ। ଏଥି ଉତ୍ତାରୁ ଜ୍ୱାଳା ପୋଡ଼ା ରହିଲେ କିଞ୍ଚିତ ଅର୍କ ପୀଡ଼ାସ୍ଥାନରେ ଲଗାଇ ଦେବ। ଲାଇକର ଆମୋନିଆ ଅପ୍ରାପ୍ତ ହେଲେ ନୈଷାଦର ଓ ଶୁଖିଲା କଳୀଚୂନ ସମାନ ଓଜନ ଚୂର କରି ଗୋଟାଏ ବୋତଲରେ ରଖି ଅଳ୍ପ ପାଣି ତହିଁରେ ଦେବ। କିଛିକ୍ଷଣ ଉତ୍ତାରୁ ଚୂନ ତଳେ ରହିଯିବ ଓ ପରିଷ୍କାର ପାଣି ଉପରେ ରହିବ। ସେହି ଜଳକୁ ଅନ୍ୟ ଶିଶିରେ ବନ୍ଦ କରି ରଖିବ। ଲାଇକରଆମୋନିଆ ପରି ତାହାକୁ ବ୍ୟବହାର କରିବ।

---

ଆମ୍ଭମାନଙ୍କ ଯାଜପୁର ସମ୍ବାଦଦାତା ଲେଖିଅଛନ୍ତି କି ସେ ଅଞ୍ଚଳରେ ଦ ୧୫ ନରୁ ଅଧିକ ହେଲା ବର୍ଷା ନାହିଁ ଓ ବିଲମାନ ଶୁଖିଗଲାଣି। ବାହ୍ମଣୀ ଖରସୁଆ ପ୍ରଭୃତି ନଦୀମାନ ପ୍ରବଳରୂପେ ବଢ଼ି ସେହିପାଣି ବିଲକୁ ଉଛୁଳି ପଡ଼ିବାରୁ ରୁଆ ବେହୁଡ଼ା କର୍ମ ହୋଇଥିଲା। ଯେଉଁଆଡ଼କୁ ନଦୀଜଳ ଯିବାର ବାଟ ନାହିଁ ସେଆଡ଼େ ରୁଆ ବେହୁଡ଼ାସୁଦ୍ଧା ହୋଇ ନାହିଁ। ଗଡ଼ଆ ପୋଖରୀସବୁ ଶୁଖିଲା ପଡ଼ିଅଛି। କେବଳ ଯାଜୀ ଗଡ଼ାସୃତ ବନ୍ଦଥିବାରୁ ଚାଉଳଆଦି ଶସ୍ୟ ଦୁର୍ମୂଲ୍ୟ ହୋଇ ନାହିଁ। ଗତସପ୍ତାହରେ ଟଙ୍କାକୁ ସେ ୨୬ ର ଚାଉଳ ବିକ୍ରୟ ହେଉଥିଲା। ବର୍ତ୍ତମାନ ଓଲାଉଠାରୋଗ ଶାନ୍ତଅଛି ମାତ୍ର ଗୋଟିଏ ଅଦ୍ଭୁତ ଘଟନା ଶ୍ରାବଣମାସ ତା ୨ ରିଖ ବୁଧବାର ରାତ୍ରରେ ଘଟିଅଛି ଯଥା;-- ପ୍ରଥମେ ସୁଁ ଶବ୍ଦ ପରେ ଗାଡ଼ି ଚାଲିବା ପରି ଗଡ଼୍ଗଡ଼୍ ଶବ୍ଦ ହୋଇ ଘର ଓ ବୃକ୍ଷମାନ ପୃଥିବୀ ସହିତ ଟଲମଟଳ ହୋଇଗଲା ଯେଉଁମାନେ ଜାଗ୍ରତ ଥିଲେ ସେମାନେ ଭୂମିକମ୍ପ ବୋଲି ଜାଣି ହରି ଶବ୍ଦ ଉଚ୍ଚାରଣ କଲେ କିନ୍ତୁ ତହିଁରେ କିଛି ଅନିଷ୍ଟ ହେବାର ଦେଖାଶୁଣା ଯାଇ ନାହିଁ ଏପରି ଭଦରଖ ଇଲାକା ବାଲିପଟଣା ନିବାସୀ ଜଣେ ଗୋଲାକାତର ଗୋଟିଏ ପୁଅ କି ତାହାର ଗୋଡ଼ ଗୋ ୩ ଟା ଓ ହାତ ଗୋ ୩ ଟା ଓ ମୁଣ୍ଡ ଗୋ ୨ ଟା ଓ ମୁଖ ଗୋ ୨ ଟା ଓ ନାକ ଗୋ ୨ ଟା ଓ କାନ ଗୋ ୪ ଟା ଓ ଆଖି ଗୋ ୪ ଟା ଇନ୍ଦ୍ରି ଗୋ ୧ଟା ଅଛି ଜନ୍ମ ହୋଇ ୭।୮ ମିନିଟ ଜୀବିତ ରହି ଆଖି ମିଟିମିଟି କରି ତହିଁ ମରିଗଲା ଏପରି ମହାପୁରୁଷ ଜଣେ ଜନ୍ମ ଗ୍ରହଣ କରିଥିଲା ଓ କି ସକାଶେ ମରିଗଲା ତାହା ଶ୍ରୀ ପରମେଶ୍ୱର ଜାଣନ୍ତି ସେ ପୁଅଟି ଜୀବିତ ରହିଥିଲେ ତାକୁ ଦେଖିବା ସକାଶେ କେତେ ସ୍ଥାନରୁ କେତେ ମନୁଷ୍ୟ ଆସନ୍ତେ ତହିଁର ସୀମା ରହନ୍ତା ନାହିଁ।

---

# ସାପ୍ତାହିକ ସଂବାଦ।

କଟକ ଜେଲଖାନା ମଧ୍ୟରେ ଏକ ବ୍ୟକ୍ତିକୁ ଝିମାରୋଗ ହୋଇଥିଲା ନେଟିବଡାକ୍ତର ତାହାକୁ ଏକଛଟାଙ୍କ ଶୀତଳଜଳ ଖୁଆଇ ଆରୋଗ୍ୟ କରିଅଛନ୍ତି। ଏଥିରୁ ଜଣାଯାଏ ଯେ ରୋଗଟି ମାନସିକ ଅଟଇ।

ଶୁଣିଲୁଁ ଯେ ପଦ୍ମପୁରରେ ଝିମାରୋଗ ପ୍ରବେଶ ହୋଇଅଛି। ରୋଗଟି ଚନ୍ଦବାଲି ବାଟରେ କଲିକତାକୁ ଯାଉଅଛି କି?

ଦର୍ପଣ ବୋଲନ୍ତି କି ଗତମାସ ତା ୨ ରିଖ ରାତ୍ରରେ ବାଲେଶ୍ୱରରେ ଭୂମିକମ୍ପ ହୋଇଥିଲା।

ବର୍ଷା ନ ହେବାରୁ ଏନଗରରେ ଚାଉଳର ମୂଲ୍ୟ ଦିନ୨ ବଢ଼ୁଅଛି। ସତେ କି ବର୍ଷା ହେବ ନାହିଁ?

ଏଦେଶୀୟ ଲୋକମାନଙ୍କୁ ଜିଲ୍ଲାର ଜଜପଦରେ ନିଯୁକ୍ତ କରିବାର ପ୍ରସ୍ତାବ ଗବର୍ଣ୍ଣମେଣ୍ଟରେ ହେଉଅଛି। ଯେବେ ଏପ୍ରସ୍ତାବଟି କାର୍ଯ୍ୟରେ ପରିଣତ ହୁଏ ତେବେ ବଡ଼ ଆନନ୍ଦର ବିଷୟ ହେବ। ଦେଶୀୟ ଲୋକମାନେ ବିଚାର କର୍ମରେ ଉପଯୁକ୍ତ ବୋଲି ବହୁତ କାଳରୁ ସମସ୍ତେ ସ୍ୱୀକାର କରି ଆସୁଅଛନ୍ତି।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି ଯେ ଯୁବରାଜ ଭାରତବର୍ଷରୁ କେତେଗୁଡ଼ାଏ ମାଟିର କଳସ ନେଇଯାଇଥିଲେ ଯେ ବିଲାତର କୁମ୍ଭାରମାନେ ତାହା ଦେଖି ବସ୍ତର କଳସ ନିର୍ମାଣ କରୁଅଛନ୍ତି। କଥିତ ହୁଏ ଯେ ବିଲାତର ସ୍ତ୍ରୀମାନେ ଏଣିକି କଳସରେ ଜଳ ପୂର୍ତ୍ତିକରି ମୁଣ୍ଡରେ ବହିବେ। ତାହା ହେଲେ ତାହାଙ୍କର ଶରୀର ଭାରତବର୍ଷୀୟ ସ୍ତ୍ରୀଙ୍କ ପରି ସୁନ୍ଦର ଓ ସୁଗଠିତ ହେବ। ଉପାୟଟି ମନ୍ଦ ନୁହଇ।

ଚଟ୍ଟଗ୍ରାମର ବାବୁ ଲାଲଚନ୍ଦଚୌଧୁରୀ କର୍କୁଡ ସାହେବଙ୍କ ନାମରେ ଗବର୍ଣ୍ଣମେଣ୍ଟରେ ଦରଖାସ୍ତ କରିଥିଲେ। ମାନ୍ୟବର ଲେଫ୍ଟେନେଣ୍ଟ ଗବର୍ଣ୍ଣର ତହିଁର ଉତ୍ତରରେ ବାବୁଙ୍କୁ ଏତିକିମାତ୍ର କହିଅଛନ୍ତି କି ସେ ପ୍ରୟୋଜନାନୁସାରେ ଆଜ୍ଞା ପ୍ରଦାନ କରିଅଛନ୍ତି। କି ଆଜ୍ଞାମାନ ଦେଇଅଛନ୍ତି ତହିଁର କିଛି ଉଲ୍ଲେଖ ନାହିଁ। ଲାଲଚନ୍ଦ ବାବୁ ଏ ଉତ୍ତର ପାଇ ବଡ଼ ଆନନ୍ଦିତ ହୋଇଥିବେ ଓ ତାହାଙ୍କର ସମସ୍ତ ଦୁଃଖ ପାଶୋରି ଯାଇଥିବ! ଅଦୃଷ୍ଟ ସବୁଠାରୁ ବଳୀୟାର।

କଲିକତାରେ ଆଉ ଗୋଟିଏ ସଭା ସ୍ଥାପିତ ହୋଇଅଛି। ଏ ସଭା ଲୋକସାଧାରଣର ପକ୍ଷ-

Split by PDF Splitter
Digitized by srujanika@gmail.com

Split by PDF Splitter



ସମର୍ଥନ କରିବାର ଚେଷ୍ଟା ରଖଇ । ଇଣ୍ଡିୟାନ ଲିଗର ଦୁରବସ୍ଥା ଏସଭାର ସୃଷ୍ଟି ହେବାର ଜଣାଯାଏ । ମାତ୍ର ସ୍ଥିର ହୋଇ ରହି କାର୍ଯ୍ୟ କରି ପାରିଲେସିନା ହେବ ।

ଶ୍ରୀଯୁକ୍ତ ଏଚ୍ ବିବରଲି ସାହେବ ବଙ୍ଗପ୍ରଦେଶର ଜେଲସମୂହର ଇନ୍ସପେକ୍ଟର ଜେନରଲ ନିଯୁକ୍ତ ହୋଇଅଛନ୍ତି । ବର୍ତ୍ତମାନ ଏକ୍ଟିଂ ହୋଇଅଛନ୍ତି ମାତ୍ର ବାହାଲ ହେଲେ ବଡ ସୁଖର ବିଷୟ ହେବ ।

ଫରିଦପୁରର ଜଣେ ଜମିଦାରବାବୁ ଶ୍ୟାମଶଙ୍କର ରାୟ ରାୟବାହାଦୁର ପଦ ପାଇଅଛନ୍ତି । ସନ ୧୮୭୪ ସାଲର ଦୁର୍ଭିକ୍ଷରେ ଏ ମହାଶୟ ଅନେକ ବଦାନ୍ୟତା ପ୍ରକାଶ କରିଥିଲେ ।

ଜୟପୁର ରାଜ୍ୟରେ କିଛି ଗୋଲମାଲ ଲାଗିବାର ଶୁଣାଯାଏ । ସମ୍ବରହ୍ରଦ ସନ୍ନିକଟରେ କେତେଗୁଡିଏ ଚୋର ଡକାଇତି ହେବାରୁ ତାହା ନିବାରଣ ପକ୍ଷରେ ଗବର୍ଣ୍ଣମେଣ୍ଟ ରାଜାଙ୍କୁ ତାଗିଦ କରିଅଛନ୍ତି ଏବଂ ସେଠାକୁ ସୈନ୍ୟ ପ୍ରେରିତ ହେଉଅଛନ୍ତି । ଶୁଣାଯାଏ ଯେ ରାଜାଙ୍କର ଜଣେ ମନ୍ତ୍ରୀପ୍ରତି ଗବର୍ଣ୍ଣମେଣ୍ଟଙ୍କର ସନ୍ଦେହ ହେବାରୁ ତାହାଙ୍କୁ କର୍ମରୁ ବାହାର କରି ଦେବା ସକାଶେ ରାଜାଙ୍କୁ ଅନୁରୋଧ ହୋଇଅଛି ମାତ୍ର ରାଜା ମନ୍ତ୍ରୀଙ୍କୁ ବଡ ଦେଖିପାରନ୍ତି ବୋଲି ଏହିଁରେ ସମ୍ମତ ହେଉ ନାହାନ୍ତି ।

ତିପୁରା ବାସିମାନେ ଖାଦ୍ୟଦ୍ରବ୍ୟ ସକାଶେ ବଡ କଷ୍ଟ ପାଉଅଛନ୍ତି । ଗତ ଫସଲ ଭଲ ହୋଇ ନ ଥିବାରୁ ଏଦୁର୍ଦ୍ଦଶା ଘଟିଅଛି । ଶୁଣିଲୁଁ ଯେ ଅନ୍ନଦାପ୍ରସାଦ ରାୟ ନାମରେ ସେ ଅଞ୍ଚଳର ଜଣେ ପ୍ରଧାନ ଜମିଦାର ଏ ସମୟରେ ବଡ ଦାତବ୍ୟତା ଦେଖାଇ ଅଛନ୍ତି । ଚାଉଳ କିଣି କିନା ମୂଲ୍ୟରେ ବିତରଣ କରିବା ପାଇଁ ସେ ଅପଣା ନାଏବକୁ ଆଜ୍ଞା ଦେଇଅଛନ୍ତି ।

ଏଡୁକେଶନଗେଜେଟ୍‌ର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଗଙ୍ଗାସାଗରର ଜଣେ ଜମିଦାର ଅପଣାର ଜଣେ ଚାକର ଉପରକୁ ହୋକା ପକାଇ ମାରିବାରୁ ଚାକର ମୁଣ୍ଡରୁ ଟିକିଏ ରକ୍ତ ପଡିଲା । ଏଥିପାଇଁ ଡେପୁଟୀମାଜିଷ୍ଟ୍ରେଟ ଉକ୍ତ ଜମିଦାରକୁ ତିନିମାସ କାରାବାସ ଦଣ୍ଡ ଦେଲେ ମାତ୍ର ହାଇକୋର୍ଟଙ୍କ ବିଚାରରେ ସେ ଖଲାସ ପାଇଅଛି । ଚାକରକୁ ମାରିବା ଏମନ୍ତ ଗୁରୁତର ଅପରାଧ ବୋଲି ପଣ୍ଡିତେ ଜାଣନ୍ତି ।

## ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ !

ଆମ୍ଭେ ଅତିଶୟ କଷ୍ଟରସହିତ ଏକ ରାକ୍ଷସର କରାଳକବଳରୁ ମୁକ୍ତ ହୋଇଥିବାରୁ ଅପଣଙ୍କ ଜାଣିବା କାରଣ ତାହା ନମ୍ରେ ନିବେଦନ କରୁଅଛୁଁ ।

ଆପଣ ବୋଧ ହୁଏ ଏ ବିଷୟ ଜାଣନ୍ତି ଯେ କେତେକ ବର୍ଷ ହେବ ଆମ୍ଭେ ଅପଣାର ସ୍ୱଦେଶ ପରିତ୍ୟାଗ ପୂର୍ବକ ଏଠାରେ ଏକ ନୂତନ ଗୃହ ଆମ୍ଭର ଅସଂଖ୍ୟ ବାଳକ ବାଳିକାଙ୍କ ନିମିତ୍ତ ପ୍ରସ୍ତୁତ କରି ବାସ କରୁଅଛୁଁ ମାତ୍ର ଦୁର୍ଦ୍ଦୈବ କ୍ରମେ ଗତ ରାତ୍ରରେ ଉକ୍ତ ଗୃହକୁ ଯିବା ରାସ୍ତାରେ ଏକ ମନ୍ଦ ପ୍ରକୃତି ରାକ୍ଷସର ସମ୍ମୁଖବର୍ତ୍ତୀ ହୋଇଥିଲୁଁ । ତାହାକୁ ଦେଖି ଆମ୍ଭେ ଭୟଯୁକ୍ତ ସ୍ୱରରେ କମ୍ପମାନ ହୋଇ ପଚାରିଲୁଁ, ତୁମ୍ଭେ କି ଆମ୍ଭ ଘର ଦେଖିବାକୁ ଯିବ କହୁଁ ସେ ମେଘ ଗର୍ଜ୍ଜନର ତୁଲ୍ୟ ଶବ୍ଦ କରି କହିଲା ବଦମାସ ତୋହର ଘର ମାତ୍ର ଏହା ଶୁଣି ଆମ୍ଭେ ଏକାବେଳକେ ସ୍ତବ୍ଧ ହୋଇ ଗଲୁଁ ଓ ସେ ଚାଲିଗଲା ଏ ଘଟନାର ଠିକ ଘ ୩୬।୫୯ ବାଦ ଆମ୍ଭେ ଅପଣା ଗୃହକୁ ପ୍ରତ୍ୟାଗମନ କରିବା ନିମନ୍ତେ ସକ୍ଷ୍ୟ ହୋଇଥିଲୁଁ ଏବଂ ଆମ୍ଭେ ଉପରଉକ୍ତ ଭୟ ଅପଣା ଶରୀରରୁ ଦୂର କରିବା ନିମନ୍ତେ ଉତ୍ତମ ଏକ ଡୋଜ ସୁରା ପାନ କରିଥିଲୁଁ ମାତ୍ର ସେଥିରେ କିଛି ଫଳ ହେଲା ନାହିଁ । ମୋହର ଶାରୀରିକ ଆରୋଗ୍ୟତା ବିଷୟରେ ଅନେକ ଡାକ୍ତରମାନେ ଭରସା ହୀନ ହେବାର ବିବେଚନା କରନ୍ତି ଅତଏବ ଆପଣଙ୍କୁ ଜଣାଉଅଛି ଆପଣ ଯଦି ଅନୁଗ୍ରହ କରି କିଛି ଉପକାର କରନ୍ତୁ ।

୮।୮।୭୬ ବଶମ୍ବଦ ।
ରତନା ବିଲବଏ ।

---

ଶ୍ରୀଯୁତ ଉତ୍କଳ ଦୀପିକା ଅଡିଟରଙ୍କ ସନ୍ନିଧି ।

ମହାଶୟ !

ପୁରୁଷାର୍ଥ ପ୍ରଦାୟିନୀ ପତ୍ରିକାରୁ ଓ ରାଜମହନ୍ତ୍ରୀ ସର୍ ମେଜଷ୍ଟ୍ରେଟ ରାମାସ୍ୱାମୀଙ୍କ ଠାରୁ ଅବଗତ ହୋଇ ଆପଣଙ୍କ ପତ୍ରିକାରିହରେ ଏତଲ୍ଲିଖିତ ଆଶ୍ଚର୍ଯ୍ୟ ବାର୍ତ୍ତାକୁ ମୁଦ୍ରିତ କରିବା ହେବେ ବୋଲି ଆମ୍ଭେ ଭରବାଧିତ ଅଛୁଁ ।

କୃଷ୍ଣାଡିଷ୍ଟ୍ରିକ୍ଟରେ ଏକ ଅଡ୍ଡୀର ପଛରେ ପୁଷ୍କରଣୀ ହିଡ଼ରେ ଏକ ଖର୍ଜ୍ଜୁରୀବୃକ୍ଷ ଥାଇ ସେ ପାଦପ ରାତ୍ର ଦ୍ୱିପ୍ରହର ସମୟରେ ତାହାର ଅଗ୍ରଭାଗ ପାଣିରେ ବୁଡାଇ ପରି ଶୋଇପଡ ସୂର୍ଯ୍ୟୋଦୟକୁ ଉଠି ପଡୁଥାଏ ସେ ଗ୍ରାମବାସିମାନେ ଦେଖି ସେ ଜିଲ୍ଲା କଲେକ୍ଟର ସାହେବଙ୍କ ହଜୁରରେ ଇତ୍ତଲା କରିବାରୁ ଉକ୍ତ କଲେକ୍ଟର ମହାଶୟ ନିଜେ ସେସ୍ଥାନକୁ ବିରାଜମାନ ହୋଇ ସେ ପାଦପର ଅଗ୍ର ଉଦକପାନ କରିବାର ଓ ଶୋଇ ପଡି ଉଠି ପଡିବାର ଦେଖି ଅତ୍ୟନ୍ତ ଆଶ୍ଚର୍ଯ୍ୟ ପାଇ ସେ ମହୀରୁହ ଜଳପାନ କଲା ସମୟରେ ଶତସଂଖ୍ୟକ ମନୁଷ୍ୟ ତାହାର ଉପରେ ବସାଇଲେ ହେଲେ ମଧ୍ୟ ଏ ମନୁଷ୍ୟମାନଙ୍କୁ ଝାଡିଦେଇ ଉଠିପଡିବାରୁ ସେବୃକ୍ଷକୁ ମୂଳୋତ୍ପାଟନ କରିବାକୁ ଦଶ୍ଟିର ମଜୁରିଆଙ୍କ ହାତେ ଖୋଳାଇ ପକାଇବାରୁ ସେ ଖର୍ଜ୍ଜୁରୀଗଛ ତଳେ ପତନ ହେଲା ତାହାର ମୂଳରେ ହାତେ ଉଚ୍ଚର ସୁବର୍ଣ୍ଣର ଶ୍ରୀ ବିଗ୍ରହ ଗୋଟିଏ ବାହାରିଛି ଓ ବିଗ୍ରହକୁ ଉକ୍ତ ସାହେବ ମହାଶୟ ବ୍ରାହ୍ମଣଙ୍କଦ୍ୱାରା ତ୍ରିସନ୍ଧ୍ୟାରେ ଷୋଡ଼ଶୋପଚାର ଆରାଧନା କରାଉଅଛନ୍ତି ରାସ୍ତା ଉତ୍ସବ ମଧ୍ୟ ଲାଗିଛି ଅନେକ ପ୍ରଜାମାନେ ଦର୍ଶନକୁ ଆସୁଛନ୍ତି । [ଦେଖ କଳିଯୁଗରେ ଦେବତା ପ୍ରଭା କପରି ବାହାରିଲା ଏଥିରୁ ଶୁଭ କି ଅଶୁଭ ଦେଶକୁ ପ୍ରାପ୍ତ ହେବ ପଛକୁ ଜଣାଯିବ ।

ତା ୩୧ ରିଖ ଜୁଲାଇ ୧୮୭୬ ମସିହା ।

ଶ୍ରୀ ନାରାୟଣ ବଡ଼ଯେନା ।
ସାମନ୍ତ ମଞ୍ଜୁସା ଦେନ୍ଦାଣ ।

---

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ କୃଷ୍ଣବନ୍ଧୁ ଘୋଷ | କଟକ | ବର୍ଷ୍ଟୀ | ଟ ୧ |
| „ ହରେକୃଷ୍ଣଦାସ | „ | „ | ଟ ୧ |
| „ ହରମୋହନ ରାୟ | „ | „ | ଟ ୧ |
| ମୁନସି ଅନଜଖାନ | „ | „ | ଟ ୧ |
| ମହନ୍ତ ମଠ ତୁଳସୀପୁର | „ | „ | ଟ ୬ |
| ଶ୍ରୀଶ୍ରୀ ରାଜାଷ୍ଟେଟ୍ | ପୁରୀ | „ | ଟ ୧୧।୦ |
| ବାବୁ ରାମଗୋପାଲ ଚୌଧୁର୍ଯ୍ୟା | ପୁରୀ | „ | ଟ ୧୧।୦ |

---

☞ ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୧ ଶ | ତା୧୯ରିଖ ଅଗଷ୍ଟ ସନ୧୮୭୬ମସିହା । ମୂ । ଭାଦ୍ରବ ଦିନ ସନ୧୨୮୩ସାଲ ଶନିବାର | ଅଗ୍ରିମ ବାର୍ଷିକମୂଲ୍ୟ ଟ୫୧
ସଂଖ୍ୟା ୩୪ | | ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୧
| | ମଫସଲଙ୍କୁ ଡାକମାସୁଲ ଟ୧୫/

ତୁରସ୍କର ଯୁଦ୍ଧ ସମ୍ପର୍କରେ ତାରଡାକରେ ଯେସମସ୍ତ ସମ୍ବାଦ ଆସୁଅଛି ତହିଁରୁ ଜଣାଯାଏ ଯେ ବିଦ୍ରୋହୀମାନେ ତୁରସ୍କକୁ ପାରିବେ ନାହିଁ । କେତେକ ଯୁଦ୍ଧରେ ସେମାନେ ପରାଜୟ ଲାଭ କଲେଣି ଏବଂ ଇଉରୋପର ଅନ୍ୟ ରାଜାଙ୍କଠାରୁ ସେମାନେ ସାହାଯ୍ୟ ପାଇବାର ଯେ ଆଶା ରଖିଥିଲେ ତାହା ବିଫଳ ଅଟଇ । ଇଂଲଣ୍ଡ ଏ ଯୁଦ୍ଧରେ ନିର୍ଲିପ୍ତ ରହିବେ ବୋଲି ଲର୍ଡ ଡାର୍ବି ସାହେବ ସ୍ପଷ୍ଟାକ୍ଷରରେ ବ୍ୟକ୍ତ କରିଅଛନ୍ତି ଏବଂ ରୁଷିଆ ଏଯୁଦ୍ଧରେ ସମ୍ପୂର୍ଣ୍ଣ ଉଦାସୀନ ଅଛନ୍ତି । ତୁରସ୍କ ଯେବେ ବିଦ୍ରୋହୀମାନଙ୍କୁ ଦମନ କରି ସୁଶାସନ ଅବଲମ୍ବନ କରିବେ ତେବେ ସେ ରାଜ୍ୟର କିଛି କ୍ଷତି ହେବ ନାହିଁ । ନୋହିଲେ ସେ ଆପଣା ହାତରେ ଆପେ ମରି ପଡିଲେ ତହିଁର ଦୋଷ କାହାର ? ସମ୍ପ୍ରତି ଏହିବି ସୁଖର ବିଷୟ ଯେ ତୁରସ୍କ ବିଦ୍ରୋହୀମାନଙ୍କୁ ଅସ୍ତ୍ର କରିବେ ଏମନ୍ତ ଲକ୍ଷଣ ସବୁ ଦେଖାଯାଏ ।

---

ଭାରତବର୍ଷର ରାଜସ୍ୱ ସମ୍ପର୍କରେ ଗତତ ମାସ ଇଣ୍ଡିଆଗେଜେଟରେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୂରଙ୍କର ଗୋଟିଏ ଅଭିପ୍ରାୟ ଲିପି ବାହାର ହୋଇଅଛି । ତହିଁରୁ ଦେଖାଯାଏ ଯେ ହୋମ ଗବର୍ଣ୍ଣମେଣ୍ଟର ବ୍ୟୟ ଅର୍ଥାତ ଭାରତବର୍ଷ ହେତୁ ବିଲାତରେ ବାର୍ଷିକ ଯାହା ବ୍ୟୟ ହୁଅଇ ସେ ଟଙ୍କା ସେଠାକୁ ପଠାଇବାରେ ବିନିମୟର ବୈଷମ୍ୟ ହେତୁ କେତେ କ୍ଷତି ପଡିବ ତାହା ଅବଧି ନିଶ୍ଚୟରୂପେ ଜଣାପଡି ନାହିଁ ମାତ୍ର ବିଲାତରେ ରୂପାର ଦର ଊଣା ଥିବାରୁ ଭାରତବର୍ଷରୁ ଟଙ୍କା ପଠାଇବାରେ ଅନେକ କ୍ଷତି ପଡୁଅଛି ଓ ସେହି କ୍ଷତି ହେତୁରୁ କଷ୍ଟମ ମାସୁଲ ମଧ୍ୟ ଊଣା ଆଦାୟ ହେଉଅଛି । ଏ ଉତ୍ତାରୁ ଅଫୀମର ରସ ଏବର୍ଷ ଭଲ ହେବାରୁ ତହିଁରେ ଅଧକୋଡି ଟଙ୍କା ଅଧିକ ବ୍ୟୟ ହେବ ଏବଂ ନୂଆ ଋଣ ଆବଶ୍ୟକ ହେବାରୁ ସୁଧ ମଧ୍ୟ ଅଧିକ ଦେଣ ପଡିବ । ଇତ୍ୟାଦି ପ୍ରକାରରେ ବ୍ୟୟ ଅଧିକ ପଡିବାରୁ ଭାରତବର୍ଷର ରାଜସ୍ୱ ବିଷୟରେ ଗବର୍ଣ୍ଣମେଣ୍ଟ ଚିନ୍ତିତ ହୋଇଅଛନ୍ତି ଏବଂ ପ୍ରଦେଶୀୟ ଗବର୍ଣ୍ଣମେଣ୍ଟ ସମସ୍ତପ୍ରତି ଆଦେଶ ହୋଇଅଛି ଯେ କର୍ତ୍ତୃପକ୍ଷମାନେ ବିଶେଷ ସାବଧାନପୂର୍ବକ ଟଙ୍କା ବ୍ୟୟ କରିବେ ଯାହା ନିତାନ୍ତ ନ ହେଲେ ନ ଚଳେ ତାହା ଭିନ୍ନ ଆଉ କିଛି ବ୍ୟୟ ହେବ ନାହିଁ । ବାରକମାସ୍ତରୀ ଅର୍ଥାତ ପବ୍ଲିକୱର୍କ ମହକୁମାପ୍ରତି ମଧ୍ୟ ଏହିରୂପ ଆଦେଶ ହୋଇଅଛି ଯେ ନୂତନ କର୍ମର ବ୍ୟୟ ବିସ୍ତର ଊଣା କରିବାକୁ ହେବ । ରୂପାର ମୂଲ୍ୟ ଊଣା ହେବାରୁ ଏସମସ୍ତ ସାବଧାନତାର ପ୍ରୟୋଜନ ହୋଇଅଛି ।

---

କୁପରହିଲ କଲେଜର ଛାତ୍ରମାନଙ୍କୁ ପାରିତୋଷିକ ବିତରଣ କାଳରେ ବିଲାତର ଭାରତବର୍ଷ ବିଷୟର ମନ୍ତ୍ରୀ ଲର୍ଡ ସାଲିସବରି ଯେଉଁ ବକ୍ତୃତା କରିଥିଲେ ତହିଁର ସଂକ୍ଷେପ ବିବରଣ ତାରଡାକ ଯୋଗେ ଏ ଦେଶରେ ପ୍ରଚରିତ ହୋଇଅଛି । ଉକ୍ତ ବକ୍ତୃତାର ଏକସ୍ଥାନରେ ମନ୍ତ୍ରୀ ମହାଶୟ କହିଅଛନ୍ତି କି "ଇଂରାଜ ଓ ଦେଶୀୟ ଲୋକଙ୍କ ମଧ୍ୟରେ ଦୂରତା ବଢିବାର ଲକ୍ଷଣ ଦେଖାଯାଏ । ଯୁବରାଜଙ୍କ ସଙ୍ଗେ ଯେଉଁମାନେ ଭାରତବର୍ଷ ଦେଖି ଫେରି ଆସିଅଛନ୍ତି ତାହାଙ୍କ ସହିତ କଥାବାର୍ତ୍ତା କରିବାରେ ଜଣାଗଲା ଯେ ଏଦୁଇ ଜାତିଙ୍କ ମଧ୍ୟରେ ଅସଦ୍ଭାବ ରହିଅଛି । ଅତଏବ ତାହାଙ୍କ ମତ ଏହି ଯେ ଦେଶୀୟ ଲୋକଙ୍କୁ ଉଚ୍ଚିତ କର୍ମଗୁଡିକ ମଧ୍ୟରେ ଆଣିବାର ଉଚିତ ସେମାନଙ୍କୁ ତହିଁରୁ ନିରାଶ କରିବା ଭଲ ନୁହଇ ।" ଏଥିରୁ ପାଠକମାନେ ଜାଣିବେ ଯେ ଯୁବରାଜାଙ୍କ ଶୁଭାଗମନ ହେତୁରୁ ବିଲାତର ସମ୍ଭ୍ରାନ୍ତ ଲୋକମାନେ ଏକଥା ଯେ ଦୃଢରୂପେ ଜାଣି ପାରିଅଛନ୍ତି ସାମାନ୍ୟ ଉପକାରର ବିଷୟ ନୁହଇ । ମାତ୍ର ଏଥି ସଙ୍ଗେ ସଙ୍ଗେ ଆମ୍ଭେମାନେ ଆଉ ଗୋଟିଏ ଶୁଭସମ୍ବାଦ ଶୁଣୁଅଛୁଁ ତାହା ଏହି ଯେ ଏଦେଶୀୟ ବ୍ୟକ୍ତିଙ୍କୁ ଜିଲାର ଜଜ ଓ କଲେକ୍ଟର ନିଯୁକ୍ତ କରିବାପାଇଁ ଗବର୍ଣ୍ଣମେଣ୍ଟରେ ପ୍ରସ୍ତାବ ହେଉଅଛି ଏବଂ ଏମନ୍ତ ସମ୍ଭାବନା ଦେଖାଯାଏ ଯେ ଅନତି ବିଲମ୍ବରେ ଏ ପ୍ରସ୍ତାବାନୁସାରେ କାର୍ଯ୍ୟ ହେବ । ଯେବେ ଏ ଜନରବଟି ସତ୍ୟ ହୁଅଇ ତେବେ ଇଂରାଜ ଗବର୍ଣ୍ଣମେଣ୍ଟଙ୍କ ପ୍ରତି ଦେଶୀୟ ଲୋକଙ୍କର ଭକ୍ତି ଅତ୍ୟନ୍ତ ଦୃଢ ଓ ଅବିଚଳିତ ହେବ

Digitized by srujanika@gmail.com

Split by PDF Splitter



ଏବଂ ଇଂରାଜମାନେ ଆଉ ଭାରତବର୍ଷୀୟଙ୍କୁ ବର୍ତ୍ତମାନପରି ଘୃଣା କରିବେ ନାହିଁ । ଏକାର୍ଯ୍ୟଟି ସାଧନ ହେଲେ ଯୁବରାଜଙ୍କର ଭାରତବର୍ଷକୁ ଆସିବାର ଭାରି ଫଳ ଲାଭ ହେବ ।

---

ଏ ନଗରରେ ଅଦ୍ୟାପି ଭଲ ବର୍ଷା ହୋଇ ନାହିଁ । ଏସପ୍ତାହରେ ମେଘାଚ୍ଛନ୍ନ ହୋଇ ଅଳ୍ପ ଯାହା ବୃଷ୍ଟି ହୋଇଅଛି ତହିଁରେ ମାଟି ଉଛବା ଭିନ୍ନ ଆଉ କିଛି ହୋଇ ନାହିଁ ଗଡିଆ ପୋଖରିମାନ ପୂର୍ବ ପ୍ରାୟ ଶୁଷ୍କ ରହିଅଛି । ମୋଫସଲରେ ଅନେକ ସ୍ଥାନରେ ଭଲ ବୃଷ୍ଟି ହେବାର ଶୁଣାଯାଏ ଓ ତାହା ଫସଲ ନିମିତ୍ତ ଯଥେଷ୍ଟ ହୋଇଅଛି ମାତ୍ର ସର୍ବସ୍ଥରେ ଏପରି ହୋଇ ନାହିଁ ଓ ନିଅଳଧାନ ଅନେକ ପରିମାଣରେ ମଗ୍ନ ପଡିଅଛି । ବର୍ଷା ଊଣା ହେବାରୁ ଚାଉଳର ମୂଲ୍ୟ ବଢ଼ି ଯାଉଅଛି । ଏଥିପାଇଁ ବର୍ତ୍ତମାନ ସୁଦ୍ଧା ନଗରବାସିମାନେ କ୍ଲେଶଭୋଗ କରୁଅଛନ୍ତି । ଫଳତଃ ଭାଦ୍ରବ ମାସରେ ଯେବେ ଗଡିଆ ପୋଖରିମାନ ପୂର୍ଣ୍ଣ ନ ହେଲା ଓ ଅନେକ ସ୍ଥଳରେ ରୁଆ ବେହୁଡା କାର୍ଯ୍ୟ ନ ହେଲା ତେବେ ଆଗାମୀ ଫସଲର ଅବସ୍ଥାକୁ କିରୂପେ ଭଲ କୁହାଯିବ ? ସ୍ୱଦେଶୀରୁ ଅବଗତ ହେଲୁଁ ଯେ ଗଞ୍ଜାମଜିଲ୍ଲାରେ ମଧ୍ୟ ଅତ୍ୟଳ୍ପ ବୃଷ୍ଟି ହୋଇଅଛି ଓ ସେଠା ଫସଲର ଅବସ୍ଥା କଟକଜିଲ୍ଲା ପରି ମନ୍ଦ ଅଟଇ । ଆଉ ଏକ ସମ୍ବାଦପତ୍ରରେ ପାଠ କଲୁଁ ଯେ ପାଟନାଜିଲ୍ଲାରେ ଉତ୍ତମ ବୃଷ୍ଟି ନ ହେବାରୁ ଚଷିମାନେ ଚିନ୍ତିତ ଅଛନ୍ତି । ଏହିରୂପେ ଦେଖାଯାଏ ଏବର୍ଷ ଫସଲ ପକ୍ଷରେ ବଡ ଆଶଙ୍କା ରହିଅଛି ଓ ଯେବେ କି ଈଶ୍ୱରଙ୍କ ଅନୁଗ୍ରହରୁ ଏଣିକି ବର୍ଷା ହୋଇ ଫସଲ ରକ୍ଷା ପାଇଯିବ କିନ୍ତୁ ଆଗାମୀ ଗ୍ରୀଷ୍ମକାଳରେ ଜଳର ଅଭାବ ହେବାର ଅତ୍ୟନ୍ତ ସମ୍ଭାବନା ଓ ତାହା ନିବାରଣ ହେବାର କୌଣସି ଲକ୍ଷଣ ଦିଶୁ ନାହିଁ ।

---

## ଗବର୍ଣ୍ଣମେଣ୍ଟ କର୍ମଚାରଙ୍କର ଭେଟିଗ୍ରହଣ ।

କତିପ୍ୟ ହାକିମଙ୍କଠାରୁ ସାମାନ୍ୟ ଅମଲା କି ପିଅଦା ଚପରାସି ପର୍ଯ୍ୟନ୍ତ ଦେଶୀୟ ରାଜା ଓ ଜମିଦାର ପ୍ରଭୃତି ସମ୍ଭ୍ରାନ୍ତ ବ୍ୟକ୍ତିଙ୍କଠାରୁ କିଏ କେତେବେଳେ ଭେଟି ବା ପାରିତୋଷିକ ନେବାର ନିୟମ ଅଛି ବୋଲି ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ଗ୍ଲାଭସାରରେ ପଡିଅଛି । ଏଥିପାଇଁ ଉକ୍ତ ଗବର୍ଣ୍ଣମେଣ୍ଟରୁ ସମ୍ପ୍ରତି ଏକ ସର୍କୁଲର୍ ବାହାରି ଅଛି ଯେ ତହିଁରେ ଯେତେ ଅଇନ ବା ଅନ୍ୟପ୍ରକାର ବ୍ୟବସ୍ଥା ଭେଟି ଇତ୍ୟାଦି ନେବାର ନିଷେଧ ଅଛି ତହିଁର ସଂକ୍ଷେପ ବିବରଣ ଲେଖା ଯାଇଅଛି । ଏ ସର୍କୁଲରଅର ସମସ୍ତ ସରକାରୀ ମହକୁମାକୁ ପ୍ରେରିତ ହୋଇଅଛି ଏବଂ ଏଥିରେ ଯେ ସମସ୍ତ ନିୟମ ଲେଖାଅଛି ତହିଁର ସାର ମର୍ମ ଏହି ଯେ ରାଜା ଜମିଦାର ଅଥବା ଅନ୍ୟ ବ୍ୟକ୍ତିଠାରୁ କୌଣସି ସରକାରୀ ଚାକିରି ବା ଅଚାକିରି କର୍ମଚାରୀ କୌଣସି ପ୍ରକାର ଭେଟି ବା ପାରିତୋଷିକ ନେବେ ନାହିଁ । ବଗିଚା ମଧ୍ୟରେ କେବଳ ଫଳ ଓ ଫୁଲ ଓ ଏ ଦ୍ରବ୍ୟମାନ ମଧ୍ୟ ମୂଲ୍ୟବାନ୍ ହେବ ନାହିଁ । ଅଧିକ ମୂଲ୍ୟର ଫଳ ବା ଫୁଲ ସୁଦ୍ଧା ନେବାକୁ ନିଷେଧ ହୋଇଅଛି । କେବଳ ଡାକ୍ତର ମାନଙ୍କୁ ପାରିତୋଷିକ ନେବାର ଅନୁମତି ଅଛି ମାତ୍ର ସମସ୍ତଙ୍କଠାରୁ ନୁହଇ ଯାହାର କିଛି କାର୍ଯ୍ୟ କରିଥିବେ କେବଳ ସେହି ବ୍ୟକ୍ତି ଇଚ୍ଛାପୂର୍ବକ କିଛି ଭେଟି ଦେଲେ ଡାକ୍ତର ଗ୍ରହଣ କରି ପାରିବେ । ଅନ୍ୟ ସମସ୍ତ ପ୍ରକାରର ଗବର୍ଣ୍ଣମେଣ୍ଟ କର୍ମଚାରୀମାନେ ସାମାନ୍ୟ ମୂଲ୍ୟର ଫଳ ଫୁଲ ବ୍ୟତୀକେ ଅନ୍ୟ କିଛି ଭେଟି କାହାରିଠାରୁ ଗ୍ରହଣ କରି ନ ପାରନ୍ତି କଲେ ତହିଁପାଇଁ ଦଣ୍ଡନୀୟ ହେବେ ।

ଏଥିରୁ ପାଠକମାନେ ବୁଝିବେ ଯେ ମୋଫସଲ ଗସ୍ତ ସମୟରେ ଏବଂ ବଡଦିନ ଇତ୍ୟାଦି ପର୍ବ ଉପଲକ୍ଷରେ ହାକିମମାନେ ଯେ ଡାଲି ନିଅନ୍ତି ତାହାସୁଦ୍ଧା ଦୂଷଣୀୟ ଅଟଇ । କାରଣ ସେସବୁ ଡାଲିରେ କେବଳ ବଗିଚାର ଫଳ ଫୁଲ ବା ପୋଖରୀର ମାଛ ନ ଥାଏ ମାତ୍ର କାବୁଲର ନାନାପ୍ରକାର ଫଳ ବର୍ଦ୍ଧମାନର ଓଲ କଲିକତାର ମିଶ୍ରି ଓ କାଶୀର ଚିନି ଘିପାନ୍ତିରର ମସଲା ଇତ୍ୟାଦି ଦ୍ରବ୍ୟ କି ଯାହା ବହୁମୂଲ୍ୟରେ ଏଠାରେ ପ୍ରାପ୍ତ ହୁଅଇ ପ୍ରଚୁର ପରିମାଣରେ ଭରିତ ହୋଇଥାଏ । ଅମଲା ଚପରାସି ପ୍ରଭୃତିଙ୍କର ପିଠାପାନରୀ ଓ ଲୁଗାପଟା ଇତ୍ୟାଦି ସମସ୍ତ ନିଷିଦ୍ଧ ଦ୍ରବ୍ୟ ମଧ୍ୟରେ ଅଟଇ । ଗବର୍ଣ୍ଣମେଣ୍ଟ କର୍ମଚାରୀମାନେ ଊଣା ଅଧିକରେ ଏ ସମସ୍ତ ଦ୍ରବ୍ୟ ନେଉଅଛନ୍ତି ସନ୍ଦେହ ନାହିଁ ଅତଏବ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଏବିଷୟ ସମସ୍ତ ମହକୁମାର କର୍ମଚାରୀଙ୍କୁ ବୁଝାଇ ଦେବାରେ ଉତ୍ତମ କାର୍ଯ୍ୟ କରିଅଛନ୍ତି ସନ୍ଦେହ ନାହିଁ । ମାତ୍ର ଅମ୍ଭମାନଙ୍କର ଆଶଙ୍କା ହେଉଅଛି ଯେ ଖଣ୍ଡିଏ ସର୍କୁଲରର ଚିଠିଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର ମାନସ ସଫଳ ହେବା ଅତ୍ୟନ୍ତ କଠିନ ଅଟଇ । ଯେବେ ପ୍ରତ୍ୟେକ ମହକୁମାର ସର୍ବୋଚ୍ଚ ସ୍ଥାନୀୟ କର୍ମଚାରୀ ଆପେ ସାବଧାନ ହେବେ ଓ ଆପଣା ଅଧୀନ କର୍ମଚାରୀଙ୍କ ଉପରେ କଠିନ ଦୃଷ୍ଟି ରଖିବେ ଓ ସରଦାର ଅମଲାମାନେ ତାହାଙ୍କ ସାହାଯ୍ୟ କରିବେ ତେବେ ଏସମସ୍ତ କୁରୀତି ଅଳ୍ପକାଳରେ ରହିତ ହୋଇଯିବ । ହାକିମ ଓ ସରଦାର ଅମଲା ପରସ୍ପର ସହାୟ ନ ହେଲେ କଦାପି ଏହା ରହିତ ହେବାର ସମ୍ଭାବନା ନାହିଁ । ସରଦାରଅମଲାମାନେ ହାକିମଙ୍କ ସହାୟ ହେଉ ନାହାନ୍ତି ବୋଲି ପ୍ରାୟ ସମସ୍ତ ମହକୁମାରେ ଉତ୍କୋଚ ନେବାର ରୀତି ପ୍ରଚଳିତ ଅଛି । ନୋହିଲେ କେତେଦିନୁ ଏହା ରହିତ ହୋଇଥାନ୍ତା ।

---

## ସୁରକୁମାର ରୋଗ ।

ସୁରକୁମାର ରୋଗ କଟକରୁ ବିଦାୟ ହୋଇ ଏ ସପ୍ତାହରେ ମୋଫସଲର ନାନାସ୍ଥାନ ପରିଭ୍ରମଣ କରୁଥିଲା । ସବୁଠାରେ ଅବସ୍ଥା ଏକପ୍ରକାର । ଯାହାକୁ ରୋଗ ଧଇଲା ସେ ଔଷଧ ଖାଇଲା ଓ ଉଷୁଣୀରୁ ଅରୋଗ୍ୟ ହେଲା । ପୂର୍ବେ ଯେ ସମସ୍ତ ଔଷଧର କଥା ଲେଖିଥିଲୁଁ ତାହା ଛଡା ତତଲ ଲୁହାଦ୍ୱାର ବୁଢ଼ାଅଙ୍ଗୁଳୀକୁ ଦାଗିଦେଇ ଅନେକ ଲୋକ ଅରୋଗ୍ୟ ହୋଇଅଛନ୍ତି ଓ କେତେଲୋକ ଭସ୍ମ ଶୀତଳଜଳ ବା ଔଷଧ ନାମରେ ଅନ୍ୟ ପଦାର୍ଥ ସେବନ କରି ଭଲ ହୋଇଅଛନ୍ତି । ଏହି ସମସ୍ତ ଦେଖି କେତେକ ଲୋକ ବିଶ୍ୱାସ କରୁଅଛନ୍ତି ଯେ ସୁରକୁମାର ଯଥାର୍ଥ ରୋଗ ନୁହଇ କେବଳ ଭୟରୁ ଲୋକେ ତହିଁର ଯାତନା ଭୋଗ କରି ସାମାନ୍ୟ ଉପାୟରେ ଅରୋଗ୍ୟ ହେଉଅଛନ୍ତି ଓ ଅଦ୍ୟାପି ଏକ ବ୍ୟକ୍ତି ସୁଦ୍ଧା ପ୍ରକୃତରେ ଏହି ରୋଗରେ ମରିବାର ଜଣାଯାଇ ନାହିଁ । ଅମ୍ଭେମାନେ ଏ ବିଷୟରେ ଅନେକ ପତ୍ର ପାଇଅଛୁଁ ମାତ୍ର ତହିଁରୁ ଦୁଇଗୋଟି ସ୍ଥାନାନ୍ତରରେ ପ୍ରକାଶିତ ହେଲା । ପାଠକମାନେ ଆପଣା ବିବେଚନାନୁସାରେ ପରସ୍ପରର ବିରୋଧୀ ଦୁଇ ମତ ମଧ୍ୟରୁ ଗୋଟିଏ ମତ ଗ୍ରହଣ କରିବେ । ଯଦ୍ୟପି ଅମ୍ଭମାନଙ୍କର ମତ କେହି ଲୋଡନ୍ତି ତେବେ ଏତିକି କହିପାରୁଁ ଯେ ଅମ୍ଭେମାନେ ଏ ରୋଗକୁ ସ୍ୱୀକାର କରିବାକୁ ଇଚ୍ଛୁକ ନୋହୁଁ ମାତ୍ର ଯେ ସ୍ଥଳେ ଜଣେ ଡାକ୍ତର ଏହାକୁ ସ୍ୱୀକାର କରୁଅଛନ୍ତି ସେ ସ୍ଥଳେ ଅମ୍ଭେମାନେ

Digitized by srujanika@gmail.com

Split by PDF Splitter



ଅସ୍ୱୀକାର କରିବାକୁ କିରୂପେ ସାହସୀ ହେବୁଁ ସ୍ୱଦେଶୀରେ ପାଠକଙ୍କୁ ଯେ ବ୍ରହ୍ମପୁରରେ ଥିବା ଜଣେ ଦେଶୀୟ ଡାକ୍ତର ଵ ତାହାଙ୍କର ନାମ ବର୍ଦ୍ଧପା ନେଇଡୁ ଅଟଇ ଉକ୍ତ ନଗରରେ ୨୨ ଜଣ ରୋଗିର ଚିକିତ୍ସା କରି ଏହିରୂପେ ଆପଣା ମତ ଲେଖିଅଛନ୍ତି ଯେ ଏହା ରକ୍ତର ରୋଗ ନୁହଇ କେବଳ ଶିରର ରୋଗ ଅଟେ ଏହି ହେତୁରୁ ଔଷଧ ଦେବାମାତ୍ରକେ ପାଞ୍ଚ-ମିନିଟରେ ଆରୋଗ୍ୟ ହୁଅଇ । ରକ୍ତର ରୋଗ ହେଲେ ଏପରି ହୁଅନ୍ତା ନାହିଁ । ଆଉ ଏ ରୋଗର ପ୍ରକୃତ ଔଷଧ ନୈଶାଦର । କୌଣ ପେଟରେ ପଦାର୍ଥ ଜୀର୍ଣ୍ଣ ହେବା କାଳରେ ନୈଶା-ଦର ଉତ୍ପତ୍ତି ହୁଅଇ ବୋଲି ଅଜ୍ଞଲୋକେ ତାହାକୁ ଔଷଧ ସ୍ୱରୂପ ବ୍ୟବହାର କରିଅଛନ୍ତି ମାତ୍ର ବର୍ତ୍ତମାନର ସଭ୍ୟକାଳରେ ସେପରି ଘୃଣିତ ଓ ଅପରିଷ୍କାର ଔଷଧ ପ୍ରୟୋଗ କରିବା ଅନ୍ୟାନ୍ୟ ମୂଢ଼ତା ଅଟଇ । ଏ ରୋଗ ସାଂଘାତିକ ନୁହେ ପୁଣି ଅନେକ ଲୋକ ତୁଚ୍ଛା ଭୟରୁ ରୋଗଗ୍ରସ୍ତ ହେବାର ଅନୁଭବ କରି ଔଷଧ ସେବନଦ୍ୱାରା ଭଲ ହେଉଅଛନ୍ତି । ଫଳତଃ ଶିର୍ ରୋଗ ଭୟରୁ ଜାତ ହେବା କଦାଚ ନୁହଇ

ପକ୍ଷାନ୍ତରେ ଦେଖାଯାଏ ଯେ କୌଣସି ଇଂରାଜ ଡାକ୍ତର ଏ ରୋଗକୁ ସ୍ୱୀକାର କରନ୍ତି ନାହିଁ ଓ ଆଜଯାଏ କୌଣସି ଇଂରାଜ ଏରୋଗ ଭୋଗ କରି ନାହିଁ । ଏଥିରୁ ଅବଶ୍ୟ ସିଦ୍ଧାନ୍ତ କରିବାକୁ ହେବ ଯେ ଇଂରାଜ ମଣ୍ଡଳୀରେ ଏରୋଗ ପ୍ରତି ବିଶ୍ୱାସ ହୋଇ ନାହିଁ ବୋଲି ସେମାନଙ୍କ ମଧ୍ୟରୁ କାହାରିକୁ ଏ ରୋଗ ଧରି ପାରି ନାହିଁ । ଫଳତଃ ବାସ୍ତବରେ ଯେବେ ଏ ରୋଗ କାହାରିକୁ ଧରିଥାଏ ତେବେ ଇଥିରେ କଦାଚ କିଛି ନାହିଁ ମାତ୍ର ସମ୍ପ୍ରତି ଯେଉଁ ଜନରବ ଉଠିଅଛି ଓ ଲୋକେ ଯେମନ୍ତ ଶଙ୍କା ପୂର୍ବକ ଏ ରୋଗକୁ ଦେଖୁଅଛନ୍ତି ତାହା ସବୁ ଅମୂଳକ ଓ କେବଳ ଉକ୍ତ ଜନରବର ବିସ୍ତାର ପ୍ରଚାର-ଦ୍ୱାରା ଅଧିକାଂଶ ଲୋକ ଭୟ ପ୍ରଯୁକ୍ତ ଏରୋଗ ଭୋଗ କରୁଅଛନ୍ତି । ଯେବେ ଏପରି ଭୟାନକ ଜନରବ ଉଠି ନ ଥାନ୍ତା ଅଥବା ଲୋକେ ଏତାଦୃଶ ଦୃଢ଼ରୂପେ ତାହାକୁ ବିଶ୍ୱାସ ନ କରନ୍ତେ ତେବେ ଏତେ ଲୋକ ରୋଗଗ୍ରସ୍ତ ହେବାରସ୍ଥିବା ଦେଖିବାରେ ନ ଆସନ୍ତା ।

---

## ଝୋଟ ।

ଝୋଟର ଜନ୍ମସ୍ଥାନ ଭାରତବର୍ଷ । ପୂର୍ବେ ଏଥିରେ କେବଳ ଦୌଡି ଇତ୍ୟାଦି ପ୍ରସ୍ତୁତ ହେଉଥିଲା ମାତ୍ର ବର୍ତ୍ତମାନ ଲୁଗା ବୁଣିବାରେ ଏ ଦ୍ରବ୍ୟ ବ୍ୟବହାର ହେଉଅଛି ଆମେରିକାର ଯୁଦ୍ଧ ହେତୁ ଯେତେବେଳେ ତୁଳା ଅପ୍ରାପ୍ତ ହେଲା ସେହି ସମୟରେ ଝୋଟର ଆଦର ବଢିଲା ଓ ସେହିକାଳରୁ ଝୋଟର ବାଣିଜ୍ୟ କ୍ରମଶଃ ବୃଦ୍ଧି ହେଉଅଛି । ପ୍ରଥମେ ଇଂଲଣ୍ଡରେ ଝୋଟରେ ଲୁଗା ବୁଣିବାର ଆରମ୍ଭ ହେଲା ଓ ତୁଳା ସଙ୍ଗେ ଏହାକୁ ମିଶାଇ ବୁଣିବାରୁ ଆନଲୁଗା ପୂର୍ବଠାରୁ ଅନେକ ସୁଲଭ ହେଲା । ସମ୍ପ୍ରତି ଇଂଲଣ୍ଡ ଫ୍ରାନ୍ସ ଓ ଆମେରିକାରେ ଅନେକ ଝୋଟ ଖର୍ଚ୍ଚ ହେଉଅଛି ଓ ସେ ସମସ୍ତ ଭାରତବର୍ଷରୁ ଯିବାରୁ ଏଠାରେ ଏଦ୍ରବ୍ୟର ବ୍ୟବସାୟ କ୍ରମଶଃ ବୃଦ୍ଧିକ ପାଉଅଛି । ବଙ୍ଗପ୍ରଦେଶରେ ବର୍ତ୍ତମାନ ବିସ୍ତର ଝୋଟ ଉତ୍ପନ୍ନ ହେଉଅଛି ଓ ଏଥିର କୃଷି ବର୍ଷକୁ ବର୍ଷ ବଢୁଅଛି ।

ଝୋଟର ବାଣିଜ୍ୟ ଏପରି ବଢିବାରୁ ଆମେରିକାର ଲୋକମାନେ ସେଠାରେ ଝୋଟର କୃଷି କରିବାକୁ ପ୍ରବୃତ୍ତ ହୋଇଅଛନ୍ତି। ସେଠାର ଗବର୍ଣ୍ଣମେଣ୍ଟ ଏବିଷୟରେ ଯତ୍ନବାନ୍ ହୋଇ ଏଥିର କୃଷି ସକାଶେ ଉତ୍ସାହ ଦେଉ-ଅଛନ୍ତି । ଭାରତବର୍ଷରୁ ମଞ୍ଜି ନେଇ ପ୍ରଥମରେ ଲୁସିୟାନା ପ୍ରଦେଶରେ ଏଥିର କୃଷି ହୋଇଥିଲା ଓ ପରୀକ୍ଷାରେ ଦେଖାଯାଇଅଛି ଯେ ଭାରତ-ବର୍ଷଠାରୁ ଉତ୍ତମ ଓ ଅଧିକ ପରମାଣରେ ଝୋଟ ସେଠାରେ ଉତ୍ପନ୍ନ ହେଉଅଛି । ଭଲ ଭୂମିରେ ୮ । ୯ ଫୁଟ ଏବଂ ନୀରସା ଜମିରେ ୬ । ୭ ଫୁଟ ଲମ୍ବ ଗଛ ହେଉଅଛି ଓ ସେ ଗଛମାନ ମୋଟ ହେଉଅଛି ।

କଲିକତାରେ ଥିବା ଜଣେ ଆମେରିକାବାସି ଝୋଟର ମହାଜନ ପରୀକ୍ଷା କରି ଦେଖିଅଛନ୍ତି କି ବଙ୍ଗଳାର ଉତ୍ତର ପୂର୍ବାଞ୍ଚଳରେ ଭୂମିର ଉର୍ବରତାନୁସାରେ ପ୍ରତିବିଘାରେ (କଲିକତା ମାଣ) ୧୫।୧୬ ମହଣ ଝୋଟ ଓ ପ୍ରାୟ ୭ ମହଣ ମଞ୍ଜି ଉତ୍ପନ୍ନ ହୁଅଇ । କଲିକତା ନିକଟ ପଚଶ-କୋଶ ମଧ୍ୟରେ ପ୍ରତି ବିଘାରେ ପ୍ରାୟ ୮ ମହଣ ହୁଅଇ । ଉତ୍ତର ପୂର୍ବାଞ୍ଚଳର ଭଲ ଜମିରେ ଝୋଟର ଗଛ ୧୦ ଫୁଟ ଉଚ୍ଚ ହୁଅଇ । ମାତ୍ର କଲିକତା ପାଖରେ ୪ ଫୁଟରୁ ୭ ଫୁଟ ପର୍ଯ୍ୟନ୍ତ ଉଚ୍ଚ ହୁଅଇ । ମଞ୍ଜି ପାଚିବାର ଏକମାସ ପୂର୍ବରୁ ଗଛ କଟା ଗଲେ ଭଲ ଝୋଟ ବାହାରଇ ଓ ମଞ୍ଜି ଧରିବା ସକାଶେ କେତେକ ଗଛ ଛାଡି ଦିଆଯାଏ । ଉଚ୍ଚ ଓ ଭୂମିରେ ଲାଗିଥିବା ଗଛରୁ ସରସ ଝୋଟ ଓ ଖାଲଜମିରେ ଲାଗିଥିବା ଗଛରୁ ମଞ୍ଜି ଉତ୍ପନ୍ନ କଲେ ଭଲ ହୁଅଇ । ଝୋଟ କୃଷିରେ ପ୍ରାୟ ଖତ ଦିଆଯାଏ ନାହିଁ ଓ ଦେଲେ ଜଡ଼ାର ପିଡୟା ଏବଂ ଗୋବର ସବୁଠାରୁ ଭଲ ଖତ ଅଟଇ । ଝୋଟର ମଞ୍ଜି ପାତଳ କରି ବୁଣିବାର ଉଚିତ ବହଳ କରି ବୁଣିଲେ ବହୁତ ଗଛ ମରି ଯାଏ ଓ ଦୁର୍ବଳ ହୁଅଇ ।

ଆମେରିକାରେ ଅପ୍ରେଲ ମେ ଓ ଜୁନ ମାସରେ ଝୋଟ ବୁଣାଯାଏ ଓ ଯଥାକ୍ରମେ ଜୁଲାଇ ଅଗଷ୍ଟ ଓ ସେପ୍ଟମ୍ବର ମାସରେ କଟାଯାଏ । ପଛକରି ବୁଣିଲେ ଅକ୍ଟୋବରମାସରେ କଟା ଯାଏ । କାଟିଲାଉତ୍ତାରୁ ଯନ୍ତ୍ର ଯୋଗେ ପ୍ରଥମେ ଛାଲ ବାହାରକରି କାଠିକୁ ଅଲଗା କରିବାକୁ ହୁଅଇ ଓ ସେହି ଛାଲକୁ ବଡ଼ ବଡ଼ କୁଣ୍ଡରେ ପରି-ଷ୍କାର ଜଳ ଭରତିକରି ତହିଁରେ ରଖି ଖରାରେ ବସାଇ ଦେଲେ ପଚିଯାଏ । ଏହିରୂପେ ପଚିଲା ଉତ୍ତାରୁ ତାହାକୁ ଧୋଇନେଲେ ଶୁକ୍ଳତନ୍ତୁ ବା-ହାରେ । କିନ୍ତୁ ଭାରତବର୍ଷରେ ଗଛସବୁକୁ ବିଡା ବାନ୍ଧିନେଇ ଗଡ଼ିୟା ପୋଖରୀରେ ମାଡ ଦିଅନ୍ତି ପଚିଲା ଉତ୍ତାରୁ ତାହାକୁ ପିଟି ପିଟି ଧୋଇ କାଠିରୁ ତନ୍ତୁ ଅଲଗା କରନ୍ତି । ଏ ଉପାୟଟି ଭଲ ନୁହଇ । ଗୋଟାସୁଦ୍ଧା ଗଛ ପଚିବାରେ ବିଲମ୍ବ ହୁଅଇ ଓ ଆଉ ଗୋଟିଏ ଦୋଷ ଏହି ହୁଅଇ ଯେ ଗଛର ଆଗପାଖ ଆଗେ ପଚିଯାଏ ଓ ମୂଳପାଖ ପଚିବାକୁ ବିଲମ୍ବ ହୁଅଇ ସୁତରାଂ ଅଗପାଖ ବହୁତଦିନ ଜଳରେ ରହିବାରୁ ତନ୍ତୁ ନଷ୍ଟ ହୁଅଇ । ଏଥିରେ ଝୋଟର ବର୍ଣ୍ଣ ମଧ୍ୟ ମଳିନ ପଡିଯାଏ ।

ଆମ୍ଭେମାନେ ଉପରିଲିଖିତ ବିଷୟମାନ ଏଡୁକେଶନ ଗେଜେଟରୁ ସଙ୍କଳନ କରି ପାଠକ ମାନଙ୍କୁ ଜଣାଇବାର ତାତ୍ପର୍ଯ୍ୟ ଏହି କି ବର୍ତ୍ତ-ମାନ ବଙ୍ଗଳାରେ ଯେମନ୍ତ ଝୋଟର କାରବାର ବୃଦ୍ଧି ହୋଇ ଅଛି ଓଡିଶାରେ ସେରୂପ ହୋଇ ନାହିଁ ଓ ଏଠାର କୃଷି ଓ ଜମିଦାରମାନେ ଯେବେ ଏ କୃଷିପ୍ରତି ମନୋଯୋଗୀ ହୁଅନ୍ତି ତେବେ ଏ ଦ୍ରବ୍ୟ ଏ ଜିଲ୍ଲାରୁ ବିସ୍ତର ପରମା-ଣରେ ରପ୍ତାନି ହୋଇ ଏ ଦେଶର ଧନ ବୃଦ୍ଧି ହୋଇ ପାରିବ । ଆମେରିକାରେ ଝୋଟର କୃଷି ନ ଥିଲା ତଥାଚ ସେଠାଲୋକମାନେ ଚେଷ୍ଟା କରି ଏ ଦ୍ରବ୍ୟ ଆପଣା ଦେଶରେ ଉତ୍ପନ୍ନ କଲେ । ଏଠାରେତ ପ୍ରାଚୀନକାଳରୁ ଏ କୃଷି ଅଛି କେବଳ ଯତ୍ନକଲେ ବିସ୍ତର ପରମାଣରେ ଉତ୍ତମ ତନ୍ତୁ ବାହାରିବ ଓ ତଦ୍ଦ୍ୱାରା କୃଷିକାରି-ଙ୍କର ବିସ୍ତର ଲାଭ ହେବ ।

Digitized by srujanika@gmail.com

# ସାପ୍ତାହିକସଂବାଦ ।

ଅମ୍ଭମାନଙ୍କର ଜଣେ ବନ୍ଧୁ ଲେଖିଅଛନ୍ତି ଯେ ଚଳିତମାସ ତା ୭ ଋଖରେ ଜିଲ୍ଲା କେନ୍ଦ୍ରା-ଠାରେ ନଦୀକୂଳରେ ଅସଂଖ୍ୟ ପୋକ ଉଡୁଥିବା-ର ଦେଖିଲେ । ସେ ପୋକସବୁ ଛୋଟ ଛୋଟ ଫଙ୍ଗଡ଼ାର ରୂପ ଓ ଆକାର ଗୋଟିଏ ଗୋଟିଏ ମଟର ପରି । ଦେଖିଲା ମାତ୍ରକେ ଫଙ୍ଗଡ଼ାଠାରୁ ଆପୃଥକ ବୋଧ ହୁଅଇ । ସେଠାଲୋକେ ଏହାର ନାମ ଫଙ୍ଗି ବା ଫଙ୍ଗଡ଼ାପୋକ ଦେଇ ଅଛନ୍ତି ଏବଂ କହନ୍ତି ଯେ ଏ ପୋକ ହେଲେ ମରୁଡ଼ି ପଡ଼ଇ ଓ ଦୁଇ ତିନି ଦିନରୁ ଅଧିକ ଏ ପୋକ ରହିବ ନାହିଁ । ଗୋବରି ନଦୀରେ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ଏ ପୋକମାନ ଦେଖାଯାଇ ଅଛନ୍ତି ।

ଅମ୍ଭମାନଙ୍କର ନୂତନ ଏକ୍ଟିଂ କମିଶ୍ନର ଅଦ୍ୟ ଏଠାରେ ପହୁଞ୍ଚିବାର କଥାଅଛି ।

ଏବର୍ଷ ଓଡ଼ିଶାର ସବୁଜିଲ୍ଲାରେ ରୋଡସେସ୍ ଟଙ୍କରେ ଦୁଇପଇସା ଲେଖାଏ ନିଅଯିବାର ମଞ୍ଜୁର ହୋଇଅଛି ।

ବିଲାତରୁ ତାରଡାକଯୋଗେ ସଂବାଦ ଅସି-ଅଛି ଯେ କଲିକତା ହାଇକୋର୍ଟର ଜଜଫିଅର ସାହେବ କର୍ମ ତ୍ୟାଗକରି ବିଲାତକୁ ଯାଉଥିବାରୁ ତାହାଙ୍କ କର୍ମରେ ଯେମନ୍ସିବେଲ ହ୍ୱାଇଟ ସାହେବ ନିଯୁକ୍ତ ହୋଇଅଛନ୍ତି ।

କଲିକତା ହାଇକୋର୍ଟର ଆଉ ଜଣେ ଜଜ ଶ୍ରୀଯୁକ୍ତ ଗ୍ଲୋବର ସାହେବ ଗାଲନଗର ନିକଟ ସମୁଦ୍ରରେ ଜାହାଜରେ ଥିବାକାଳରେ ପ୍ରାଣ ତ୍ୟାଗ କରିଅଛନ୍ତି । ଏ ଶୋଚନୀୟ ସଂବାଦ ଅସିବାରୁ ତାହାଙ୍କ ସମ୍ମାନାର୍ଥେ ହାଇକୋର୍ଟ ଏକଦିନ ବନ୍ଦ ହୋଇଥିଲା ।

## ପ୍ରେରିତ ପତ୍ର ।

ଶ୍ରୀଯୁତ ମାନ୍ୟବର ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ଅଜ ହୁକୁମ ପାଇଅଛୁଁ କି ସୁରୁକୁମାରୀ ଅର୍ଥାତ ହିମାରୋଗ ବେମାରୀ କିଛି ନୁହେ, ସବୁ ମିଥ୍ୟା । ବଲିଣଜିଲ୍ଲାର ପ୍ରଧାନ ଡାକ୍ତରଙ୍କ ଚିଠିରୁ ଜଣାଗଲା କି କେହି ମନ ଲୋକ ଏ କଥା ବାହାର କରିଅଛି । ଲୋକ ଭୟରେ ଯାହା ଗୋଡ଼ ହିମହିମ ହେଉଅଛି ସେ ସ୍ୱବା ବେମାରୀ କହୁଅଛି । ଦକ୍ଷିଣରେ କେତେକ ଲୋକ ଏହି ରୋଗରେ ହାସପାତାଲକୁ ଯିବାରୁ ତାଙ୍କୁ ବଳକା ଔଷଧାଦି ଦଆଗଲା, ସେ ଅକ୍ଷର ହେବାରୁ ଖାଇପାଣି ଦେବାରେ କେତେକ କେତେକ ଲୋକ ତକ୍ଷଣାତ ଭଲ ହୋଇ ଗଲେଗଲେ । ଏ ଯୋଗୁଁ ସେ ବେମାରୀ ଅଦୌ ମିଥ୍ୟା ବୋଲି ଜଣାଇଅଛନ୍ତି ଓ ସମସ୍ତ ଲୋ-କଙ୍କୁ କ୍ଷାନ୍ତ କରିବାର ହୁକୁମ ଜାରି ଏଜିଲାରେ ପାଇଅଛି ମଧ୍ୟ ଯେଉଁ ବ୍ୟକ୍ତି ଏ ମିଥ୍ୟା କଥା ରଚନା କରି ଲୋକଙ୍କୁ ଭୟ ଦେଲା ତାହାର ଅନୁସନ୍ଧାନ ସରକାର କରୁଅଛନ୍ତି । ଜାଣିବା ହେବେ ସେ ଜିଲାରେ ଏକବ୍ୟକ୍ତି ସୁଦ୍ଧା ମରି ନାହିଁ, ମାତ୍ର ଏ ଜନରବରୁ ଏତିକି ହେଲା କି ଅନେକ ସଂଖ୍ୟକ ଛେଳି ଗ୍ରାମଗ୍ରାମରେ ବଧ ହେଲେ । ପୂର୍ବେ ଯାହା ଲେଖିଥିଲୁଁ ଶୁଣୁସ ଦେଖି ଲେଖିଲୁଁ, ସରକାର ହୁକୁମ ଜାରି ପାଇବାରୁ ବୋଧ ହେଲା ଯେ ତାହା ସତ୍ୟ ନୁହେ । ଏ ଔଷଧ ଦେବାମାତ୍ରକେ ଆରାମକୁ ଲଭୁଅଛି ଏଥିରୁ ସନ୍ଦେହ ଥିଲା ସେ ସନ୍ଦେହ ଭଞ୍ଜନ ହେଲା ମଧ୍ୟ ଏ ତରଫରେ ଏକ ଆଶ୍ଚର୍ଯ୍ୟ କଥା ଘଟିଅଛି ଯେ ଲୋକେ ଭାଲିଆ ସବୁ ଗୋଡ଼ ଅଙ୍ଗୁଳରେ ଦାଗ ଦେଇଅଛନ୍ତି । ଯା-ହାକୁ ଭାଲିଆ ସନ୍ଧୁ ଅଛି ସେ ତ କଳାଦାଗ ଯେମନ ବୁଲୁଅଛି, ଯାହାକୁ ନ ସହେ ସେ ଫୁଲିଯାଇ ଶାରୀରିକ ବହୁକଷ୍ଟ ଭୋଗ କ-ରୁଅଛି । ଏ ପର୍ଯ୍ୟନ୍ତ ସେ ଖବର ଆସିବାରୁ ଆମ୍ଭେ ନିଷେଧ କରିବାରେ ଅନେକ ଲୋକ ଦେଇ ନାହାନ୍ତି । କିଏ ଏକଥା ବାହାର କରି ଦେଇଅଛି ଜଣା ନାହିଁ । ଆହୁରି ଦ ୮ ନ ତଳେ କିଏ ଖବର କହିଲା କି ଯାହା ଘରେ ଢେଙ୍କୀ ଅଛି ସେ ଢେଙ୍କୀ ସବୁ କାଢ଼ି ରଖ ନୋହିଲେ ରାତ୍ରରେ କିଏ ଧାନ କୁଟିଲା ପରି କୁଟିବ ଯେ ପଶୁରିବ ସେ ଝାଡ଼ା ହୋଇ ମରି ଯିବ, ଦ୍ୱାରେ ରୋଜ ରୋଜ ଚଢା ସବୁ ଦିଅ । ଏ-ଠାର ଉତ୍କଳ ସବୁ ଅଦ୍ୟନ୍ତ ଅସଭ୍ୟ, ଦ୍ୱାରେ ଚଢା ଦେଇ ରାତ୍ରକୁ ଢେଙ୍କୀ ସବୁ କାଢ଼ି ରଖି-ଲେ । ଆମ୍ଭେ ଶୁଣି ନିଷେଧ କରିବାରୁ କେ-ତେକ ଲୋକ ମାନିଲେ ମାତ୍ର ଏ ଭୁଣ୍ଡ ଖବର ଏ ଜିଲାରେ ବ୍ୟାପି ଗଲା ସମସ୍ତେ କରୁଅଛନ୍ତି । ଦ ୨ ନ ହେଲା ଆଉ ଗୋଳମାଳ ଶୁଣା ନାହିଁ । କିଏ କଣ କହି ଦେଉଅଛି ତହିଁରେ ସମସ୍ତେ ଭୁଲୁ ଅଛନ୍ତି । ବୋଧ ହୁଅଇ ଦ ୨ ନ ହେଲା କଷ୍ଟର ବରଷା ହେବାରୁ ଥଣ୍ଡା ଅଛି ।

ଧାନ ସବୁ ଶୁଖି ରହିଅଛି । ଏ ଲୁଣିରେ ଧାନ ହେବାର କଷ୍ଟ ପ୍ରତିଦିନ ବରଷା ଦର-କାର ପାଣି ଥାଉ ଥାଉ ଧାନ ମରିଯାଏ କାରଣ କି ଖରାରେ ପାଣି ଗରମ ହେଲେ ଲୁଣି ହୋଇ ମରିଯାଏ । ଏ ସାଲ ଏ ତରଫରେ ବରଷା ହେଲେ ସୁଦ୍ଧା କ୍ଷେତ ହେବାର କଷ୍ଟ ଜାଣିବେ ଇତି ।

୧୦।୮।୭୬ ଇ ।
ସାତପଡ଼ା ଶ୍ରୀ ପ୍ରାଣନାଥ ଦତ୍ତ

---

ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ !

ସୁରୁକୁମାରୀରୋଗର ଭୟାନକ ଆକ୍ରମଣ ଦେଖି ଲୋକେ ଅବାକ୍ ହୋଇଅଛନ୍ତି । ଗତ ଦିବସ ସକାଳ ବେଳୁଁ ରାତ୍ର ୩ ଟା ପର୍ଯ୍ୟନ୍ତ ପ୍ରାୟ ୭୦ ଜଣ ରୋଗିର ଔଷଧ ପାଇଁ ଲୋକ ଅସିଥିଲେ । ଯେଉଁମାନେ ନିକଟସ୍ଥ ସେହିମାନେ କେବଳ ଔଷଧ ପାଇଁ ଦୌଡ଼ି ଅସିଥିଲେ ମାତ୍ର ଯେଉଁମାନଙ୍କ ଘର କିଛି ଦୂରରେ ସେମାନେ ଅସି ପାରିବାର ଅତି ଅସମ୍ଭବ । କାଳ ବୃଦ୍ଧି ରାତି ଦେଖି ଅନୁମାନ ହେଉଅଛି ଶତାଧିକ ଲୋକଙ୍କୁ ଏ ରୋଗ ଧରିଅଛି । ଜଣତ ବ୍ୟକ୍ତି ଦେହ ନଷ୍ଟ ହେବାର ଶୁଣା ହୋଇ ନାହିଁ । ଲୁହା ଦାଗ ବଡ଼ ଉପକାର କରୁଅଛି ତଥାପି ଏପରି ମୋହ ହେଉଅଛନ୍ତି ଯେ ଲୁହା ଦାଗ-ରେ ମଧ୍ୟ ଚେତନା ହେଉ ନାହିଁ । ଆହୁରି ଗୋଟିଏ ଔଷଧ କୌତୁକ ଜନକରୂପେ ଅଦ୍ଭୁ-ତ ହୋଇଅଛି । ଜଣେ ମୁସଲମାନର ବଡ଼ କନ୍ୟାକୁ ଏହି ରୋଗ ଆକ୍ରମଣ କରେ । ଏଥିରେ ତାହାର ୪ ବର୍ଷର କନିଷ୍ଠା କନ୍ୟା ପାଖୁଲରେ ତାହା ମା ନିକଟରେ କହିଲା "ମା ଭାଉକୁ ବାଉ ଧରିଲାଣି ତୁ ଘିକୁମାରୀ (ଅନ୍ୟ ନାମ ବାଉକୁ-ମାରୀ) ଓ କାଗଜଲେମ୍ବୁ ତାହା ଗୋଡ଼ରେ ଘଷ ନହିଲେ ସେ ମରିଯିବ । ଏ କଥା ଶୁଣି ତାହା ମା ଉକ୍ତ ଉପାୟ କରିବାରୁ ସେ ଆରୋଗ୍ୟ ଲଭି-ଲା ।—୧୦।୮।୭୬

R. R. Das.

---

## ମୂଲ୍ୟପ୍ରାପ୍ତି ।

ବାବୁ ଶ୍ୟାମାଚରଣ ଘୋଷ ଇତ୍ୟାଦି କଲିକତା ୫୧୮
„ ହରଶ୍ଚନ୍ଦ୍ର ମୁଖର୍ଯ୍ୟ କଟକ „ ୫୮୧

---

☞ ଏହି ଉତ୍କଳଦୀପିକା ସହରକଟକ ଦରିଆବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରଚାରିତ ହେଲା ।

Digitized by srujanika@gmail.com

ଉତ୍କଳ ଦୀପିକା ତା ୧୯ ଋଣ ମାହେ  ଅଗଷ୍ଟ ସନ ୧୮୭୭ ମସିହା ।

ଉତ୍କଳବିଜୟ ।

ଇଂରେଜଙ୍କର ଓଡ଼ିଶାଦେଶ ଅଧିକାର, ଗୋଲଦାସରା ଓ ପାଏକଙ୍କ ବିଦ୍ରୋହ ଓ ଗୁମ୍ପାଁଗୋଳ ଇତ୍ୟାଦ ବୃତ୍ତାନ୍ତ ଶ୍ରୀଯୁକ୍ତ ଟଏଲର ସାହେବଙ୍କ ଓଡ଼ିଶା ଇତିହାସର ପ୍ରଥମ ଭାଗରୁ ଅମୁମ୍ମମ ଅନୁବାଦତ ଓ ମୁଦ୍ରିତ ହୋଇ ବକ୍ରୟାର୍ଥେ ପ୍ରସ୍ତୁତ ଅଛୁ । ଅମ୍ଭଠାରେ କିମ୍ବା ପ୍ରିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ଏ ପୁସ୍ତକ ମିଳିପାରିବ । ମୂଲ୍ୟ ପ୍ରତି ଖଣ୍ଡକୁ ଡାକମାସୁଲ ସ୍ମୁଦ୍ଧା ୫ ଂ

ଶ୍ରୀ ଜଗନ୍ମୋହନଲାଲ
କଟକ

ବିଜ୍ଞାପନ ।

ଅମ୍ଭେ ହଂସଦୂତ ଓ ମେଘଦୂତ ଉଭୟ ସଂସ୍କୃତକାବ୍ୟକୁ ଶୀଘ୍ର ମୁଦ୍ରାଙ୍କନ କରିବୁଁ ଯେଉଁ-ମାନେ ଚଳିତମାସ ମଧ୍ୟରେ ଅମ୍ଭଠାକୁ ଓ କଟକସ୍ଥ ପଣ୍ଡିତ ଗୋବର୍ଦ୍ଧନରଥ ଶର୍ମଙ୍କ ନିକଟକୁ ପତ୍ର ଦେଇ ଗ୍ରାହକ ଶ୍ରେଣୀଭୁକ୍ତ ହେବେ ସେମା-ନେ ଅଳ୍ପ ମୂଲ୍ୟରେ ପୁସ୍ତକ ପ୍ରାପ୍ତ ହୋଇ ପାରିବେ । ଇତି ।

| | |
|---|---|
| ୧୮୭୭ | ଶ୍ରୀବନମାଳିଅଗ୍ନିହୋତ୍ରୀ |
| | ହେଡମାଷ୍ଟର |
| ସମ୍ବଲପୁର | ଗଭର୍ଣ୍ଣମେଣ୍ଟସ୍କୁଲ |

ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ଅମ୍ଭ ଏହି ଉତ୍କଳଦେଶରେ ପ୍ରଚଳିତ ଥିବା ଶୁଭଙ୍କରୀ ନାମକ ମୂଳ ପୁସ୍ତକକୁ ଅର୍ଥାତ୍ ନହୁଁ ଯାଏ ମୁଦ୍ରିତ ଓ ମୁଦ୍ରାଦୋଷ ରହିତ ଜଣା ଯାଏ ଏପରି ପୁସ୍ତକ ଛପାଇବା କାରଣ ଅମ୍ଭେ ଉଦ୍ୟମବନ୍ତ ହୋଇ ପ୍ରକାଶ କରୁଅଛୁଁ ଯେ ଯେଉଁମାନେ ଅଗ୍ରେଯାଏ ଯଦି ଲେଖି ଦେବେ ପୁସ୍ତକର ଗ୍ରାହକ ହେବେ ସେମାନେ ଉପଯୁକ୍ତ ମୂଲ୍ୟରୁ କମ ଊଣା ମୂଲ୍ୟରେ ପୁସ୍ତକ ପାଇ ପାରିବେ । ଏଥି ବିଷୟରେ ଯେ କେହି ପତ୍ର ପତ୍ର ପଠାଇବେ ସେ କଟକ ନବାନସ୍ଥ ଶ୍ରୀ ପଣ୍ଡିତ ଗୋବର୍ଦ୍ଧନରଥଙ୍କ ନିକଟକୁ ପଠାଇଲେ ଅମ୍ଭ ନିକଟରେ ପହୁଞ୍ଚି ପାରିବ । ଇତି ।

ଶ୍ରୀ କପିଳେଶ୍ୱର ନନ୍ଦଶର୍ମା ।

ବିଜ୍ଞାପନ ।

ଅମ୍ଭ ଶାମୀନ ମହାରାଜା ଶ୍ରୀ ଧନୁର୍ଜ୍ଜୟନାରା-ୟଣ ଭଞ୍ଜ ଦେଓ । ବ । କେଉଁଝରଙ୍କ ଗଲଗଫ-ଦିଲ ହସ୍ତିମାନ ବିକ୍ରୀ ସକାଶେ ପ୍ରସ୍ତୁତ ଅଛନ୍ତି ଯେଉଁମାନଙ୍କର ନେବାର ବାସନା ଥାଏ ସେ-ମାନେ ଆପଣା ତରଫ ମନୁଷ୍ୟ କେଉଁଝର ଗଡ ଠାକୁ ପଠାଇ ହସ୍ତି ପସନ୍ଦକରି ନେଇ ପାରନ୍ତି ଯେଉଁମାନେ ଖରିଦକରି ନେବେ ତାହାର ମୂଲ୍ୟ ନଗଦ ଦେବେ ନଚେତ୍ କୌଣସି ପ୍ରଧାନ ଲୋକ ଅଥବା କୌଣସି ରାଜା କିମ୍ବା ଜମିଦାର ମଧ୍ୟ ଅମ୍ଭ ମହାରାଜାଙ୍କର ଅସମ୍ମତ ହେବ ନାହିଁ ଏ ହସ୍ତିମାନଙ୍କ ବିକ୍ରୀପରେ ଦୋସର୍ ହସ୍ତିମାନ ବିକ୍ରୀ କରିବାକୁ ମାନସ ରଖିଅଛନ୍ତି ।

| ନମ୍ବର | ହସ୍ତିମାନଙ୍କ ନାମ | ଉଚ୍ଚ | ଲମ୍ବା | ମୂଲ୍ୟ |
|---|---|---|---|---|
| ୧ | ଲକ୍ଷଣପ୍ୟାରୀହସ୍ତିନୀ | ଫୁ ୭।୮ଇଞ୍ଚ | ଫୁ ୮।୯ଇଞ୍ଚ | ଟ ୧୮୦୦୲ |
| ୨ | ଷାନମଣିହସ୍ତିନୀ | ଫୁ ୭।୧ ଇଞ୍ଚ | ଫୁ ୯।୧ ଇଞ୍ଚ | ଟ ୧୮୦୦୲ |
| ୩ | ଗୁନ୍ଦାହସ୍ତିନୀ | ଫୁ ୬।୩ଇଞ୍ଚ | ଫୁ ୮।୩ଇଞ୍ଚ | ଟ ୧୫୦୦୲ |
| ୪ | ଶ୍ରୀନସିଂହ ପାଣ୍ଡୁ | ଫୁ ୫।୧୦ଇଞ୍ଚ | ଫୁ ୬।୯ଇଞ୍ଚ | ଟ ୧୨୦୦୲ |
| ୫ | ଫୁଲକଲବତୀ | ଫୁ ୫।୭ଇଞ୍ଚ | ଫୁ ୫।୩ଇଞ୍ଚ | ଟ ୫୦୦୲ |
| ୬ | ବାହାଦୁରଗଜ | ଫୁ ୯ ଟ | ଫୁ ୧୦ ଟ | ଟ ୨୭୦୦୲ |

ଭଗବାନଦାସ ମୁଣ୍ଡାର
। ଗ୍ରା । କଟେ । ଜା । କେଉଁଝର

କଟକ, ମିସନ ପ୍ରେସ ।

Digitized by srujanika@gmail.com

Split by PDF Splitter

145.B

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୧ ଗ
ସଂ ୩୫ ଖ୍ୟା

ତା ୨୫ରିଖ ଅଗଷ୍ଟ ସନ ୧୮୭୭ ମସିହା । ମୂ । ଭାଦ୍ରବ ୧୧ଅଙ୍କ ସନ ୧୨୮୫ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୩୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୩୬୧
ମଫସଲପାଇଁ ଡାକମାସୁଲ ଟ୧୫୬

ଆମ୍ଭେମାନେ ଗତ ସପ୍ତାହରେ ଭ୍ରମବଶତଃ ଲେଖିଥିଲୁଁ ଯେ ଓଡିଶାର ସବୁଜିଲାରେ ପଥକର ସଙ୍କୋଚ ଦରରେ ଏବର୍ଷକୁ ନେବାର ସ୍ଥିର ହୋଇଅଛି । ବାସ୍ତବରେ ତାହା ନୁହେ । କଟକ ଓ ବାଲେଶ୍ବରରେ ସେରୂପ କର ଧାର୍ଯ୍ୟ ହୋଇଅଛି ମାତ୍ର ପୁରୀଜିଲାରେ ଅଧାଦର ଅର୍ଥାତ୍ ଟଙ୍କାପ୍ରତି ଏକପଇସା ଲେଖାଏଁ କର ନିଆଯିବାର ଘୋଷଣା ଦିଆ ଯାଇଅଛି । ପୁରୀନିବାସିମାନେ ଅପଣା କମିଟୀର ସଭ୍ୟମାନଙ୍କୁ ଓ କଲେକ୍ଟରଙ୍କୁ ଧନ୍ୟବାଦ ଦେଉଛୁ । କିନ୍ତୁ ଦୁଃଖର ବିଷୟ ଯେ ଓଡିଶା ମଧ୍ୟରେ ଏକ ସ୍ଥାନରେ ହେଲେ କମିଟୀ ସ୍ବାଧୀନଭାବରେ ପୂର୍ବାପର ଅବସ୍ଥା ବିଚାର କରି କାର୍ଯ୍ୟ କରୁଅଛନ୍ତି । ଅପର ଦୁଇ ଜିଲାର କମିଟୀ ଓ ହାକିମମାନେ ଅଧିକା କର ନେଇ ପ୍ରଜାମାନଙ୍କୁ ଏବର୍ଷ କେଉଁ ଉନ୍ନତି ଦେବେ ଦେଖିବାରେ ଆସିବ । ପରଶେଷରେ ଏମନ୍ତ ଘଟିପାରେ ଯେ ଲୋକର ମୁଣ୍ଡକୁ ପିଣ୍ଡ ବୋହି ନେଇଯିବ ।

—*—

ଏ ସପ୍ତାହରେ ମଧ୍ୟ ଏ ନଗରରେ ଭଲବର୍ଷା ହୋଇ ନାହିଁ । ମୋଫସଲରେ ପ୍ରାୟ ସବୁଆଡେ ଥରେ ଭଲ ବର୍ଷା ହୋଇ ଯିବାରୁ ଅଧିକ ଜଳ ନ ହେଉ କ୍ଷେତ ସବାଶେ ପ୍ରଚୁର ହୋଇ ଅଛି ବୋଲଯାଇ ପାରେ ଓ ତହିଁପାଇଁ ଲୋକେ କିଛି ନିଶ୍ଚିନ୍ତ ଅଛନ୍ତି ତଥାପି ଶୀଘ୍ରଅଡେ ଭଲ କ୍ଷେତ ହେବାର ଆଶା କେହି କରୁ ନାହାନ୍ତି । ନଗରମଧ୍ୟରେ ବା ପାର୍ଶ୍ବରେ ଯେ ବଲ ଗଡ୍ଡେ ଅଛି ତାହାତ ଅବଧି ରୁଆ ବେହୁଡା ହୋଇ ନାହିଁ ଓ ଯେମନ୍ତ ଗତି ଦେଖାଯାଏ ଏ ବର୍ଷ ଆଦୌ ହେବ କି ନାହିଁ ସାହସ କରି କୋହି ଯାଇ ନ ପାରେ । ଆମ୍ଭେମାନେ ବୋଧକରୁଁ ଯେ ଇନ୍ଦ୍ରଦେବତା ମିଉନିସିପାଲିଟି କମିଟୀଙ୍କର ସହାୟ ହୋଇ ଏଠାରେ ବର୍ଷା କରୁ ନାହାନ୍ତି କାରଣ ସଉକସରୁର ଅବସ୍ଥା ଯେମନ୍ତ ମନ୍ଦ ହୋଇଅଛି ତହିଁରେ ବର୍ଷା ହେଲେ ବାଟ ଚଲିବାର କଠିନ ହୁଅନ୍ତା ଓ ଅନେକଲୋକ କଚଡା ଖାଇ ହାଡ ଗୋଡ ଭାଙ୍ଗି ଡାକ୍ତରଖାନାରେ ଆଶ୍ରୟ ନିଅନ୍ତେ । ବର୍ଷା ନ ହେବାରୁ ଏକ ପ୍ରକାର ରକ୍ଷା ହୋଇଅଛି । ଗତବର୍ଷ ଏ ସମୟରେ ଅନେକଲୋକଙ୍କର ଘରଭାଙ୍ଗି ଯାଇଥିଲା ଏ ବର୍ଷ କାହାରକୁ ସେ ଆପଦ ଭୋଗକରିବାକୁ ହେବ ନାହିଁ ଏମନ୍ତ ଅନୁମାନ ହୁଅଇ ।

———

ହାଇକୋର୍ଟର ଜଜ ଫିଅର ସାହେବ ଗତ ସପ୍ତାହରେ କଲିକତାରୁ ଜାହାଜରେ ସ୍ବଦେଶକୁ ଯାତ୍ରା କଲେ । ଏହାଙ୍କୁ ବିଦାୟ ଦେବାକାଳରେ କଲିକତାର ନାନା ଜାତିଙ୍କର ସଭା ଓ ସମ୍ପ୍ରଦାୟ ଅଭିନନ୍ଦନପତ୍ରମାନ ଦେଇଥିଲେ ଓ ସାହେବ ପ୍ରଶଂସିତ ସେସମସ୍ତର ସଦୁତ୍ତର ଦେଇ ସନ୍ତୁଷ୍ଟ କଲେ । ଫିଅର ସାହେବ କେବଳ ହାଇକୋର୍ଟର ଜଜ ଥିଲେ ତାହାଙ୍କପ୍ରତି ଦେଶୀୟ ଲୋକଙ୍କର ଏଡେ ଭକ୍ତି ଓ ଶ୍ରଦ୍ଧା ଏମନ୍ତ ନୁହଇ ବାସ୍ତବରେ ସେ ହାଇକୋର୍ଟରେ ଜଣେ ବିଚକ୍ଷଣ ସୁବିଚାରକ ଥିଲେ ଓ ତାହାଛଡା ଦେଶୀୟ ଲୋକଙ୍କର ଉନ୍ନତି ପକ୍ଷରେ ତାହାଙ୍କର ବିଶେଷ ଚେଷ୍ଟା ଓ ପରିଶ୍ରମ ଥିଲା । ସ୍ତ୍ରୀଶିକ୍ଷା ପକ୍ଷରେ ସେ ଜଣେ ପରମ ବନ୍ଧୁ ଥିଲେ ଓ କଲିକତାରେ ସ୍ଥାପିତ ଥିବା ନାନା ହିତ ଓ ଉନ୍ନତି କର ସଭାର କାର୍ଯ୍ୟରେ ସେ ଯୋଗ ଦେଉଥିଲେ । ସାମାଜିକ ବିଜ୍ଞାନ ଇତ୍ୟାଦି ବିଷୟରେ ସେ ଅନେକ ବକ୍ତୃତାମାନ ସମୟେ ସମୟେ କରି ଏଠା ଲୋକଙ୍କୁ ଅନେକ ଉପଦେଶ ଦେଇ ଅଛନ୍ତି ଓ ଦେଶୀୟ ଲୋକଙ୍କ ସହିତ ସେ ଏମନ୍ତ ସମାନସୂଚକ ବ୍ୟବହାର କରୁଥିଲେ ଯେ ତହିଁ ପାଇଁ କେତେ ଅଳ୍ପ ଇଂରେଜଙ୍କଠାରେ ସେ ଅପ୍ରସ୍ତୁତ ହୋଇଥିଲେ । ଏମନ୍ତ ମହାତ୍ମା ଆମ୍ଭମାନଙ୍କ ମଧ୍ୟରୁ ବାହାର ଯାଇ ଦୂରରେ ଅବସ୍ଥିତ କଲେ ଅତ୍ୟନ୍ତ ଦୁଃଖର ବିଷୟ ଅଟଇ ।

—*—

ଆମ୍ଭ ମାନଙ୍କ ନୂତନ କମିଶନର ଗତ ଶନିବାର ସକାଳେ ଏଠାରେ ପହୁଞ୍ଚି ସେହି ଦିନ କଚେରିରେ ଉପସ୍ଥିତ ହୋଇ କାର୍ଯ୍ୟ କରିଥିଲେ ଓ କଚେରିକୁ ଯିବା ସମୟରେ ଏଠା କଲେକ୍ଟରୀ କଚେରି ଦେଖି ଯାଇଥିଲେ । ସାହେବଙ୍କ ମିଜାଜ କେମନ୍ତ ଓ କିପରି କର୍ମ କରୁଅଛନ୍ତି ଏ କଥା ନଗରବାସିମାନେ ପରସ୍ପରରେ ପଚାରା ପଚରି ହେଉଅଛନ୍ତି । କିନ୍ତୁ ଅବଧି ସ୍ଥିର ଜଣା ଯାଇ ନାହିଁ । ଯାହା ଦେଖାଯାଇଅଛି ତହିଁରେ

Digitized by srujanika@gmail.com

ସାହେବ ଯୋଗ୍ୟ ଓ ଦୟାଳୁ ବୋଲି ବୋଧ ହୁଅଇ । କଚେରିକୁ ଦୁଇପ୍ରହର ବେଳେ ଯାଇ ଗ୍ରୀଷ୍ମ ଘ ୭।୮ ଘଣ୍ଟା ପର୍ଯ୍ୟନ୍ତ ରହନ୍ତି ମାତ୍ର ଏହାବୋଲି ଅମଲା ବ ମାମଲତକାରଙ୍କୁ କଷ୍ଟାଇରଖନ୍ତି ନାହିଁ । ଘର ବାହାରୁ ଦରଖାସ୍ତ ନେଇ କାର୍ଯ୍ୟ ସାର ପାଞ୍ଚ ଘଣ୍ଟା ଉତ୍ତାରୁ ଅମଲାପ୍ରଭୃତିଙ୍କୁ ବଦାୟ କରନ୍ତି ତହିଁ ଉତ୍ତାରୁ ଆପଣା କାର୍ଯ୍ୟ ସେଠି ଅପେ କରିଥାନ୍ତି । ଅପେ ବୁଝିସୁଝି କର୍ମ କରିବାର ଏକାନ୍ତ ଇଚ୍ଛା ଥିବାରୁ ଛଅମାସ କାରଣ ଆସିଲେହେଁ ଓଡ଼ିଆ ଭାଷା ଶିଖୁଅଛନ୍ତି ଓ ଶ୍ରୀଯୁକ୍ତ ରେବନସାସାହେବଙ୍କ ଦସ୍ତୁରଅମଲସବୁ ପ୍ରତିପାଳନ କରିବାକୁ ଯତ୍ନଶୀଳ ଅଟନ୍ତି । କୋଠିରେ ଭଦ୍ରଲୋକଙ୍କ ସହିତ ସାକ୍ଷାତ କରିବାପାଁଇ କୌଣସି ନିଷେଧ ବା ଅଟକ ନାହିଁ । ରବିବାର ଛଡ଼ା ଆଉ ସକଳଦିନ ସାକ୍ଷାତ୍ ଦେଉଅଛନ୍ତି । ଏ ସବୁ ଭଲ ଗୁଣ ଦେଖା ଯାଉ ଅଛି ତେବେ ପ୍ରଜାଙ୍କ ପ୍ରତି ଏହାଙ୍କର ଭାବ କିରୂପ ତାହାଂ କାର୍ଯ୍ୟ ପଡ଼ିଲେ ଜଣାଯିବ ।

---

ମହାମାନ୍ୟ ଗବର୍ଣ୍ଣର ଜେନରଲ ଲର୍ଡଲିଟନ ସାହେବ ଇଣ୍ଡିଆ ଗଜେଟରେ ଘୋଷଣା ଦେଇ ଅଛନ୍ତି କି ଆଗାମୀ ଜାନୁଆରୀମାସ ତା୧ଲିଖରେ ଶ୍ରୀ ଶ୍ରୀମତୀ ମହାରାଣୀ 'ଏମ୍ପ୍ରେସ ଅବ୍ ଇଣ୍ଡିଆ' ପଦ ଗ୍ରହଣ କରିବେ ଓ ଏହି ବିଷୟର ଘୋଷଣା ଦେବାନିମିତ୍ତ ଉକ୍ତ ତାରିଖରେ ଦିଲ୍ଲୀନଗରରେ ବଡ଼ ସମାରୋହ ପୂର୍ବକ ଦରବାର ହେବ ଭାରତବର୍ଷର ସମସ୍ତ ପ୍ରଦେଶର ଶାସନକର୍ତ୍ତା ଓ ଗବର୍ଣ୍ଣରମାନେ ଦେଶୀୟରାଜା ମହାରାଜା ଓ ସମ୍ଭ୍ରାନ୍ତବ୍ୟକ୍ତିମାନେ ଏ ଦରବାରରେ ଉପସ୍ଥିତ ହେବାପାଁଇ ଅମନ୍ତ୍ରିତ ହେବେ ଏବ ପ୍ରଧାନ ସମ୍ବାଦପତ୍ରର ସମ୍ପାଦକଙ୍କୁ ମଧ୍ୟ ଆମନ୍ତ୍ରଣ ହେବ । ସଭା ସମ୍ମୁଖରେ ୧୫୦୦୦ ସେନା ଉପସ୍ଥିତ ରହିବେ ଏବ ସ୍ୱୟଂ ମହାମାନ୍ୟ ସୈନ୍ୟାଧ୍ୟକ୍ଷ ମହାଶୟ ସେନାପତି ସ୍ୱରୂପ କାର୍ଯ୍ୟ କରିବେ । ବଡ଼ ଦିନର ପୂର୍ବଦିନ ମହାମାନ୍ୟ ଗବର୍ଣ୍ଣରଜେନରଲ ସାହେବ ବମ୍ବେଇରୁ ଦିଲ୍ଲୀନଗରକୁ ଶୁଭାଗମନ କରିବେ ଏବଂ ଦରବାରଶେଷ ପର୍ଯ୍ୟନ୍ତ ସେଠାରେ ରହିବାକୁ ହେବ । ଦରବାରକାର୍ଯ୍ୟ ନିର୍ବାହ ଏବ ଏ ଉତ୍ସବ ସମୟରେ ଯଥାଯୋଗ୍ୟରୂପେ ରାଜଭକ୍ତି ଦେଖାଇବା ଉଦ୍ଦେଶରେ ବିସ୍ତାରିତ ନିୟମମାନ ଏ ପତ୍ରେ ପ୍ରକଟିତ ହେବ । ଭାରତବର୍ଷର ସମସ୍ତ ନଗର ଓ ଅନ୍ୟସ୍ଥାନସବୁରେ ସମାରୋହ ପୂର୍ବକ ଘୋଷଣା ପ୍ରଚାରିତ ହେବ ଏବ ଲୋକେ ରାଜଭକ୍ତି ପ୍ରଦର୍ଶନପୂର୍ବକ ଅନନ୍ଦ କରିବାକୁ ଅବସର ପାଇବା ସକାଶେ ସମସ୍ତ ସରକାରୀ କାର୍ଯ୍ୟାଳୟମାନ ଏକ ସପ୍ତାହ ଯାକେ ବନ୍ଦ ହେବ ।

---

ପାଠକମାନଙ୍କର ସ୍ମରଣ ଥିବ ଯେ କାଉଁଶରେ କାଗଜ ପ୍ରସ୍ତୁତ ହୋଇ ପାରେ ଏମନ୍ତ କଥା ଖଣ୍ଡିଏ ଇଂରାଜୀ ସଂବାଦପତ୍ରରେ ଲେଖା ଥିଲା ଓ ସେ ସମ୍ବାଦଟି ଏ ପତ୍ରିକା ଓ ଅନ୍ୟାନ୍ୟ ଅନେକ ପତ୍ରିକାରେ ପ୍ରକାଶ ହୋଇଥିଲା । ସେରୂପ ପ୍ରକାଶ ହେବାର ହେତୁ ଏହି ଯେ ଭାରତବର୍ଷରେ ବହୁତ ପରିମାଣରେ କାଉଁଶ ମିଳଇ କେହି ନା କେହି ଅବଶ୍ୟ ଏଥିରୁ କାଗଜ ପ୍ରସ୍ତୁତ କରିବାକୁ ଚେଷ୍ଟା କରିବ ମାତ୍ର ଭାରତବର୍ଷବାସିଙ୍କ ପକ୍ଷରେ ଏମନ୍ତ ଶୁଭଦିନ ପ୍ରବେଶ ହେବା ଅନେକ ବିଳମ୍ବ ଅଛି କି ଯେଉଁଦିନ ସେମାନେ ସଂବାଦପତ୍ରରେ ନୂତନ ଅବିଷ୍କାରର ପ୍ରସଙ୍ଗ ପାଠକରି ଅପେ ତାହା ସଫଳ କରିବାକୁ ପ୍ରବୃତ୍ତ ହେବେ । ଯାହାହେଉ କଟକ ଜେଲଖାନାର ଜେଲର ସାହେବ କି ସେ ଜଣେ ଇଂରେଜ ଅଟନ୍ତି ଇଂରାଜୀ ସଂବାଦପତ୍ରରେ ଉକ୍ତ ସଂବାଦଟି ପାଠକଲାଦିନୁ ତାହା ସଫଳ କରିବାକୁ ଚେଷ୍ଟିତ ହୋଇଥିଲେ । ଅନେକ ପରିଶ୍ରମ ଓ କୌଶଳ ସହକାରେ ପରିଶେଷରେ ସେ ସଫଳ ହୋଇଅଛନ୍ତି ଅମ୍ଭେମାନେ ଦେଖି ଅତ୍ୟନ୍ତ ଅନନ୍ଦିତ ହେଲୁଁ । ଜେଲଖାନାରେ କାଉଁଶର ମୋଡ଼ା ମାଚିଆ ପ୍ରଭୃତି କେତେ ଦ୍ରବ୍ୟ ପ୍ରସ୍ତୁତ ହୁଅଇ ଓ କାଉଁଶ କାଟି ପ୍ରସ୍ତୁତ କରିବାବେଳେ ଯେତେ ଛେଲକା ବାହାରେ ତାହା କୌଣସି ପ୍ରୟୋଜନରେ ଅସଇ ନାହିଁ କେବଳ ପୋଡ଼ି ଦିଆଯାଏ । ସାହେବ ଉକ୍ତ ଛେଲକାସବୁ ଜମାକରି ଢେଙ୍କିରେ କୁଟି ତହିଁରୁ ଦେଶୀକାଗଜ ପ୍ରସ୍ତୁତ କରିଅଛନ୍ତି । ଦେଖିଲେ କେହି କହି ପାରିବ ନାହିଁ ଯେ ତାହା କାଉଁଶରୁ ପ୍ରସ୍ତୁତ ହୋଇଅଛି । ଠିକ ତୁଳଟ କାଗଜପରି ହୋଇଅଛି ବରଂ ତୁଳଟ କାଗଜରୁ ଟାଣ ଅଧିକ ଜଣାଯାଏ ! ଅମ୍ଭେମାନେ ଗଣ୍ଡେ ନମୁନା ଦେଖିଥିଲୁ ଇଂରାଜୀ ସିହାଇରେ ଲେଖିଲେସୁଦ୍ଧା ଉଡ଼ିଯାଉ ନାହିଁ ଅଥଚ ଦେଖିବାକୁ ମନ୍ଦ ନୁହଇ । କେବଳ ଏ କାଗଜର ମୂଲ୍ୟ ତୁଳଟକାଗଜଠାରୁ କେତେ ଶସ୍ତା ପଡ଼ିବ ଏତିକ ଜାଣିବାର ବାକି ଅଛି ଓ ତହିଁରେ ଲାଭ ଦେଖା ଗଲେ ବହୁ ଉପକାର ହେବ । କଟକର ଜେଲର ସାହେବ ବୋଧ ହୁଅଇ ଭାରତବର୍ଷରେ ଏ ନୂତନ କାଗଜ ବାହାର କରିଅଛନ୍ତି ଓ ଏହାକୁ ସକଳ ବିଷୟରେ ଉତ୍କୃଷ୍ଟ ନ କରିବା ପର୍ଯ୍ୟନ୍ତ ସେ ସ୍ଥିର ହେବେ ନାହିଁ । ଅମ୍ଭେମାନେ ଅସ୍ମଦେଶୀୟଙ୍କୁ ଅନୁରୋଧ କରୁଁ କି ଇଂରାଜଙ୍କଠାରୁ ଏହିପରି ସ୍ୱଭାବ ସବୁ ଶିକ୍ଷା କରନ୍ତୁ ତାହା ହେଲେ ସେମାନଙ୍କର ଲାଭ ଓ ଦେଶର ଶ୍ରୀବୃଦ୍ଧି ହେବ ।

---

କଟକ ମିଉନିସିପାଲିଟି ।

ଏ ନଗରରେ ନୂତନ ଆଇନ (ସନ୧୮୭୬ ମସିହା ଆ ୫ ଇନ ବଙ୍ଗଳା ବ୍ୟବସ୍ଥାପକ ସଭାର) ଜାରି ହେବାର ଅମ୍ଭେମାନେ ଏଥିପୂର୍ବେ ଲେଖିଥିଲୁଁ ମାତ୍ର ସେ ଆଇନ କି ଓ ତାହା ଜାରି ହେବାରେ କି ଫଳାଫଳ ହେବ ତାହା ଅଦ୍ୟାବଧି କାହାରିକୁ ଜଣା ପଡ଼ୁ ନାହିଁ । ବାସ୍ତବରେ ଉକ୍ତ ଆଇନର ବଙ୍ଗଳା ତର୍ଜମା ଅଳ୍ପଦିନ ହେଲା ବଙ୍ଗଳା ଗଜେଟରେ ଛପା ହୋଇଅଛି ଓଡ଼ିଆ ତର୍ଜମା ଅଦ୍ୟାପି ଛପା ହୋଇ ନାହିଁ ଓ ଛପା ହେଲଠାରୁ ବୁଝିବାକୁ ଅଧିକ କେତେକ ଦିନ ଲାଗିବ କାରଣ ଏଠାଲୋକେ ଅଧିକାଂଶ ଏ ସମସ୍ତ ବିଷୟ ଜାଣିବାକୁ ତତ୍ପର ନୁହନ୍ତି ଓ ବାଧ୍ୟ ନ ପଡ଼ିଲେ ଅ[illegible] ଜାଣିବାକୁ ସୁଖ ପାନ୍ତି ନାହିଁ । ଏପରି ଅବସ୍ଥାରେ ଆଇନର ମର୍ମରୁ ଅବଗତ ହେବା ଏଠା ନିବାସିଙ୍କ ପକ୍ଷରେ ସହଜ ନୁହଇ । ମାତ୍ର ଦୁଃଖର ବିଷୟ ଯେ ଯାହାଙ୍କୁ ଆଇନ ଚଳାଇବାର ଭାର ଦିଆଯାଇଅଛି ସେମାନେ ଲୋକଙ୍କୁ ଆଇନର ମର୍ମରୁ ଅବଗତ କରାଇବା ସକାଶେ ଆଗେ କୌଣସି ଉପାୟ ଅବଲମ୍ବନ ନ କରି ଆଇନାନୁସାର କାର୍ଯ୍ୟ କରିବାକୁ ପ୍ରସ୍ତୁତ ହୁଅନ୍ତି ଏବ ନଗରବାସିଙ୍କୁ ତାହା ପ୍ରତିପାଳନ କରିବା ପାଁଇ ଆଦେଶ ଦିଅନ୍ତି । ଏମନ୍ତ ଅବସ୍ଥାରେ ହାକିମ ଓ ପ୍ରଜାଙ୍କ ମଧ୍ୟରେ ମନାନ୍ତର ହେବାର ଆଶ୍ଚର୍ଯ୍ୟ ନୁହେ ଓ ତାହା ହେଲେ ତହିଁପାଇଁ ଅବଶ୍ୟ ହାକିମ ଦୋଷୀ ଅଟନ୍ତି କାରଣ ସବୁ କଥା କହିବାକୁ ହେଲେ ଯେଉଁମାନେ ସେ ବୁଝିବ ସେରୂପେ କହିବାର ଉଚିତ ନୋହିଲେ ତାହା ବ୍ୟକ୍ତିର ଦୋଷ କାରଣ କାଳକ ଅନ୍ୟଲୋକ ପର ସହଜରେ ବୁଝିବ ନାହିଁ ।

ଉପରୁକ୍ତ କଥା ଲେଖିବାର ହେତୁ ଏହି ଯେ ମିଉନିସିପଲ ଆଇନ ଜାରି ହେଲା ଦିନାରୁ

Digitized by srujanika@gmail.com

ଅସ୍ମାନଙ୍କ ମାଜିଷ୍ଟ୍ରେଟ କଟକ ନଗରକୁ ପ୍ରଥମ ଶ୍ରେଣୀର ମିଉନିସିପାଲିଟିରେ ଆଣିବା ପାଇଁ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କଲେ ମାତ୍ର ଲେପ୍ଟେନେଣ୍ଟ ଗବର୍ଣ୍ଣର ଏ ଅନୁରୋଧକୁ ଏକାବେଳକେ ଗ୍ରାହ୍ୟ ନ କରି ଉତ୍ତର ଲେଖି ପଠାଇଲେ କି ପ୍ରଥମ ଶ୍ରେଣୀ କରିବାର କି ହେତୁମାନ ଅଛି ଓ ତହିଁରେ ଲୋକଙ୍କର ଆପତ୍ତି ଅଛି କି ନାହିଁ ଏ ସମସ୍ତ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଲେ ବିହିତ ଆଜ୍ଞା ହେବ । ଏ ଉତ୍ତର ପାଇ ମାଜିଷ୍ଟ୍ରେଟ ସାହେବ ଘୋଷଣା ଦେଇଅଛନ୍ତି କି ଏକମାସ ମଧ୍ୟରେ ଲୋକମାନେ ଆପତ୍ତି ନ କଲେ ଲେପ୍ଟେନେଣ୍ଟ ଗବର୍ଣ୍ଣର ଏ ନଗରକୁ ପ୍ରଥମ ଶ୍ରେଣୀର ମିଉନିସିପାଲିଟି କରିବେ । ମାତ୍ର ଏ ଘୋଷଣା ଯେ ପ୍ରକାରେ ଦିଆଯାଇଅଛି ତାହା ଅତି କୌତୁକଜନକ ଅଟଇ । ପ୍ରଥମେ ଉପର ଲିଖିତ ମର୍ମରେ କେତେ ଖଣ୍ଡ ଇସ୍ତାହାର ଜାରୀ ହୋଇଥିଲା କେଉଁଠାରେ ସେସବୁ ଲଟକାଇ ଦିଆଗଲା ତାହା ଲୋକେ ଜାଣନ୍ତି ନାହିଁ ଓ ପ୍ରଜାମାନେ ତାହା ଦେଖିଅଛନ୍ତି କି ନାହିଁ ସନ୍ଦେହ କାରଣ ଅନେକ ଲୋକଙ୍କଠାରୁ ଆମ୍ଭେମାନେ ଶୁଣିଅଛୁଁ ଯେ ସେମାନେ ଦେଖି ନାହାନ୍ତି । ତହିଁ ଉତ୍ତାରୁ ଗତ ମଙ୍ଗଳବାର ନଗର ମଧ୍ୟରେ ମୁନାଦି ଦିଆଗଲା ମୁନାଦି ଦେବାବ୍ୟକ୍ତି ବାସ୍ତବରେ କି କଥା କହିଅଛି ଆମ୍ଭେମାନେ ଶୁଣି ନାହୁଁ କିନ୍ତୁ ଯେଉଁମାନେ ଶୁଣିଅଛନ୍ତି ତାହାଙ୍କ ମଧ୍ୟରୁ ଅଧିକ ଲୋକ ଏହିକଥା କହୁଅଛନ୍ତି ଯେ ଗାଡି ଘୋଡା ଗାଈ ଓ ବଳଦ ଉପରେ ଟେକ୍ସ ହେବ । ଏଥିପାଇଁ ଲୋକେ ଅତ୍ୟନ୍ତ କାତର ଅଛନ୍ତି ଓ ଅନେକ ବ୍ୟକ୍ତି ଆପଣା ଗାଈ ବଳଦକୁ ମୋଫସଲ ପଠାଇବାର କିମ୍ବା ବିକ୍ରୟ କରିବାର ସ୍ଥିର କରିଅଛନ୍ତି । ମୁନାଦି ଦେବାର ଦୋଷରୁ ଅବଶ୍ୟ ଏରୂପ ଅମୂଳକ ବିଶ୍ୱାସ ବାହାର ଅଛି ସନ୍ଦେହ ନାହିଁ କାରଣ ଆଇନରେ ଆଦୌ ଗାଈ ବଳଦ ଉପରେ ଟେକ୍ସ ହେବାର ବିଧାନ ନାହିଁ କିନ୍ତୁ ଯାହାଙ୍କ ଆଜ୍ଞାରେ ଘୋଷଣା ଦିଆଗଲା ସେ ଯେବେ ସାବଧାନ ହୋଇ କାର୍ଯ୍ୟ କରିଥାନ୍ତେ ତେବେ ଲୋକେ ଏରୂପ ଭ୍ରମରେ ପଡି କାତର ହୁଅନ୍ତେ ନାହିଁ । ଫଳତଃ ଯେସ୍ଥଳେ ଘୋଷଣା ଏପରି ଅଶୁଦ୍ଧରୂପେ ଦିଆଯାଇଅଛି ସେ ସ୍ଥଳେ ଲୋକଙ୍କଠାରୁ ଆପତ୍ତି ଆଶା କରିବା ବ୍ୟର୍ଥ ଅଟଇ । ଏପରି ପ୍ରଥମରେ ଆମ୍ଭେମାନେ କହୁଅଛୁଁ ଯେ ଲୋକେ ଅବଧି ଆଇନରୁ ଅବଗତ ହୋଇ ନାହାନ୍ତି ଓ ଅବଗତ ହେବାର ଉପାୟ ମଧ୍ୟ ନାହିଁ । ଅନ୍ୟ ଲୋକର କଥା ତେଣିକି ଥାଉ ସ୍ୱୟଂ କମିଶ୍ନରମାନେ ଆଇନ ବୁଝିଅଛନ୍ତି କି ନା ସନ୍ଦେହ । ଏମନ୍ତ ଅବସ୍ଥାରେ ଏନଗର ପ୍ରଥମଶ୍ରେଣୀର ମିଉନିସିପାଲିଟି ହେଲେ ଭଲ ହେବ କି ମନ୍ଦ ହେବ ଏହା କିଏ ଜାଣିପାରିବ ଯେ ସେତଷୟରେ ଆପତ୍ତି କରିବ । ବାସ୍ତବରେ ଆଇନଟି ଏମନ୍ତ ହୋଇଅଛି ଯେ ତାହାକୁ ଦୁଇ ତିନି ଘଣ୍ଟାକାଳ ଆମ୍ଭେମାନେ ଓଲଟ ପାଲଟ କରି ଦେଖିବାରେ ସୁଦ୍ଧା ତହିଁରୁ ସବୁ କଥା ନିର୍ଣ୍ଣୟ କରିପାରିଲୁଁ ନାହିଁ ଓ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ କି ଭିନ୍ନ ଅବଧି ଆମ୍ଭେମାନେ ଠିକ କରି ଜାଣି ନାହୁଁ । ଲୋକଙ୍କୁ ଅବକାଶ ନ ଦେଇ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟସାହେବ ଏହାକୁ ପ୍ରଥମଶ୍ରେଣୀର ମିଉନିସିପାଲିଟି କରିବାପାଇଁ ପ୍ରସ୍ତାବ କରିଅଛନ୍ତି ଏହା ଅତ୍ୟନ୍ତ ଅନ୍ୟାୟ ହୋଇଅଛି । ଏରୂପ କରିବା କେବଳ ତାହାଙ୍କ ସ୍ୱଭାବକ ତରତରସ୍ୱାପଣର ପରିଚୟ ଦେଉଅଛି ନୋହିଲେ ଆଇନାନୁସାରେ ଏନଗର ପକ୍ଷରେ ଯେ ନିୟମମାନ ପ୍ରଚଳିତ ଅଛି ତାହା ଆଉ ଏକବର୍ଷ ପ୍ରବଳ ରଖିବାରେ କିଛି ବାଧା ଦେଖାଯାଉ ନାହିଁ । ପ୍ରଥମଶ୍ରେଣୀକୁ ଉନ୍ନତି ପାଇଲେ ଏ ନଗର ଯେବେ ସ୍ୱର୍ଗ ତୁଲ୍ୟ ହେବ ବୋଲି ସେ ଆଶା କରିଥାନ୍ତି ତେବେ ଆମ୍ଭେମାନେ ତାହାଙ୍କ ଶୁଭକାମନା ସକାଶେ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ ମାତ୍ର ଆମ୍ଭେମାନେ କହୁଁ ଯେ ସେ ସ୍ୱର୍ଗର ଉତ୍ତମ ପରିଚୟ ପାଇବା ପର୍ଯ୍ୟନ୍ତ ଆମ୍ଭମାନଙ୍କୁ କ୍ଷମା କରନ୍ତୁ ସ୍ୱର୍ଗକୁ ଘୋଷାଡି ନେଲେ ସୁଦ୍ଧା ଦେହରେ ପୀଡା ହେବ । ଆମ୍ଭେମାନେ ଏହି ଆଶା କରୁଁ ଯେ ବର୍ତ୍ତମାନ ଯେମନ୍ତ ଅଛି ତେମନ୍ତ ଥାଉ ଓ ଲୋକଙ୍କୁ ବୁଝାଇ ଦିଆଯାଉ ଯେ ଆଗାମୀ ବର୍ଷରେ ଏନଗର ପ୍ରଥମ ଶ୍ରେଣୀରେ ଆସିବାକୁ ହେବ ଓ କାହାର ଆପତ୍ତି ଥିଲେ ଦସମ୍ବର ମାସ ଶେଷ ସୁଦ୍ଧା ତାହା ଅବଗତ କରିବେ ।

---

ଅସ୍ମାନଙ୍କ ଯାଜପୁର ସଂବାଦଦାତା ଗତ ମାସ ତା ୧୭ ରିଖର ପତ୍ରରେ ଲେଖିଅଛନ୍ତି କି ଉକ୍ତ ନଗରରେ ଜନ୍ତୁଭୟ ଭାରି ହୋଇଅଛି । କେତେଗୋଟା କଲୁଆ କୁକ୍କୁର ଓ କୁମ୍ଭୀର ମାତି ଅଛନ୍ତି ଓ ଏହାଙ୍କ ଦନ୍ତାଘାତରେ ଦଶ ପନ୍ଦରଜଣ ପୀଡିତ ଅଛନ୍ତି । ଡେପୁଟୀମାଜିଷ୍ଟ୍ରେଟ ଏମାନଙ୍କୁ ମାରିବାସକାଶେ ବାଣୁଆଙ୍କୁ କହିବାରେ ଗୋଟାଏ କୁମ୍ଭୀର ଓ ଗୋଟାଏ୨ କଲୁଆ ଓ କୁକ୍କୁର ମରିପଡି ଅଛନ୍ତି ଓ ଆଉ କେତେ ଗୁଡାଏ ମାରିବା ସନ୍ଧାନରେ ଅଛନ୍ତି ।

ସୁରକୁମାରୀଗ୍ରେଗ ଦୁଇଦିନ ହେଲା ଉପସ୍ଥିତ ହୋଇଅଛି ଓ ଲୋକେ ତହିଁର ଔଷଧ ପ୍ରସ୍ତୁତ ନିମିତ୍ତ ଟେଳସବୁ ମାରିଅଛନ୍ତି କେବଳ ସେଠାରେ କେଷ୍ଟୁସି ହଗ୍ରନ ନୈସାଦର ଅର୍କ ପ୍ରସ୍ତୁତ କରି ଅଛନ୍ତି । ଏପରି ଜନ୍ମାନ ଘରେ ପଶିବା ଭୟରେ ଦ୍ୱାରେ ତଟା ଦିଆଯାଇ ଅଛି । କଟେଜା ଠାକୁରାଣୀ ଆଜ୍ଞା ଦେଇ ଅଛନ୍ତି କି ଦଇବସ୍ତାହ ପର୍ଯ୍ୟନ୍ତ କେହି ହାଟକୁ ଯିବେ ନାହିଁ ଯେ ଯିବ ତାହାର ଗୁହାରି ଠାକୁରାଣୀ ଶୁଣିବେ ନାହିଁ ଅଉ ତନଦିନ ରଜ ପାଳିବାକୁ ହେବ । ହାଟକୁ ନ ଯିବାରୁ ଏହି ଉପକାର ହେଲା ଯେ ମୁଦିମାନେ ହାଟରୁ ଯଥାଧର ହୋଇ ଚାଉଳକିଣି ମନେଚ୍ଛା ଭାଉ ବୃଦ୍ଧିକରି ବିକିଲେ ଓ ଆହୁରି ଭାଉ ବୃଦ୍ଧି ହୋଇଥାନ୍ତା କିନ୍ତୁ କୌଣସିରୂପେ ତାହା ନିବର୍ତ୍ତ ହୋଇ ଗଲା । ସେଠାରେ ମୋଟ ଚାଉଳ ଟଙ୍କାକୁ ସେ ୨୮ ର ଓ ସରୁ ସେ୨୪ର ବିକ୍ରୟ ହେଉଥିଲା । ଗତମାସ ତା ୧୭ ରିଖ ରବିବାରେ ସେଠାରେ ପ୍ରାୟ ତିନିଘଣ୍ଟା ପର୍ଯ୍ୟନ୍ତ ଏମନ୍ତ ବର୍ଷା ହେଲା ଯେ ଅଠଦଶଦିନ ପର୍ଯ୍ୟନ୍ତ କୃଷି ସକାଶେ ଆଉ ଜଳ ଲୋଡା ନାହିଁ । ମାତ୍ର ଗଡିସ୍ତା ପୋଖରୀରେ ଜଳ କିଛି ରହି ନାହିଁ । ଓ ସଡକ ନୟନଯୋର ସବୁ ଶୁଖିଲା ପଡିଅଛି । ଫଳତଃ ଏ ସନରେ ଭଲ କୃଷି ହେବାର ଆଶା ଦେଖାଯାଉ ନାହିଁ ।

## ସାପ୍ତାହିକସଂବାଦ ।

ଏସପ୍ତାହରେ କଟକ ମିଉନିସିପଲ କମିଶ୍ନରମାନଙ୍କ ସଭା ହୋଇଥିଲା ତହିଁରେ କମିଶ୍ନରଙ୍କ ସଂଖ୍ୟା ବୃଦ୍ଧି କରିବାର ସ୍ଥିର ହୋଇଅଛି । ଏଥିରେ କି ଲାଭ ହେବ ଆମ୍ଭେମାନେ କହି ନ ପାରୁଁ । ଅନୁମାନ ହୁଅଇ ଏମାନେ କେବଳ ସମୟ ବେଳେ କାର୍ଯ୍ୟରେ ଆସିବେ ।

ବାବୁ ବୈଦ୍ୟନାଥ ପଣ୍ଡିତ ଏ ନଗରର ହାଟ ନିର୍ମାଣର ବ୍ୟୟ ନିମିତ୍ତ ଟ ୧୦୦୦ ଟଙ୍କା ଦାନ କରିବାକୁ ଅଙ୍ଗୀକାର କରିଅଛନ୍ତି ବୋଲି ଶୁଣାଯାଏ । ଏ ମହାଶୟ ପୂର୍ବେ ଗୃହ ପାଞ୍ଚହଜାରଟଙ୍କା ବ୍ୟୟ କରି ଗୋଟିଏ ନୂତନ ହାଟ ବସାଇବେ ବୋଲି ଶୁଣା ଯାଉଥିଲା ତହିଁରେ ହାକିମଙ୍କର ଅମତ ହେବାରୁ ସରକାରୀ ହାଟକୁ ଉପରଲିଖିତ ଟଙ୍କା ଦାନ କରିଅଛନ୍ତି । ମାତ୍ର

Split by PDF Splitter

Digitized by srujanika@gmail.com

Split by PDF Splitter



ଏପରି ସ୍ଥାନକୁ ଅମ୍ଭେମାନେ ପ୍ରକୃତ ସ୍ଥାନ କହି ନ ପାରୁଁ ।

ଉତ୍କଳଦର୍ପଣରୁ ଅବଗତ ହେଲୁଁ ଯେ ବାଲେଶ୍ବରରେ ଅତ୍ୟନ୍ତ ବୃଷ୍ଟି ହୋଇଅଛି । କ୍ଷେତ୍ର ସକାଶେ ବର୍ତ୍ତମାନ ପାଣିର ପ୍ରୟୋଜନ ନାହିଁ ଓ ଉତ୍ତମ କ୍ଷେତ୍ର ହୋଇଅଛି ।

ତମପତ୍ତା ରାଜା ଓ ପ୍ରଜାଙ୍କର ଏପର୍ଯ୍ୟନ୍ତ ମେଳ ହୋଇ ନାହିଁ । ଲେଫ୍‌ଟେନେଣ୍ଟଗବର୍ଣ୍ଣର ସାହେବ ରାଜାଙ୍କଠାରୁ ହିସାବ କର୍ମ ନିର୍ବାହ ହେବାର ଯେ ଆଜ୍ଞା ଦେଇଥିବାର ପୂର୍ବେ ଲେଖିଥିଲୁଁ ସେ ଆଜ୍ଞା ବିରୁଦ୍ଧରେ ପ୍ରଜାମାନେ ମହାମାନ୍ୟ ଲାଟସାହେବଙ୍କ ନିକଟରେ ଅପିଲ କରିଥିଲେ କିନ୍ତୁ ତାହା ଅଗ୍ରାହ୍ୟ ହେଲା ।

ଅମ୍ଭେମାନେ ଶୁଣିଲୁ ଯେ ମୋଫସଲରେ କେତେକ ସୁରୁଙ୍ଗର ଯୋଗୀ ଦେବଳ ଭୋଗ୍ଣୀ ପିଇ ଓ କେହି ଜେଲକେଣ୍ଡ୍ରି ଖାଇ ଅସ୍ୱାସ୍ଥ୍ୟ ଲଭି ଅଛନ୍ତି ।

ବଙ୍ଗଦେଶର ଜଣେ ନାଟକାଭିଜ୍ଞ ରସିକ ଦୁର୍ଭିକ୍ଷଭାରଣ୍ଟକାର ଗୋଟିଏ ସତବ ପୁସ୍ତକ କରିଥିବାରୁ ମହାମାନ୍ୟ ଲେଫ୍‌ଟେନେଣ୍ଟଗବର୍ଣ୍ଣର ସାହେବ ତାଙ୍କୁ ଧନ୍ୟବାଦ ଦେଇଅଛନ୍ତି ଓ ତାହା ଗଜେଟରେ ପ୍ରକାଶ ହୋଇଅଛି । ସର୍ବସାଧାରଣଙ୍କ ହିତପାଇଁ ଜଣେ ନେଟିଭଙ୍କ ଏପରି କାର୍ଯ୍ୟ କରିବାର ଅବଶ୍ୟ ପ୍ରଶଂସନୀୟ ଅଟଇ । ଏଟା ଲୋକଙ୍କର ହେବେ ଏପରି ପ୍ରବୃତ୍ତି ଜନ୍ମିବ ।

ଗତ ଶ୍ରାବଣମାସ ତା୨୮ ନେ ବ୍ରାହ୍ମଧର୍ମମତେ ଅସମାନଜାତି ମଧ୍ୟରେ ଗୋଟିଏ ବିବାହ ହୋଇଅଛି । ବରର ନାମ ବାବୁ ଶ୍ରୀନାଥ ରାଜ ନିବାସ ଶ୍ରୀହଟ୍ଟ ଜାତିରେ କାୟସ୍ଥ ବୟସ ୨୫ ବର୍ଷ । କନ୍ୟାର ନାମ ବଗଳାମୋହିନୀ ନିବାସ ବିକ୍ରମପୁର ଜାତିରେ ସଦ୍‌ଗୋପ ବୟସ ୧୬ ବର୍ଷ ।

ପଞ୍ଜାବରେ ମଧ୍ୟ ବ୍ରାହ୍ମଧର୍ମମତେ ବିବାହ ହେବାର ଆରମ୍ଭ ହେଲାଣି । ଲାହୋର ନିବାସି ଲାଲରଲାରାମ ଆପଣା ପୁତ୍ରର ବିବାହ ବ୍ରାହ୍ମମତେ କରିଅଛନ୍ତି ।

ସୁରଟରେ ଜଣେ ଇଂରେଜ ଓ ତାଙ୍କର ମେମ ଦୁହେଁ ମୁସଲମାନଧର୍ମ ଅବଲମ୍ବନ କରିଅଛନ୍ତି ।

ଚୀନଦେଶର କେତେକ ସ୍ଥାନରେ ଦୁର୍ଭିକ୍ଷ ପ୍ରବଳ ହୋଇଥିବାର ଜଣାଯାଏ ସେଠାର ଏକ ସମ୍ବାଦପତ୍ରରୁ ଜଣାଯାଏ ୫୦୦୦ ମୃତଦେହ ଉପରକୁ ଭାସି ଆସିଥିଲା । ଏଥିରୁ ଜଣାଯାଏ ଉତ୍ତରପ୍ରଦେଶରେ ଦୁର୍ଭିକ୍ଷର ପରାକ୍ରମ ଅତ୍ୟନ୍ତ ହୋଇଅଛି ।

ତାରସମ୍ବାଦରୁ ଜଣାଯାଏ ଯେ ଲର୍ଡ ଲିଟନଙ୍କର ଶିମଲାଠାରେ ଗୋଟିଏ ପୁତ୍ର ଜାତ ହୋଇଅଛି ।

ପଞ୍ଜାବରେ ଏବର୍ଷ ଅଧିକ ବୃଷ୍ଟି ହେବାର ଜଣାଯାଏ । ନଦୀମାନେ ଏମନ୍ତ ପ୍ରବଳ ହୋଇ ବଢ଼ିଅଛି ଯେ ଅନେକବର୍ଷ ହେଲା ସେରୂପ ଦେଖା ନ ଥିଲା । ସଡକ ଓ ରେଲବାଟ ଅନେକ ସ୍ଥାନରେ ଭାଙ୍ଗି ଯାଇଅଛି ।

ମାନ୍ଦ୍ରାଜର ଗବର୍ଣ୍ଣର ଇଯାନଗରର ମହାରାଜଙ୍କ ଆମନ୍ତ୍ରଣ ଅଙ୍ଗୀକାର କରିଅଛନ୍ତି । ଏହି ଶୀତକାଳରେ ଉକ୍ତ ନଗରକୁ ଶୁଭାଗମନ କରିବାର ସମ୍ଭାବନା ଅଛି ।

ଆଗାମୀ ଡିସେମ୍ବରମାସରେ ମହାମାନ୍ୟ ଗବର୍ଣ୍ଣରଜେନେରଲ ସାହେବ ଦିଲ୍ଲୀରେ ଗୋଟିଏ ଦରବାର କରିବାର ପ୍ରସ୍ତାବ କରୁଅଛନ୍ତି ।

ସିକନ୍ଦରଖାନ ନାମରେ ଜଣେ ଦେଶୀୟ-ଇନ୍ଦ୍ରଲେକ ବଙ୍ଗଲାର ନଂ ୧୧ ମୁର ଲାନସର ପଲଟନର ଜମାଦାର ନିଯୁକ୍ତ ହୋଇଅଛନ୍ତି । ଦେଶୀୟଲୋକଙ୍କୁ ସୈନିକବିଭାଗରେ ଉଚ୍ଚକର୍ମ ଦେବାର ଆରମ୍ଭ ଏହାକୁ ବୋଲିବାକୁ ହେବ । ମାଷ ଡେଲିନ୍ୟୁସ ଯଥାର୍ଥ କହିଅଛନ୍ତି କି ଜମାଦାର ପରିବର୍ତ୍ତରେ ଏହାଙ୍କୁ ସବ୍‌ଲେଫ୍‌ଟେନଣ୍ଟ ପଦରେ ନିଯୁକ୍ତ କରିଥିଲେ ସୁବିଜ୍ଞତର କାର୍ଯ୍ୟ ହୋଇଥାନ୍ତା ।

ଲାହୋରର ସଂବାଦପତ୍ରରେ ଲେଖାଅଛି କି ଦୁଇଜଣ ରୁଷୀୟକର୍ମଚାରୀ ଦୂତସ୍ୱରୂପ କାବୁଲର ଆମୀରଙ୍କ ନିକଟକୁ ଆସିଅଛନ୍ତି । ଏହାଙ୍କର ଅଭିପ୍ରାୟ କିଛି ସ୍ପଷ୍ଟ ଜଣାଯାଇ ନାହିଁ ମାତ୍ର ଅନୁମାନ ହୁଅଇ ଯେ କାବୁଲରେ ଜଣେ ରୁଷୀୟ ପଲିଟିକଲ ଏଜେଣ୍ଟ ରଖିବା ଏବଂ ତୁର୍କିସ୍ଥାନର ବିଷୟରେ ହସ୍ତକ୍ଷେପଣ ନ କରିବା ପକ୍ଷରେ ଆମିରଙ୍କଠାରୁ ଅଙ୍ଗୀକାର କରାଇ ନେବା ଏହାଙ୍କର କାର୍ଯ୍ୟ ଅଟଇ । ପ୍ରକୃତ କଥା ଏପରେ ଜଣାପଡିବ ।

ହିନ୍ଦୁପେଟ୍ରିଅଟ ବୋଲନ୍ତି କି ଲେଫ୍‌ଟେନେଣ୍ଟ-ଗବର୍ଣ୍ଣର ଶିକ୍ଷାବିଭାଗର ବ୍ୟୟରେ ଏକଦଶରେ ବାର୍ଷିକ ବାଇଲକ୍ଷଟଙ୍କା କର୍ତ୍ତନ କରିଅଛନ୍ତି ଓ ଅନ୍ୟଦଶରେ ୧୦୦ ଜଣ ଫିରିଙ୍ଗି ବାଳକକୁ ଡବ୍‌ଟନ କଲେଜରେ ଉଚ୍ଚ ଶିକ୍ଷାଲାଭ କରିବାର ସମସ୍ତ ବ୍ୟୟ ସରକାରରୁ ଦେବା ପାଇଁ ସମ୍ମତ ହୋଇଅଛନ୍ତି । ୧୦୦ ଜଣ ଫିରିଙ୍ଗି ସକାଶେ ଗୋଟିଏ ପ୍ରଦେଶର ଦେଶୀୟବିଦ୍ୟାଳୟ ସମସ୍ତଙ୍କୁ ଶୁଖାଇ ମାରିବା ଗବର୍ଣ୍ଣମେଣ୍ଟଙ୍କର ନୂତନଦସ୍ତୁର ଅଟଇ । ସରୁରଣ୍ଡ ଏଥିପାଇଁ ଅବଶ୍ୟ ସୁଖ୍ୟାତି ପାଇବେ !

ହିନ୍ଦୁପେଟ୍ରିଅଟ ଅବଗତ ହୋଇଅଛନ୍ତି ଯେ ମାଇମନ ସିଂହର ଜଜସାହେବଙ୍କ ମତକ୍ରମେ ଜଣେ ଅମଲା ଅଟେଣ୍ଡଟଙ୍କାର କୋର୍ଟଫିସ ନଥିରୁ ଷ୍ଟେମ୍ପ ଚିରି ଅତ୍ମସାତ୍ କରିଅଛି । ଏ କାର୍ଯ୍ୟ ସେ ବହୁଦିନରୁ କରୁଥିଲା ବର୍ତ୍ତମାନ ଧରାପଡିବାରୁ ଲୁଚି ରହିଅଛି । କୋର୍ଟଫିସ ଷ୍ଟେମ୍ପ ବନ୍ଦ ହେବ ନାହିଁ ?

କଥିତ ହୁଅଇ ଯେ ବେରାର ବିଷୟ ଯେଉଁ ବର୍ତ୍ତମାନ ଯେଉଁ ତର୍କ ଲାଗିଅଛି ତହିଁର ସନ୍ତୋଷଜନକ ନିଷ୍ପତ୍ତି ହେବ । ହାଇଦରାବାଦ କଣ୍ଟିଜେଣ୍ଟ ପଲଟନର ବେତନ ଦିଆଯିବା ଇତ ମୂଲଧନ ନିଜାମ ଗବର୍ଣ୍ଣମେଣ୍ଟଙ୍କ ହସ୍ତରେ ଗଚ୍ଛିତ କଲେ ବେରାର ତାହାଙ୍କୁ ଫେରିଦିଆଯିବ ।

ଚୀନପ୍ରତି ଜର୍ମଣିର ଦୃଷ୍ଟି ପଡ଼ିଅଛି । ଜର୍ମଣିର ରାଜା କେତେଗୁଡିଏ ବିଷୟରେ ଚୀନର ପାଦସାହଙ୍କୁ ସ୍ୱୀକୃତ ହେବାପାଇଁ ଦୃଢ଼ରୂପେ ପ୍ରସ୍ତାବ କରିଅଛନ୍ତି ଓ ଏମନ୍ତ ଜନରବ ଶୁଣାଯାଏ ଯେ ଇଂଲଣ୍ଡ ଫ୍ରାନ୍ସ ରୁଷିୟା ଓ ଅମେରିକା ତାହା ଅନୁମୋଦନ କରି ଅଛନ୍ତି । ଏମନ୍ତ ଅବସ୍ଥାରେ ଚୀନର ଗୌରବ ରକ୍ଷା ପାଇବାର କଠିନ ।

---

### ଓଡିଶାବିଜୟ ।

ଇଂରେଜଙ୍କର ଓଡିଶାଦେଶ ଅଧିକାର, ଖୋର୍ଦ୍ଧାରାଜା ଓ ପାଇକଙ୍କ ବିଦ୍ରୋହ ଓ ଭୁଇଁଗୋଲ ଇତ୍ୟାଦି ବୃତ୍ତାନ୍ତ ଷାସ୍ତତ ଟେନସ ସାହେବଙ୍କ ଓଡିଶା ଇତିହାସର ପ୍ରଥମ ଭାଗରୁ ଅନୁବାଦିତ ଓ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ଅମ୍ଭଠାରେ କମ୍ପା ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ତତ୍ତ୍ୱ କଲେ ଏ ପୁସ୍ତକ ମିଳିପାରିବ । ମୂଲ୍ୟ ପ୍ରତି ଖଣ୍ଡକୁ ଡାକମାସୁଲ ସହିତ ।୫ ॰

ଶ୍ରୀ ଜଗନ୍ମୋହନଲାଲ
କଟକ

---

ଏହି ଉତ୍କଳଦୀପିକା ସହରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter
REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୧ଶ | ତା ୨ରିଖ ସେପ୍ଟେମ୍ବର ସନ ୧୮୭୬ ମସିହା । ମୁ । ଭାଦ୍ରବ ବ ୨୦ ଦିନ ସନ ୧୨୮୪ ସାଲ ଶନିବାର
ସଂ ୩୬ ଖ୍ୟା

ଅଗ୍ରିମ ବାର୍ଷିକମୂଲ୍ୟ ଟ ୩୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୧
ମଫସଲପାଇଁ ଡାକମାସୁଲ ଟ ୧୧୦

ଆଗାମୀ କାଲି ରବିରେ ଚନ୍ଦ୍ରଗ୍ରହଣ ହେବ । ଉତ୍କଳପଞ୍ଜିକା ମତେ ଘ ଦ ୧।୪।୮ କୁ ଇଂରାଜୀ ଘ ୧।୫୦ ସମୟରେ ଈଶାନ୍ୟଦିଗରୁ ସ୍ପର୍ଶ ଓ ଦ ୬।୫।୧୨ କୁ ଇଂରାଜୀ ଘ ୩।୧୬ ରେ ବାୟୁବ୍ୟକୋଣରେ ମୋକ୍ଷ ହେବ ଏ ଗ୍ରହଣରେ ସ୍ଥିତିକାଳ ପ୍ରାୟ ଘ ୩। ଣ୍ଟା ହେଲେହେଁ ଚନ୍ଦ୍ରମଣ୍ଡଳରୁ କେବଳ ବ ।୯୧୦ ଗ୍ରାସ କରିବ । ଜିଲ୍ଲା ଚଷ୍ଟ୍ରାମ ତାଲୁକେ ନୂମା ଭଗୀରଥୀପୁର ନିବାସୀ ବଲ୍ଲଭଇଦାଡ଼ି ପାଞ୍ଜିକାରଙ୍କ ଗଣନାମତେ ଏ ଗ୍ରହଣ ଘ୍ର ଦ ୧୬।୩୦ ପରେ ଆରମ୍ଭ ହୋଇ ଦ ୬।୩।୭ ଠାରେ ମୋକ୍ଷ ହେବ । ପାଠକମାନଙ୍କ ମଧ୍ୟରୁ ଯେଉଁମାନେ ଏପରି ବ୍ୟାପାରରେ କୌତୁକ ଅନୁଭବ କରନ୍ତି ସେମାନେ ଏ ଦୁଇ ଗଣନା ମଧ୍ୟରୁ କିଏ କେତେଦୂର ଠିକ ତାହା ପ୍ରତ୍ୟକ୍ଷ କରିବେ । ଏଦିନ ଦଣ୍ଡା ଦ ୨୭।୨ ଉତ୍ତାରୁ ଅନ୍ନଭୋଜନ ନିଷେଧ ।

———

ଗତସପ୍ତାହ ଅପେକ୍ଷା ଏସପ୍ତାହରେ କିଛି ଅଳ୍ପ ବୃଷ୍ଟି ହୋଇଅଛି ଏପରି ବର୍ଷା ଶସ୍ୟ ପକ୍ଷରେ ଉପକାରୀ ସନ୍ଦେହ ନାହିଁ ତଥାପି ଦରକାର ପରିମାଣରେ ବୃଷ୍ଟି ହୋଇ ନାହିଁ ଓ ନଗରର ଗଡ଼ିଆ ପୋଖରୀସବୁ ପୂର୍ବପ୍ରାୟ ଶୁଷ୍କ ପଡ଼ିଅଛି । ପୂର୍ବେଇବାୟୁ ସହିତ ଉତ୍ତାଣିଆମେଘ ହେଉଥିଲା ଏଥିରୁ ବୋଧହୁଅଇ ଯେ ପ୍ରବଳବନ୍ୟା ଆସିବା ଅସମ୍ଭବ ନୁହଇ । ସ୍ଥାନରୁ ସମ୍ବାଦପାଇଅଛୁଁ ଯେ ସେଠାରେ ଏହିପର ବର୍ଷା ହେଉଅଛି ଓ ସେଠା କ୍ଷେତ ନିମିତ୍ତ ପ୍ରଚୁର ଜଳର ପ୍ରୟୋଜନ ଅଛି । କଥିତ ହୁଅଇ ଯେ ବର୍ତ୍ତମାନ ଯେପରି କ୍ଷେତର ଅବସ୍ଥା ଦେଖାଯାଏ ତହିଁରେ ଏଣିକି ସୁବୃଷ୍ଟି ହେଲେହେଁ ହରଦରେ ଆଠଅଣାରୁ ଅଧିକ ଫସଲ ହେବ ନାହିଁ । ଫଳତଃ ସମୟବେଳେ ବର୍ଷା ପ୍ରୟୋଜନାନୁସାରେ ହୋଇ ନ ଥିବାରୁ କଟକ ଓ ପୁରୀ ଜିଲ୍ଲାରେ ଏବର୍ଷ ପୂର୍ଣ୍ଣକ୍ଷେତ ହେବ ନାହିଁ କେବଳ ବାଲେଶ୍ବରରେ ପୂର୍ଣ୍ଣକ୍ଷେତ ମିଳିବାର ଆଶା ଅଛି ।

———

ଅମ୍ଭେମାନେ ଶୁଣୁଅଛୁଁ ଯେ ବାବୁ ଭାଗବାନ୍ତବିଦ୍ୟାସାଗର ସ୍ୱଶିଗ୍ରଜାଙ୍କର ଦେବାନ ହୋଇଅଛନ୍ତି । କେଉଁ ଦିନ ଏପଦରେ ନିଯୁକ୍ତ ହେଲେ କେତେ ବେତନ ପାଇବେ ଓ କି ପ୍ରକାର କ୍ଷମତା ଏହାଙ୍କୁ ଅର୍ପିତ ହୋଇଅଛି ଆମ୍ଭେମାନେ ଅବଗତ ହୋଇନାହୁଁ କେବଳ ଏତିକି ଶୁଣିଅଛୁଁ ଯେ ଦେବାନ ନିଯୁକ୍ତ ହୋଇଅଛନ୍ତି ଏବଂ ଅନ୍ୟାନ୍ୟ କର୍ମ ସହିତ ମନ୍ଦିରର ତତ୍ତ୍ୱାବଧାରଣ କରୁଅଛନ୍ତି । ଭାଗବାନ୍ତ ବାବୁ ପୂର୍ବେ ଓଡ଼ିଶାରେ ଜଣେ ଉଚ୍ଚଶ୍ରେଣୀର ହାକିମ ଥିଲେ । ବଙ୍ଗଳାକୁ ବଦଳି ହୋଇଯାଇ ବୟୋଧିକ ହେତୁରୁ ପେନସନ ନେଲେ ମାତ୍ର ଓଡ଼ିଶାର ଲୋଭ ଛାଡ଼ିପାରିଲେ ନାହିଁ । ଗତ କେତେକବର୍ଷ ହେଲା ଜମିଦାରୀ ନାୟବ ଓ ବ୍ରାହ୍ମଣପଣିଆ ଖଟାଇ ଓଡ଼ିଶାରେ ରହିଅଛନ୍ତି । କିନ୍ତୁ ଏତେବେଳେ ତାହାଙ୍କର ଉପଯୁକ୍ତ କର୍ମ ମିଳିଲା । ଦେବଗଡ଼ଙ୍କର ଦେବାନ ବ୍ରାହ୍ମଣପଣ୍ଡିତ ହେବାର ଦେଖି ଆମ୍ଭେମାନେ ଅନୁମାନ କରୁଅଛୁଁ ଯେ ସତ୍ୟଯୁଗ ପୁନର୍ବାର ପ୍ରବେଶ ହେଲା । ଏରୂପ ସ୍ଥାନର ସମ୍ମିଳନଦ୍ୱାରା କି ଫଳ ଜାତ ହେବ ଶୁଣିବାକୁ ଅମ୍ଭମାନଙ୍କର ବାସନା ରହିଲା ।

———

### ହିନ୍ଦୁସଙ୍ଗୀତ ।

ଗତସପ୍ତାହରେ କଲିକତାର ସଙ୍ଗୀତ ବିଦ୍ୟାଳୟର ବାର୍ଷିକ ପାରିତୋଷିକ ଦାନ ନିମିତ୍ତ ସଭା ହୋଇଥିଲା । ନଗରର ଦେଶୀୟ ବିଦେଶୀୟ ଅନେକ ସମ୍ଭ୍ରାନ୍ତ ଲୋକ ସଭାରେ ଉପସ୍ଥିତ ହୋଇଥିଲେ । ଓ ଶିକ୍ଷାବିଭାଗର ଡାଇରେକ୍ଟର ଶ୍ରୀଯୁକ୍ତ ଉଡ୍ରୋ ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ସଙ୍ଗୀତ ସଭାର କାର୍ଯ୍ୟ ଆରମ୍ଭ ହୋଇ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କୁ ପାରିତୋଷିକ ଦିଆଗଲା ଉତ୍ତାରୁ ସଭାପତି କହିଭ ବକ୍ତୃତାଦ୍ୱାରା ବିଦ୍ୟାଳୟର ସ୍ଥାପନକର୍ତ୍ତା ଡାକ୍ତର ସୌରେନ୍ଦ୍ର ମୋହନ ଠାକୁରଙ୍କୁ ଧନ୍ୟବାଦ ଦେଲେ ଏବଂ ବିଦ୍ୟାଳୟର କାର୍ଯ୍ୟ ଦେଖି ଅତ୍ୟନ୍ତ ସନ୍ତୋଷ ପ୍ରକାଶ କଲେ । ତହିଁଉତାରୁ ଆଉ କେତେ ସଭ୍ୟ କିଛି ବକ୍ତୃତାଦ୍ୱାରା ହିନ୍ଦୁସଙ୍ଗୀତର ମହାତ୍ମ୍ୟ ପ୍ରକାଶ କଲେ । ସର୍ବଶେଷରେ ଅହମଦ ଖାନ ନାମରେ ଜଣେ ବୃଦ୍ଧଲୋକ ଗୋଟିଏ ଖୟାଲ ଅତି ଚମତ୍କାରରୂପେ ଗାନ କଲେ

Digitized by srujanika@gmail.com

Split by PDF Splitter



ବିଳାତି ସଭ୍ୟମାନଙ୍କୁ ତାହା ବଡ ରୁଚିକର ହେଲା ନାହିଁ କିନ୍ତୁ ଏମନ୍ତ ବୃଦ୍ଧ ଲୋକର ଗମ୍ଭୀର ଓ ପରିମାର୍ଜିତ ସ୍ୱର ଶୁଣି ସେମାନେ ସୁଦ୍ଧା ଅତ୍ୟନ୍ତ ପ୍ରୀତ ହୋଇ ତାହାର ପ୍ରଶଂସା କଲେ । ଦେଶୀୟ ଲୋକଙ୍କ ପକ୍ଷରେ ଉକ୍ତ ଗାନ ଯଥାବଧ ସୁଖଦାୟକ ହୋଇଥିଲା ।

ହିନ୍ଦୁ ସଙ୍ଗୀତକୁ ପୁନରୁଦ୍ଧାର କରିବାନିମିତ୍ତେ ଡାକ୍ତର ଶୌରେନ୍ଦ୍ର ମୋହନ ଠାକୁର ଯେମନ୍ତ ଚେଷ୍ଟା କରୁଅଛନ୍ତି ତେମନ୍ତ କେହି କରି ନାହିଁ ଓ ତାହାଙ୍କ ଯୋଗେ ବିଦ୍ୟାଳୟରେ ଶିକ୍ଷା କରି କେତେକ ଲୋକ ବର୍ଷକୁ ବର୍ଷ ବାହାରିଲେ ଏହାଙ୍କଦ୍ୱାରା ହିନ୍ଦୁସଙ୍ଗୀତ ପୁନର୍ବାର ଏଦେଶରେ ପ୍ରଚରିତ ହେବ । ମାତ୍ର ଏକା କଲିକତା ନଗରରେ ବିଦ୍ୟୋଚିତ ଗୋଟିଏ ବିଦ୍ୟାଳୟଦ୍ୱାରା ସମସ୍ତ ଭାରତବର୍ଷର କଥା ତେଣିକି ଥାଉ ବଙ୍ଗ ପ୍ରଦେଶରେ ସୁଦ୍ଧା ହିନ୍ଦୁସଙ୍ଗୀତ ପ୍ରଚାର ହେବା ଅସମ୍ଭବ । ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ବଙ୍ଗଳାର ଅନ୍ୟାନ୍ୟ ସ୍ଥଳରେ ଏପ୍ରକାର ବିଦ୍ୟାଳୟମାନ ସ୍ଥାପିତ ହେଉଅଛି । ତାହା ହେଲେ ଏକ ପ୍ରଦେଶରେ ହେଲେ କୌଣସି ରୂପେ ସଙ୍ଗୀତର ଚର୍ଚ୍ଚା କିଛି ରହିପିବ । ମାତ୍ର ଦୁଃଖର ବିଷୟ ଯେ ହିନ୍ଦୁସଙ୍ଗୀତ ଏକାବେଳକେ ଲୁପ୍ତ ପ୍ରାୟ ହୋଇଅଛି । ବର୍ତ୍ତମାନ କାଳରେ ପ୍ରକୃତ ଗାୟକ ଯେମନ୍ତ ବିରଳ ଯଥାର୍ଥ ଶ୍ରୋତା ବା ପରୀକ୍ଷକ ସେପରି ଦୁର୍ଲ୍ଲଭ ହୋଇଅଛନ୍ତି । ଏତେବେଳେ ଜଣେ୨ ବୃଦ୍ଧ ସୁଗାୟକଙ୍କର ଭେଟ ମିଳଇ ମାତ୍ର ତାହାଙ୍କର ଗୁଣ ବୁଝିବାର ଲୋକ ନ ଥିବାରୁ ସେମାନଙ୍କର ପ୍ରକୃତ ମର୍ଯ୍ୟାଦା ହୁଅଇ ନାହିଁ ଓ କେହି ଯଥାବିହିତ ଶ୍ରମପୂର୍ବକ ତାହାଙ୍କଠାରୁ ଶିକ୍ଷା କରନ୍ତି ନାହିଁ । ପୂର୍ବକାଳରେ ରାଜାମାନେ ଯେରୂପ ଉତ୍ସାହ ଦେଉଥିଲେ ବର୍ତ୍ତମାନ ସେପରି ନ ହେବାରୁ ହିନ୍ଦୁ ସଙ୍ଗୀତ ଶିକ୍ଷାକୁ ଲୋକେ ବ୍ୟର୍ଥପରିଶ୍ରମ ଜ୍ଞାନ କରି ତହିଁରେ ପ୍ରବୃତ୍ତ ହେଉ ନାହାନ୍ତି । ଏମନ୍ତ ଅବସ୍ଥାରେ ହିନ୍ଦୁସଙ୍ଗୀତ ପୂର୍ବପ୍ରାୟ ପ୍ରଚରିତ ହେବା ବଡ କଠିନ ବୋଧ ହେଉଅଛି । ଯାହା ହେଉ ଏତେବେଳେ ସୁଦ୍ଧା ଯେଉଁ ଜଣେ୨ ସୁଗାୟକ ଓ ଉପଯୁକ୍ତ ଶିକ୍ଷକ ଏଦେଶରେ ଅଛନ୍ତି ଓ ଯେସମସ୍ତ ପ୍ରାଚୀନ ସଙ୍ଗୀତ ଶାସ୍ତ୍ର ପ୍ରାପ୍ତ ହେଉଅଛି ଯେବେ ସେ ସମସ୍ତକୁ ଅବଲମ୍ବନ କରି କେହି୨ ଧନାଢ୍ୟ ଓ ଉଦ୍ୟୋଗୀ ଲୋକ ଦେଶର ନାନାଦିଗରେ ସଙ୍ଗୀତ ବିଦ୍ୟାଳୟମାନ କରନ୍ତି ତାହା ହେଲେ ହିନ୍ଦୁସଙ୍ଗୀତ ପୁନର୍ବାର ଉଜ୍ଜ୍ୱଳ ହୋଇପାରେ ନୋହିଲେ ଆଉ କିଛିଦିନ ଉତ୍ତାରୁ ଏଥିର ନାମ ଗନ୍ଧ ରହିବ ନାହିଁ ।

---

## ବିବାହର ନିୟମ ।

ବହୁକୁଟୁମ୍ବ ସମ୍ପର୍କରେ ଆମ୍ଭମାନଙ୍କର ମତମାନ ଏଥିପୂର୍ବେ କ୍ରମେ ପ୍ରକାଶ କରିଅଛୁଁ ସମ୍ପ୍ରତି ବହୁକୁଟୁମ୍ବର ମୂଳ କାରଣ ବିବାହ ସମ୍ବନ୍ଧରେ କିଛି କହିବାକୁ ମାନସ କଲାଉଅଛୁଁ ।

ବିବାହ ସମ୍ପର୍କରେ ଯେସମସ୍ତ ନିୟମ ଆମ୍ଭମାନଙ୍କ ମଧ୍ୟରେ ପ୍ରଚଳିତ ଅଛି ତହିଁରେ ଅନେକ ଦୋଷ ଥିବାର ଦେଖାଯାଏ ଓ ସେହେତୁରୁ କେବଳ ବହୁକୁଟୁମ୍ବ ଘଟିତ ଦୁଃଖମାନ ଆମ୍ଭମାନଙ୍କ ଉପରେ ପଡୁଅଛି ଏମନ୍ତ ନୁହେ ବୈବାହିକ ଅବସ୍ଥାର ସୁଖମଧ୍ୟ ଅନେକାଂଶରେ ଦୃଷ୍ଟି ଗୋଚର ହେଉ ନାହିଁ । ଏହି ସମସ୍ତ ବିବରଣ ଅମ୍ଭେମାନେ ଅଳ୍ପ ନ ହେଉ କ୍ରମଶଃ ପ୍ରକାଶ କରିବୁଁ ।

ଈଶ୍ୱର ସଂସାର ବୃଦ୍ଧି ନିମିତ୍ତେ ସ୍ତ୍ରୀ ପୁରୁଷ ଏକତ୍ର ହେବାର ନିୟମ କରିଅଛନ୍ତି ଏବଂ ସମାଜର ଶୃଙ୍ଖଳା ରକ୍ଷା କରିବା ପାଇଁ ବିବାହର ନିୟମ ହୋଇଅଛି । ଏକଜଣ ବନ୍ଧୁ ଆମ୍ଭମାନଙ୍କୁ ପୁନଃ୨ ପ୍ରଶ୍ନ କରିଥିଲେ ଯେ ମନୁଷ୍ୟର ଜୀବନାବସ୍ଥାରେ ଯେତେ ଘଟନା ହୁଅଇ ତହିଁମଧ୍ୟରେ ବିବାହ ସର୍ବାପେକ୍ଷା ଅଧିକ ସୁଖକର କାହିଁକି ? ଏଥିରେ ଲୋକେ ଯେ ଆନନ୍ଦିତ ହୁଅନ୍ତି ଓ ଯେତେ ଟଙ୍କା ଅକାତରରେ ବ୍ୟୟ କରନ୍ତି ପ୍ରାୟ ଅନ୍ୟ କୌଣସି କାର୍ଯ୍ୟରେ ସେରୂପ କରିବାର ଦେଖା ନ ଯାଏ । ସମସ୍ତ ଲୋକଙ୍କର ଏପ୍ରକାର ଆଚରଣ ଦେଖି ନିଶ୍ଚୟ ଜଣାଯାଏ ଯେ ବିବାହଟି ମନୁଷ୍ୟ ଜୀବନର ସର୍ବାପେକ୍ଷା ପ୍ରଧାନ ସୁଖକର ଘଟନା ଅଟଇ । ଜନ୍ମ ହେବା ମଧ୍ୟ ବଡ ସୁଖକର ଘଟନା ମାତ୍ର ତୁଚ୍ଛା ଜନ୍ମ ହେବାରେ ସଂସାର ବୃଦ୍ଧି ବା ରକ୍ଷା ହେବାର ନୁହଇ ବିବାହକଲେ ବଂଶବୃଦ୍ଧି ହେବ ତେବେ ସିନା ସଂସାର ବୃଦ୍ଧି ହେବ ସୁତରାଂ ବିବାହକୁ ସଂସାରରେ ପ୍ରବେଶହେବାର ପ୍ରକୃତ ଉପାୟ ବୋଲିବାକୁ ହେବ । ଯାହାର ବିବାହ ହୋଇ ନାହିଁ ସେ ସଂସାରକୁ ଆସି ନାହିଁ ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ଯେବେ ବିବାହର ମହାତ୍ମ୍ୟ ଏପରି ହେଲା ତେବେ ଏହାକୁ ଅତ୍ୟନ୍ତ ସୁଖକର ଘଟନା ବୋଲିବାରେ କିଛି ଦୋଷ ନାହିଁ ବାସ୍ତବରେ ସବୁକାଳରେ ସମସ୍ତ ଲୋକରେ ବିବାହ ମନୁଷ୍ୟ ଜୀବନର ସର୍ବପ୍ରଧାନ ଶୁଭଘଟଣା ବୋଲି ପରିଗଣିତ ହୋଇଅଛି ।

ପକ୍ଷାନ୍ତରେ ବିବାହ ନାନା ଦୁଃଖ ଓ ଅନର୍ଥର କାରଣ ଅଟଇ । ବିବାହ ଯେବେ ସଂସାରରେ ପ୍ରବେଶ କରିବାର ଦ୍ୱାର ହେଲା ତେବେ ସଂସାରର ଯେମନ୍ତ ସମସ୍ତ ସୁଖ ତେମନ୍ତ ସମସ୍ତ ଦୁଃଖ ବିବାହ କରିଥିବା ବ୍ୟକ୍ତି ଭୋଗ କରଇ ଓ ଅଦୃଷ୍ଟ କ୍ରମେ ଯାହା ଭାଗ୍ୟରେ କେବଳ ଅଥବା ଅଧିକାଂଶ ଦୁଃଖ ଘଟଇ ସେବ୍ୟକ୍ତି ପକ୍ଷରେ ବିବାହ ଅତ୍ୟନ୍ତ ଦୁଃଖକର ହୁଅଇ । ଏଥିପାଇଁ ଅନେକ ମହାଜନ ବିବାହ କରିବାକୁ ବେଡି ପିନ୍ଧିବା ସଙ୍ଗେ ତୁଳନା କରିଅଛନ୍ତି ଓ ଅନେକ ଲୋକ ସଂସାରର ଜ୍ୱାଳାରେ ବ୍ୟଥିତ ଓ ବ୍ୟସ୍ତ ହୋଇ ଗୃହ ତ୍ୟାଗ ପୂର୍ବକ ବୈରାଗ୍ୟ ହୋଇ ବିଜନରେ ବାସ କରିଅଛନ୍ତି ।

ଅତଏବ ସାର କଥା ଏହି ଯେ କେବଳ ବିବାହ ହେଲେ ଦୁଃଖ ଯାଏ ନାହିଁ କିମ୍ବା ସୁଖ ହୁଅଇ ନାହିଁ ଯେମନ୍ତ ଅନ୍ୟାନ୍ୟ ସାଂସାରିକ ବିଷୟରେ ସୁଖ ଲଭିବା ପାଇଁ ବିବେଚନା ଓ ସତର୍କତାର ପ୍ରୟୋଜନ ବିବାହ ପକ୍ଷରେ ମଧ୍ୟ ତଦ୍ରୂପ ଅଟଇ । ସୁବିଚାର ଓ ସତର୍କତା ସହିତ ବିବାହ ଶୃଙ୍ଖଳାରେ ବଦ୍ଧ ହେଲେ ଅବଶ୍ୟ ସୁଖପ୍ରଦ ହେବ ଅନ୍ୟଥା ଦୁଃଖ ଘଟିବା କିଏ ନିବାରଣ କରି ପାରେ । ଉପର ଲିଖିତ ସୁବିଚାର ଓ ସତର୍କତା ବିବାହର ଦୁଇପକ୍ଷ ଅର୍ଥାତ୍ ସ୍ତ୍ରୀ ପୁରୁଷ ପ୍ରତି ବିହିତ ହେଲେହେଁ ସ୍ୱଭାବର ଗତି ଏବଂ ସମାଜର ଅବସ୍ଥା ଦୃଷ୍ଟିରେ ପୁରୁଷପ୍ରତି ବିଶେଷ ଆବଶ୍ୟକ ହେଉଅଛି । କାରଣ ପୁରୁଷ କର୍ତ୍ତା ହେଉଅଛି ତାହାକୁ ଘର ବାହାର ଦୁଇ ସମ୍ଭାଳିବାକୁ ପଡ଼ଇ ସ୍ତ୍ରୀ କେବଳ ଘରର ଚର୍ଚ୍ଚା ବୁଝଇ ପରିବାର ପ୍ରତିପାଳନ କରିବାର ଭାର ପ୍ରଧାନରୂପେ ପୁରୁଷ ଉପରେ ରହିଅଛି ପୁରୁଷ ଧନଅର୍ଜ୍ଜନ କରି ଆଣିବ ଓ ସ୍ତ୍ରୀ ଘରେ ବସି ତହିଁର ବ୍ୟବସ୍ଥା କରିବ । ସୁତରାଂ ବିବାହର ଦାୟ ପ୍ରଧାନରୂପେ ପୁରୁଷ ଉପରେ ରହିଅଛି ଏବଂ ପୁରୁଷ ସୁଶିକ୍ଷିତ ଏବଂ ସ୍ତ୍ରୀ ମୂର୍ଖ ହେବାରୁ ଏମନ୍ତସୁଦ୍ଧା ବୋଲିଯାଇ ପାରେ ଯେ ବିବାହର ସମସ୍ତ ଦାୟ ପୁରୁଷ ଉପରେ ରହିଅଛି ପୁରୁଷ ଯେତେବେଳେ ସେସମସ୍ତ ଦାୟ ନିର୍ବାହ କରିବାକୁ ଯୋଗ୍ୟ ହେବ ସେତେବେଳେ ସେ ବିବାହ କଲେ ବିବାହର ସମସ୍ତ ସୁଖ ଉପଭୋଗ କରିପାରିବ ଓ ଯୋଗ୍ୟ

Digitized by srujanika@gmail.com

ନ ହୋଇ ବିବାହ କଲେ ଅବଶ୍ୟ ଦୁଃଖ ଭୋଗ କରିବ ସ୍ତ୍ରୀଙ୍କ ପୁରୁଷର ଯୋଗ୍ୟତା ଉପରେ ବିବାହର ସୁଖ ଦୁଃଖ ନିର୍ଭର କରଇ । ମାତ୍ର ଦୁଃଖର ବିଷୟ ଏହି ଯେ ଏଠା ଲୋକମାନେ ଯୋଗ୍ୟତାପ୍ରତି ଦୃଷ୍ଟି ନ କରି କେବଳ ବିବାହ କରିବା ଗୋଟିଏ ପ୍ରଧାନ କର୍ତ୍ତବ୍ୟ କର୍ମ ବୋଲି ଜ୍ଞାନ କରିବାରୁ ବିବାହ କରିବାର ଉଚିତ ନିୟମ ରକ୍ଷା ନ ପାଇ ନାନାପ୍ରକାର କୁପ୍ରଥା ସମାଜରେ ପ୍ରଚଳିତ ହୋଇଅଛି ଓ ସେହି ହେତୁରୁ ଅନେକ ଲୋକ ଦୁଃଖ ପାଉଅଛନ୍ତି ଏବଂ ପରାଧୀନତା, ହୀନବୀର୍ଯ୍ୟତା, ଅକାଳମୃତ୍ୟୁ ଦରିଦ୍ରତା ପ୍ରଭୃତି ବୃଦ୍ଧି ହେଉଅଛି ।

ବିବାହ ସମ୍ବନ୍ଧରେ ଅଯୋଗ୍ୟତା ନାନାପ୍ରକାର ଅଟଇ ଯଥା; ସ୍ୱଭାବ ବୟସ ଧନ କ୍ଷମତା, ଇତ୍ୟାଦି ପ୍ରକାରରେ ଅଯୋଗ୍ୟତା ପ୍ରକାଶ ପାଏ ଏହି ଅଯୋଗ୍ୟତା ହେତୁରୁ ଆମ୍ଭମାନଙ୍କ ସମାଜରେ କିପ୍ରକାର ଅନିଷ୍ଟମାନ ଘଟୁଅଛି ଏହାସବୁ ଆମ୍ଭେମାନେ କ୍ରମେ ବର୍ଣ୍ଣନା କରିବୁଁ ଓ ଯଦ୍ୟପି ଏଥିରେ ସର୍ବସାଧାରଣଙ୍କର କିଛିମାତ୍ର ମତର ପରିବର୍ତ୍ତନ ହୁଏ ତେବେ ଆମ୍ଭମାନଙ୍କର ଶ୍ରମ ସଫଳ ହେବ ।

---

ବ୍ରାହ୍ମମତେ ଶ୍ରାଦ୍ଧକ୍ରିୟା ।

ବ୍ରାହ୍ମଧର୍ମରେ ଶ୍ରାଦ୍ଧ କ୍ରିୟାକଲାପର ପଦ୍ଧତି ତହିଁପ୍ରତି ହିନ୍ଦୁମାନଙ୍କ ଅଶ୍ରଦ୍ଧାର ଗୋଟିଏ ହେତୁ ଥିଲା । ତାହା ଦୂରୀଭୂତ କରିବା ଅଥବା ମାତୃ ପିତୃ ପ୍ରତି ଭକ୍ତିର ପରିଚୟ ଦେବା ଉଦ୍ଦେଶ୍ୟରେ କଲିକତାର ନବ୍ୟ ସମ୍ପ୍ରଦାୟର ବକ୍ତୃତାକମାନେ ଆପଣା ମତାନୁଯାୟୀ ଶ୍ରାଦ୍ଧର ନୂତନ ପ୍ରଣାଳୀ ରଚନା କରିଅଛନ୍ତି । ସେ ପ୍ରଣାଳୀ ଅନୁସାରେ ମୋତିପୁରର ନିବାସୀ ବାବୁ ପ୍ରସନ୍ନକୁମାର ଘୋଷଙ୍କ ମାତାର ଆଦ୍ୟଶ୍ରାଦ୍ଧ ଗତ ଶ୍ରାବଣ ମାସରେ ସମ୍ପନ୍ନ ହୋଇଅଛି । ପାଠକମାନେ ସେ ପ୍ରଣାଳୀ ଜାଣିବାକୁ କୌତୁକୀ ହୋଇ ପାରନ୍ତି ଏ ହେତୁ ତହିଁର ସଂକ୍ଷେପ ବିବରଣ ଇମ୍ଭେ ଲେଖୁଅଛୁଁ ।

ସଭାମଣ୍ଡପ ଦାନ ସାମଗ୍ରୀରେ ସଜ୍ଜିତ ହେବାରୁ କର୍ମକର୍ତ୍ତାଙ୍କ ଆତ୍ମୀୟ କୁଟୁମ୍ବ ଓ ବନ୍ଧୁ ବାନ୍ଧବ ଓ ପ୍ରତିବାସୀ ଭଦ୍ରଜନ ସେଠାରେ ଉପସ୍ଥିତ ହେଲେ ତହୁଁ ବାବୁ ବିଜୟକୃଷ୍ଣ ଗୋସ୍ୱାମୀ ବେଦୀରେ ବସି ପରମେଶ୍ୱରଙ୍କ ଉପାସନା କଲେ । ତତଃପର ଅଧ୍ୟାପକ ବାବୁ ଅଘୋର ନାଥ ଗୁପ୍ତ ଓ ଗୌରଗୋବିନ୍ଦ ରାୟ ବିବିଧ ଶାସ୍ତ୍ରରୁ ଶ୍ରାଦ୍ଧୋପଯୋଗୀ ଶ୍ଳୋକ ଗୁଡିଏ ସମସ୍ୱରରେ ପାଠକଲେ ଓ ଆଚାର୍ଯ୍ୟ ବାବୁ କେଶବ ଚନ୍ଦ୍ର ସେନ ତହିଁର ବ୍ୟାଖ୍ୟା କଲେ । ଧର୍ମତତ୍ତ୍ୱ ପତ୍ରିକା ବୋଲନ୍ତି ଆଚାର୍ଯ୍ୟ ମହାଶୟ ଏପରି ଉଦାର ଓ ମଧୁରଭାବରେ ଗୋଟିଏ ବକ୍ତୃତା କଲେ ଯେ ତେତେବେଳେ ସେମାନଙ୍କୁ "ପରକାଳ ନିକଟ-ବର୍ତ୍ତୀ ବୋଧ ହେଲା" । ତଦନନ୍ତର ଶ୍ରାଦ୍ଧକର୍ତ୍ତା ସହୋଦର ସହିତ ପ୍ରାର୍ଥନା କଲେ ତହିଁର ଭାବ ସଂକ୍ଷେପରେ ଏହି ଅଟେ—ହେ ଈଶ୍ୱର ଆମ୍ଭମାନଙ୍କ ଜନନୀ ଇହଲୋକର ଶୋକ ସନ୍ତାପ ଓ ମୋହ କୋଳାହଳରୁ ବିମୁକ୍ତ ହୋଇ ପରଲୋକକୁ ଗମନ କଲେ ଆପଣ କୃପାକରି ତାଙ୍କୁ ଆପଣଙ୍କ ପଦତଳେ ସ୍ଥାନଦାନ କରନ୍ତୁ ଓ ସେ ଆପଣଙ୍କ ସହବାସରେ ଶାନ୍ତି ସମ୍ଭୋଗ କରନ୍ତୁ । ଆମ୍ଭେମାନେ ମାତୃହୀନ ହେଲୁଁ କିନ୍ତୁ ଆପଣ ମାତୃହୀନଙ୍କ ମାତା, ଆମ୍ଭମାନଙ୍କର ସହାୟ ହୋଇ ଆମ୍ଭମାନଙ୍କ ଶୋକ ଓ ଭାବନା ସମ୍ବରଣ କରନ୍ତୁ ଓ ଏପରି ସୁମତି ଦେଉନ୍ତୁ ଯେମନ୍ତ କି ଆମ୍ଭେମାନେ ପ୍ରଲୋଭନ ଅତିକ୍ରମ କରି ଅକଲଙ୍କିତ ରହୁଁ ଓ ଦିନ ଦିନ ପରକାଳ ପାଇଁ ସମ୍ବଳ ବା ପୁଣ୍ୟ ସଞ୍ଚୟ କରୁଁ ।

ଶ୍ରାଦ୍ଧକର୍ତ୍ତା ବେଦୀ ସମ୍ମୁଖରେ ଦଣ୍ଡାୟମାନ ହୋଇ ଆପଣାର ପିତା ପିତାମହାଦି ପୂର୍ବପୁରୁଷ ବ୍ରହ୍ମକଜ୍ଞି ମୁନିଗଣ, ବାନ୍ଧବ ଓ ଅବାନ୍ଧବ ଓ ଶତ୍ରୁ ମିତ୍ର ସମସ୍ତ ପରଲୋକବାସୀ ମାନଙ୍କୁ ଚିନ୍ତା କଲେ, ଧନ୍ୟବାଦ ଦେଲେ ଓ ସେମାନଙ୍କର ମଙ୍ଗଳ ମନାସିଲେ । ତଦୁତ୍ତାରେ ସେ ସହୋଦର ସହିତ ନିମ୍ନଲିଖିତ ମନ୍ତ୍ର ପାଠ ପୂର୍ବକ ଦାନକଲେ ଯଥା;—"ଓଁ ଅଦ୍ୟ ଶ୍ରାବଣମାସି କୃଷ୍ଣପକ୍ଷେ ଦଶମୀତିଥୌ ଶ୍ରାଦ୍ଧବାସରେ ମାତୃ ଭକ୍ତ୍ୟନୁରୋଧାତ୍ ସାଧାରଣ ଜନ ହିତାର୍ଥ ମୁପସ୍ଥିତା ଦାନସାମଗ୍ରୀରୀଶ୍ୱର ପ୍ରୀତିକାମଃ ଶ୍ରଦ୍ଧୟୋତ୍ସୃଜାବଃ" ଅର୍ଥାତ୍ ଅଦ୍ୟ ଶ୍ରାବଣମାସ କୃଷ୍ଣପକ୍ଷ ଦଶମୀ ତିଥିରେ ଶ୍ରାଦ୍ଧବାସରରେ ମାତୃଭକ୍ତି ଅନୁରୋଧରେ ସାଧାରଣ ହିତାର୍ଥେ ଓ ଈଶ୍ୱର ପ୍ରୀତ୍ୟର୍ଥେ ଉପସ୍ଥିତ ଦାନସାମଗ୍ରୀ ଶ୍ରଦ୍ଧା ପୂର୍ବକ ଆମ୍ଭେମାନେ ଉତ୍ସର୍ଗ କରୁଅଛୁଁ । ତହୁଁ ଅଧ୍ୟାପକ ଦାନର ବିବରଣ ସମସ୍ତଙ୍କୁ ଜଣାଇଲେ ଯଥା;—

| | |
|---|---|
| ୧ ହରିତା ବାଳିକାବିଦ୍ୟାଳୟର ଛାତ୍ରୀଙ୍କ ବୃତ୍ତି ପାଇଁ | ଟ୧୨୯ |
| ୨ ଧର୍ମପୁସ୍ତକ ବିତରଣ ପାଇଁ | ଟ ୬୯ |
| ୩ ବିଧବାମାନଙ୍କୁ ବାର୍ଷିକ ବୃତ୍ତି ଦେବା କାରଣ | ଟ୧୨୯ |
| ୪ ପଥିକମାନଙ୍କ ଆଶ୍ରୟ ପାଇଁ ସଡ଼କ ବିଶେଷର ପାର୍ଶ୍ୱଦ୍ୱୟରେ ବୃକ୍ଷରୋପଣୋପଯୋଗୀ ବ୍ୟୟ । | |
| ୫ ଅନାଥଶ୍ରମଙ୍କ ସାହାଯ୍ୟାର୍ଥ | ଟ୧୨୯ |
| ୬ କାଥଲିକ ଧର୍ମାବଲମ୍ବୀ ଦରିଦ୍ରଙ୍କ ପୋଷଣାର୍ଥେ | ଟ ୫୯ |
| ୭ ଭାରତ ସଂସ୍କାରସଭା ପାଇଁ | ଟ୧୨୯ |
| ୮ ଦରିଦ୍ରଙ୍କୁ ଔଷଧ ବିତରଣ ସକାଶେ | ଟ୧୦୯ |
| ୯ କୌଣସି ଦୁଃଖୀ ଲୋକର ଗୃହନିର୍ମାଣାର୍ଥ | ଟ୨୦୯ |
| ୧୦ ମାତୃ ସ୍ମରଣାର୍ଥ ଗୋଟିଏ ପୁଷ୍କରିଣୀ ଖୋଳିବାର ବ୍ୟୟ । | |
| ୧୧ ଚଉଷଠି ଅଧ୍ୟାପକଙ୍କ ପାଇଁ | ଟ୧୦୯ |
| ୧୨ ଗ୍ରାମସ୍ଥ ଭଦ୍ରଜନଙ୍କ ପାଇଁ ପିତଳ ବାସନାଦି । | |
| ୧୩ ସାଧାରଣ ଲୋକଙ୍କୁ ଭୋଜନକରାଇବା | |
| ୧୪ ଅନ୍ଧ ଖଞ୍ଜ ଇତ୍ୟାଦିଙ୍କୁ ବସ୍ତ୍ରଦାନ | |
| ୧୫ ସାଧାରଣ ଦୁଃଖୀମାନଙ୍କୁ ପଇସା ବିତରଣ । | |
| ୧୬ ବ୍ରହ୍ମସାଧକମାନଙ୍କ ପାଇଁ ଶଯ୍ୟାଦି | |

ଅନନ୍ତର ଶ୍ରାଦ୍ଧକର୍ତ୍ତା ବାନ୍ଧବାଦି ସହିତ ନାମସଂକୀର୍ତ୍ତନ କରି ଗୋଟିଏ ପୁଷ୍କରିଣୀ ତଟରେ ଦଶୋଟି ବୃକ୍ଷ ରୋପଣ କଲେ ।

ଏହିପ୍ରକାରେ ଶ୍ରାଦ୍ଧ କ୍ରିୟା ସାଙ୍ଗ ହେଲା । ପ୍ରସନ୍ନବାବୁ ବ୍ରାହ୍ମଧର୍ମ ମତେ ଶ୍ରାଦ୍ଧ କଲେହେଁ ପ୍ରତିବାସୀ ଓ ଜ୍ଞାତି କୁଟୁମ୍ବମାନେ ଉପହାରଦ୍ରବ୍ୟ ଗ୍ରହଣ କଲେ ଓ ମଧ୍ୟ ଆହାରାଦି କଲେ । ଧର୍ମତତ୍ତ୍ୱ ପତ୍ରିକା ବୋଲନ୍ତି ଏ ପ୍ରଣାଳୀରେ ଜାତୀୟ ଓ ଦେଶୀୟ ଭାବ ଯେତେଦୂର ରହିପାରେ ତହିଁର ତ୍ରୁଟି ହୋଇ ନାହିଁ ଅଥଚ ଯଥୋଚିତ ଉଦାରତା ଓ ବିଶୁଦ୍ଧତା ରକ୍ଷିତ ହୋଇଅଛି । ବ୍ରାହ୍ମମାନେ ଏପରି ବିଶୁଦ୍ଧ ରୀତିରେ ସମାଜିକ କ୍ରିୟା ନିର୍ବାହ କଲେ ହିନ୍ଦୁମାନେ ଆଉ ବିରକ୍ତ ନ ହେବେ । ଆମ୍ଭେମାନେ ମଧ୍ୟ ଏହା ସ୍ୱୀକାର କରୁଅଛୁଁ ଓ ଏ ପ୍ରଣାଳୀକୁ କେତେକ ଅଂଶରେ ଅନୁକରଣୀୟ ମନେ କରୁଅଛୁଁ ମାତ୍ର ବର୍ତ୍ତମାନ ପ୍ରଚଳିତ ଶ୍ରାଦ୍ଧ ରୀତିରେ ଯେ ଗୋଟିଏ ମହତ୍ ଦୋଷ ଲକ୍ଷିତ ହୁଏ ତହିଁର କିୟଦଂଶ ଏ ନୂତନ ରୀତିରେ ମଧ୍ୟ ଦେଖାଯାଉଅଛି । ଅର୍ଥାତ୍ ବର୍ତ୍ତମାନ ଧନୀ ଶ୍ରାଦ୍ଧକର୍ତ୍ତାର ସହସ୍ର ଧନ ବ୍ୟୟ ହେଲେହେଁ

Split by PDF Splitter

Digitized by srujanika@gmail.com

Split by PDF Splitter



ତାହା ଅସଂଖ୍ୟ ଲୋକଙ୍କୁ ଦିଆଯାଉଥିବାରୁ ଜଣକର ସୁଦ୍ଧା କିଛି ବିଶେଷ ଉପକାର ହୁଏ ନାହିଁ ସେହିପରି ଏ ନୂତନ ରୀତିରେ ଖୋଲନ୍ତି କାର୍ଯ୍ୟ ପାଁଇ ଅଳ୍ପଦାନ ହୋଇଥିବାରୁ କୌଣସି କାର୍ଯ୍ୟରେ ଉତ୍ତମରୂପେ ହେବାର ସମ୍ଭାବନା ନାହିଁ ଇହିଁ ପରିବର୍ତ୍ତେ ଦୁଇ ତିନୋଟି କାର୍ଯ୍ୟ ପାଁଇ ଅଧିକ ଦାନ ହୋଇଥିଲେ ଭଲ ହୋଇଥାନ୍ତା ଅଧିକନ୍ତୁ ଏ ରୀତିରେ ବୃଥା ଆଡମ୍ବରର ମଧ୍ୟ ପରିଚୟ ମିଳୁଅଛି ଓ ଆଡମ୍ବର ଭାରତବାସିଙ୍କ ଦରିଦ୍ରତାର ଗୋଟିଏ ହେତୁ ଅଟେ ଅତଏବ ବ୍ରାହ୍ମମାନେ ସୁବିଚାର କରି ସେମାନଙ୍କ ଦାନପ୍ରଣାଳୀର ଅନ୍ତର ପରିଷ୍କାର କରନ୍ତୁ ।

# ସାପ୍ତାହିକସଂବାଦ ।

ଡମପଡା ପ୍ରଜାଙ୍କ ଅପିଲ ଅଗ୍ରାହ୍ୟ ହୋଇଥିବାର ଗତସପ୍ତାହରେ ଲେଖା ହୋଇଥିଲା । ଡମପଡା ରାଜା ଆପଣା କିଲ୍ଲାକୁ ଗଡଜାତ ଭୁକ୍ତ କରିବା ପ୍ରାର୍ଥନାରେ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରସାହେବଙ୍କ ଆଜ୍ଞା ବିରୁଦ୍ଧରେ ଲାଟସାହେବଙ୍କ ଛାମୁରେ ଅପିଲ କରିଥିଲେ । ତାହା ମଧ୍ୟ ଅଗ୍ରାହ୍ୟ ହୋଇ ଅଛି ।

ବାଲେଶ୍ୱରର ମୁନସଫ ବାବୁ ଚନ୍ଦ୍ରପ୍ରସନ୍ନଦତ୍ତ ଆଗାମୀ ଦୁର୍ଗୋତ୍ସବ ପର୍ବ ସମୟରେ ଅନୁଗ୍ରହ ଛୁଟୀ ପାଇଅଛନ୍ତି ।

ପୁରୀର ନୂତନ ଡେପୁଟି କଲେକ୍ଟର ବାବୁ ମହାନନ୍ଦ ଗୁପ୍ତ ଏହି ସପ୍ତାହରେ ପୁରୀରେ ପହୁଞ୍ଚି କର୍ମ ଭାର ଗ୍ରହଣ କରିଅଛନ୍ତି ।

କାଟେବାରରୁ ଏକବ୍ୟକ୍ତି ଲେଖିଅଛନ୍ତି ଯେ ଘୋଲଦହିରେ ଓଲାଉଠା ରୋଗ ଆରୋଗ୍ୟ ହୁଅଇ । ଜଣେ ଲୁଙ୍ଗିକୁ ଏ ରୋଗ ଧରିବା ମାତ୍ରେ ସେ ନିକଟସ୍ଥ ଗ୍ରାମକୁ ଯାଇ ୧୦ ସେର ଦହି କିଣିଲା ଓ ଯେମନ୍ତ ତୃଷା ଆରମ୍ଭ ହେଲା ତେମନ୍ତ ସେ ଦହି ପିଇବାକୁ ଆରମ୍ଭ କଲା । କ୍ରମେ୨ ପିଇ ସାରିଲା ଉତ୍ତାରୁ ଅତି ନିଦ୍ରିତ ହୋଇ ଶୋଇ ପଡିଲା । ଘ ୮।୧୦ ଣ୍ଟା ନିଦ୍ରା ଉତ୍ତାରୁ ଉଠି ଦେଖିଲା ଯେ ଦେହ ରୋଗ ହେବା ପୂର୍ବେ ଯେପରି ଥିଲା ସେହିପରି ହୋଇଅଛି । ଜଣେ ଓଲାଉଠା ରୋଗୀକୁ ଭୁଞ୍ଜା କାଞ୍ଜିତୋରାଣୀ ପିଆଇ ଆରୋଗ୍ୟ କରିବାର ଆମ୍ଭେମାନେ ଅତି ବିଶ୍ୱସ୍ତ ସୂତ୍ରେ ଅବଗତ ହୋଇଅଛୁଁ । ବୋଧ ହୁଅଇ ଅମ୍ଳ ଦ୍ରବ୍ୟରେ ଏ ରୋଗ ଭଲ ହେବାର କୌଣସି ଗୁଣ ଅଛି ।

ନାନା ବର୍ଣ୍ଣର ଆଲୋକ ପ୍ରସ୍ତୁତ କରିବାର ଯାହା ହିନ୍ଦୁପେଟ୍ରିଅଟରେ ଛପା ହୋଇଅଛି ପାଠକଙ୍କ ଜାଣିବା କାରଣ ଏଠାରେ ଉଦ୍ଧୃତ କଲୁଁ ଯେ ଯାହାର ଇଚ୍ଛା ହେବ ସେ ପରୀକ୍ଷା କରି ଦେଖିବ । ମସଲସବୁ ଇଂରାଜୀ ଔଷଧାଳୟରେ ମିଳିପାରେ ରକ୍ତବର୍ଣ୍ଣ ଆଲୋକ— ନାଇଟ୍ରେଟ ଅଫ୍ ଷ୍ଟ୍ରନସିୟା ୯ ଲାଖ ୩ କ୍ଲୋରେଟ ପଟାସ ୧୫ ଭାଗ । ସାଗୁଆ ଆଲୋକ—ନାଇଟ୍ରେଟ ବରଟା ୯ ଲାଖ ୩ କ୍ଲୋରେଟ ପଟାସ ୧୫ ଗ । ନୀଳବର୍ଣ୍ଣଆଲୋକ—ଆମୋନିୟା ସଲଫେଟ ଅଫ୍ କପର ୯, କ୍ଲୋରେଟ ପଟାସ ୬, ଲାଖ ୧ ଭାଗ ।

ଲାଖକୁ ଚିକ୍କଣ କରି ଗୁଣ୍ଡ ନ କରି କେବଳ ଖଦଡା୨ ଗୁଣ୍ଡ କରିବ ।

ଗାଇକୁଆଁରଙ୍କ ରାଜ୍ୟରେ ରାଜାଙ୍କ ପକ୍ଷରୁ ଗୋଟିଏ କୟଲାଗା ବୁଡିବାର କଲ ବସୁଅଛି ଏଥିରେ ବରୋଦା ରାଜ୍ୟର ଲାଭ ହେବାର ସମ୍ଭାବନା ।

ବେଲଗାଞ୍ଜିଲାର ପଶ୍ଚିମଦିଗସ୍ଥ ତାଲୁକମାନଙ୍କରେ ବର୍ଷା ନ ହେବାରୁ ଦୁର୍ଭିକ୍ଷର ଆଶଙ୍କା ହୋଇଅଛି । ଉକ୍ତ କଲେକ୍ଟରଙ୍କ ପ୍ରସ୍ତାବ ମତେ ଗବର୍ଣ୍ଣମେଣ୍ଟ ଟ ୨୬୦୦୦ ଙ୍କା ସାହାଯ୍ୟ କର୍ମରେ ବ୍ୟୟ କରିବା କାରଣ ଅନୁମତି ଦେଇଅଛନ୍ତି ।

ଉଦୟପୁରର ମହାରାଜା ଯୋଧପୁରର ମହାରାଜାଙ୍କର ଏକ ଭଗିନୀକୁ ବିବାହ କରିବାର ଉଦ୍ୟମ ଲାଗିଅଛି । ଏଥର ଏଦୁଇ ବଡଘର ମଧ୍ୟରେ ପ୍ରାୟ ଶତବର୍ଷର ବିବାଦ ନାଶ ହେବ ।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି ଯେ କଲିକତା ନିକଟ ଡାଇମଣ୍ଡ ହାରବରରେ ଏକ ସପ୍ତାହରେ ସର୍ପ ଦଂଶନରେ ସତର ଲୋକ ମରିଥିଲେ । ସମ୍ଭବ ଜଳଆ ସ୍ଥାନରେ ସର୍ପଭୟ ଅଧିକ ହୁଅଇ

ମାନ୍ଦ୍ରାଜ ହାଇକୋର୍ଟ ଏକ ବ୍ୟକ୍ତିକୁ ସ୍ୱର ଅଣା ମୂଲ୍ୟର ଦ୍ରବ୍ୟ କିଣିବା ଅପରାଧରେ ଦ୍ୱୀପାନ୍ତର ବାସ ଦଣ୍ଡ ବିଧାନ କରିଅଛନ୍ତି ।

୧ । ଏଡୁକେଶନ ଗେଜେଟରୁ ଅବଗତ ହେଲୁଁ ଯେ, ମ୍ୟାଙ୍ଗାଲୋରର ଜଳପ୍ଲାବନରେ ପ୍ରାୟ ଛଅଶତ ଗୃହ ଭସି ଯାଇଅଛି । ୩୬ ହଜାର ମହଣ ଲବଣ ନଷ୍ଟ ହୋଇଅଛି ଏବ ଲୋକଙ୍କର ପ୍ରାୟ ଏକଲକ୍ଷ ଟଙ୍କା କ୍ଷତି ହୋଇଅଛି ।

୨ । ଏତେବେଳେ ଭାରତବର୍ଷରେ ୧,୦୦,୦୦୦ କୁଷ୍ଠରୋଗୀ ଅଛନ୍ତି ।

୩ । ଗତ୍ରିଏ ବଙ୍ଗଦୀପକରେ ଏହି ମର୍ମରେ ଗୋଟିଏ ବିଜ୍ଞାପନ ପ୍ରକାଶିତ ହୋଇଅଛି, "ଜଣେ ଅବିବାହିତ ଯୁବାର ବୃହତ ତାନ୍ତ୍ରବିଧାନ ନିମିତ୍ତ ଜଣେ ଯୁବତୀ ଭର୍ତ୍ତାବିଧବିକା ପ୍ରୟୋଜନ ଅଛି ସେହି ଯୁବତୀ ଅବଶ୍ୟ ସୁନ୍ଦରୀ ଓ ମନୋରମା ହେବେ ଆବେଦନପତ୍ରରେ ବୟସ ଆକୃତି ଓ କେତେ ବେତନ ଚାହାନ୍ତି ଇତ୍ୟାଦି ବିଷୟର ଉଲ୍ଲେଖ ଥିବ ।" ଯେଉଁ ବ୍ୟକ୍ତି ଏହି ବିଜ୍ଞାପନ ଛପାଇ ଅଛନ୍ତି ସେ ସହରବାସୀ ଜଣେ ଭଦ୍ରଲୋକ ଅଟନ୍ତି, ବିଜ୍ଞାପନ ତଳେ ତାଙ୍କର ନାମ ଧାମ ସ୍ପଷ୍ଟରୂପେ ଲେଖାଅଛି "ଆଉ ବା କଣ ହେବ" ।


ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ ନୂତନ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଲୟରେ ବିକ୍ରୟ ହେଉଅଛି ।

| | |
|---|---|
| କଣୋଖିତମ୍ଭ | ଟ ୦ ୵ |
| ଭାନୁମତୀଚଉତିଶା | ଟ ୦ ୯ |
| ଉଦ୍ଧବଚଉତିଶା | ଟ ୦ ୯ |

ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉଅଛି ଯେ ମହାମାନ୍ୟ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ବାହାଦୁରଙ୍କର ସନ ୧୮୭୬ ସାଲ ଜୁନମାସ ତା ୨୦ ରଖ ଲିଖିତ ମନ୍ତବ୍ୟ ପତ୍ରର ଆଜ୍ଞାଅନୁସାରେ, ଜୁନିୟର ନିମ୍ନସ୍ଥ ଅର୍ଥାତ ମାଇନର ଓ ଭର୍ଣ୍ଣାକ୍ୟୁଲର ପ୍ରଭୃତି ଛାତ୍ରବୃତ୍ତି ଛାତ୍ରମାନଙ୍କର ଇଚ୍ଛା ଅନୁସାରେ ବେହାରର ଅନ୍ତଃପାତି ପାଟନା ସନ୍ନିହିତ ବାଁକିପୁରର ନୂତନ ସ୍ଥାପିତ ଶିଳ୍ପବିଦ୍ୟାଳୟରେ ଧାର୍ଯ୍ୟ କରାଯାଇ ପାରେ ଅତଏବ ଏହି ଜିଲ୍ଲାର ଜୁନିୟରର ନିମ୍ନସ୍ଥ ଛାତ୍ରବୃତ୍ତି ପ୍ରାପ୍ତ ବାଳମାନଙ୍କ ମଧ୍ୟରୁ ଯେଉଁମାନେ ଉକ୍ତ ବିଦ୍ୟାଳୟକୁ ଆପଣା୨ ବୃତ୍ତି ନେଇଯିବାକୁ ଇଚ୍ଛା କରିବେ ସେମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଆପଣା୨ ଅଭିଳାଷ ବ୍ୟକ୍ତ କରିବେ । ଇତି ।

Cuttack,
The 28th August,
1876
} Obinash C. Chatterjee
*Secy. D. C. P. I.*
*Cuttack.*


☞ ଏହି ଉତ୍କଳଦୀପିକା ସଦରକଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଲୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 32



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୧ ଶ
ସଂ ୩୭ ଖ୍ୟା

ତାଃ [illegible] ସେପ୍ଟେମ୍ବର ସନ ୧୮୭୭ ମସିହା । ମୂ । ଭାଦ୍ରବ ଦ ୨୭ ନ ସନ ୧୨୮୪ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୬॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬॥୦
ମଫସଲପାଇଁ ଡାକମାସୁଲ ଟ ୧୷୦

ତୁରୁଷ୍କର ଯୁଦ୍ଧ ଅଦ୍ୟାପି ଶେଷ ହୋଇ ନାହିଁ କିମ୍ବା ଶୀଘ୍ର ଶେଷ ହେବାର କୌଣସି ଆଶା ଦେଖା ନ ଯାଏ । ଯୁଦ୍ଧର ଫଳାଫଳ ପୂର୍ବପ୍ରାୟ ଅନିଶ୍ଚିତ ଅଛି କେତେବେଳେ ସରବୀୟମାନେ କେତେବେଳେ ତୁରକମାନେ ଜୟଲାଭ କରିବାର ତାରଡାକ ସମ୍ବାଦରୁ ଜଣାଯାଏ ମାତ୍ର କୌଣସି କଥା ନିଶ୍ଚୟରୂପେ ଜଣାଯାଉ ନାହିଁ । ସନ୍ଧି କରିବାର ପ୍ରସ୍ତାବ ହୋଇଅଛି ମାତ୍ର କୌଣସିପକ୍ଷ ଅଦ୍ୟାପି ତାହା ଅବଲମ୍ବନ କରିବାକୁ ସମ୍ମତ ହୋଇ ନାହାନ୍ତି । ଫଳତଃ କୌଣସି ଏକପକ୍ଷର ପରାକ୍ରମ ଜଣା ନ ହେଲେ ସନ୍ଧି ହେବାର କଠିନ ହେବ । ମୃଗଦ ଏ ଫନ୍ଦ ପାଦସାହ ପୀଡ଼ିତ ହୋଇ କାର୍ଯ୍ୟ କରିବାକୁ ଅଯୋଗ୍ୟ ହେବାରୁ ମନ୍ତ୍ରିମାନେ ତାହାଙ୍କୁ ପଦଚ୍ୟୁତ କରି ତାହାଙ୍କ ଭାଇ ହମିଦଙ୍କୁ ପାଦସାହ କରିଅଛନ୍ତି ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଖୋରଦାରେ ବର୍ଷା ଅଭାବରୁ ଫସଲର ଅବସ୍ଥା ଅତ୍ୟନ୍ତ ମନ୍ଦ ହୋଇଅଛି ଏବଂ ସେଠାରେ ଦୁର୍ଭିକ୍ଷ ପଡ଼ିବାର ଆଶଙ୍କା କରି ବଙ୍ଗଳା ଗବର୍ଣ୍ଣମେଣ୍ଟ ବ୍ୟସ୍ତ ହୋଇଅଛନ୍ତି । ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କ ଆଦେଶ କ୍ରମେ କମିଶ୍ନରସାହେବ ଗତ ମଙ୍ଗଳବାର ସେଠାକୁ ଯାଇ ସକଳଅବସ୍ଥା ତଦନ୍ତ କରିଅଛନ୍ତି ଏବଂ ପୁରୀର କଲେକ୍ଟର ମଧ୍ୟ ସେଠାକୁ ଯାଇଥିଲେ । ଏମାନେ ପ୍ରକୃତ ଅବସ୍ଥା ଦେଖି କି ସ୍ଥିର କରିଅଛନ୍ତି ଜଣା ନାହିଁ ମାତ୍ର ବର୍ଷାର ଗତିକ ଏବର୍ଷ ଯେମନ୍ତ ଦେଖା ଯାଏ ତହିଁରେ ଭଲ ଫସଲର ଆଶା ନାହିଁ । ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ଏଣିକି ସୁପାଳକ ହେଲେ ସୁଦ୍ଧା ଖୋରଦାରେ ଚାରିଅଣାରୁ ଅଧିକ ଫସଲ ହେବ ନାହିଁ ଅନ୍ୟଥା ସମୂଳେ କ୍ଷତ ହେବ ଏବଂ ପୁରୀଜିଲାରେ ସୁଦ୍ଧା କାଗ୍ରହାର ଆଠଅଣ ଫସଲ ମିଳିବାର ସମ୍ଭାବନା କଟକଜିଲାର ଅବସ୍ଥା ଏଥିରୁ ଭଲ ଅଟଇ । କଆଳଧାନ ଏକପ୍ରକାରରେ ହସ୍ତଗତ ହୋଇଅଛି ଏଣିକି ଭଲ ବର୍ଷା ହେଲେ ଅଧିକାଂଶ ସ୍ଥଳରେ ସାରଧାନ ଆୟ ହେବ କେବଳ କଟକନଗର ଓ ତହିଁର ନିକଟସ୍ଥ ଚତୁର୍ଦ୍ଦିଗରେ ବର୍ଷା ଅଭାବରୁ ଆଦୌ ରୁଆ କେହୁଡ଼ା ହୋଇ ନାହିଁ । ଫସଲର ଅବସ୍ଥା ଏହିରୂପ ସନ୍ଦେହ ଯୁକ୍ତ ଅଟେ ତହିଁକି ଏ ସପ୍ତାହରେ ଆଦୌ ବର୍ଷା ହୋଇ ନାହିଁ ଏମନ୍ତ ବୋଲଯାଇପାରେ ଓ ଖରା ଅତ୍ୟନ୍ତ ହେଉଅଛି । ଏଥିରେ ପରମେଶ୍ୱର ଯେମନ୍ତ ବିଚାର କରିବେ ।

---

ବଜାରୁ ଜଣେ ପତ୍ରପ୍ରେରକ ହିନ୍ଦୁପେଟ୍ରିଅଟକୁ ଲେଖିଅଛନ୍ତି କି ସେଠାର ଡାକ୍ତର ଯୋସେଫ ଡାକ୍ତରଜେଗ ଏକବର୍ଷ ମଧ୍ୟରେ ୧୭ ଜଣ ଦରବଜାନଙ୍କୁ ମାତୁଲ କରି ଅଛନ୍ତି କିନ୍ତୁ ତହିଁର କାରଣ ବ୍ୟକ୍ତ କରି ନାହାନ୍ତି । ଏ ଦରବଜାନମାନଙ୍କ ଚାକର ଦୁଇମାସଠାରୁ ଦ ୧୭ ବର୍ଷ ପର୍ଯ୍ୟନ୍ତ ଅଟେ ଏବଂ ଏହାଙ୍କମଧ୍ୟରୁ ପ୍ରାୟ ଜ ୭ ଣ ଦଶବର୍ଷର ଚାକର ଅଟନ୍ତି । ହିନ୍ଦୁପେଟ୍ରିଅଟ ବୋଲନ୍ତି ସାମାନ୍ୟ ଚାକରକୁ ବରଖାସ୍ତ କରିବାର କାରଣ ସର୍ବଦା ଦର୍ଶାଇବାକୁ ଗବର୍ଣ୍ଣମେଣ୍ଟ ବାଧ୍ୟ ନୁହନ୍ତି କାରଣ ସର୍ବଦା ବୁଝିବାକୁ ହେବ ଯେ ବାହାର କରିଦେବାର ଉଦ୍ଦମ କାରଣ ଥିଲା ମାତ୍ର ପ୍ରକାଶ କରିବା ଅସୁବିଧା ଅଟଇ । ମାତ୍ର ଦୁଃଖର ବିଷୟ ଯେ ଅନେକ ସମୟରେ ଛୋଟ ଚାକରମାନେ ଆପଣା ମୁନିବଙ୍କ ଅନ୍ୟାୟ ଆଜ୍ଞା ନ ମାନିବାରୁ କର୍ମଚ୍ୟୁତ ହୁଅନ୍ତି ଓ ଏରୂପେ ଯାହାର କପାଳ ଫାଟେ ତାହାର ଆଉକିଛି ପ୍ରତୀକାର ନାହିଁ । ଚପରାସି ଓ ବରକନ୍ଦାଜପ୍ରଭୃତି କର୍ମକାରକଙ୍କୁ ଏକପ୍ରକାର ହାକିମଙ୍କ ଘରର ଚାକର ବୋଇଲେ ଅସଙ୍ଗତ ହେବ ନାହିଁ ସତ୍ୟ ତଥାଚ ସେମାନଙ୍କପ୍ରତି ଅନ୍ୟାୟ ବ୍ୟବହାର ହେଲେ କି ତହିଁର କିଛି ପ୍ରତୀକାର ନାହିଁ ? ଅତଏବ ଆମ୍ଭେମାନେ ବୋଧକରୁଁ ଯେ କାହାରିକୁ କର୍ମରୁ ବରଖାସ୍ତ କରିବାକୁ ହେଲେ ତହିଁର ହେତୁ ଦେଖାଇବା କର୍ତ୍ତବ୍ୟ ଅଟେ ।

---

ଗତ ସପ୍ତାହର ବିଜ୍ଞାପନରୁ ପାଠକମାନେ ଜାଣିଥିବେ ଯେ ବେହାର ପ୍ରଦେଶ ବାଙ୍କିପୁର ନଗରରେ ଗୋଟିଏ ନୂତନ ଶିଳ୍ପବିଦ୍ୟାଳୟ ସ୍ଥାପିତ ହୋଇଅଛି ଏବଂ ଗବର୍ଣ୍ଣମେଣ୍ଟବଙ୍ଗାଳ ଆଜ୍ଞାଦେଇ ଅଛନ୍ତି ଯେ ମାଇନର ଓ ବର୍ଣ୍ଣା-

Digitized by srujanika@gmail.com

ସ୍କୁଲର ଛାତ୍ରବୃତ୍ତି ପାଉଥିବା ବ୍ୟକ୍ତିମାନେ ସେଠାକୁ ପଢିବାକୁ ଗଲେ ସେହି ସ୍ଥାନରେ ଆପଣାର ବୃତ୍ତି ପାଇବେ । ଏ ବ୍ୟବସ୍ଥା ଉତ୍ତମ ହୋଇଅଛି ଏବଂ ଏଥିରେ ଭରସାହୁଅଇ ଯେ ନାନାଞ୍ଚଳରୁ ଛାତ୍ରମାନେ ଉକ୍ତ ବିଦ୍ୟାଳୟରେ ନାନାପ୍ରକାର ଶିଳ୍ପକାର୍ଯ୍ୟ ଶିକ୍ଷାକରି ଉଦ୍ଯୋଗ ଉପର ପ୍ରତିପାଳନ କରିପାରିବେ ଏବଂ ଆପଣାର ଜିଲ୍ଲାରେ ଶିଳ୍ପବ୍ୟବସାୟର ଉନ୍ନତିସାଧନ କରି ପାରିବେ । ମାତ୍ର ଯେରୂପ ବିଜ୍ଞାପନ ଦିଆଯାଇ ଅଛି ତହିଁରୁ ସବିଶେଷ ଅବସ୍ଥା ଜଣାଯାଉ ନାହିଁ ଏବଂ ତାହା ପାଠକରି କୌଣସିବ୍ୟକ୍ତି ସେଠାକୁ ଶିକ୍ଷାନିମିତ୍ତ ଯିବାପାଇଁ ପ୍ରବୃତ୍ତ ହେବା ସମ୍ଭବ ନୁହେ । ଶିଳ୍ପବିଦ୍ୟାଳୟରେ କି କି କାର୍ଯ୍ୟ କେତେବର୍ଷରେ ଶିକ୍ଷାହୋଇ ପାରିବ କାଙ୍କିପୁରରେ ବସାକରି ରହିବାର କିଛି ସୁଯୋଗ ଗବର୍ଣ୍ଣମେଣ୍ଟ କରିଦେଇ ଅଛନ୍ତି କି ନା ଓ ଓ କେତେବ୍ୟୟରେ ସେଠାରେ ଛାତ୍ରମାନଙ୍କର ନିର୍ବାହ ହୋଇ ପାରିବ ଏ ସମସ୍ତ ବିସ୍ତାରିତରୂପେ ବର୍ଣ୍ଣନା କରି ବିଜ୍ଞାପନ ଦେଲେ ଯେଉଁମାନେ ସେଠାକୁ ଅଧ୍ୟୟନ କରିବାକୁ ଯିବାକୁ ବାଞ୍ଛାକରିବେ ତାହାଙ୍କର ଉତ୍ସାହ ବଢିବ ଓ ମନ ବଳାଇବାକୁ ସାହସ ହେବ ସମ୍ପ୍ରତି ଯେଉଁ ବିଜ୍ଞାପନ ଦିଆଯାଇଅଛି ତହିଁରେ କିଛି କାର୍ଯ୍ୟ ହେବାର ସମ୍ଭାବନା ଦିଶୁ ନାହିଁ ।

---

### ଶାସ୍ତିଯୁକ୍ତ କର୍କ୍‌ଉଡ୍ ସାହେବ ।

ଏ ମହାତ୍ମ ଚମ୍ପାରଣରେ ଯେ ଅସାଧାରଣ କାର୍ଯ୍ୟମାନ କରି ଆପଣାର ନାମ ପ୍ରକାଶ କରି ଅଛନ୍ତି ପାଠକମାନଙ୍କୁ ଜଣାଅଛି । ଏହାଙ୍କର କାର୍ଯ୍ୟର ପ୍ରଧାନ ଫଳଭୋଗୀ ବାବୁ ଲଲଗୋବିନ୍ଦ ଚୌଧୁରୀ ଅଟନ୍ତି ଓ ସେ ଗବର୍ଣ୍ଣମେଣ୍ଟବଙ୍ଗାଲରେ ଦରଖାସ୍ତ କରିଥିବାରୁ କର୍କ୍‌ଉଡ୍‌ସାହେବଙ୍କ ସମ୍ପର୍କରେ ଗବର୍ଣ୍ଣମେଣ୍ଟ କି ବିଚାର କରି ତାହାଙ୍କୁ ଗୌରବପ୍ରଗ୍ନାରୁ ବଦଳ କରି ଦେଇଥିଲେ ମାତ୍ର ବିଚାରଟି କିରୂପ ହେଲା ତାହା ଜଣାପଡି ନ ଥିଲା ସମ୍ପ୍ରତି ହିନ୍ଦୁପେଟ୍ରିଅଟ ଏ ବିଷୟରେ ଗବର୍ଣ୍ଣମେଣ୍ଟ ବଙ୍ଗାଲଙ୍କ ନିର୍ଦ୍ଧାରଣ ପତ୍ର କୌଣସିରୂପେ ପ୍ରାପ୍ତ ହୋଇ ଗତ ସପ୍ତାହରେ ଛାପା କରିଅଛନ୍ତି ଉକ୍ତ ନିର୍ଦ୍ଧାରଣପତ୍ର ତା ୬ ରଖ ଯୁନରେ ଦାର୍ଜିଲିଂ ମୁକାମରେ ଲେଖା ହୋଇ ଥିଲା । ନିର୍ଦ୍ଧାରଣପତ୍ରଟି ଅତି ଦୀର୍ଘ ଥିବାରୁ ଆମ୍ଭେମାନେ ତାହା ସମ୍ପୂର୍ଣ୍ଣରୂପେ ପ୍ରକାଶ କରି ପାରିଲୁଁ ନାହିଁ ଅଦ୍ୟରେ ସ୍ୟାରଜର୍ଜ କେମ୍ପଲ ଶାସ୍ତିଯୁକ୍ତ କର୍କ୍‌ଉଡ୍ ସାହେବଙ୍କ କାର୍ଯ୍ୟାବଳୀ ବାହୁଲ୍ୟ ଓ ପ୍ରକୃତରୂପେ ବର୍ଣ୍ଣନା କରି କରି ପରିଶେଷରେ ଆପଣା ଅଭିମତ ନିମ୍ନଲିଖିତରୂପେ ପ୍ରକାଶ କରି ଅଛନ୍ତି ଯଥା ।—

"ଏହି ସକଳ ବିଷୟ ଅବଧାନ କରି ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କର ମତ ଏହି ଯେ କର୍କ୍‌ଉଡ୍ ସାହେବ ଅତ୍ୟନ୍ତ ଅଧୀର ଓ ଅବିବେଚନାର କାର୍ଯ୍ୟ କରିଅଛନ୍ତି ଏବଂ ଆଇନ ଅନୁସାରେ ତାହାଙ୍କ ଉପରେ ଯେ କ୍ଷମତା ଅର୍ପିତ ହୋଇଅଛି ତଦ୍ବିଷୟରେ ସେ ଅବହିତ ନୁହନ୍ତି । ତାଂରଗ କ୍ଲାଇରେ ସେ ଯେଉଁ କୈଫିୟତ ଦେଇଥିଲେ ତାହା ସନ୍ତୋଷଜନକ ନୁହଇ । ଯଦିଚ କ୍ରିମିନାଲ ପ୍ରସିଡ଼ିୟୁରର କୋଡର ୧୪୨ ଧାରା ଅନୁସାରେ ଅପରାଧର ସନ୍ଦେହ ହେଲେ କଣି ମାଜିଷ୍ଟ୍ରେଟ ସାହେବ ସ୍ବତଃପ୍ରବୃତ୍ତ ହୋଇ ଅପରାଧୀର ସନ୍ଦେହଭାଜନକୁ ଆପଣା ବିଚାରର ଅଧୀନ କରି ପାରନ୍ତି, କିନ୍ତୁ ଏହି ଅନତିସାଧାରଣ ଘଟନା ବିଷୟରେ ବିଶେଷ ବିବେଚନା ଏବଂ ସତର୍କତା ଲମ୍ବନ ଅବଶ୍ୟକ । ଯେବେ ସେ ତାହା କରିଥାନ୍ତେ ତାହା ହେଲେ ଜଣେ ଭଦ୍ରଲୋକଙ୍କୁ ଏରୂପ ନିଗ୍ରହ ସହ୍ୟ କରିବାକୁ ହୁଅନ୍ତା ନାହିଁ । ଅଧୀନମାନଙ୍କ ମନରେ ଅସନ୍ତୋଷର ଉଦ୍ରେକ ହୁଟିଲେ ଶାସନକର୍ତ୍ତାଙ୍କ ମନ କିଛି ଉଗ୍ର ବ୍ୟଗ୍ର ହୁଏ ସତ୍ୟ, କିନ୍ତୁ କାର୍ଯ୍ୟ କରିବା ପୂର୍ବରେ କିଛି ଧୈର୍ଯ୍ୟାବଲମ୍ବନ ଏବଂ ଯେ କାର୍ଯ୍ୟ କରିବାକୁ ହେବ ତହିଁର ପ୍ରକୃତ କାରଣ ଅଛି କି ନାହିଁ ତାହା ଅନୁଧାବନ କରିବା ଅବଶ୍ୟକ ।

ବାବୁ ଲଲଗୋବିନ୍ଦ ଚୌଧୁରୀଙ୍କ ବିରୁଦ୍ଧରେ କର୍କ୍‌ଉଡ୍ ସାହେବ ଯେଉଁ ଦ୍ରୋହର କଥା ଶୁଣିଥିଲେ ସେ ବିଷୟ ଅନୁସନ୍ଧାନ କରି ଯେବେ ପ୍ରମାଣ ପାଇଥାନ୍ତେ ତାହା ହେଲେ ସେ ଯେଉଁ କାର୍ଯ୍ୟ କରିଅଛନ୍ତି ତହିଁର ବାଟ ହୁଅନ୍ତା । କିନ୍ତୁ ସେରୂପ କୌଣସି ଅନୁସନ୍ଧାନ କରା ହୋଇ ନାହିଁ । ସୁତରାଂ ଅପରାଧର ବିନା ପ୍ରମାଣରେ ଜଣେ ଭଦ୍ର ବ୍ୟକ୍ତିକୁ ପରୱାନାଦ୍ବାରା ଗ୍ରେପ୍ତାର କରି ତାହାଙ୍କୁ ନିଜ ବିଚାରାଧୀନରେ ଆଣିବା ମାଜିଷ୍ଟ୍ରେଟ ସାହେବଙ୍କ ପକ୍ଷରେ ତାଙ୍କ ପଦର ଉପଯୋଗୀ, ନ୍ୟାୟର ଉପଯୋଗୀ ହୋଇ ନାହିଁ । ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କ ମତରେ କାର୍ଯ୍ୟଟି ଅତ୍ୟନ୍ତ ନିନ୍ଦା ଓ ଦୁର୍ନାମର ହୋଇଅଛି ।

ଶାନ୍ତି-ରକ୍ଷା ନିମନ୍ତେ ଅତିରିକ୍ତ କନଷ୍ଟେବଲ ନିଯୁକ୍ତ କରିବା ମାଜିଷ୍ଟ୍ରେଟଙ୍କ ପକ୍ଷରେ ଅନ୍ୟାୟ ହୋଇ ନାହିଁ ସତ୍ୟ, କିନ୍ତୁ ତହିଁର ବିବେଚନା କରିବା ଉଚିତ ଥିଲା ଯେ ଜଣେ ହିନ୍ଦୁଜାତୀୟ ଭଦ୍ରଲୋକଙ୍କୁ ଦୁଇଟି ପାଇଖାନା ରକ୍ଷଣାବେକ୍ଷଣାର୍ଥେ ଲିଖିତ ଆଦେଶ ପ୍ରଦାନ କରିବା କେତେଦୂର ଦୋଷର କଥା ।

ଅପ୍ରେଲ ମାସ ତା ୨୪ ରଖର ଅଧିବେଶନରେ ଯେବେ ମଧ୍ୟ ଲଲଗୋବିନ୍ଦ ବାବୁଙ୍କର ଦକ୍ଷ ବିବେଚନାର ସ୍ତୁତି ପ୍ରକାଶ ହେଉ ତଥାପି ସେ ଯେଉଁ ବିଷୟର ପ୍ରତିବାଦ କରିଥିଲେ ତାହା ଅସଙ୍ଗତ ନୁହେ ଏବଂ ମିଉନିସିପଲ ବନ୍ଦୋବସ୍ତ ସମ୍ବନ୍ଧରେ ଯାହା ଅନ୍ୟାୟ ଓ ଅସଙ୍ଗତ ବୋଧ ହେବ ମିଉନିସିପଲ କମିଶନର ମାତ୍ରକୁ ତହିଁର ପ୍ରତିବାଦ କରିବାକୁ କ୍ଷମତା ଅଛି । ପକ୍ଷାନ୍ତରେ କର୍କ୍‌ଉଡ୍ ସାହେବଙ୍କର ଭ୍ରମ ହୋଇଥିଲେହେଁ ସେ ଯେ ସରଳଭାବରେ କାର୍ଯ୍ୟ କରିଥିଲେ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଏହା ବିଶ୍ବାସ କରନ୍ତି ମାତ୍ର ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କର ଏରୂପ ଭୟ ହୁଅଇ ଯେ କର୍କ୍‌ଉଡ୍ ସାହେବ ଆପଣା ଇଚ୍ଛାମତେ ଚଳାଇବାକୁ ବ୍ୟସ୍ତ ହୋଇ ସୁବନ୍ଦୋବସ୍ତଛଳରେ ଆପଣାର ସ୍ବଭାବ ଓ ମାନସିକ ଅଧୀରତାକୁ ଅଧିକାର ଦେଲେ ଏଥିରେ ତାହାଙ୍କର ସମସ୍ତ କାର୍ଯ୍ୟ ଅତ୍ୟନ୍ତ ତରତରିଆ ଅନ୍ୟାୟ ଏବଂ ଅବିବେକ ପ୍ରକାରର ହୋଇ ଗଲା ।

ଏହି ସକଳ ବିଷୟ ବିବେଚନା କରି ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କ ମତରେ କର୍କ୍‌ଉଡ୍ ସାହେବ ଅତ୍ୟନ୍ତ ତିରସ୍କାରର ଯୋଗ୍ୟ ହୋଇଅଛନ୍ତି ଏବଂ ଚମ୍ପାରଣରୁ ତାଙ୍କୁ ଅପସାରିତ କରିବାର ଆବଶ୍ୟକ ହୋଇଅଛି ।"

ଆମ୍ଭେମାନେ ଦୁଃଖିତହୋଇ କହୁଅଛୁଁ କି ସ୍ୟାରଜର୍ଜ କେମ୍ପଲ ଯେମନ୍ତ ପରିଷ୍କାରରୂପେ ଘଟନାମାନ ବର୍ଣ୍ଣନା କରି ଅଛନ୍ତି ସେମନ୍ତ ପରିଷ୍କାରରୂପେ ଆପଣା ଅଭିମତ ପ୍ରକାଶ କରି ନାହାନ୍ତି ବରଂ ସେ ଭ୍ରମ ବିଚାର କରି ଅଛନ୍ତି ଏପରି କହିଲେ ଅଯୁକ୍ତି ହେବ ନାହିଁ ସେ କର୍କ୍‌ଉଡ୍‌ସାହେବଙ୍କ କାର୍ଯ୍ୟକୁ ଯଥାଯୋଗ୍ୟରୂପେ ନିନ୍ଦାକରି ଅଛନ୍ତି ସତ୍ୟ ମାତ୍ର ଭ୍ରମ ଓ ସରଳ ଭାବର ଯେ ଉଲ୍ଲେଖ କରି ଅଛନ୍ତି ତାହା କର୍କ୍‌ଉଡ୍‌ସାହେବଙ୍କର କୌଣସି କାର୍ଯ୍ୟରୁ ପ୍ରକାଶ ପାଉନାହିଁ । ଲଲଗୋବିନ୍ଦବାବୁଙ୍କୁ ସଭାରୁ ବାହାର କରିଦେବା ତାହାଙ୍କ ନାମରେ ବିନା ପ୍ରମାଣରେ ଅଭିଯୋଗ କରି ଦଣ୍ଡ ଦେବାକୁ ପ୍ରସ୍ତୁତ ହେବା କି ପ୍ରକାର ଭ୍ରମ ବା ସରଳଭାବର କାର୍ଯ୍ୟ ଅଟଇ ଆମ୍ଭେମାନେ କହି ନ ପାରୁଁ ପୁଣି ଭଦ୍ର

Split by PDF Splitter

Digitized by srujanika@gmail.com

Split by PDF Splitter



ଲୋକଙ୍କ ସାଧାରଣ ପାଇଖାନାମାନ ପରିସ୍କାର ଦେବାଲାଗେ କନଷ୍ଟବଲ ନିଯୁକ୍ତ କରିବା କି ସରଳତାର କାର୍ଯ୍ୟ ଅଟେ ? ଅତଏବ ଆମ୍ଭେମାନେ କହୁଁ ଯେ କର୍ଣ୍ଣେଲ ସାହେବଙ୍କର କଣ୍ଡମାତ୍ର ଭ୍ରମ ବା ସରଳତାର ପ୍ରକାଶ ହୋଇ ନାହିଁ ସେ ଯାହା କରି ଅଛନ୍ତି ତାହା ଜାଣିଶୁଣି ଆପଣା ଅଭିପ୍ରାୟ ସିଦ୍ଧ ନିମିତ୍ତ କରି ଅଛନ୍ତି ଏ ଭିନ୍ନ ଆଉ କିଛି କଥା ନାହିଁ । ସୁତରାଂ ଏପରି ବ୍ୟକ୍ତି ଭାଜନ ହେବାର ଯୋଗ୍ୟ ନୁହନ୍ତି ଓ ତାହାଙ୍କର ଯଥୋଚିତ ଦଣ୍ଡ ହୋଇ ନାହିଁ ।

ଏ ପ୍ରସ୍ତାବ ଲେଖାହେଲା ଉତ୍ତାରୁ ଦେଖିଲୁ ଶାୟୁସରେ ଶ୍ରୀଯୁକ୍ତ କଲ୍ଭିନ ସାହେବଙ୍କ ସମ୍ପର୍କରେ ମାନ୍ୟବର ଲେଫଟେଣ୍ଟ ଗବର୍ଣ୍ଣରଙ୍କର ଆଉ ଗୋଟିଏ ନିର୍ଦ୍ଧାରଣ ପାଠ କଲୁଁ ତାହା ଦାର୍ଜିଲିଂ ମୁକାମରେ ଗତମାସ ତା ୨୮ ରିଖରେ ଲେଖା ହୋଇଅଛି ଓ ତହିଁର ଶେଷ ଭାଗରେ ଏହି ଲେଖାଅଛି ଯେ ଶ୍ରୀଯୁକ୍ତ କଲ୍ଭିନ ସାହେବଙ୍କୁ ତାହାଙ୍କ କର୍ମରୁ ବରଖାସ୍ତ କରିବାକୁ ଲେଫଟେଣ୍ଟ ଗବର୍ଣ୍ଣର ବାଧ୍ୟ ହେଲେ ଓ ତାହାଙ୍କୁ ଶୀଘ୍ର ପୁନର୍ବାର ନିଯୁକ୍ତ କରିବାର ଭରସା ଦେଇ ନ ପାରନ୍ତି । କେଉଁ କର୍ମରୁ ବରଖାସ୍ତ କଲେ ଓ କି ଅବସ୍ଥାରେ କଲ୍ଭିନ ସାହେବ ରହିବେ ଉପର ଲିଖିତ ନିର୍ଦ୍ଧାରଣ ପତ୍ରରୁ ତାହା ସ୍ପଷ୍ଟରୂପେ ବୁଝା ଯାଉ ନାହିଁ ।

---

'ଓଡ଼ିଶାଇତିହାସ' ନାମରେ ଖଣ୍ଡିଏ ପୁସ୍ତକ ଆମ୍ଭେମାନେ ଉପହାର ପ୍ରାପ୍ତ ହେବାରୁ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ବାବୁ ଜଗନ୍ମୋହନ ଲାଲ ଏ ପୁସ୍ତକର ରଚୟିତା ଅଟନ୍ତି ଓ ଏହା ଷ୍ଟର୍ଲିଙ୍ଗ ସାହେବଙ୍କ ଓଡ଼ିଶା ଇତିହାସର ପ୍ରଥମ ଭାଗର ଅନୁବାଦ ଅଟେ । ଇଂରାଜମାନେ ପ୍ରଥମେ ଓଡ଼ିଶାକୁ କିରୂପେ ଜୟ କରି ଆପଣା ଅଧିକାର ସ୍ଥାପନ କଲେ କେବଳ ଏତିକି କଥା ଏଥିରେ ବର୍ଣ୍ଣିତ ହୋଇଅଛି ଓ ତାହା ଜାଣିବା ସ୍କୁଲୀୟ ବାଳକଙ୍କ ପକ୍ଷରେ ଅତ୍ୟନ୍ତ ଆବଶ୍ୟକ ଏହା କିଏ ଅସ୍ୱୀକାର କରିବ । ଗ୍ରନ୍ଥକର୍ତ୍ତା ଭ୍ରମଭଞ୍ଜନର ରଚୟିତା ସୁତରାଂ ଏହାଙ୍କ ଗଦ୍ୟ ରଚନା ମଧ୍ୟ ଅତ୍ୟନ୍ତ ସୁନ୍ଦର ହେବ ଏମନ୍ତ ଆଶା କରିବା ସ୍ୱାଭାବିକ ଅଟଇ ମାତ୍ର ଇଂରାଜୀ ଭାଷାର ଅବିକଳ ଅନୁବାଦ କରିବା ପକ୍ଷରେ ଅତ୍ୟନ୍ତ ଯତ୍ନଶୀଳ ହେବାରୁ ଏହା ତେମନ୍ତ ସୁନ୍ଦର ହୋଇ ପାରି ନାହିଁ । ଗ୍ରନ୍ଥକର୍ତ୍ତା ପ୍ରତି ଶବ୍ଦର ଅବିକଳ ଅନୁବାଦ କରିବାକୁ ପ୍ରବୃତ୍ତ ନ ହୋଇ ଭାବ ଘେନି ରଚନା କରିଥିଲେ ଏ ପୁସ୍ତକଟି ଅତି ସୁନ୍ଦର ହୋଇଥାନ୍ତା ଓ ଗୋଟିଏ କଠିନ ବା ଅଶୁଦ୍ଧ ଶବ୍ଦ ଦିଶି ଯାନ୍ତା ନାହିଁ । ଯାହା ହେଉ ଏମନ୍ତ କଠିନ ନିୟମ ଅବଲମ୍ବନ କରି ସୁଦ୍ଧା ଗ୍ରନ୍ଥକର୍ତ୍ତା ଏ ପୁସ୍ତକକୁ ଯଥାସାଧ୍ୟ ଇତିହାସର ଉପଯୁକ୍ତ ପ୍ରାଞ୍ଜଳଭାଷାରେ ଓ ସାଧାରଣଙ୍କ ବୋଧଗମ୍ୟରୂପେ ରଚନା କରିଅଛନ୍ତି ଓ ଏହା ସୁପାଠ୍ୟ ହୋଇଅଛି । ବିଦ୍ୟାଳୟରେ ଏ ପୁସ୍ତକ ବ୍ୟବହାର ହେଲେ ଛାତ୍ରମାନେ ଅନେକ କଥା ଏଥିରୁ ଶିକ୍ଷିବେ ସନ୍ଦେହ ନାହିଁ ।

---

# ସାପ୍ତାହିକସଂବାଦ ।

ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ସତ୍ୟବାଦୀମଠର ସୁପ୍ରେଣ୍ଟଙ୍କୁ କମିଟି ସସପେଣ୍ଡ କରିଅଛନ୍ତି । କମିଟିର ଏପରି କ୍ଷମତା ଅଛି କି ନା ସନ୍ଦେହ ମାତ୍ର ଯେରୂପ ଅବସ୍ଥା ଶୁଣାଯାଏ ତହିଁରୁ ବୋଧହୁଅଇ ସୁପ୍ରେଣ୍ଟ ଭାର ଗ୍ରହଣ କରିବାକୁ ଯୋଗ୍ୟ ନୁହନ୍ତି ତେବେ ତାହାଙ୍କୁ ବରଖାସ୍ତ କରା ନ ଗଲା କାହିଁକି ?

ଗୋପାଳଜିଉମଠର ମହନ୍ତଙ୍କ ନାମରେ ନମ୍ବର ମୋକଦ୍ଦମା ଦାଏର ହୋଇଅଛି । ଏଥିରେ ମହନ୍ତ ଆପଣାପଦରେ ରହିବେ କି ନାହିଁ ସନ୍ଦେହ କରି ତାହାଙ୍କର ମହାଜନମାନେ ନାଲିଶଦ୍ୱାରା ଆପଣାର ପାଉଣା ଆଦାୟ କରନ୍ତେ ତତ୍ପର ହୋଇଅଛନ୍ତି ।

ଗତ ରବିବାର ଏ ନଗରର ଅଧିକାଂଶ ଗଣେଶଙ୍କର ବିସର୍ଜନ ହେଲା ଓ ବଉସିବଜାରରେ ଗଣେଶଙ୍କର ମିଳନ ଦୁଇବର୍ଷମାନଙ୍କପରି ହୋଇଥିଲା । ମାତ୍ର ଏଥରର ଧୂମଧାମ କିଛି ଊଣା ଅଟେ ।

ଏ ନଗରକୁ ପ୍ରଥମଶ୍ରେଣୀର ମିଉନିସିପାଲିଟି କରିବାର ପ୍ରସ୍ତାବ ବିରୁଦ୍ଧରେ ଦରଖାସ୍ତ ଦେବାକୁ ବଜାରରେ ଲୋକେ ଉଦ୍ୟମ କରୁଅଛନ୍ତି ଅଥଚ ଅଦ୍ୟାପି ଆଇନ ଓଡ଼ିଆରେ ଅନୁବାଦ ହୋଇ ନ ଥିବାରୁ ଆଇନର ମର୍ମ କାହାରିକୁ ଜଣା ନାହିଁ ।

ନୀଳଗିରିର ରାଜା ତୀର୍ଥ ଭ୍ରମଣ ଉଦ୍ଦେଶରେ ପଶ୍ଚିମାଞ୍ଚଳକୁ ଯାଇଅଛନ୍ତି ।

ଯେଉଁ ବ୍ୟକ୍ତି ବା ବ୍ୟକ୍ତିମାନେ ଆସେନସୋଲଷ୍ଟେସନ ନିକଟରେ ରେଲବାଟରୁ ଖଣ୍ଡେ ରେଲ କାଢି ନେଇଥିଲେ ତାହାଙ୍କୁ ଧରିଦେବା କାରଣ ଗବର୍ଣ୍ଣମେଣ୍ଟ ୫ ୨୦୦୦ ଟଙ୍କା ପାରିତୋଷିକ ଦେବାପାଇଁ ଘୋଷଣା ଦେଇଅଛନ୍ତି ଏପରି ଲୋକଙ୍କୁ କୌଣସିରୂପେ ଧରି ଦଣ୍ଡ ଦେବାର ଉଚିତ ।

ମହାମାନ୍ୟ ଗବର୍ଣ୍ଣରଜେନେରଲ ସାହେବ ସିନ୍ଧୁପ୍ରଦେଶ ଭ୍ରମଣ କରି ସାରି କରାଚିରୁ ଜାହାଜରେ ବମ୍ବେଇକୁ ଆସିବେ ଓ ବମ୍ବେଇରୁ ଦେଲ୍ଲୀ ଦରବାରକୁ ଯିବେ ।

ସରସାଲାର ଜଙ୍ଗବାହାଦୁର ଗତମାସ ଶେଷସପ୍ତାହରେ ବିଲାତରୁ ଫେରିଆସି ବମ୍ବେଇରେ ପହଞ୍ଚିଲେ ଓ ତହିଁ ଆରଦିନ ହାଇଦ୍ରାବାଦକୁ ଯାତ୍ରା କଲେ ।

ଡେଲିନ୍ୟୁସରୁ ଅବଗତ ହେଲୁଁ ଯେ ବଲାକପୁର ଜିଲ୍ଲାର ବିଖ୍ୟାତ ଜମିଦାର ରାୟ ନାଗ୍ୟୁଣାଚନ୍ଦ୍ର ଚୌଧୁରୀ ବାହାଦୁର ଜଲସେଚନର ଦୁଇଟା ବୃହତ୍‍କଲ ସକାଶେ ଜଣେ ଇଂରାଜ ବଣିକର କୋଠିକୁ ଲେଖିଅଛନ୍ତି । ଉକ୍ତ କଲମାନ ଶୀଘ୍ର ପ୍ରବେଶ ହେଲେ ଆପଣା ଜମିଦାରୀର ପ୍ରଜାଙ୍କ ଉପକାର ସକାଶେ ଦାନ କରିବେ । ଏଥିରେ ଜମିଦାରୀର ଉନ୍ନତି ଓ ଭବିଷ୍ୟତରେ ତାହାଙ୍କର ଲାଭ ହେବାର ସମ୍ଭାବନା । ଜମିଦାରମାନଙ୍କ ପକ୍ଷରେ ଏପ୍ରକାର କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ ଅଟଇ ।

ଜମ୍ମୁ କାଶ୍ମୀର ଲାହୋର ଏଲାହାବାଦପ୍ରଭୃତି ସ୍ଥାନରେ ଓଲାଉଠାରୋଗ ବଡ ପ୍ରବଳ ହୋଇଥିବାର ସମ୍ବାଦପତ୍ରମାନଙ୍କରେ ଲେଖାଯାଏ । ଶୀତଳଦେଶରେ ଏମନ୍ତ ସମୟରେ ଓଲାଉଠା ଲାଗିଅଛି ବଡ ଆଶ୍ଚର୍ଯ୍ୟର ବିଷୟ ଅଟଇ ।

ଅଧ୍ୟାପକ ଚିଲଡର୍ସ ମାନବଲୀଳା ସମ୍ବରଣ କରିଅଛନ୍ତି । ପାଲିଭାଷାରେ ଏହାଙ୍କର ବିଶେଷ ବ୍ୟୁତ୍ପତ୍ତି ଥିଲା ଓ ଉକ୍ତଭାଷାରେ ଖଣ୍ଡିଏ ଅଭିଧାନ ପ୍ରସ୍ତୁତ କରିଅଛନ୍ତି । ଲଣ୍ଡନ ବିଶ୍ୱବିଦ୍ୟାଳୟର ଏ ମହାଶୟ ଅଧ୍ୟାପକ ଥିଲେ ଏବଂ ମୃତ୍ୟୁସମୟରେ ଏହାଙ୍କର ବୟସ ବ ୩୮ ର୍ଷ ହୋଇଥିଲା ।

ଯୁବରାଜ ଭାରତବର୍ଷରୁ ଯେ ସମସ୍ତ ଉପଢୌକନମାନ ଘେନି ଯାଇଥିଲେ ସେସବୁ ଦେଖିବାକୁ ବିଲାତର ଲୋକଙ୍କର ଏତେ ପ୍ରୀତି ହୋଇଅଛି ଯେ ଏଥିର ପ୍ରଦର୍ଶନରେ ପ୍ରତିସପ୍ତାହରେ ପ୍ରାୟ ୫ ୪୦୦୦ ଟଙ୍କା ଆୟ ହେଉଅଛି । ବିଲାତିଲୋକମାନେ କୌତୁକଜନକବ୍ୟାପାରରେ କେମନ୍ତ ବ୍ୟୟ କରନ୍ତି ପାଠକମାନେ ଏଥିରୁ ଅନୁଭବ କରନ୍ତୁ ।

Digitized by srujanika@gmail.com

ପାୟୋନିୟରରୁ ଜଣାଯାଏ ଯେ ବରାର ବିଷୟ ନିଷ୍ପତ୍ତି କରିବା ସକାଶେ ସେକ୍ରେଟରୀ ଅବ୍‌ଷ୍ଟେଟ ଗୋଟିଏ କମିସନ ନିଯୁକ୍ତ କରିବାକୁ ମନସ୍ଥ କରିଅଛନ୍ତି ବୋଲି ବିଲାତର ଲୋକମାନେ ବିଶ୍ୱାସ କରନ୍ତି । ଉକ୍ତ କମିଶନରେ ତିନ ଜଣ ସିବିଲ ଅଥବା ସୈନିକକର୍ମଚାରୀ ତିନିଜଣ କଲିକତା ହାଇକୋର୍ଟର ଜଜ ଏବଂ ନିଜାମଙ୍କ ପକ୍ଷରୁ ତିନିଜଣ ଇଉରୋପୀୟ ଅଥବା ଦେଶୀୟ ସଭ୍ୟ ନିଯୁକ୍ତ ହେବେ । ଆଗାମୀ ଶୀତକାଳରେ ହାଇଦ୍ରାବାଦଠାରେ କମିଶନରଙ୍କର ଅଧିବେଶନ ହେବ । ଏରୂପ ହେଲେ ବୋଧ ହୁଏ ସରସାଲରଜଙ୍ଗଙ୍କର ବିଲାତ ଯିବା ବ୍ୟର୍ଥ ହେବ ନାହିଁ ।

ହିନ୍ଦୁପେଟ୍ରିଅଟ ଅବଗତ ହୋଇଅଛନ୍ତି ଯେ ପାରିସନଗରରେ ଧୂଆଁକଳ ଶକଟମାନ ଚଳାଚଳ ହେଉଅଛି । ଏ ପ୍ରକାର ଶକଟ ଚଳିବାରେ ଘୋଡାମାନେ ଚମକି ପଡ଼ୁ ନାହାନ୍ତି ବଡ ଶବ୍ଦ ହେଉ ନାହିଁ କିମ୍ବା ଧୂଆଁ ବହୁତ ବାହାରୁ ନାହିଁ ଅଥଚ ଋଜୁପଥରେ ଘଣ୍ଟାକେ ଦଶମାଇଲ ଚାଲିବା ବେଗରେ ଗମନ କରୁଅଛି ଓ କାଟର ମୋଡ ଫେରୁଅଛି । ଏ ପ୍ରକାର ଶକଟ ଏଠାକୁ ଆସିଲେ ଘୋଡାଗାଡ଼ିର ବ୍ୟବହାର ଅନେକ ଊଣା ପଡ଼ିଯିବ ।

## ବିଜ୍ଞାପନ ।

ଅଡଙ୍ଗ ହରିଦାସ ଲବଣ କାନ୍ଟ୍ରାକ୍ଟକାର ବାବୁ ମହେଶଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟଙ୍କ ଅଡଙ୍ଗ ଓ ଗୋଲା ଇଜାରା ଅମଲମାନଙ୍କ ଦରମାହା ଟଙ୍କା ଦାଖଲ ହୋଇ ନ ଥିବାରୁ ତାଙ୍କଦ୍ୱାରା ସନ ୧୮୭୫।୭୬ ମସିହା ମଉସୁମରେ ପୋକ୍ତାନ ହୋଇଥିବା ମ ୧୬୯୫ ଦଶ କରକଚ ଲବଣ ଯାହା କି ବର୍ତ୍ତମାନ ଓଜନ ହୋଇ ନ ୨ ମ୍ବର ବରବଲୁଦ ଗୋଲାରେ ମଉଜୁଦ ଅଛି ସେ ସମସ୍ତ ଲବଣ ମହାମାର୍ଣ୍ଣବ ବୋର୍ଡଙ୍କ ଆଦେଶ ଅନୁସାରେ ଆଗତ ସେପ୍ଟେମ୍ବରମାସ ତା ୧୪ ରିଖ ଗୁରୁବାର ଦିବା ଘ ୧୨ ଘଣ୍ଟା ସମୟରେ ପୁରୀ ମୁକାମ ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କ ସଦର କଚେରୀଠାରେ ନିଲାମଦ୍ୱାରା ବିକ୍ରୟ ହେବ । ଅତଏବ ଯେଉଁମାନଙ୍କର ଉକ୍ତ ଲବଣ କ୍ରୟ କରିବାର ମାନସ ଥାଏ ସେମାନେ ଉକ୍ତ ନିରୂପିତ ସମୟରେ ନିରୂପିତ ସ୍ଥାନରେ ଉପସ୍ଥିତ ହୋଇ ନିଲାମ ଡାକିବେ ଯେ ବ୍ୟକ୍ତି ସର୍ବାଧିକ ମୂଲ୍ୟ ଡାକିବେ ତାହାଙ୍କର ଡାକ ଗ୍ରାହ୍ୟ ହେବ ଓ ତାହାଙ୍କୁ କାନ୍ଟ୍ରାକ୍ଟକାର ଉପରେ ପାଉଣା ଥିବା ଟ ୧୫୦୵୫ ଙ୍କା ଉତ୍ପଣାରୁ ଦେବାକୁ ହେବ ବାକି ମୂଲ୍ୟ ଓ ଫିମହଣଙ୍କୁ ଟ୬। ହିସାବେ ଉକ୍ତ ଲବଣର ସରକାରୀ ମାସୁଲ ବାବତ ଟଙ୍କା ନିଲାମ ତାରିଖ ପର ଦ ୧୦ ନ ମଧ୍ୟରେ ଦାଖଲ କରିବାକୁ ହେବ । ସମସ୍ତ ମୂଲ୍ୟ ଓ ମାସୁଲଟଙ୍କା ପ୍ରାପ୍ତ ହେଲେ ଲବଣ ଗୋଲାଠାରୁ ଖରିଦଦାରକୁ ଦିଆଯିବ । ଇତି । ତା ୩୧ ରିଖ ଅଗଷ୍ଟ ସନ ୧୮୭୬ ।

A. Manson
*Offg. Collector*
*of Pooree.*

## ବିଜ୍ଞାପନ

ଅଡଙ୍ଗ ଗୁରୁବାଇ ଲବଣ କାନ୍ଟ୍ରାକ୍ଟକାର ମହନ୍ତ ଭଗବାନ୍ ଦାସ ଓ କପିଲଦେବ ଅଡଙ୍ଗ ଓ ଗୋଲା ଇଜାରା ଅମଲମାନଙ୍କ ଦରମାହା ଟଙ୍କା ଦାଖଲ ହୋଇ ନ ଥିବାରୁ ତାଙ୍କଦ୍ୱାରାଏ ସନ ୧୮୭୪।୭୫ ମସିହା ମଉସୁମର ପୋକ୍ତାନ ମ ୩୭୮୫।୦ ଓ ସନ ୧୮୭୫।୭୬ ମସିହା ମଉସୁମର ପୋକ୍ତାନ ମ ୧୧୦୭।୦ ଏପରି ମ ୪୮୯୨।୦ ଯାହା କି ବର୍ତ୍ତମାନ ଗୋଲାର ରେକଡ ହିସାବ ଅନୁସାରେ ଉଭାମାନ୍ଥି ନମ୍ବର ଗୋଲାଘରେ ମଉଜୁଦ ଅଛି ସେ ସମସ୍ତ ଲବଣ ମହାମାର୍ଣ୍ଣବ ବୋର୍ଡଙ୍କ ଆଦେଶାନୁସାରେ ଆଗତ ସେପ୍ଟେମ୍ବରମାସ ତା ୧୪ ରିଖ ଗୁରୁବାର ଦିବା ଘ ୧୨ ଘଣ୍ଟା ସମୟରେ ପୁରୀମୁକାମ ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କ ସଦରକଚେରୀଠାରେ ନିଲାମଦ୍ୱାରା ବିକ୍ରୀ ହେବ ଅତଏବ ଯେଉଁମାନଙ୍କର ଉକ୍ତ ଲବଣ କ୍ରୟ କରିବାର ମାନସ ଥାଏ ସେମାନେ ଉକ୍ତ ନିରୂପିତ ସମୟେ ନିରୂପିତ ସ୍ଥାନରେ ଉପସ୍ଥିତ ହୋଇ ନିଲାମ ଡାକିବେ । ଯେ ବ୍ୟକ୍ତି ସର୍ବାଧିକ ମୂଲ୍ୟ ଡାକିବେ ତାହାଙ୍କର ଡାକ ଗ୍ରାହ୍ୟ ହେବ ଓ ତାହାଙ୍କୁ କାନ୍ଟ୍ରାକ୍ଟକାର ଉପରେ ପାଉଣା ଥିବା ଟ ୫୨୧୦/୭ ଙ୍କା ଉତ୍ପଣାକୁ ଦେବାକୁ ହେବ । ବାକି ମୂଲ୍ୟ ଓ ଫିମହଣ ଟ ୬। ଙ୍କା ହିସାବେ ଉକ୍ତ ଲବଣର ସରକାରୀ ମହାସୁଲ ବାବତ ଟଙ୍କା ନିଲାମତାରିଖ ପର ଦ ୧୦ ନ ମଧ୍ୟରେ ଦାଖଲ କରିବାକୁ ହେବ । ସମସ୍ତ ମୂଲ୍ୟ ଓ ମହାସୁଲଟଙ୍କା ପ୍ରାପ୍ତ ହେଲେ ଲବଣ ଗୋଲାଠାରୁ ଖରିଦଦାରକୁ ଦିଆଯିବ । ଇତି । ତା ୫ ରିଖ ମାହେ ସେପ୍ଟେମ୍ବର ସନ ୧୮୭୬ ମସିହା ।

J. F. Hanchy
*Covd. Deputy Collector in charge*
*of Pooree.*

## ବିଜ୍ଞାପନ ।

ଦୀନକୃଷ୍ଣ ଦାସଙ୍କ ଅଲଙ୍କାରବୋଧ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି । ମୂଲ୍ୟ ... ... ୫ ୦ /

ଶ୍ରୀ ଯୋଗେନ୍ଦ୍ରନାଥ ସ୍ୱର୍ଣ୍ଣବନ୍ଧୁ

## NOTICE.

An examination for the certificate of competent knowledge for admission to the Entrance and First Arts examination will be held at the office of the Joint Inspector of schools Orissa Circle on 2nd October and following days.

The fee for Entrance Examination is Rs. 1 and that for First Arts is Rs. 2, candidates for admission to the Entrance Examination must be private students *i. e.* those who have not attended any educational instruction since May, 1876. Candidates for the First Arts must be Bonafide teachers of known schools in the Orissa Circle must produce proof of service for 2 years at least as teachers, or if they have not completed 2 years of service as teachers, they must show that they have completed the two years from passing the Entrance Examination partly as students in a College and partly as teachers of such known schools.

A written application giving the particulars required by the University must be sent to the Joint Inspector of schools on or before 20th instant.

(Sd.) N. K. Das
*Joint Inspector of schools*
*Orissa Circle.*

☞ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com